# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ନଭେମ୍ବର ୭/୨୦୧୮ (୨୦ ପୃଷ୍ଠା) | Balasore, Wednesday, November 7/ 2018 | ★★★★

୪୪ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ରୋହିତଙ୍କ ଶତକରେ ଭାରତ ସିରିଜ ବିଜୟୀ**

ରୋହିତ ଶର୍ମାଙ୍କ ଅପରାଜିତ ଶତକ ସହାୟତାରେ ଭାରତ ମଙ୍ଗଳବାର ୱେଷ୍ଟଇଣ୍ଡିଜକୁ ସହଜରେ ପରାସ୍ତ କରି ଟି୨୦ ସିରିଜ ବିଜୟୀ ହୋଇଛି।

୧୮

## ■ ସାତକୋଶିଆ ଆତଙ୍କର ଅବସାନ

# କାବୁ ହେଲା ସୁନ୍ଦରୀ

ବନ୍ତଲା,୬।୧୧(ଡି.ଏନ.ଏ.)

ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀ ସାତକୋଶିଆରେ ପାଲଟିଯାଇଥିଲା ଆତଙ୍କର ନାଁ। ନେଇଥିଲା ଦୁଇ ମଣିଷଙ୍କ ଜୀବନ। ହେଲେ ସରିଯାଇଛି ତା'ର ସବୁ ଖେଳ। ଅବସାନ ଘଟିଛି ସାତକୋଶିଆର ସେହି ଆତଙ୍କ। ମାସାଧିକର ଅପରେଶନ ପରେ ମଙ୍ଗଳବାର ସୁନ୍ଦରୀକୁ କାବୁ କରିବାରେ ସକ୍ଷମ ହୋଇଛି ବନ ବିଭାଗ। ମଇଁଷି ଥୋପ ରଖି ହାତୀ ଉପରୁ ଟ୍ରାଙ୍କୁଲାଇଜ କରିବାରେ ସଫଳତା ପାଇଛନ୍ତି ବିଜ୍ଞାଣୀ ବିଶେଷଜ୍ଞମାନେ। ଧରାପଡ଼ିବା ପରେ ବାଘୁଣୀକୁ ନିଆଯାଇଛି ରାଇଗୁଡ଼ାର ପୁରୁଣା ଏନ୍‌କ୍ଲୋଜରକୁ। ସେଠାରେ ତାକୁ ରଖାଯାଇ ଗତିବିଧି ନିରୀକ୍ଷଣ କରାଯିବ। ପରେ ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ)ଙ୍କ ନିର୍ଦ୍ଦେଶ ଅନୁସାରେ ସୁନ୍ଦରୀର ଭବିଷ୍ୟତ ନିର୍ଦ୍ଧାରଣ କରାଯିବ। ବନ ବିଭାଗର ଏହି ସୂଚନା ପରେ ଅଭୟାରଣ୍ୟବାସୀଙ୍କ ମଧ୍ୟରେ ଏବେ ଆଶ୍ୱସ୍ତିର ବାତାବରଣ ଖେଳିଯାଇଛି।

ସେପ୍ଟେମ୍ବର ୧୨ରେ ବାଘୁଣୀ ଆକ୍ରମଣରେ ହାତୀବାରୀ ଗ୍ରାମର ମହିଳା କୈଳାସ ସାଇଅ (୫୦)ଙ୍କ ଜୀବନ ଯିବା ପରେ ସୁନ୍ଦରୀକୁ ସ୍ଥାନାନ୍ତର ପାଇଁ ଦାବି ଜୋର ଧରିଥିଲା। ବନ ବିଭାଗ ବାହାରୁ ବିଶେଷଜ୍ଞ ଟିମ୍ ଡକାଇଥିଲେ ବି ଟ୍ରାଙ୍କୁଲାଇଜ ବଦଳରେ ଯନ୍ତା ଦ୍ୱାରା କାବୁ କରିବାକୁ ଉଦ୍ୟମ ଚଳାଇଥିଲା। ହେଲେ ଅକ୍ଟୋବର ୨୧ରେ ବାଘୁଣୀ ପମ୍ପାସର ରେଞ୍ଜ ଟାଇଁସି ଗ୍ରାମର ତ୍ରିନାଥ ସାହୁ (୬୦)ଙ୍କ ମୃତ୍ୟୁର କାରଣ ହେବା ପରେ ଲୋକଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇଥିଲେ କର୍ତ୍ତୃପକ୍ଷ। ସାତକୋଶିଆ, ଶିମିଳିପାଳ, ନନ୍ଦନକାନନ ଏବଂ ଓୟୁଏଟିର ବିଶେଷଜ୍ଞମାନଙ୍କ ସହ ଡେରାଡୁନ, ଡବ୍ଲ୍ୟୁଆଇଆଇର ସଦସ୍ୟମାନଙ୍କୁ ନେଇ ଟ୍ରାଙ୍କୁଲାଇଜ୍ କରିବାକୁ ଏକାଧିକ ଟିମ୍ ଗଠନ କରାଯାଇଥିଲା। ଯନ୍ତା ବସାଯାଇ ଛେଳି, ମଇଁଷି ଥୋପ ଦିଆଯାଇଥିଲା। ହେଲେ ସବୁବେଳେ ଚକ୍‌ମା ଦେଇ ଚାଲିଥିଲା ସୁନ୍ଦରୀ। ସଫଳତା ନ ମିଳିବାରୁ ଶେଷରେ ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ବିଶେଷଜ୍ଞମାନଙ୍କୁ ଡକାଯାଇଥିଲା। ଚନ୍ଦକା ଅଭୟାରଣ୍ୟରୁ କୁମ୍‌କି ହାତୀ ଯଶୋଦାକୁ ମଧ୍ୟ ଏହି ଅପରେଶନରେ ସାମିଲ କରାଯାଇଥିଲା। ☞ପୃଷ୍ଠା-୧୬



ଟ୍ରାଙ୍କୁଲାଇଜ୍ ପରେ ବାଘୁଣୀକୁ ଷ୍ଟ୍ରେଚରରେ ଯନ୍ତାକୁ ନିଆଯାଉଛି।

- ■ ମଇଁଷି ଖାଇବାକୁ ଆସିଥିବା ବେଳେ ବାଜିଲା ଡାର୍ଟ
- ■ ହାତୀ ଉପରୁ ବିଶେଷଜ୍ଞ କଲେ ଟ୍ରାଙ୍କୁଲାଇଜ୍
- ■ ରାତିରୁ ନିଆଁଜାଳି ଘେରିଥିଲେ ବନ କର୍ମଚାରୀ
- ■ ରଖାଗଲା ରାଇଗୁଡ଼ା ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ
- ■ ଅଭୟାରଣ୍ୟବାସୀଙ୍କ ମଧ୍ୟରେ ଆଶ୍ୱସ୍ତି

### ଦୀପାବଳି ଶୁଭେଚ୍ଛା

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

### ଧରିତ୍ରୀର ଛୁଟି

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା୦୭।୧୧।୨୦୧୮ରିଖ ବୁଧବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା୦୯।୧୧।୨୦୧୮ ରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

**ଅରିହନ୍ତ**

### ଆଜିର ମନ୍ତବ୍ୟ

"କେନ୍ଦ୍ରରେ ଏନ୍‌ଡିଏ ଚଳାଇଥିବା କୁଶାସନର ଅନ୍ତ ଘଟିବା ପରେ ପ୍ରକୃତ ଦୀପାବଳି ପାଳନ ହେବ।

– ଏନ୍. ଚନ୍ଦ୍ରାବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଭାରତ-ଚାଇନା ମଧ୍ୟରେ ବାଣିଜ୍ୟିକ ନିଅଣ୍ଟ ୨୦୧୭-୧୮ରେ ୬୩.୧୨ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି। ଏହା ୨୦୧୬-୧୭ରେ ୫୫.୧୧ ବିଲିୟନ ଡଲାର ରହିଥିଲା।

– ବାଣିଜ୍ୟ ମନ୍ତ୍ରଣାଳୟ

## ■ କର୍ଣ୍ଣାଟକ ଉପନିର୍ବାଚନରେ ଭାଜପାକୁ ଝଟକା

# ଜେଡିଏସ୍-କଂଗ୍ରେସ ମେଣ୍ଟ ୪ ଆସନରେ ବିଜୟୀ

ବେଙ୍ଗାଲୁରୁ,୬।୧୧(ପି.ଟି.)

କର୍ଣ୍ଣାଟକ ଉପନିର୍ବାଚନରେ ଭାଜପାକୁ ଶକ୍ତ ଝଟକା ଲାଗିଛି। ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟକୁ ୫ଟିରୁ ୪ ଆସନରେ ସଫଳତା ମିଳିଛି। ବିରୋଧୀ ଭାଜପାକୁ ମାତ୍ର ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଉପନିର୍ବାଚନରେ ଭାଜପାର ପରାଜୟ କର୍ଣ୍ଣାଟକ ରାଜନୀତିରେ ଦଳକୁ ରଣନୀତି ବଦଳାଇବାକୁ ଏକପ୍ରକାର ବାଧ୍ୟ କରିଛି।

କର୍ଣ୍ଣାଟକର ୩ ଲୋକ ସଭା ଓ ୨ ବିଧାନସଭା ଆସନରେ ଶନିବାର ଉପନିର୍ବାଚନ ହୋଇଥିଲା। ଏଥିରୁ ବଲ୍ଲାରି ଓ ମାଣ୍ଡ୍ୟା ଲୋକ ସଭା ଏବଂ ଜାମଖଣ୍ଡି ଓ ରାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଜେଡିଏସ୍-କଂଗ୍ରେସ ମେଣ୍ଟ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ବି.ଏସ୍. ୟେଦୁରପ୍ପାଙ୍କ ଗଡ଼ ଭାବେ ପରିଚିତ ଶିବମୋଗ୍ଗା ବିଧାନସଭା ଆସନକୁ ଭାଜପା ଦଖଲ କରି କେବଳ ନିଜ ସମ୍ମାନ ବଞ୍ଚାଇଛି। ଏଠାରେ ୟେଦୁରପ୍ପାଙ୍କ ପୁଅ ବି.ୱାଇ. ରାଘବେନ୍ଦ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜେଡିଏସ୍‌ର ମଧୁ ବଙ୍ଗାରାପ୍ପାଙ୍କୁ ୫୨,୧୪୮ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ☞ପୃଷ୍ଠା-୧୬



ଏଚ୍.ଡି. କୁମାରସ୍ୱାମୀ

# ୬୨ ମାଓବାଦୀଙ୍କ ଆତ୍ମସମର୍ପଣ

ରାୟପୁର/ନୂଆଦିଲ୍ଲୀ,୬।୧୧(ପି.ଟି.)

ଛତିଶଗଡ଼ରେ ମଙ୍ଗଳବାର ୬୨ ଜଣ ଦୁର୍ଦ୍ଦାନ୍ତ ମାଓବାଦୀ ସୁରକ୍ଷା ବଳ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୫ ଜଣ ଅସ୍ତ୍ରଶସ୍ତ୍ର ସହ ନାରାୟଣପୁର ଜିଲାରେ ଆତ୍ମସମର୍ପଣ କରିଥିବା ବସ୍ତର ପୋଲିସ ଆଇଜି ବିବେକାନନ୍ଦ ସିହ୍ନା ସୂଚନା ଦେଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଘଟଣାକ୍ରମକୁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଏକ ବଡ଼ ସଫଳତା ବୋଲି ଅଭିହିତ କରିଛନ୍ତି।

୯୦ ସଦସ୍ୟ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୧୮ ଆସନରେ ଆସନ୍ତା ୧୨ରେ ନିର୍ବାଚନ ହେବ। ଅବଶିଷ୍ଟ ୭୨ ନିର୍ବାଚନମଣ୍ଡଳୀରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ନଭେମ୍ବର ୨୦ରେ ହେବ। ପ୍ରଥମ ପର୍ଯ୍ୟାୟ ମତଦାନକୁ ୬ ଦିନ ବାକି ଥିବାବେଳେ ରାଜ୍ୟରେ ସୁରକ୍ଷା ବଳକୁ ମିଳିଛି ବଡ଼ଧରଣର ସଫଳତା। ୧୨ ତାରିଖରେ ଭୋଟ ହେବାକୁ ଥିବା ଆସନଗୁଡ଼ିକ ମାଓବାଦୀ ପ୍ରଭାବିତ ଅଞ୍ଚଳ। ଏଠାରେ ଭୋଟ ବର୍ଜନ କରିବାକୁ ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି। ହେଲେ ମତଦାନ ପୂର୍ବରୁ ୬୨ ଦୁର୍ଦ୍ଦାନ୍ତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ସିପିଆଇ (ମାଓବାଦୀ) କୁତୁଲ ଏରିଆ କମିଟି ଅଧୀନରେ କାମ କରୁଥିଲେ। ଏକାବେଳକେ ଏତେସଂଖ୍ୟକ ମାଓବାଦୀ ଅସ୍ତ୍ରତ୍ୟାଗ କରି ଧରାଦେବା ନିଶ୍ଚିତ ଭାବେ ଏକ ସକାରାତ୍ମକ ଘଟଣାକ୍ରମ। ଏହା ମାଓବାଦୀ କ୍ୟାଡରଙ୍କୁ ମାନସିକ ଭାବେ ଦୁର୍ବଳ କରିବ। ଆଗାମୀ ଦିନରେ ଆହୁରି ବହୁସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରିପାରନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଏକାଧିକ ଟୁଇଟ୍ କରି କହିଛନ୍ତି। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ☞ପୃଷ୍ଠା-୧୬


NECC NATIONAL EGG CO-ORDINATION COMMITTEE | 06.11.2018 | Venc๐bb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 66 | 114 | 124 |
| BDK | 65 | 113 | 123 |
| BLS | 67 | 115 | 125 |
| ANG | 68 | 116 | 126 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers







"କର୍ନାଟକ ଉପନିର୍ବାଚନର ଫଳ ଦେଶବାସୀଙ୍କ ମାନସିକତାରେ ପରିବର୍ତ୍ତନର ପ୍ରତିଫଳନ। କଂଗ୍ରେସ ଓ ଅନ୍ୟ ପ୍ରଗତିଶୀଳ ତଥା ବହୁବାଦୀ ତତ୍ତ୍ୱ ଦେଶରେ ବିଗତ ୧୦ ଉପନିର୍ବାଚନରେ ଭାଜପାକୁ ପ୍ରତିହତ କରିଛନ୍ତି।
-ମନୀଷ୍ ତିୱାରୀ, କଂଗ୍ରେସ ମୁଖପାତ୍ର

## ସଂକ୍ଷେପରେ

### ତାଲିବାନ ଆକ୍ରମଣ: ୨୦ ସୈନ୍ୟ ନିହତ



**କାବୁଲ,୬।୧୧(ପି.ଟି.):** ଆଫଗାନିସ୍ତାନର ଫାରା ପ୍ରଦେଶରେ ସୁରକ୍ଷାବଳକୁ ଟାର୍ଗେଟ କରି ତାଲିବାନୀ ଆତଙ୍କବାଦୀ ଆକ୍ରମଣ ଘଟାଇଛନ୍ତି। ଏଥିରେ ୨୦ ସୀମା ସୁରକ୍ଷାକର୍ମୀ ନିହତ ହୋଇଛନ୍ତି। ପ୍ରାଦେଶିକ ପରିଷଦର ଜଣେ ସଦସ୍ୟଙ୍କ ସୂଚନା ଅନୁଯାୟୀ, ପୋସ୍ତ କୋହ ଜିଲାରେ ଥିବା ସୁରକ୍ଷା ଶିବିରରେ ୪୫ରୁ ଅଧିକ ସୈନ୍ୟ ଥିବାବେଳେ ସୋମବାର ବିଳମ୍ବିତ ରାତିରେ ସେଠାରେ ଅତର୍କିତ ଆକ୍ରମଣ ହୋଇଥିଲା। ମାତ୍ର ୩ ସୈନ୍ୟ ପ୍ରାଣରକ୍ଷା କରି ସେଠାରୁ ଖସିପଳାଇବାରେ ସକ୍ଷମ ହୋଇଥିଲେ। ୨୦ ଜଣଙ୍କୁ ତାଲିବାନୀ ଆତଙ୍କବାଦୀମାନେ ହତ୍ୟା କରିବା ସହ ଅନ୍ୟମାନଙ୍କୁ ଗିରଫ କରିନେଇଥିଲେ।


### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୬।୧୧(ପି.ଟି.):** ଜମ୍ମୁ-କଶ୍ମୀରରେ ସୁରକ୍ଷାବଳକୁ ପୁଣି ମିଳିଛି ସଫଳତା। ଶୋପିଆନ୍ ଜିଲାରେ ମଙ୍ଗଳବାର ଏନ୍‌କାଉଣ୍ଟର ଘଟି ହିଜବୁଲ୍ ମୁଜାହିଦ୍ଦିନ୍‌ର ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଜୈନାପୋରା ଅନ୍ତର୍ଗତ ସାଫ୍‌ନଗ୍ରୀ ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚିରହିଥିବା ସୂଚନା ମିଳିବା ପରେ ମଙ୍ଗଳବାର ଭୋର ସମୟରେ ସେଠାରେ ସୁରକ୍ଷାକର୍ମୀ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲେ। ଏତିକିବେଳେ ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ସୁରକ୍ଷାକର୍ମୀଙ୍କ ଜବାବୀ ହମ୍‌ଲାରେ ୨ ଆତଙ୍କବାଦୀ ଟଳିପଡ଼ିଛନ୍ତି। ନିହତ ଆତଙ୍କବାଦୀମାନେ ହେଲେ ମହମ୍ମଦ ଇଦ୍ରିସ୍ ସୁଲ୍‌ତାନ ଓରଫ ଛୋଟା କୋବ୍ରା ଏବଂ ଆମିର ହୁସେନ୍ ରାଠର୍ ଓରଫ୍ ଅବୁ ସୋବାନ୍। ଉଭୟେ ଶୋପିଆନ୍ ଜିଲା ନିବାସୀ ଥିଲେ। ପୋଲିସ ସୂଚନା ଅନୁଯାୟୀ ସୁଲ୍‌ତାନ ଭାରତୀୟ ସେନାରେ ସାମିଲ ହୋଇଥିଲେ। ଗତ ଏପ୍ରିଲରେ ସେ ଚାକିରି ଛାଡ଼ି ଆତଙ୍କବାଦୀ ସଙ୍ଗଠନରେ ଯୋଗଦେଇଥିଲେ।

## ୩ ଲକ୍ଷ ଦୀପ ଜାଳି ନୂଆ ବିଶ୍ୱରେକର୍ଡ

# ଦୀପୋତ୍ସବରେ ଝଲସିଲା ଅଯୋଧ୍ୟା

**ଅଯୋଧ୍ୟା,୬।୧୧(ପି.ଟି.)**



ଆଲୋକର ପର୍ବ ଦୀପାବଳି ପାଳନର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ୩ ଲକ୍ଷ ଦୀପରେ ଝଲସିଉଠିଛି ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା। ଭାରତ ଗସ୍ତରେ ଆସିଥିବା ଦକ୍ଷିଣ କୋରିଆର ପ୍ରଥମ ମହିଳା କିମ୍ ଜଙ୍ଗ୍-ସୁକ୍ ଦୀପୋତ୍ସବରେ ଯୋଗଦେଇଛନ୍ତି। ସେ ରାଣୀ ହେଓଙ୍କ ସ୍ମାରକୀପୀଠରେ ଶ୍ରଦ୍ଧାଞ୍ଜଳି ଦେଇ ଯାତ୍ରା ଆରମ୍ଭ କରିଛନ୍ତି।

ଦୀପୋତ୍ସବରେ ସରଯୂ ନଦୀକୂଳ ଆଲୋକମୟ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ସ୍ତ୍ରୀ ଜଙ୍ଗ୍-ସୁକ୍। 'ରାମ ଦରବାର' ଭାବେ ସୁସଜ୍ଜିତ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ତାଙ୍କୁ ରାମକଥା ପାର୍କ ଅଣାଯାଇଥିଲା। ସେଠାରେ ସେ ଓହ୍ଲାଇବା ପରେ ଉତ୍ତରପ୍ରଦେଶ ରାଜ୍ୟପାଳ ରାମ ନାଏକ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏକସଙ୍ଗେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଦୀପ ଜାଳି ଶ୍ରଦ୍ଧାଳୁମାନେ ଏକ ନୂଆ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ସରଯୂ ନଦୀକୂଳ ରାମ କୀ ପୈଡି ଘାଟରେ ୩,୦୧,୧୫୨ ଦୀପ ଜଳାଯାଇଥିବା ଗିନିଜ୍ ବୁକ୍ ୱାର୍ଲ୍ଡ ରେକର୍ଡର ବିଚାର ଅଧିକାରୀ ଋଷି ନାଥ ଘୋଷଣା କରିଛନ୍ତି। ଏହା ପୂର୍ବରୁ ହରିୟାଣାର ଏକ କାର୍ଯ୍ୟକ୍ରମରେ ୧,୫୦,୦୦୯ ଦୀପ ଜଳାଯାଇଥିବାବେଳେ ତାକୁ ଗିନିଜ ବିଶ୍ୱ ରେକର୍ଡର ଏହି ମାନ୍ୟତା ପ୍ରଦାନ କରାଯାଇଥିଲା।

ପ୍ରକାଶ ଯେ, କୋରିଆ କିମ୍ବଦନ୍ତୀ ଅନୁସାରେ ଅଯୋଧ୍ୟାର ରାଜକୁମାରୀ ସୁରି ୪୮ ଖ୍ରୀଷ୍ଟାବ୍ଦରେ କୋରିଆ ଯାତ୍ରା କରିଥିଲେ। ସେଠାରେ ସେ ରାଜା କିମ୍-ସୁରୋଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ରାଣୀ ହେଓ ହ୍ୱାଙ୍ଗ୍-ଓକ୍ ନାମରେ ପରିଚିତ ହେଲେ। ରାଣୀ ହେଓ ଭାରତ ଓ ଦକ୍ଷିଣ କୋରିଆକୁ ସାଂସ୍କୃତିକ ଭାବେ ଗୋଟିଏ ସୂତ୍ରରେ ବାନ୍ଧି ରଖିଥିବାରୁ ଏବେ ଅଯୋଧ୍ୟାସ୍ଥିତ ତାଙ୍କର ସ୍ମାରକୀପୀଠର ସୌନ୍ଦର୍ଯ୍ୟକରଣ କରାଯାଉଛି।

- ଦକ୍ଷିଣ କୋରିଆ ପ୍ରଥମ ମହିଳାଙ୍କୁ ଭବ୍ୟ ସ୍ୱାଗତ
- ରାଣୀ ହେଓଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଦେଲେ

# ଫୈଜାବାଦ ଜିଲା ଅଯୋଧ୍ୟା ହେଲା

**ଅଯୋଧ୍ୟା,୬।୧୧(ପି.ଟି.):** ଆଲ୍ଲାହାବାଦକୁ ପ୍ରୟାଗ ଭାବେ ନାମକରଣ କରିବା ପରେ ଫୈଜାବାଦ ଜିଲାର ନାମ ବଦଳାଇ ଅଯୋଧ୍ୟା କରାଯାଇଛି। ଦୀପାବଳିର ଅବ୍ୟବହିତ ପୂର୍ବରୁ ଏଭଳି ନାମପରିବର୍ତ୍ତନ କରି ପୁଣିଥରେ ହିନ୍ଦୁତ୍ୱ କାର୍ଡ ଖେଳିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ମଙ୍ଗଳବାର ରାମକଥା ପାର୍କରେ ଦୀପୋତ୍ସବ ପାଳନ ଅବସରରେ ଯୋଗୀ କହିଛନ୍ତି, ଅଯୋଧ୍ୟା ହେଉଛି ଆମର ସମ୍ମାନ, ଗର୍ବ ଓ ମର୍ଯ୍ୟାଦାର ପ୍ରତୀକ। ରାମଙ୍କୁ ନେଇ ପରିଚିତ ଏହି ପବିତ୍ର ପର୍ଯ୍ୟଟନ ନଗରୀ ସହିତ କେହି ଅନ୍ୟାୟ କରିପାରିବେ ନାହିଁ। ପ୍ରକାଶ ଯେ, ଫୈଜାବାଦକୁ ଅଯୋଧ୍ୟା ଜିଲାରେ ପରିଣତ କରିବା ପାଇଁ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଯୋଗୀ



ଦକ୍ଷିଣ କୋରିଆର ପ୍ରଥମ ମହିଳା କିମ୍ ଜଙ୍ଗ୍-ସୁକ୍‌ଙ୍କୁ ସ୍ୱାଗତ କରୁଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

**ରାମଙ୍କ ନାମରେ ହେବ ବିମାନବନ୍ଦର**
**ରାଜା ଦଶରଥଙ୍କ ନାଁରେ ମେଡିକାଲ କଲେଜ**

ଏହା ସହ ଅଯୋଧ୍ୟା ଜିଲାରେ ପ୍ରଭୁ ରାମଙ୍କ ନାମରେ ଏକ ନୂଆ ବିମାନବନ୍ଦର ଏବଂ ରାଜା ଦଶରଥଙ୍କ ନାଁରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଏହି ଅବସରରେ ଶ୍ରଦ୍ଧାଳୁମାନେ ସ୍ଲୋଗାନ ଦେଇଥିଲେ, 'ରାମମନ୍ଦିର ନିର୍ମାଣ କର'।

## ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ

# ଟ୍ରମ୍ପ୍‌ଙ୍କ ପାଇଁ ପରୀକ୍ଷାର ଘଡ଼ି

**ୱାଶିଂଟନ୍,୬।୧୧(ପି.ଟି.)**



ଆମେରିକାରେ ଶାସନ କଳ ପ୍ରତି ଲୋକଙ୍କ ଆସ୍ଥା ପରଖିବା ଲାଗି ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହୋଇଛି। ଏଥିଲାଗି ମଙ୍ଗଳବାରରୁ ମତଦାନ ସଂଗ୍ରହ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ୧୦ ହଜାରରୁ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ଷମତାକୁ ଆସିବା ଦିନରୁ ଅନେକ କଠୋର ନିଷ୍ପତ୍ତି ଗ୍ରହଣ କରି ବିବାଦ ଘେରକୁ ଆସିଛନ୍ତି। ତେଣୁ ଟ୍ରମ୍ପ୍ ପ୍ରଶାସନ ଉପରେ ଲୋକଙ୍କ ବିଶ୍ୱାସ ଓ ଭରସା କିଭଳି ରହିଛି, ତାହା ଏହି ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଯିବ। ତେଣୁ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ପାଇଁ ଏହି ଭୋଟ ଅତି ଗୁରୁତ୍ୱପୂର୍ଣ୍ଣ। ଏହି ନିର୍ବାଚନ ଫଳାଫଳରୁ ତାଙ୍କର ଆଗାମୀ ଦୁଇବର୍ଷ ଶାସନ ବିଷୟରେ ଜଣାପଡ଼ିଯିବ। ତେଣୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ସଂଖ୍ୟାଗରିଷ୍ଠତା ବଜାୟ ଲାଗି ରାଷ୍ଟ୍ରପତି ଟ୍ରମ୍ପ୍ ସବୁପ୍ରକାର ଉଦ୍ୟମ କରିଛନ୍ତି।

ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପାଇଁ ସକାଳ ୬ଟାରେ ମେନ୍, ନ୍ୟୁ ହାମ୍ପଶାୟାର, ନ୍ୟୁଜର୍ସି, ନ୍ୟୁୟର୍କ ଏଂ ଭର୍ଜିନିଆରେ ମତଦାନ ସଂଗ୍ରହ ହୋଇଥିଲା। ଏହି ଭୋଟ ଜରିଆରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ୪୩୫ ସଦସ୍ୟ, ୩୫ ସିନେଟ୍ ଆସନ, ୩୬ ଗଭର୍ନର ପଦବୀ ଏବଂ ଦେଶବ୍ୟାପୀ ବିଭିନ୍ନ ଷ୍ଟେଟର ଆଇନପ୍ରଣେତାଙ୍କୁ ନିର୍ବାଚିତ କରାଯିବ। ବର୍ତ୍ତମାନ ଉଭୟ ସିନେଟ ଏବଂ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ଶାସକ ରିପବ୍ଲିକାନ୍ ପାର୍ଟିର ସଂଖ୍ୟାଗରିଷ୍ଠ ସଦସ୍ୟ ଅଛନ୍ତି। ତଥାପି ଭୋଟର ମତ ନିଜ ସପକ୍ଷରେ ନେବା ଲାଗି ଟ୍ରମ୍ପ୍ ସବୁପ୍ରକାର ପ୍ରଚେଷ୍ଟା କରିଛନ୍ତି। ଆମେରିକାର ମଧ୍ୟବର୍ତ୍ତିକାଳୀନ ନିର୍ବାଚନକୁ ପ୍ରଭାବିତ କରିବା ଲାଗି କେତେକ ବିଦେଶ ଶକ୍ତି ଷଡ଼ଯନ୍ତ୍ର ରଚିଛନ୍ତି। ନିଜର କୁତ୍ସିତ ଇଚ୍ଛା ପୂରଣ ଲାଗି ସେମାନେ ସୋସିଆଲ ମିଡିଆ ଫେସ୍‌ବୁକକୁ ମାଧ୍ୟମ କରିଛନ୍ତି। ଏହା ଜଣାପଡ଼ିବା ପରେ ଫେସ୍‌ବୁକ୍ କମ୍ପାନୀ ୧୧୫ ଜଣ ସନ୍ଦିଗ୍ଧଙ୍କ ଆକାଉଣ୍ଟ ବନ୍ଦ କରିଦେଇଛି। ତନ୍ମଧ୍ୟରେ ୩୦ ଜଣଙ୍କ ଫେସ୍‌ବୁକ୍ ଆକାଉଣ୍ଟ ଥିବାବେଳେ ଅନ୍ୟ ୮୫ ଜଣଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ରହିଛି।

- ନିର୍ବାଚନ ପ୍ରଭାବିତ କରିବାକୁ ଷଡ଼ଯନ୍ତ୍ର
- ୧୧୫ ସନ୍ଦିଗ୍ଧଙ୍କ ଆକାଉଣ୍ଟ ବନ୍ଦ କଲା ଫେସ୍‌ବୁକ୍

# ସାବରିମାଳାରେ ହାଇଡ୍ରାମା

**ସାବରିମାଳା,୬।୧୧(ପି.ଟି.)**

**ମହିଳାଙ୍କୁ ପ୍ରବେଶ କରାଇଦେଲେ ନାହିଁ**

କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ସୃଷ୍ଟ ବିବାଦର ଅନ୍ତ ଘଟୁନାହିଁ। ପ୍ରଚଳିତ କଟକଣାକୁ ସୁପ୍ରିମକୋର୍ଟ ହଟାଇଦେବା ସତ୍ତ୍ୱେ ଏହାକୁ ମାନିବାକୁ ନାରାଜ ଆୟାପ୍ପାଙ୍କ ଭକ୍ତ ଓ ଦକ୍ଷିଣପନ୍ଥୀ। ଏସବୁ ଘଟଣାକ୍ରମ ଭିତରେ ସୋମବାରରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଲାଗି ସାବରିମାଳା ମନ୍ଦିର ଖୋଲିଛି। ପ୍ରଥମ ଦିନରେ ଅନେକ ବିରୋଧ ବିକ୍ଷୋଭ ଲାଗିରହିବା ପରେ ଦ୍ୱିତୀୟ ଦିନ ମଧ୍ୟ ହାଇଡ୍ରାମା ଦେଖିବାକୁ ମିଳିଛି। ମଙ୍ଗଳବାର ଜଣେ ମହିଳା ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ଯିବାକୁ ଉଦ୍ୟତ ହେବାରୁ ତାଙ୍କୁ ୨୦୦ ଜଣ ବିରୋଧ କରିଥିଲେ। ଆୟାପ୍ପା ଭକ୍ତମାନେ ଏକ ନ୍ୟୁଜ୍ ଚ୍ୟାନେଲର କ୍ୟାମେରାମ୍ୟାନ୍‌ଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି।

## ଫୁର୍‌ସତ

# ଡ୍ରୋନ୍‌ରେ ଯୁଦ୍ଧାସ୍ତ୍ର ପରିବହନ

**ବେଜିଂ:** ଚାଇନା ନୂତନ ପିଢ଼ିର ସବୁଠୁ ଉନ୍ନତ ମାନର ଡ୍ରୋନ୍ ବିକାଶ କରିଛି। ଏହାକୁ ଅନମ୍ୟାନ୍‌ଡ ଏରିୟଲ ଭେଇକିଲ୍ (ୟୁଏଭି) କୁହାଯାଉଛି। ଏ ପର୍ଯ୍ୟନ୍ତ ବିକାଶ କରାଯାଇଥିବା ଡ୍ରୋନଗୁଡିକ ମଧ୍ୟରେ ଏହା ଅତ୍ୟନ୍ତ ଉନ୍ନତ ମାନର ବୋଲି ମିଡିଆ ରିପୋର୍ଟରେ ପ୍ରକାଶ ପାଇଛି। ଦକ୍ଷିଣ ଚାଇନାର ଗୁଆଙ୍ଗଡଙ୍ଗ ପ୍ରଦେଶର ଝୁହାଇଠାରେ ଅନୁଷ୍ଠିତ ଏୟାର ଶୋରେ ୟୁଏଭି-ସିଏଚ୍‌୭ ନାମକ ଏହି ଡ୍ରୋନ୍‌କୁ ସୋମବାର ଅନାବରଣ କରାଯାଇଛି। ଚିଫ୍ ଇଞ୍ଜିନିୟର ତଥା ଡିଜାଇନର ଶି ୱେନ୍ କହନ୍ତି, ଆମେରିକା ନିର୍ମିତ ଆରକ୍ୟୁ-୧୭୦ ଅପେକ୍ଷା ସିଏଚ୍‌୭ର ପ୍ରଦର୍ଶନ ଖୁବ୍ ଭଲ। ଆମେରିକା ପରେ ଚାଇନା ହେଉଛି ଦ୍ୱିତୀୟ ରାଷ୍ଟ୍ର ଯିଏ ଏଭଳି ଏକ ଉନ୍ନତ ମାନର ଡ୍ରୋନ୍ ବିକାଶ କରିଛି। ଏହା ଅତ୍ୟୁଚ୍ଚରେ ଦୀର୍ଘସମୟ ଧରି ଉଡ଼ାଣ କରିପାରିବ। ଏହା ଯୁଦ୍ଧାସ୍ତ୍ର ପରିବହନ କରିବା ସହିତ ପ୍ରୟୋଗ କରିପାରିବ।



# ଖେଳପଡ଼ିଆ ଭଳି 'ଇନ୍‌ସାଇଟ୍' ଅବତରଣ ସ୍ଥଳ

**ୱାଶିଂଟନ୍:** ନାସାର ଇନ୍‌ସାଇଟ୍ ମିଶନ୍ ନଭେମ୍ବର ୨୬ରେ ମଙ୍ଗଳ ପୃଷ୍ଠରେ ଅବତରଣ କରିବାକୁ ଯାଉଛି। ଏହା ଯେଉଁ ସମତଳ ଅଞ୍ଚଳରେ ଅବତରଣ କରିବ ତାହା ଏକ ବୃହତ୍ ଖେଳପଡ଼ିଆ ସଦୃଶ ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ କୁହାଯାଇଛି। ଏହି ସ୍ଥାନକୁ ବୈଜ୍ଞାନିକମାନେ 'ଏଲିସିୟମ୍ ପ୍ଲାନିଟିଆ' ନାମକରଣ କରିଛନ୍ତି। କାଲିଫର୍ନିଆର ପାସାଡେନାସ୍ଥିତ ନାସାର ଜେଟ୍ ପ୍ରପଲସନ୍ ଲାବୋରେଟୋରି (ଜେପିଏଲ୍)ର ଇନ୍‌ସାଇଟ୍ ପ୍ରିନ୍ସିପାଲ୍ ଇନ୍‌ଭେଷ୍ଟିଗେଟର ବ୍ରୁସ୍ ବାନେର୍ଡଙ୍କ କହିବାନୁଯାୟୀ ଉକ୍ତ ଇନ୍‌ସାଇଟ୍ ମିଶନ୍ ମଙ୍ଗଳର ଆଭ୍ୟନ୍ତରୀଣ ସ୍ଥିତି, ଭୂକମ୍ପ ଏବଂ ତାପ ପ୍ରବାହ ସମ୍ପର୍କରେ ଅନୁସନ୍ଧାନ ଜାରି ରଖିବ। ପୂର୍ବରୁ କରାଯାଇଥିବା ମିଶନ୍ ଦ୍ୱାରା ମଙ୍ଗଳର ପୃଷ୍ଠଭୂମି, ଆଗ୍ନେୟଗିରି, ଶିଳା ଓ ମୃତ୍ତିକା ସମ୍ବନ୍ଧରେ ସୂଚନା ମିଳିପାରିଥିଲା। କିନ୍ତୁ ବର୍ତ୍ତମାନର ମିଶନ୍ ମଙ୍ଗଳର ଅଭ୍ୟନ୍ତର ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ। ଏହାଦ୍ୱାରା ଲୋହିତ ଗ୍ରହର ଗଠନ କିପରି ହୋଇଥିଲା ତାହା ବୁଝାପଡିବ। ଇନ୍‌ସାଇଟ୍ ମଙ୍ଗଳର କମ୍ପନ, ତାପମାତ୍ରା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥାକୁ ଅନୁଧ୍ୟାନକରି ଏହାର ଅଭ୍ୟନ୍ତର ଅନୁଧ୍ୟାନ କରିବାକୁ ସମର୍ଥ ହେବ। ଉକ୍ତ ତଥ୍ୟାବଳୀକୁ ଆଧାରକରି ସୌରମଣ୍ଡଳରେ କେବେ ଶିଳାମୟ ଗ୍ରହଗୁଡିକ ସୃଷ୍ଟି ହୋଇଥିଲା ସେ ସମ୍ପର୍କରେ ସୂଚନା ମିଳିବ।




## ଇତିହାସର ଆଇନାରେ

### ନଭେମ୍ବର ୭ର ପ୍ରମୁଖ ଘଟଣା

୧୯୧୬, ନଭେମ୍ବର ୭ରେ ଆମେରିକା କଂଗ୍ରେସକୁ ନିର୍ବାଚିତ ହୋଇଥିଲେ ପ୍ରଥମ ମହିଳା। ଦେଶର ମହିଳା ଅଧିକାର କର୍ମୀ ଜେନେଟ୍ଟି ପିକରିଂ ରାନ୍‌କିନ୍ ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସକୁ ପ୍ରଥମ ମହିଳା ଭାବେ ନିର୍ବାଚିତ ହୋଇଥିଲେ। ମୋଣ୍ଟାନା ଷ୍ଟେଟ୍‌ରୁ ସେ ପ୍ରତିନିଧିତ୍ୱ କରୁଥିଲେ। ୧୯୪୦ରେ ମଧ୍ୟ ସେ ଦ୍ୱିତୀୟ ଥର ପାଇଁ ଆମେରିକା କଂଗ୍ରେସକୁ ଯାଇଥିଲେ।

୧୯୪୧ ନଭେମ୍ବର ୭ରେ ସୋଭିଏଟର ଆର୍ମେନିଆ ନାମକ ଏକ ହସ୍ପିଟାଲ ଜାହାଜ ଉପରେ ଜର୍ମାନୀ ଆକାଶମାର୍ଗରୁ ଆକ୍ରମଣ କରିଥିଲା। ଫଳରେ ଏହା କୃଷ୍ଣସାଗରର ଗଭୀର ଜଳରାଶିରେ ବୁଡ଼ିଯାଇଥିଲା। ଜାହାଜରେ ଥିବା ପ୍ରାୟ ୫ ହଜାର ରୋଗୀ ଓ କର୍ମଚାରୀ ପ୍ରାଣ ହରାଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଯୁଦ୍ଧବେଳେ ଆହତ ଯବାନ ଓ ସାମରିକ ପଣ୍ୟ ପରିବହନ ପାଇଁ ରୁଷିଆ ଏହି ଜାହାଜକୁ ବ୍ୟବହାର କରୁଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୨ | ୨୦.୯ |
| ଚାନ୍ଦବାଲି | ୩୨.୮ | ୨୪.୧ |
| କଟକ | ୩୩.୦ | ୨୧.୫ |
| ପାରାଦ୍ୱୀପ | ୩୦.୯ | ୨୪.୯ |
| ଭୁବନେଶ୍ୱର | ୩୪.୨ | ୨୧.୯ |
| ଗୋପାଳପୁର | ୩୧.୮ | ୨୩.୩ |
| ପୁରୀ | ୩୨.୬ | ୨୫.୦ |
| ଅନୁଗୋଳ | ୩୪.୧ | ୧୮.୬ |
| ବାରିପଦା | ୩୧.୦ | ୨୩.୦ |
| ଝାରସୁଗୁଡ଼ା | ୩୪.୨ | ୨୧.୨ |
| କେନ୍ଦୁଝର | ୩୧.୧ | ୨୦.୦ |
| ସମ୍ବଲପୁର | ୩୪.୪ | ୨୦.୮ |
| ସୁନ୍ଦରଗଡ଼ | --- | ୨୧.୦ |
| ହୀରାକୁଦ | ୩୪.୧ | ୨୧.୧ |
| ତାଲଚେର | ୩୫.୮ | ୨୧.୨ |
| ଭବାନୀପାଟଣା | ୩୩.୪ | ୧୮.୪ |
| ବଲାଙ୍ଗୀର | ୩୪.୨ | ୧୯.୮ |
| କୋରାପୁଟ | ୩୧.୦ | ୧୬.୬ |
| ଫୁଲବାଣୀ | ୩୧.୮ | --- |
| ଟିଟିଲାଗଡ଼ | --- | ୧୮.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୩.୮ | ୨୧.୦ |
| ଦାରିଙ୍ଗିବାଡ଼ି | --- | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଚାଇନା ଥିଏଟରରେ 'ହିଚ୍‌କି'ର ଚାହିଦା





**ନୂଆଦିଲ୍ଲୀ:** ଚାଇନାରେ ଭାରତୀୟ ଫିଲ୍ମର ଲୋକପ୍ରିୟତା ଖୁବ୍ ଅଧିକ। ବଲିଉଡ୍ ଷ୍ଟାରଙ୍କ ପ୍ରତି ଚାଇନା ଦର୍ଶକଙ୍କର ଯେଭଳି ଭଲ ପାଇବା ଓ ସମ୍ମାନ ରହିଛି ତାହା ଦେଖି ଅଭିଭୂତ ହୋଇଥିବା ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ। 'ହିଚ୍‌କି' ପ୍ରମୋଟ୍ ପାଇଁ ସେ ଚାଇନା ଗସ୍ତ କରିଥିବା ଅବସରରେ ଏହାର ପ୍ରମାଣ ପାଇଥିବା ସେ କହିଛନ୍ତି। ହିଚ୍‌କିରେ ରାଣୀ ଜଣେ ଶିକ୍ଷୟିତ୍ରୀ ଭୂମିକା ନେଇଛନ୍ତି। ଚଳିତବର୍ଷ ମାର୍ଚ୍ଚରେ ଉକ୍ତ ଫିଲ୍ମ ରିଲିଜ୍ ହୋଇଥିବା ବେଳେ ବର୍ତ୍ତମାନ ଚାଇନା ଥିଏଟରରେ ଏହା ଭଲ ବ୍ୟବସାୟ କରୁଥିବା ଜାଣିବାକୁ ମିଳିଛି। ଚାଇନାରେ ଉକ୍ତ ଫିଲ୍ମର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଣୀ କେତେକ ସହର ଗସ୍ତ କରିଥିଲେ। ଉକ୍ତ ଫିଲ୍ମ ଚାଇନିଜ୍ ବକ୍ସ ଅଫିସରେ ୧୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅର୍ଜନ କରିପାରିଛି। ଫିଲ୍ମର କାହାଣୀ ଦ୍ୱାରା ଚାଇନାର ଦର୍ଶକମାନେ ଏତେ ମଜ୍ଜିଯାଇଥିଲେ ଯେ, ବଲିଉଡ୍ ଅଭିନେତା ଅଭିନେତ୍ରୀଙ୍କ ପ୍ରତି ସେମାନଙ୍କ ହୃଦୟରେ ସ୍ୱତଃପ୍ରବୃତ୍ତ ଭଲପାଇବା ସୃଷ୍ଟି ହୋଇଛି। ସେମାନେ କାହାଣୀର ପ୍ରତିଟି ଆବେଗମୟ ମୁହୂର୍ତ୍ତକୁ ଭଲଭାବେ ହୃଦୟଙ୍ଗମ କରିପାରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ପଞ୍ଜାବ ଅମୃତସର ବିଏସଏଫ୍ ସେକ୍ଟରରେ ଜଣେ ପାକିସ୍ତାନ ଆତଙ୍କବାଦୀ ଅନୁପ୍ରବେଶ କରୁଥିବା ସମୟରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ଆମେରିକା ଆର୍ମି ବ୍ୟବହାର କରୁଥିବା କାର୍ବିନ୍ ଗନ୍, ୩ କିଲୋଗ୍ରାମ୍ ହେରୋଇନ୍, ୨ ମ୍ୟାଗାଜିନ୍, ୩ ମୋବାଇଲ୍, ଗୋଟିଏ ବ୍ୟାଟେରୀ ଓ ଲାଇଟର ଜବତ ହୋଇଛି। ଦୀପାବଳି ଅବସରରେ ଦେଶରେ ବିସ୍ଫୋରଣ ଯୋଜନା କରିଥିବା ପଚରାଉଚରା ସମୟରେ ସେ କହିଛନ୍ତି।




## ସଂକ୍ଷେପରେ

### ବନ୍ଧୁକ ସଫାବେଳେ ଗୁଳି ଫୁଟି ସିଆର୍‌ପିଏଫ୍ ଯବାନ ଗୁରୁତର

**ଫୁଲବାଣୀ ଅଫିସ/କୋଟଗଡ,୬।୧୧:** କନ୍ଧମାଳ ଜିଲା କୋଟଗଡ ବ୍ଲକ ଶ୍ରୀରାମପୁର ସିଆର୍‌ପିଏଫ କ୍ୟାମ୍ପରେ ମଙ୍ଗଳବାର ସକାଳେ ବନ୍ଧୁକ ସଫା କରୁଥିବାବେଳେ ହଠାତ୍ ଗୁଳି ଫୁଟି ଯିବାରୁ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ଆହତ ଯବାନ ହେଲେ ଶୁକଦେବ ସିଂ ପାରା। ତାଙ୍କ ପାଟି, ନାକରେ କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ବାଲିଗୁଡା ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିଛି ସମୟ ଚିକିତ୍ସା ପରେ ଶୁକଦେବଙ୍କୁ ଗୁଦାରି ଏୟାରଷ୍ଟ୍ରିପରେ ଓହ୍ଲାଇଥିବା ସିଆର୍‌ପିଏଫର ଏକ ହେଲିକପ୍ଟରରେ ଅନ୍ୟତ୍ର ଅଧିକ ଚିକିତ୍ସା ପାଇଁ ନିଆଯାଇଛି।




# ସରକାରୀ ହସ୍ପିଟାଲରେ ଆଇସିୟୁ ଶଯ୍ୟା ବୃଦ୍ଧି ଉପରେ ଗୁରୁତ୍ୱ

## ■ ଅନୁଶୀଳନ କରି ପ୍ରସ୍ତାବ ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ସ୍ୱାସ୍ଥ୍ୟ ବିଭାଗର ଭିତ୍ତିଭୂମି ବିକାଶ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଆଇସିୟୁ ଶଯ୍ୟା ବୃଦ୍ଧି କରାଯିବା ତଥା ନୂତନ ଆଇସିୟୁ ପ୍ରତିଷ୍ଠା କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ସମେତ କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ, ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ଡାକ୍ତରଖାନାଗୁଡ଼ିକରେ ରୋଗୀ ସଂଖ୍ୟା ଦୃଷ୍ଟିରୁ ଆଇସିୟୁ କିମ୍ବା ହାଇ ଡିପେଣ୍ଡାନ୍ସି ୟୁନିଟ୍ ପ୍ରତିଷ୍ଠା କରାଯିବା ସମ୍ପର୍କରେ ଅନୁଶୀଳନ କରି ଖୁବ୍‌ଶୀଘ୍ର ବିଧିବଦ୍ଧ ପ୍ରସ୍ତାବ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆବଶ୍ୟକ ମାନବ ସମ୍ବଳର ଆବଶ୍ୟକତା ମଧ୍ୟ ଦର୍ଶାଇବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଭିତ୍ତିଭୂମିର ବିକାଶ ପାଇଁ ନୂତନ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ଏବଂ ଯେଉଁ ସବୁ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନାହିଁ ସେଗୁଡ଼ିକର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ମନ୍ତ୍ରୀ କହିଛନ୍ତି । ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ମନ୍ତ୍ରୀ ସମୀକ୍ଷା କରି ଏହାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କ୍ଷମତାପନ୍ନ କମିଟି ଅଧ୍ୟକ୍ଷ ଡା. ଟି.ପି. ଦାସ, ଅତିରିକ୍ତ ଶାସନ ସଚିବ ହରିବଲ୍ଲଭ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# 'ମୋ ସ୍କୁଲ' ଯୋଜନା: ୫ମ ପର୍ଯ୍ୟାୟରେ ୧୪ ଜିଲାର ୭୦୩ ବିଦ୍ୟାଳୟ ସାମିଲ

## ଖର୍ଚ୍ଚ ହେବ ୪କୋଟି ୮୩ଲକ୍ଷ ୯୦ହଜାର

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

'ମୋ ସ୍କୁଲ' ଯୋଜନାର ପଞ୍ଚମ ପର୍ଯ୍ୟାୟରେ ୧୪ ଜିଲାର ୭୦୩ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସ୍ଥିର କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବରଗଡ଼, ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ରାୟଗଡ଼ା ଏବଂ ସମ୍ବଲପୁର। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ୪କୋଟି ୮୩ଲକ୍ଷ ୯୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୨କୋଟି ୮୯ଲକ୍ଷ ୨୭ହଜାର ଟଙ୍କା ଅନୁଦାନ ଦେଇଥିବାବେଳେ ଜନସାଧାରଣଙ୍କଠାରୁ ୧କୋଟି ୯୪ଲକ୍ଷ ୬୩ହଜାର ଟଙ୍କା ସଂଗୃହୀତ ହୋଇଛି। ବରାଦ ହୋଇଥିବା ଏହି ଅର୍ଥରେ ସ୍କୁଲର ଭିତ୍ତିଭୂମି, ଶ୍ରେଣୀଗୃହର ଉନ୍ନତି, ପାଠାଗାର ପୁସ୍ତକ, ଖେଳ ସାମଗ୍ରୀ, ଶ୍ରେଣୀ ଗୃହର ଆସବାବପତ୍ର ଯୋଗାଣ, ସ୍କୁଲ ବଗିଚା ଆଦିର ଉନ୍ନତୀକରଣ କାର୍ଯ୍ୟ କରାଯିବ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୋଜନାର ୫ମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି। ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମୋ ସ୍କୁଲ ସେଲ୍ ରହିବ। ଜିଲାସ୍ତରରେ ପ୍ରକଳ୍ପ ପରିଚାଳନା ପାଇଁ ଜଣେ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯିବ ଓ ବ୍ଲକ ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ୬ଜଣିଆ କାର୍ଯ୍ୟକାରୀ ଦଳ ଗଠନ କରାଯିବ। ସେଥିରେ ସହକାରୀ ବ୍ଲକ ଶିକ୍ଷାଧିକାରୀ, ୨ଜଣ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ୨ଜଣ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ସମ୍ପୃକ୍ତ ବ୍ଲକର ସମଗ୍ର ଶିକ୍ଷା ବୈଷୟିକ ପରାମର୍ଶଦାତା ସଦସ୍ୟ ରହିବେ। ଅନୁରୂପ ଭାବେ ବିଦ୍ୟାଳୟ ସ୍ତରରେ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିବା ପାଇଁ ଜଣେ ବରିଷ୍ଠ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ, ଆଲୁମ୍ନି ଆସୋସିଏଶନ ପ୍ରତିନିଧି, ଶିକ୍ଷାର୍ଥୀ ମନ୍ତ୍ରିମଣ୍ଡଳ ପ୍ରତିନିଧି ସଦସ୍ୟ ରହିବେ। ଯୋଜନାର ବ୍ୟାପକ ପ୍ରସାର ଓ ପ୍ରଚାର ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ବିଭିନ୍ନ ପ୍ରଚାରପତ୍ର, ହୋର୍ଡିଂ, ପୋଷ୍ଟର, ସାମାଜିକ ଗଣମାଧ୍ୟମ, ମୁଦ୍ରିତ ଓ ଦୃଶ୍ୟ-ଶ୍ରାବ୍ୟ ଗଣମାଧ୍ୟମକୁ ଉପଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଯୋଜନାର ସଦସ୍ୟ ସଚିବ ତଥା ଓପେପା ଓ ମାଧ୍ୟମିକ ଶିକ୍ଷା ମିଶନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି। ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଅଷ୍ଟମ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ

**କଟକ ଅଫିସ, ୬।୧୧:** ମଙ୍ଗଳବାର ଏସ୍‌ସିବି ମେଡିକାଲରେ ଆଉଜଣେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁକାନ୍ତ ପାଢ଼ୀ (୨୬)। ସୁକାନ୍ତଙ୍କ ଘର କଟକ ଯୋବ୍ରା ଅଞ୍ଚଳରେ। ଗତ ଅକ୍ଟୋବର ୩୦ରେ ସୁକାନ୍ତ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଆଇସିୟୁରେ ରଖି ତାଙ୍କୁ ଚିକିତ୍ସା କରାଯାଉଥିଲା। ତେବେ ସୁକାନ୍ତଙ୍କ ମୃତ୍ୟୁକୁ ମିଶାଇଲେ ଏସ୍‌ସିବିରେ ଏହା ଚଳିତବର୍ଷର ଅଷ୍ଟମ ଡେଙ୍ଗୁ ମୃତ୍ୟୁ। ମୃତକ ଥିଲେ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ମଞ୍ଜୁ ରାଉତ (୩୫)। ଏହାପୂର୍ବରୁ ଅକ୍ଟୋବର ୩ରେ କଟକ ଜିଲା ନରସିଂହପୁର ଅଞ୍ଚଳର ବିରଞ୍ଚି ମେହେନା (୪୨) ଡେଙ୍ଗୁରେ ଆଖି ବୁଜିଥିଲେ। ସେହିପରି ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ମୃତ୍ୟୁବରଣ କରିଥିବା ରୋଗୀମାନେ ହେଉଛନ୍ତି ଜଗତସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ସୌମ୍ୟରଞ୍ଜନ ନାୟକ (୧୮), ରାୟଗଡ଼ା ଉପକାରାଗାରର ବିଚାରାଧୀନ କଏଦୀ ରବୀନ୍ଦ୍ର ନାୟକ, କଟକ ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପ୍ରତିମା ସ୍ୱାଇଁ, କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା।




# ବାଚସ୍ପତିଙ୍କୁ ଇସ୍ତଫାପତ୍ର ଦେଲେ କୃଷ୍ଣ ସଗରିଆ

ଭୁବନେଶ୍ୱର,୬।୧୧(ବ୍ୟୁରୋ)



କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ତାଙ୍କ ପଦରୁ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ସେ ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କୁ ବିଧାନସଭାରେ ଭେଟି ନିଜ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। କୃଷ୍ଣ ଗତ ସପ୍ତାହରେ ନିଜ ଇସ୍ତଫା ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଥିଲେ। ବାଚସ୍ପତି ଅମାତ ସେ ସମୟରେ ରାଜଧାନୀ ଭୁବନେଶ୍ୱରରେ ଅନୁପସ୍ଥିତ ଥିବାରୁ ଉକ୍ତ ପ୍ରକ୍ରିୟା ସମ୍ପନ୍ନ ହୋଇ ପାରି ନ ଥିଲା। ତାଙ୍କ ଇସ୍ତଫା ପତ୍ର ବିଧିବଦ୍ଧ ଭାବେ ଗ୍ରହଣୀୟ ହୋଇଛି ନା ନାହିଁ, ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଆସନ୍ତା ଶୀତକାଳୀନ ଅଧିବେଶନରେ ଏ ସମ୍ପର୍କରେ ଜଣାପଡିବ।

ନିଜ ଇସ୍ତଫା ସମ୍ପର୍କରେ କୃଷ୍ଣ କହିଛନ୍ତି, ଗତ ଅକ୍ଟୋବର ୧୦ ତାରିଖରେ କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟାର ବର୍ଷେ ପୂରଣ ହୋଇଛି। ତା' ସହ ବିତିଥିବା ସମସ୍ତ ଘଟଣା ହୃଦୟ ବିଦାରକ ଏବଂ ମର୍ମନ୍ତୁଦ। ବଳାତ୍କାରର ଶିକାର ହେବା ପରେ ତାଙ୍କୁ ନ୍ୟାୟ ଦିଆଗଲା ନାହିଁ। ଏମିତି କି ପୀଡ଼ିତାଙ୍କ ମୃତ୍ୟୁ ପରେ ମଧ୍ୟ ଜଣେ ଦୋଷୀଙ୍କୁ ବି ପ୍ରଶାସନ ଦଣ୍ଡ ଦେଇପାରିଲା ନାହିଁ। ପୀଡ଼ିତା ସମାଜର ମୁଁ ଜଣେ ନିର୍ବାଚିତ ରାଜନୈତିକ ପ୍ରତିନିଧି। ପାରୁପର୍ଯ୍ୟନ୍ତ ତାଙ୍କର ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ଜାତୀୟ ଏସ୍‌ସି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲି। ହେଲେ କୌଣସି ସୁଫଳ ପାଇନାହିଁ। ତେଣୁ ନୈତିକ ଦାୟିତ୍ୱ ସହ ପ୍ରତୀକାତ୍ମକ ଭାବେ ବିଧାୟକ ପଦରୁ ଇସ୍ତଫା ଦେଉଥିବା କୃଷ୍ଣ କହିଛନ୍ତି। ସାମ୍ବିଧାନିକ ପଦ(ବିଧାୟକ)ରେ ଥାଇ ମଧ୍ୟ ଦଳିତ ସମାଜର ଜଣେ ପୀଡ଼ିତାଙ୍କୁ ନ୍ୟାୟ ଦେଇପାରିଲି ନାହିଁ। ତେଣୁ ଦଳିତ ସମାଜରେ ଜନ୍ମହୋଇ ଥିବାରୁ ନିଜ ବିବେକର ଆହ୍ୱାନ ହିଁ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରିଛି ବୋଲି ସେ କହିଛନ୍ତି। ଆସନ୍ତା ନଭେମ୍ବର ୧୦ରେ ଦଳିତ ସମାଜର ଅର୍ଥନୈତିକ-ରାଜନୈତିକ ସମସ୍ୟା ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସେହିପରି ଡିସେମ୍ବର ୬ ତଥା ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଡକରଙ୍କ ତିରୋଧାନ ଦିବସରେ ଦଳିତ ଓ ଆଦିବାସୀଙ୍କୁ ନେଇ ଏକ ସଭା କରାଯିବାର ଯୋଜନା ରହିଛି ବୋଲି କୃଷ୍ଣ କହିଛନ୍ତି।




**ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୧୯**

DSPL-239

**ଆପଣଙ୍କ ଜନ୍ମ ତାରିଖ : ୦୧.୦୧.୨୦୦୧ ପୂର୍ବରୁ କି?**

ଯଦି ହଁ, ଭୋଟର ତାଲିକାରେ ନାମ ଆସନ୍ତା ୧୫.୧୧.୨୦୧୮ ସୁଦ୍ଧା ପଞ୍ଜୀକୃତ କରନ୍ତୁ।

- ସମ୍ପୃକ୍ତ ଭୋଟ ଗ୍ରହଣ କେନ୍ଦ୍ର, ବ୍ଲକ ବା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଓ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।
- ଭୋଟର ତାଲିକାରେ ନାମ ଯୋଗ, ବାଦ୍ ବା ସଂଶୋଧନ ନିମନ୍ତେ www.nvsp.in/ www.ceoorissa.nic.in ରେ on-line ଦରଖାସ୍ତ ଦେଇପାରିବେ।
- ଭୋଟର ତାଲିକାରେ ନାମ ଯୋଗ, ବାଦ୍ ବା ସଂଶୋଧନ ହେବାକୁ ଥିବା ତାଲିକା www.ceoorissa.nic.in / ସମ୍ପୃକ୍ତ ଜିଲ୍ଲା ୱେବ୍‌ସାଇଟ୍‌ରେ ଦେଖିପାରିବେ। ଏହି ତାଲିକାରେ ଯଦି କୌଣସି ଆପତ୍ତି ଥାଏ, ତେବେ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା-ଉପ-ଜିଲ୍ଲାପାଳଙ୍କୁ ଦରଖାସ୍ତ ଦେବା ପାଇଁ ଅନୁରୋଧ।
- ଅଧିକ ଜାଣିବା ପାଇଁ ନିଃଶୁଳ୍କ ନମ୍ବର 0674-1950/1950 କୁ ଫୋନ କରନ୍ତୁ।

ଶ୍ରୀ ସୁରେନ୍ଦ୍ର କୁମାର, ଭା.ପ୍ର.ସେ.
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

'ସୁଗମ ନିର୍ବାଚନ' 12001/13/0023/1819 'କୌଣସି ଭୋଟର ବାଦ୍ ହେବେ ନାହିଁ'

**ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-**

ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ୍ ଗୁଡିକରେ ପ୍ରଶିକ୍ଷଣ ଦିଆଯାଉଛି।

(1) Food & Beverage Service (2) Food Production (3) Housekeeping Utility

Course Commences from 15.11.2018 onwards

* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତତ୍ତୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ।

ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧ୍ୟତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ ।କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ।

ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର (ଫୋନ ନମ୍ବର- ୭୭୫୭୦୯୭୦୮୦)

ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୭୩୭୦୧୮୦୦୪୦, ୯୪୩୭୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦

STATE INSTITUTE OF HOTEL MANAGEMENT, BALANGIR
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
e-mail: principal@sihmbalangir.org website: www.sihmbalangir.org

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଫୁସନ
ପରିବାରବର୍ଗ


ମାନସ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## BRIDE WANTED

Divorcee Brahmin boy 35, Manager, MNC, Bangalore, 25 LAP. 9090605880. D-58003

Goodlooking girl working, nonworking, passout CT., B.Ed for groom 1981 MA Economics, MCA Govt. Employe+e in block 19/9, 5'9". 9692980432. D-64738

Widower groom Teacher 41, Bank Manager 45 (Caste-no-bar). 7873374269. D-65047

Kaibarta groom Infosys Engineer 29+, Bank 31, Doctor 33. Samadhan: 8594926181. D-65048

Karan groom Doctor 32, Infosys 28, Bank 30. Samadhan: 8594926181. D-65049

Gopal boy Soft. Eng. 1987, 5'.11" working Polaries, New Delhi wanted. Service girl B.Tech, MBA. Contact: 9776808571. D-62769

## GROOM WANTED

Teli girl 1988, 5'3" B.Sc. Asst. Manager IDBI Bank "Sunasansar". 9937512659. D-9253

# classified




## SALE

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

ଭୁବନେଶ୍ୱର ମହାବୀର Engineering କଲେଜ backsideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Bhubaneswar ନିକଟସ୍ଥ ପିତାପଲ୍ଲି ଛକରେ NHରୁ 100' ଦୂରତାରେ BDA plot 30' ରାସ୍ତାଥାଇ sqft. 450/-ରେ ମିଳୁଅଛି। 9090963952, 9937605788. D-64360

Book your dreamhome (duplex) at good location in Bhubaneswar 200' road side with affordable price. (Special Diwali Offer). Contact: 8338866678, 9337138784. D-65148

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089507 ,9040089501. D-58001

Book 2BHK individual simplex house at Tomando, Bhubaneswar 200 mt distance from NH having land area 1200 and 900 construction area price 39 lakhs. Contact: 9078151122. D-65162

ସୁନ୍ଦରପଦା- ଜଗଣାରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

Readymade new 3BHK flat at BJB Nagar, No tax. 9439716901 (Broker not allowed). D-65159

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

2BHK flat near Garage Chhak Market area Bhubaneswar-2. Contact: 7873492433. D-63865

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

**IDCO.GA plots suitable land size any project Bhubaneswar. 8599059704.** D-62913

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9437285016, 9853035888. D-9257

## PURCHASE

ଢେଙ୍କାନାଳରେ ଜମି କିମ୍ବା ଘର କିଣିବା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ। ୯୪୩୯୪୬୭୫୮୧.ଧ-୬୨୦୫୪




Construct your building in finished house contact: 9937064680. D-27282




7000 sqft. shed area with 12,000 sqft. high boundary open area near Oriply, NH-5, Tamando. Contact: 9861009004, 9861077006. D-60928

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978623239, 9439826980, 7978316627. D-9239

Running Bombay dyeing showroom on rent at Ravi Talkies Square, Bhubaneswar immediate handover, Interested party. Call: 9437000332, 9437014718. D-58004

Bank/ commercial main road, Kalinganagar, BBSR G+1+2= 6000 sqft. 9438556363, 9337718848. D-9298

## Happy Birthday



**Manas Kumar**

Wishing you a day filled with happiness and a year filled with joy. Happy Birthday and God bless you. With best compliments from U.M.Vision. D-65161

Now Matrimonial ads. only on Wednesday & Sunday Book 1 Get 1 FREE

## କୃତିତ୍ୱ



**ଅପର୍ଣ୍ଣା ପ୍ରଧାନ**, ଅଷ୍ଟମଶ୍ରେଣୀ, ଶଶିଭୂଷଣ ହାଇସ୍କୁଲ ସୋରଡ଼ା, ଜିଲ୍ଲାସ୍ତରୀୟ ସୁରଭି ମହୋତ୍ସବ ୨୦୧୮ରେ ବିତର୍କ (ବରିଷ୍ଠ) ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପାଣ୍ଡେ ଏବଂ ଶ୍ରୀ ଅରୁଣ କୁମାର ପ୍ରଧାନ ଶେରଗଡ଼ ABDOଙ୍କ କନ୍ୟା ଅଟନ୍ତି। ଧ-୯୨୯୭

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



### କ୍ରିଶ

**ଚିଟୈଗୁଡ଼ା, କଳାହାଣ୍ଡି**

ଆଜି ପବିତ୍ର ଦୀପାବଳି ଉତ୍ସବ ଅବସରରେ ତୁମର ପ୍ରଥମ ଜନ୍ମବାର୍ଷିକୀରେ ଈଶ୍ୱର ତୁମର ଚଲାପଥକୁ କୁସୁମିତ ଓ ଦୀର୍ଘାୟୁ କରନ୍ତୁ, ଏତିକି ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: ତୁମର ଜେଜେବାପା, ଜେଜେମା, ପିତା- ତପନ, ମାତା- ରୀନା, ଅଜା, ଆଇ, ମାମୁ, ମାଇଁ, ସିନୁଦାଦା। ଧ-୯୩୦୯

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



### କ୍ରିଷ୍ଟା

**ଚିଟୈଗୁଡ଼ା, କଳାହାଣ୍ଡି**

ଆଜି ପବିତ୍ର ଦୀପାବଳି ଉତ୍ସବ ଅବସରରେ ତୁମର ପ୍ରଥମ ଜନ୍ମବାର୍ଷିକୀରେ ଈଶ୍ୱର ତୁମର ଚଲାପଥକୁ କୁସୁମିତ ଓ ଦୀର୍ଘାୟୁ କରନ୍ତୁ, ଏତିକି ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: ତୁମର ଜେଜେବାପା, ଜେଜେମା, ପିତା- ତପନ, ମାତା- ରୀନା, ଅଜା, ଆଇ, ମାମୁ, ମାଇଁ, ସିନୁଦାଦା। ଧ-୯୩୧୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



### ପ୍ରିୟଙ୍କା ପ୍ରଧାନ

ଚତୁର୍ଥ ଜନ୍ମଦିନରେ ଅନେକ ଶୁଭେଚ୍ଛା। ଭଗବାନ ତୁମ ଚଲାପଥ କୁସୁମିତ କରନ୍ତୁ। **ଶୁଭେଚ୍ଛା ସହ: ପିତା-ରଘୁନାଥ ପ୍ରଧାନ, ମାତା-ପିଙ୍କି ପ୍ରଧାନ, ବନ୍ଧୁ ଓ ପରିବାରବର୍ଗ।** ଧ-୯୨୮୮

## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



### ରିହାନ ରାଉତ

**ଅଯୋଧ୍ୟା ନଗର, ବ୍ରହ୍ମପୁର**

୫ମ ଜନ୍ମବାର୍ଷିକ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ, ମଧୁମୟ, ଆନନ୍ଦମୟ ହେଉ। **ଶୁଭେଚ୍ଛା ସହ: ପାପା, ଜେଜେପାପା, ଜେଜେମା, ସାନ ଜେଜେପାପା, ପିଉସା, ପିଉସୀମା, ଆନ୍‌ଭାଇ, ଜେମ୍ ଓ ପରିବାରବର୍ଗ।** ଧ-୪୯୨୮୧

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



(ଫୁସନ)

### ଦିବ୍ୟପ୍ରକାଶ ବାରିକ

**ଶଙ୍ଖପୁର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା**

ଆଜି ତୋର ଦ୍ୱିତୀୟ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଆମେ ପ୍ରାର୍ଥନା କରୁଛୁ ତୋର ଚଲାପଥକୁ କୁସୁମିତ କରିବା ସହ ତୋତେ ଦୀର୍ଘାୟୁ କରାନ୍ତୁ। ଶୁଭେଚ୍ଛା ସହ: ଜେଜ, ମା, ବାପା, ବୋଉ, ଦିଲ୍ଲୀ ବାପା, ଦିଲ୍ଲୀ ବୋଉ, ଗୁଲ ଦିଦି, କୁନି ଦିଦି,କାମିନୀ ଦିଦି, କାହ୍ନା ନନା,ବାମୁନନା, ଟିକି ନନା, ଆଈଆ ଅପା, ଦୀପା, ରୋଜା, ଅଜା, ଆଇ, ମାମୁ, ମଉସା, ମାଉସୀ, ପିଉସା, ପିଉସୀ, ସୁବର୍ଣ୍ଣରେଖା ଓ ବାଇନକକା। ଧ-୯୨୪୩

## ୨୧ତମ ଜନ୍ମଦିନ ଶୁଭେଚ୍ଛା



### ଆଲୋକ କୁମାର ସାହୁ

ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର

ଆଜି ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେମା, ବଡବୋଉ, ଦାଦା, ଖୁଡୀ, ଅଜା, ଆଇ, ମାମୁ, ମାଇଁ, ମାଉସୀ, ବଡଭାଇ, ଭଉଣୀ ଏବଂ ମାମା- ମୀନାକ୍ଷୀ, ବାବା- ବୁଦ୍ଧନାଥ। ଧ-୫୬୧୫୪

# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ସ୍ୱର୍ଗତା ସୌଦାମୀନି ପଣ୍ଡା

କଳ୍ପନା ଫ୍ଲାଟ, ଭୁବନେଶ୍ୱର
ଆବିର୍ଭାବ: ୨୩।୦୮।୧୯୫୬
ତିରୋଧାନ: ୧୫।୧୦।୨୦୧୫
ଦୀପାବଳି ଅମାବାସ୍ୟା

ତୁମର ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୁମର ସେହି ଅନାବିଳ ଆଶୀର୍ବାଦ ଏବଂ ସ୍ନେହ ମମତାଭରା ହସହସ ମୁଖକୁ ନିତି ଝୁରୁଅଛୁ। ଆଜିର ଏ ଶୁଭଦିନରେ ତୁମର ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୯୨୭୪

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



### ସ୍ୱର୍ଗତା ବନବାସିନୀ ଭଞ୍ଜ

ସ୍ୱାଧୀନତା ସଂଗ୍ରାମୀ
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୦୧।୦୭।୧୯୨୪
ତିରୋଧାନ: ୨୦।୧୦।୨୦୧୭

ତୁମରି ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମମାନଙ୍କ ଜୀବନର ପାଥେୟ ହୋଇରହୁ, ଏତିକି ଭଗବାନଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରାର୍ଥନା। ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୬୨୦୫୫

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ୰ପ୍ରେମାନନ୍ଦ ମହାନ୍ତି

ନୂଆ ଗାଁ, ଆଳି, କେନ୍ଦ୍ରାପଡା

**ପିତା ଧର୍ମ ପିତା ସ୍ୱର୍ଗ ପିତା ହି ପରମ ତପଃ ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା**

ଆବିର୍ଭାବ : ୧୫.୦୭.୧୯୩୫
ତିରୋଧାନ : ୨୮.୧୦.୨୦୧୮

ଆଜି ଆପଣଙ୍କର ଏକାଦଶ କର୍ମ। ଆପଣଙ୍କ ଅବର୍ତ୍ତମାନରେ ଆମେ ସମସ୍ତେ ମ୍ରିୟମାଣ ଓ ଯନ୍ତ୍ରଣାସିକ୍ତ। ପରମାତ୍ମାଙ୍କ ପାଖରେ ଆମର ଏତିକି ପ୍ରାର୍ଥନା ଆପଣଙ୍କର ଆତ୍ମାର ସଦଗତି ହେଉ। ଯେତେ ଦୂରରେ ଥିଲେବି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରିବୁ ଆପଣଙ୍କ ଆଶୀର୍ବାଦ ଓ ଶୁଭ କାମନା।

**ଶୋକସନ୍ତପ୍ତ**

ଆପଣଙ୍କର ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୯୨୪୨

## ପଞ୍ଚମ ଶ୍ରାଦ୍ଧଦିବସ



### ସ୍ୱର୍ଗତ ଅବନି କୁମାର ବରାଳ

ପଲଟନ ପଡିଆ, ଖୋର୍ଦ୍ଧା
ଆବିର୍ଭାବ: ୩।୬।୧୯୩୪
ତିରୋଧାନ: ୭।୧୧।୨୦୧୩

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ସମସ୍ତ ପରିବାର ଓ ବନ୍ଧୁବର୍ଗ। ଧ-୯୩୦୮

## ଶ୍ରଦ୍ଧାଞ୍ଜଳି



### ସ୍ୱର୍ଗତ ରବିନାରାୟଣ ଦାସ

ଆବିର୍ଭାବ: ୧୪।୧୨।୧୯୩୦
ତିରୋଧାନ: ୧୩।୧୧।୨୦୧୨

ଦିନ ଚାଲିଗଲା, ମାସ ବି ପୂରିଲା, ଛଅବର୍ଷ ଯିବ ପୂରି,କୋଣ ଅନୁକୋଣ ତୁମରି ସତ୍ତା ଅନୁଭବ ଅଛୁକରି। ତୁମରି ଆଦର୍ଶ, ତୁମରି ପ୍ରେରଣା ଆମ ଭାଇ, ଭଉଣୀଙ୍କ ପୁଞ୍ଜି। ସେଥିରୁ ବଞ୍ଚିତ କରିବନି ବାବା ସେତିକି ଆମ ସମ୍ପତ୍ତି। ଶ୍ରୀଜଗନ୍ନାଥ ତୁମର ଆତ୍ମାର ସଦ୍‌ଗତି କରନ୍ତୁ। ଧ-୬୨୦୫୩

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ପାକିସ୍ତାନର ଏକାଧିକ ବୃହତ୍ ବ୍ୟାଙ୍କ ହ୍ୟାକ୍

■ **ଗ୍ରାହକଙ୍କ ଡାଟା ଚୋରି**

**ଇସ୍‌ଲାମାବାଦ,୬।୧୧**

ପାକିସ୍ତାନର ଏକାଧିକ ବୃହତ ବ୍ୟାଙ୍କକୁ ହ୍ୟାକ୍ କରାଯାଇଛି। ଏହି ସମସ୍ତ ବ୍ୟାଙ୍କର ଗ୍ରାହକଙ୍କ ଡାଟାକୁ ଚୋରାଇ ନିଆଯାଇଛି ବୋଲି ଫେଡେରାଲ ଇନଭେଷ୍ଟିଗେଶନ ଏଜେନ୍ସି(ଏଫଆଇଏ) ମଙ୍ଗଳବାର ଘୋଷଣା କରିଛି। ଏଫଆଇଏର ସାଇବର କ୍ରାଇମ୍ ୱିଙ୍ଗ ମୁଖ୍ୟ ଅବସରପ୍ରାପ୍ତ କ୍ୟାପ୍ଟେନ ମହମ୍ମଦ ସୋଏବ ମଙ୍ଗଳବାର କହିଛନ୍ତି ଯେ, ପ୍ରାୟ ସମସ୍ତ ବଡ଼ ବ୍ୟାଙ୍କକୁ ହ୍ୟାକ୍ କରାଯାଇଛି ଏବଂ ଗ୍ରାହକଙ୍କ ଡାଟା ଚୋରି ହୋଇଯାଇଛି। ଏ ଘଟଣା କେବେ ହେଲା ତାହା ସେ କିଛି ସୂଚନା ଦେଇ ନ ଥିଲେ। ସେ କହିଛନ୍ତି ଯେ, ଡାଟା ଚୋରି ସମ୍ପର୍କରେ ସାଇବର କ୍ରାଇମ ବିଭାଗକୁ ବହୁ ସଂଖ୍ୟାରେ ଅଭିଯୋଗ ଆସିବା ପରେ ତଦନ୍ତ ଆରମ୍ଭ କରାଯାଇଛି। ସାଇବର କ୍ରାଇମ ସମ୍ପର୍କରେ ବ୍ୟାଙ୍କଗୁଡିକ ପକ୍ଷରୁ କୌଣସି ଅଭିଯୋଗ କରାଯାଇନି। ପ୍ରାୟ ୬ଟି ବ୍ୟାଙ୍କ ବିଦେଶରେ ବ୍ୟବହାରଯୋଗ୍ୟ ଡେବିଟ୍ କାର୍ଡକୁ ସାମୟିକ ରଦ୍ଦ କରିଛି ଏବଂ ସମସ୍ତ ଆନ୍ତର୍ଜାତିକ କାରବାରକୁ ବାତିଲ କରିଛି। ରୁଷ୍‌ର ମସ୍କୋସ୍ଥିତ ବିଶ୍ୱସ୍ତରୀୟ ସାଇବର ସିକ୍ୟୁରିଟି କମ୍ପାନୀ 'ଗ୍ରୁପ୍ ଆଇବି' ପକ୍ଷରୁ କୁହାଯାଇଛି ଯେ, ବହୁ ସଂଖ୍ୟାରେ ପାକିସ୍ତାନୀ ଡେବିଟ୍ ଓ କ୍ରେଡିଟ କାର୍ଡ ତଥ୍ୟକୁ ୱେବ ଫୋରମ୍‌ରେ ପ୍ରକାଶ କରାଯାଇଛି।

# ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୧ତମ ଶ୍ରାଦ୍ଧଦିବସ ପାଳିତ ହୋଇ ଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ପ୍ରଦୀପ କୁମାର ଅମାତ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ଅମରପ୍ରସାଦ ଶତପଥୀ, ଏମ୍‌ପି ପ୍ରସନ୍ନ ପାଟଶାଣୀ ପ୍ରମୁଖ ବିଧାନସଭା ସଚିବାଳୟର ଗ୍ରନ୍ଥାଗାର ସମ୍ମୁଖରେ ଥିବା ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଅମୀୟ କୁମାର ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଧାନସଭା ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନର କଳାକାରଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

# ଟ୍ୟୁଶନ ଫେରନ୍ତା ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

**ଚାନ୍ଦବାଲି,୬।୧୧(ଡି.ଏନ.ଏ)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ନାଲଗୁଣ୍ଡା ପଞ୍ଚାୟତ ପଳାଶପୁର ଗାଁର ଶରତ ମିଶ୍ରଙ୍କ ଦଶମ ଶ୍ରେଣୀରେ ପଢୁଥିବା ପୁଅ ସତ୍ୟଜିତ(୧୫)ଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କେତେକ ଲୋକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଟ୍ୟୁଶନରୁ ଘରକୁ ଫେରୁଥିବା ବେଳେ ୪ଜଣ ଲୋକ ତାଙ୍କୁ ଏକ ନିଛାଟିଆ ବିଲ ମଧ୍ୟକୁ ଟେକି ନେଇ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ଘଟଣାସ୍ଥଳରେ କିଛି ଗାଁ ଲୋକ ପହଞ୍ଚିଯିବାରୁ ସତ୍ୟଜିତଙ୍କୁ ଛାଡ଼ି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ବିଲ ମଧ୍ୟରୁ ତାଙ୍କୁ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଡାକ୍ତର ସତ୍ୟଜିତଙ୍କ ଦେହରେ କେତେକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସତ୍ୟଜିତଙ୍କ ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି । ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଏହାର ତଦନ୍ତ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ବିଳାସକାରକ ଶୁକ୍ର ପରିବାରାଧିପତି ଚନ୍ଦ୍ରଙ୍କ ସହ ଅବସ୍ଥାନ କରି ପାରିବାରିକ ଜୀବନକୁ ରସାଣିତ କରିବେ। ବସ୍ତ୍ରଭୂଷଣ ପ୍ରାପ୍ତି ମାଧ୍ୟମରେ ଦିନଟି ଖୁସିରେ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ। ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** — ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଭୁଲ୍ ବୁଝାମଣାବଶତଃ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବେ ସତ କିନ୍ତୁ ଅବହେଳା ଜନିତ କୌଣସି ଉପଚାର କରିବା ସହଜସାଧ୍ୟ ନ ହୋଇପାରେ।

**ମିଥୁନ** — ରବି ଓ ଶୁକ୍ରଙ୍କ ସମ୍ବନ୍ଧରୁ ଆତ୍ମୀୟ ସ୍ୱଜନଙ୍କ ଗହଣରେ ଦିନଟି ହସଖୁସିରେ ଅତିବାହିତ ହେବ। ଆକସ୍ମିକ ଭାବରେ ଖର୍ଚ୍ଚଭାର ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିପାରନ୍ତି। ମଙ୍ଗଳଙ୍କ କୁପ୍ରଭାବ ହେତୁ ବାରୁଦ ଓ ବିଦ୍ୟୁତ୍ ପ୍ରତି ସାବଧାନ ରହିବା ଭଲ। କ୍ରୀଡା, କଳା, ସାହିତ୍ୟ,ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ** — କେନ୍ଦ୍ରସ୍ଥ ଚନ୍ଦ୍ର ସମସ୍ତ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବରେ ସାମନା କରିବାର ସାହସ ରଖି କୃତକାର୍ଯ୍ୟ ହେବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅତି ନିକଟରେ କଚେରି ମାମଲାର ଶୁଣାଣିର ଆଶା କରିପାରନ୍ତି।

**ସିଂହ** — ସ୍ୱସ୍ଥାନହନ୍ତା ଜୀବ ପ୍ରଭାବରୁ ସମ୍ପର୍କୀୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବାରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଆଜି ଦିନଟି ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ବହୁତ ଭଲ।

**କନ୍ୟା** — ଧନସ୍ଥାନରେ ତିନୋଟିଗ୍ରହ ଅର୍ଥଲାଭ କରାଇବା ସହ ସମସ୍ୟା ସମାଧାନ ପାଇଁ ରାସ୍ତା ପରିଷ୍କାର କରିଦେବେ। ତଥାପି ଖଳକଥାରେ ପ୍ରଭାବିତ ହୋଇ ଚିତ୍ରା ନକ୍ଷତ୍ର ପରିବାର ସକାଶେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡିବ।

**ତୁଳା** — ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରି ପାରିବେ। ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। ଅଫିସରେ କିମ୍ବା କର୍ମକ୍ଷେତ୍ରରେ ଗୁଡାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ସମ୍ମାନ ବୃଦ୍ଧି ପାଇବ।

**ବିଛା** — ବ୍ୟୟଭାବରେ ଚନ୍ଦ୍ର ଓ ଶୁକ୍ର ମନକୁ ଅସ୍ଥିର ରଖିବ। କିନ୍ତୁ କୌଣସି ବ୍ୟବହାର୍ଯ୍ୟ ମୂଲ୍ୟବାନ୍ ଜିନିଷ କିଣିବା ଦିଗରେ ମନ ବଳାଇପାରନ୍ତି। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ଆଜି ଆପଣ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନାହିଁ। ଏଜେନ୍ସିପ୍, ସାମ୍ବାଦିକତା, ରାଜନୀତି, ନୂତନ କର୍ମାରମ୍ଭ, କଳା ଓ ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ** — ଲାଭଭାବରେ ଚନ୍ଦ୍ରଙ୍କ ସକାଶରୁ ଗତକାଲିର ପରିସ୍ଥିତି କ୍ରମଶଃ ବଦଳିଯିବା ସାଙ୍ଗକୁ ସଙ୍କଟମୁକ୍ତ ହୋଇପାରନ୍ତି। ଦିନର ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତାର ପ୍ରଭାବ ଅନୁଭବ କରିବାକୁ ପଡିପାରେ। ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇ ପାରନ୍ତି। ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ।

**ମକର** — ଦ୍ୱିତୀୟଭାବରେ ମଙ୍ଗଳ ଆତ୍ମୀୟଙ୍କୁ କୌଣସି କାମରେ ସାହାଯ୍ୟ କରିବାକୁ ପ୍ରବର୍ତ୍ତାଇବ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କୁମ୍ଭ** — ଭାଗ୍ୟସ୍ଥାନରେ ଚତୁଃଗ୍ରହ ଯୋଗ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ସରଳୀକୃତ କରିବ। ତଥାପି ଶନିଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଆଶଙ୍କାଜନିତ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢିଯିବାର ସୂଚନା ରହିଛି।

**ମୀନ** — କର୍ମଭାବସ୍ଥ ଚନ୍ଦ୍ର କର୍ମୋନ୍ନତି ସହ ସମ୍ମାନଜନକ ସ୍ଥିତିକୁ ନେବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ ହେବେ। ଆନୁଷ୍ଠାନିକ କାମରେ ସତକଥା କହି ପ୍ରଶଂସିତ ହୋଇପାରନ୍ତି। ଆଜିର ଯାତ୍ରା ଓ କାର୍ଯ୍ୟ ପ୍ରୀତିପ୍ରଦ ରହିବ।

ଆଜି ଦୀପାବଳି ଅମାବାସ୍ୟା, ପ୍ରଦୋଷେ ପୟା ଶ୍ରାଦ୍ଧ, ଉଲ୍‌କା ହସ୍ତେ ପିତୃଣାଂ ମାର୍ଗଦର୍ଶନଂ, ନଭେମ୍ବର ୭ ତାରିଖ, ବୁଧବାର, ରାଶି ନକ୍ଷତ୍ର- ସ୍ୱାତୀ/ତୁଳା, ଅମାବାସ୍ୟାର ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ୭।୨୪ମି. ଗତେ ଘ୮।୪୮ମି. ମଧ୍ୟେ, ଘ୩।୦୯ମି. ଗତେ ଘ୪।୩୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୨୪ମି. ମଧ୍ୟେ ଘ୧୦।୩୪ମି. ଗତେ, ଘ୧୧।୩୮ମି. ମଧ୍ୟେ ଘ୩।୪୦ମି. ଗତେ, ଘ୫।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୩୪ମି. ଗତେ ଘ୧୨।୫୪ମି. ମଧ୍ୟେ ରାହୁକାଳ।



ରାଜସ୍ଥାନ ସରକାର ୪୯ ଡାକ୍ତରଙ୍କୁ ପଳାତକ ଘୋଷିତ କରିଛନ୍ତି। ଦୀର୍ଘଦିନ ଧରି ସେମାନେ ନିଜ କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଡାକ୍ତରମାନଙ୍କୁ ବିଭିନ୍ନ ସରକାରୀ ହସ୍ପିଟାଲରେ ନିଯୁକ୍ତ କରାଯାଇଥିଲା।






# କ୍ୟାମ୍ପ କୋର୍ଟରେ ଜାମିନ ଆବେଦନ କଲେ ଅଭିଜିତ୍

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)

ସୂର୍ଯ୍ୟମନ୍ଦିର, ଶ୍ରୀମନ୍ଦିର ଏବଂ ଓଡ଼ିଶା ସମ୍ପର୍କରେ କଟୁ ମନ୍ତବ୍ୟ ଦେଇଥିବା ଅଭିଜିତ୍ ଆୟର ମିତ୍ର ମଙ୍ଗଳବାର ଜାମିନ ପାଇଁ ଝାରପଡ଼ା ଜେଲ୍‌ରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ଆବେଦନ କରିଛନ୍ତି। ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ମାଜିଷ୍ଟ୍ରେଟଙ୍କ ଆଗରେ ହାଜର କରିଥିଲେ। ମାଜିଷ୍ଟ୍ରେଟ୍ ତାଙ୍କ ଜାମିନ ଆବେଦନର ବିଚାର କରିଥିବାବେଳେ ରାୟକୁ ସଂରକ୍ଷିତ ରଖିଛନ୍ତି। ଦୀପାବଳି ପରେ ଏହାର ଶୁଣାଣି କରାଯିବ ବୋଲି ଜଣାପଡିଛି। ଏଠାରେ ଯଦି ତାଙ୍କ ଜାମିନ ଆବେଦନ ଖାରଜ ହୁଏ, ତେବେ ତାଙ୍କୁ ଆହୁରି ୧୪ ଦିନ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିବ। ଅନ୍ୟପଟେ ହାଇକୋର୍ଟ ଓକିଲମାନଙ୍କ ଆନ୍ଦୋଳନ ଯୋଗୁ ଅଭିଜିତଙ୍କ ପାଇଁ ଅଡୁଆ ବଢ଼ିଯାଇଛି। ଆନ୍ଦୋଳନ ଯୋଗୁ ସେ ହାଇକୋର୍ଟରେ ଜାମିନ ଆବେଦନ କରିପାରୁ ନାହାନ୍ତି। ସୂଚନା ମୁତାବକ, ଅଭିଜିତ୍ ଓ ତାଙ୍କ ସହଯୋଗୀ ଓଡ଼ିଶା ବୁଲିବା ପାଇଁ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ସହ ଆସିଥିଲେ। ଏହି ସମୟରେ ଅଭିଜିତ୍ କୋଣାର୍କ ମନ୍ଦିରରେ ଛିଡା ହୋଇ ମନ୍ଦିରର କାରୁକାର୍ଯ୍ୟକୁ ନେଇ କଟୁ ମନ୍ତବ୍ୟ ଦେଇଥିଲେ। ଏପରି କି ଜଗନ୍ନାଥ ମନ୍ଦିର ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେବା ସହ ତାଙ୍କ ଟୁଇଟର ଆକାଉଣ୍ଟରେ ଏହାକୁ ପୋଷ୍ଟ କରିଥିଲେ। ଏ ନେଇ କୋଣାର୍କ ଓ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା।




'ମୋ ବସ୍' ସେବା ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ଟିକେଟ୍ କାଟି ଯାତ୍ରା କରୁଛନ୍ତି।

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ ଅଫିସ,୬।୧୧

ଭିତରକାଠ ନିକଟରେ ରକ୍ତ ପଡିଥିବାରୁ ଶ୍ରୀମନ୍ଦିରରେ ମଙ୍ଗଳବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ଫଳରେ ଠାକୁରଙ୍କ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଛି। ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସୂଚନା ମୁତାବକ, ସକାଳେ ଅବକାଶ ପୂଜା ପରେ ଭିତରକାଠ ନିକଟରେ ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ଏହା ଜଣାପଡିବା ପରେ ସେହିଠାରେ ନୀତି ଅଟକି ଥିଲା। ଏହାପରେ ମହାସ୍ନାନ ପାଇଁ ବିଧି ଆରମ୍ଭ ହୋଇଥିଲା। ମହାସ୍ନାନ ପୂଜା ପରେ ପୁଣି ଠାକୁରଙ୍କ ନୀତି ଚାଲିଥିଲା। ତେବେ ଭିତରକାଠ ନିକଟରେ କେମିତି ରକ୍ତ ପଡିଲା ତାହା ସ୍ପଷ୍ଟ ଜଣାପଡିନାହିଁ।



# ରାଜଧାନୀବାସୀଙ୍କୁ ମିଳିଲା ହାଇଟେକ୍ 'ମୋ ବସ୍' ସେବା

**ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

- ୧୦ଟଙ୍କା ଦେଇ ବିଧାନସଭା ଯାଏ ଗଲେ
- ବସ୍‌ରେ ରହିବେ ୫୦ ପ୍ରତିଶତ ମହିଳା କଣ୍ଡକ୍ଟର
- ପ୍ରତି ୧୦ ମିନିଟ୍‌ରେ ମିଳିବ ବସ୍
- ମାଗଣା ୱାଇଫାଇ ସେବା
- କର୍ମଚାରୀଙ୍କ ଆଚରଣ ଉପରେ ରହିବ ନଜର
- ସକାଳ ୭ରୁ ରାତି ୧୦ ଯାଏ ଚାଲିବ ବସ୍


ଭୁବନେଶ୍ୱର, ୬।୧୧(ବ୍ୟୁରୋ)


ରାଜଧାନୀବାସୀ ଏବଂ ବାହାରୁ ଆସୁଥିବା ଯାତ୍ରୀମାନଙ୍କୁ ମିଳିବ ସୁରକ୍ଷିତ ହାଇଟେକ ବସ୍ ସେବା। ମଙ୍ଗଳବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି 'ମୋ ବସ୍' ସେବା ଯୋଜନା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏୟାରପୋର୍ଟ ଛକ ନିକଟରେ ପତାକା ହଲାଇ ଏହି ବସ୍ ସେବାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକମାନଙ୍କ ଯାତ୍ରା ପାଇଁ ଏ ପ୍ରକାର ସୁରକ୍ଷିତ, ମିତବ୍ୟୟୀ ସ୍ମାର୍ଟ ବିକଳ୍ପକୁ ଆପଣାଇବା ଦ୍ୱାରା ଆମ ରାଜ୍ୟର ରାଜଧାନୀରେ ବ୍ୟକ୍ତିଗତ ଯାନବାହନ ବ୍ୟବହାର ବହୁମାତ୍ରାରେ ହ୍ରାସ ପାଇବ। ମୋ ବସ୍ ସେବା ଉଦ୍‌ଘାଟନ କରିଥିବାରୁ ମୁଁ ଆନନ୍ଦିତ। ବସ୍ କର୍ମଚାରୀମାନେ ଯାତ୍ରୀବତ୍ସଳ ଓ ସେମାନଙ୍କ ମଧ୍ୟରେ ଅଧା ମହିଳା ଥିବାରୁ ମୁଁ ବିଶେଷ ଖୁସୀ। ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା ସହ ବସ୍‌ରେ ସବୁ ବର୍ଗର ଯାତ୍ରୀଙ୍କ ସହ ଓଡ଼ିଶା ବିଧାନସଭା ପର୍ଯ୍ୟନ୍ତ ଯାଇଥିଲେ। ଏହି ଯାତ୍ରା ପୂର୍ବରୁ ବସ୍ କଣ୍ଡକ୍ଟରଙ୍କୁ ୧୦ ଟଙ୍କା ଦେଇ ଟିକେଟ୍ କ୍ରୟ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବସ୍ ଯାତ୍ରା ବସ୍ ଭିତରେ ଥିବା ଯାତ୍ରୀ ଏବଂ ପଥଚାରୀଙ୍କ ମଧ୍ୟରେ ଉତ୍ସୁକତା ବଢ଼ାଇ ଦେଇଥିଲା।


କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି) ପରିଚାଳିତ ୧୨୫ଟି ନୂତନ ବସ୍‌କୁ ନେଇ ଆରମ୍ଭ ହୋଇଥିବା ମୋ ବସ୍‌ରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ହାଇଟେକ ବ୍ୟବସ୍ଥା କରାଯାଇଛି। ବସ୍ କର୍ମଚାରୀଙ୍କ ଆଚରଣ ଉପରେ ଦୃଷ୍ଟି ରଖିବା ସକାଶେ ସିସିଟିଭି କ୍ୟାମେରା ସହ ମହିଳା ତଥା ବୟୋଜ୍ୟେଷ୍ଠ ନାଗରିକଙ୍କ ପାଇଁ ପର୍ଯ୍ୟାପ୍ତ ସିଟ୍‌ର ବ୍ୟବସ୍ଥା ରହିଛି। ଏଥିସହିତ ମହିଳା କଣ୍ଡକ୍ଟରମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। କର୍ମଚାରୀଙ୍କ ମଧ୍ୟରେ ୫୦ ପ୍ରତିଶତ ମହିଳା ନିୟୋଜିତ କରିବା ବ୍ୟବସ୍ଥା ରହିଛି। ଛାତ୍ରୀଛାତ୍ର ତଥା ଯୁବବର୍ଗ ଯାତ୍ରା ସମୟରେ ନିଃଶୁଳ୍କ ୱାଇଫାଇ ସେବାର ମଧ୍ୟ ସୁଯୋଗ ପାଇପାରିବେ। ଅର୍ବାନ ବସ୍ କୋଡ୍ ଅନୁସାରେ ବସ୍‌ଗୁଡ଼ିକ ନିର୍ମାଣ ହୋଇଥିବାରୁ ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି। ଏହି ବସ୍‌ସେବା ଦ୍ୱାରା ନାଗରିକମାନଙ୍କର ଆର୍ଥିକ ସଞ୍ଚୟ ହୋଇପାରିବ। ଯାତ୍ରୀମାନେ ଚାହିଁଲେ ମାସିକ, ତ୍ରୈମାସିକ ଓ ବାର୍ଷିକ ଦେୟ ଆଗୁଆ ଦେଇ ଯାତ୍ରା କରିପାରିବେ। ଓଡ଼ିସି ସିଟିକାର୍ଡ ଜରିଆରେ ଟିକେଟ୍ କ୍ରୟ କରିବା ବ୍ୟବସ୍ଥା ମଧ୍ୟ ରହିଛି। ନଭେମ୍ବର ୬ରୁ ୯ଟି ରୁଟ୍‌ରେ ୧୦୦ଟି ବସ୍ ଚଳାଚଳ କରିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ନଭେମ୍ବର ୧୫ରୁ ୮ଟି ରୁଟ୍‌ରେ ୧୦୦ ଏବଂ ଡିସେମ୍ବର ୧୦ ତାରିଖରୁ ତୃତୀୟ ପର୍ଯ୍ୟାୟରେ ୮ଟି ରୁଟ୍‌ରେ ଆହୁରି ୧୦୦ଟି ନୂତନ ହାଇଟେକ୍ ବସ୍ ଚାଲିବ। ପ୍ରତ୍ୟେକ ଦିନ ବସ୍ ୧୫ ଘଣ୍ଟା ଚାଲିବ। ସକାଳ ୭ଟାରୁ ରାତି ୧୦ଟା ଯାଏ ଯାତ୍ରୀମାନେ ମୋ ବସ୍ ସୁବିଧା ପାଇପାରିବେ। ମୋ ବସ୍ ସେବା ପ୍ରତି ୧୦ ମିନିଟ୍‌ରେ ଯୋଗାଇ ଦିଆଯିବ। ଯାତ୍ରୀମାନଙ୍କୁ ବସ୍ ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏଥିସହିତ ମୋବାଇଲ ଆପ୍ ମୋ ବସ୍ ଜରିଆରେ ଆଣ୍ଡ୍ରଏଡ୍ କିମ୍ବା ଆଇଓଏସ୍ ଉପଭୋକ୍ତା ଏବଂ ଡେସ୍କଟପ ବ୍ୟବହାରକାରୀମାନେ ମଧ୍ୟ ନିକଟତମ ବସ୍ ରହଣିସ୍ଥଳ ଓ ବସ୍ ଯିବାଆସିବା ସମୟ ଯାଞ୍ଚ କରିପାରିବେ। ଭୁବନେଶ୍ୱର ସିଟି ବସ୍ ଆଧୁନିକୀକରଣ ଯୋଜନା ଭଳି ସିଆରୟୁଟି ପକ୍ଷରୁ ଅନେକ ନୂତନ ବସ୍ ଚଳାଚଳ ପାଇଁ ଯୋଜନା ରହିଛି। ଚାହିଦା ଅନୁଯାୟୀ ୨୦୧୮ରୁ ୨୦୨୭ ମଧ୍ୟରେ ୩ଟି ପର୍ଯ୍ୟାୟରେ ଆହୁରି ଅନେକ ବସ୍ ଚାଲିବ। ଏଥିସହିତ ଯାତ୍ରୀଙ୍କ ସୁବିଧା ନିମନ୍ତେ ୨୦୦ ନୂତନ ବସ୍ କ୍ୟୁ ସେଲ୍‌ଟର ନିର୍ମାଣ କରାଯାଇଛି। ଯାତ୍ରୀମାନଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ବି.କ୍ୟୁ.ଏସ୍. ସାଇକେଲ ଷ୍ଟାଣ୍ଡ ଉପଲବ୍ଧ ହେବ। ଭୁବନେଶ୍ୱର ସିଟି ବସ୍ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ୩୦୦ ଅତିରିକ୍ତ ବି.କ୍ୟୁ.ଏସ୍. ବା ବସ୍ ରହଣିସ୍ଥଳ ନିର୍ମାଣ ହେବ। ଭୁବନେଶ୍ୱର ସିଟି ବସ୍ ଆଧୁନିକୀକରଣ ଯୋଜନା(ବିପିଟିଏସ୍‌ପି)ରେ ନାଗରିକଙ୍କୁ ଯୋଗାଇ ଦିଆଯାଉଥିବା ସେବା ଦ୍ୱାରା ୨୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଦୈନିକ ୧୨ ଲକ୍ଷ ଯାତ୍ରୀଙ୍କୁ ପରିବହନ ସେବା ଯୋଗାଇ ଦିଆଯିବ। କେବଳ ଇଲେକ୍ଟ୍ରୋନିକ ଟିକେଟ୍ ମେଶିନ ଜରିଆରେ ଯାତ୍ରୀଙ୍କଠାରୁ ବସ୍‌ଭଡ଼ା ଆଦାୟ କରାଯିବ। ୨୦୧୦ ଅକ୍ଟୋବର ୧୦ ତାରିଖରୁ ଭୁବନେଶ୍ୱର-ପୁରୀ ପରିବହନ ସେବା(ବିପିଟିଏସ୍) ଭାବେ କାର୍ଯ୍ୟାରମ୍ଭ କରିଥିବା ସିଆରୟୁଟି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ), ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ(ପିକେଡିଏ) ଅଞ୍ଚଳରେ ମଧ୍ୟ ବସ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି। ଆଗାମୀ ଦିନରେ ସାଇକେଲ ଶେୟାରିଂ ବ୍ୟବସ୍ଥା ଏବଂ ଇ-ରିକ୍ସା ଭଳି ସୁବିଧା ଯୋଗାଇ ଦିଆଯିବ।







ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା



# ଅରିହନ୍ତ

'ଅରିହନ୍ତ' ହେଉଛି ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ। ଏହି ଜାହାଜରୁ ୭୫୦ରୁ ୩,୫୦୦ କିଲୋମିଟର ବ୍ୟାସାର୍ଦ୍ଧରେ ଯେକୌଣସି ସ୍ଥାନକୁ ଲକ୍ଷ୍ୟ କରି କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇପାରିବ। ଏହି କ୍ଷେପଣାସ୍ତ୍ର ପାରମ୍ପରିକ କିମ୍ବା ଅଣୁଅସ୍ତ୍ର ବହନକାରୀ ହୋଇପାରେ। ଏହାର ନିର୍ମାଣ ଲାଗି ଦୀର୍ଘ ୨୫ ବର୍ଷ ସମୟ ଲାଗିଲା। ସାଧାରଣରେ ଏହିଭଳି ପ୍ରଯୁକ୍ତିବିଦ୍ୟାସମ୍ପନ୍ନ କାର୍ଯ୍ୟଗୁଡ଼ିକର ଦକ୍ଷତା ସେତିକିବେଳେ ଜଣାପଡ଼େ, ଯେତେବେଳେ ତାହା ଅତିଶୀଘ୍ର ନିର୍ମିତ ହୋଇ କାର୍ଯ୍ୟକ୍ଷମ ହୋଇଯାଏ। ଅପରପଟେ ନକାରାତ୍ମକ ସମାଲୋଚନା କରିବାକୁ ଯାଇ କୁହାଯାଇପାରେ ଯେ, ଅରିହନ୍ତ ବୁଡ଼ାଜାହାଜରେ ବ୍ୟବହୃତ ଜ୍ଞାନକୌଶଳ ଏବେ ଅତି ପୁରାତନ ହୋଇ ସାରିଲାଣି। ତଥାପି ସ୍ୱୀକାର କରିବାକୁ ହେବ ଯେ, କଚ୍ଛପ ଗତିରେ ଚାଲୁଥିବା ଭାରତ ନିଜ ଆନ୍ତରିକ ଦକ୍ଷତା ମାଧ୍ୟମରେ ଏକ ବିରାଟ ସଫଳତା ପାଇପାରିଛି। ଏହି ଅହେତୁକ ବିଳମ୍ବ ପାଇଁ ବୈଜ୍ଞାନିକ ଓ ଟେକ୍‌ନିସିଆନ ଯେତିକି ଦାୟୀ, ତା'ଠାରୁ ଯଥେଷ୍ଟ ଅଧିକ ଦୋଷୀ ହେଉଛି କେନ୍ଦ୍ର ସରକାର। ଏହି ବୁଡ଼ାଜାହାଜ ନିର୍ମାଣ ପାଇଁ ଉଚିତ ସମୟରେ ଆବଶ୍ୟକ ପାଣ୍ଠିର ଅଭାବ ଅନ୍ୟତମ କାରଣ ବୋଲି ଶୁଣିବାକୁ ମିଳୁଛି। ଦ୍ୱିତୀୟ ଅରିହନ୍ତ ଜାହାଜର ନିର୍ମାଣ ସମ୍ଭବତଃ ଆସନ୍ତା ୨୫ ବର୍ଷ ପରେ ସମ୍ପନ୍ନ ହେବ। ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ, ଆଜିର ଭାରତକୁ ୧୯୬୨ ମସିହାର ଭାରତ ସହ ତୁଳନା କରାଯାଇପାରିବ ନାହିଁ। ଏହା ସମ୍ପୂର୍ଣ୍ଣ ସତ୍ୟ ହୋଇଥିବା ବେଳେ ଭାରତୀୟ ପ୍ରତିରକ୍ଷା ବିଶେଷଜ୍ଞମାନେ ଆଉ ଏକ ବାକ୍ୟ ଯୋଡ଼ି କହୁଛନ୍ତି ଯେ, ୧୯୬୨ ମସିହାର ଚାଇନାକୁ ଆଜିର ଚାଇନା ସହ ମଧ୍ୟ ତୁଳନା କରାଯାଇ ନ ପାରେ। ସାଧାରଣରେ ଜଣା ଯେ ଚାଇନା ପାଖରେ ପ୍ରାୟ ୧୦ରୁ ଅଧିକ ଅଣୁଚାଳିତ ବୁଡ଼ାଜାହାଜ ରହିଛି। ସେଥିରେ ଥିବା JL-2A ବାଲିଷ୍ଟିକ୍ ମିଶାଇଲର ଲକ୍ଷ୍ୟଭେଦ କରିବାର କ୍ଷମତା ୧୧ ହଜାର ୨୦୦ କିଲୋମିଟର। ଅର୍ଥାତ୍ ଚାଇନା ସମୁଦ୍ରକୂଳରେ ବୁଡ଼ି ରହି ଏହି କ୍ଷେପଣାସ୍ତ୍ରକୁ ଆମେରିକା ପର୍ଯ୍ୟନ୍ତ ପଠାଇହେବ। ଦେଖିବାକୁ ଗଲେ ଚାଇନା ପାଇଁ ଅତି ପାଖ ହେଉଛି ଭାରତ। ଏଭଳି ପରିସ୍ଥିତିରେ ଭାରତକୁ କୁହାଯାଉଛି, ଆମର ବାସ୍ତବ ଶତ୍ରୁ ପାକିସ୍ତାନ। ବିଦେଶରୁ କିଣାହେଉ ବା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେଉ, ଯେକୌଣସି ଯୁଦ୍ଧ ସାମଗ୍ରୀ ଭାରତୀୟଙ୍କ ହାତକୁ ଆସୁଛି, ସେମାନେ ତାହାର ତୁଳନା ପାକିସ୍ତାନ ସାଙ୍ଗରେ କରୁଛନ୍ତି। ରାଜନୀତିକ ଦୃଷ୍ଟିକୋଣରୁ ପାକିସ୍ତାନକୁ ଏକ ଶତ୍ରୁ ଭାବେ ଗଢ଼ି ତୋଳିପାରିଲେ ଆମ ନେତାମାନଙ୍କ ମଙ୍ଗଳ ହେଉଛି। ଏଠାରେ ମନେରଖିବାକୁ ହେବ ଯେ, ଭାରତ ତୁଳନାରେ ପାକିସ୍ତାନ, ଶ୍ରୀଲଙ୍କା, ନେପାଳ କିମ୍ବା ବାଂଲାଦେଶ ଭଳି ରାଷ୍ଟ୍ର ଅତି କ୍ଷୁଦ୍ର। ଏଥିମଧ୍ୟରୁ କୌଣସି ଦେଶକୁ ନିଜର ସମାସ୍କନ୍ଧ ଭାବି ତଦନୁଯାୟୀ ସବୁକିଛି ପ୍ରସ୍ତୁତ କରିବା ହେଉଛି ଭାରତର ବୋକାମି।

ଦେଶର ଆଭ୍ୟନ୍ତରୀଣ ରାଜନୀତିରେ ଚାଇନାକୁ ଲୋକଲୋଚନରୁ ଦୂରେଇ ରଖିବା ହେଉଛି ଭାରତ ପାଇଁ ସୁବିଧାଜନକ। ଏହି କ୍ଷୁଦ୍ର ଲାଭ ପାଇଁ ସାଧାରଣ ନାଗରିକ ଦେଶ ପ୍ରତି ଗଢ଼ି ଉଠୁଥିବା ବାସ୍ତବ ବିପଦକୁ ଜାଣିବା ଅତ୍ୟନ୍ତ ଆବଶ୍ୟକ। ଭାରତର ବାସ୍ତବ ଶତ୍ରୁ ହେଉଛି ଚାଇନା। ଏହି ଶତ୍ରୁତାର ବିଲୋପ ଘଟିବା ଏକ ଅସମ୍ଭବ ସ୍ୱପ୍ନ ଭାବେ ହୃଦ୍‌ବୋଧ ହେଉଛି। ଭାରତର ଉନ୍ନତି କ୍ଷେତ୍ରରେ ଯଦି କେହି ଦୀର୍ଘମିଆଦୀ ବାଧା ସୃଷ୍ଟି କରୁଥାଏ, ତେବେ ତାହା ହେଉଛି ବେଜିଂ। ଭାରତୀୟମାନେ ନିଜକୁ ଗୁରୁତ୍ୱପୂର୍ଣ୍ଣ ଭାବନ୍ତି ଏବଂ ଚିନ୍ତାକରନ୍ତି ଯେ, ପୃଥିବୀ ରଙ୍ଗମଞ୍ଚରେ ଏହି ଦେଶର ଏକ ବିରାଟ ଭୂମିକା ରହିଛି। ଯେଉଁମାନେ ଅନ୍ୟ ଦେଶ ଭ୍ରମଣ କରିଛନ୍ତି ସେମାନେ ଜାଣିଛନ୍ତି ଯେ, ସେ ଦେଶର ଗଣମାଧ୍ୟମରେ ଭାରତ ପାଇଁ କୌଣସି ସ୍ଥାନ ନ ଥାଏ। କେବଳ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ବଡ଼ ଦୁର୍ଘଟଣା ଘଟିଲେ ଭାରତର ନାମ ଶୁଣାଯାଏ। ଅନ୍ୟପଟେ ସମଗ୍ର ଆଫ୍ରିକା, ୟୁରୋପ, ଏସିଆ ଏବଂ ଦକ୍ଷିଣ ଆମେରିକାରେ କେବଳ ଚାଇନା ହେଉଛି ଆଜିର ବୃହତ୍ ଶକ୍ତିଶାଳୀ ଦେଶ ଭାବେ ଆଲୋଚନାର ବିଷୟ। ସେହି ପରିସ୍ଥିତି ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହେବାରୁ, ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଅନେକ ଚିନ୍ତା କରି ଚାଇନା ସାମଗ୍ରୀ ଉପରେ ବୃହତ୍ ପରିମାଣର ଟିକସ ବସାଇଛନ୍ତି। ଏଭଳି ଏକ ଅନ୍ତର୍ଜାତୀୟ ପ୍ରଚ୍ଛଦପଟରେ ଭାରତ ସରକାର ଏବଂ ସାମାଜିକ ବ୍ୟବସ୍ଥାକୁ ନିଜର ହିତ ସମ୍ପର୍କରେ ଚିନ୍ତା କରିବା ଦରକାର। ନୀତି ଭାବେ ଘୋଷଣା କରାଯାଇଛି ଯେ, ଭାରତ କେବେହେଲେ ନିଜ ଆଡୁ ଅଣୁବୋମା ପ୍ରଥମ ବ୍ୟବହାର କରିବ ନାହିଁ। ଅର୍ଥାତ୍ ଅନ୍ୟ କେହି ଭାରତକୁ ଆକ୍ରମଣ କରିସାରିଲା ପରେ ଭାରତର ପ୍ରତିଶୋଧମୂଳକ ପାଲଟା ଆକ୍ରମଣ ଘଟିବ। ଏହା କହିବା ସହଜ। ଏଭଳି ପରିସ୍ଥିତି ଘଟିଲେ, କେଉଁପ୍ରକାର ପ୍ରତିକ୍ରିୟା ସୃଷ୍ଟି ହେବ କହିବା ଅସମ୍ଭବ। ଏଠାରେ ମନେପଡ଼େ, ଇଣ୍ଡିଆନ୍ ଏୟାରଲାଇନ୍ସର ବିମାନକୁ କାନ୍ଦାହାରକୁ ଅପହରଣ କରିନିଆଯିବା ଘଟଣା। ୨୪ ଡିସେମ୍ବର ୧୯୯୯ରେ କାଠମାଣ୍ଡୁରୁ ଦିଲ୍ଲୀ ଆସୁଥିବା ଆଇସି ୮୧୪ ବିମାନରେ ବସିଥିବା ଅପହରଣକାରୀ ପାକିସ୍ତାନ ଯିବାକୁ ବାଧ୍ୟ କଲେ। ଇନ୍ଧନ ଅଭାବ ଯୋଗୁ ସେତିକି ଦୂର ପହଞ୍ଚି ହେବ ନାହିଁ ବୋଲି କହି ଅମୃତସରରେ ଉଡ଼ାଜାହାଜକୁ ତାହାର ପାଇଲଟ ଓହ୍ଲାଇ ଦେଇଥିଲା। ଇନ୍ଧନ ଭର୍ତ୍ତି ହେବା ପରେ ସେହି ବିମାନକୁ ବିନା କୌଣସି ପ୍ରତିରୋଧରେ ଉଡ଼ାଣ କରିବାକୁ ଛାଡ଼ି ଦିଆଯାଇଥିଲା। ଅମୃତସରରେ ସମ୍ପୃକ୍ତ ବିମାନ ୨୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ରହିଥିଲା। ଦିଲ୍ଲୀର ବାବୁମାନେ ସେତିକି ସମୟ ମଧ୍ୟରେ ନିଷ୍ପତ୍ତି ନେବାରେ ବିଫଳ ହେଲେ। ଉଡ଼ାଜାହାଜ ସାମ୍ନାରେ ଗୋଟାଏ ଗାଡ଼ି ରଖି ତାହାର ଉଡ଼ାଣକୁ ବନ୍ଦ କରିଦେଇଥିଲେ ସମସ୍ୟା ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ଅନେକ ପରିମାଣରେ ଆୟତ୍ତ ହୋଇପାରିଥାଆନ୍ତା। ବହୁ ନାଟକ ପରେ ବିମାନ ଯାଇ କାନ୍ଦାହାରରେ ରହିଲା ଓ ଇତିହାସ ସୃଷ୍ଟି ହେଲା। ସେତେବେଳର ଭାଜପା ସରକାରର ନିଷ୍କ୍ରିୟତା ଦେଶକୁ ବଦନାମ କରିଥିଲା।

ଆଜିର ଶାସନ ବ୍ୟବସ୍ଥାରେ ୧୯୯୯ ମସିହାଠାରୁ ବିଶେଷକିଛି ଉନ୍ନତି ଘଟିଛି ବୋଲି ବିଶ୍ୱାସ ହେଉନାହିଁ। ଅଣୁବୋମା ଆକ୍ରମଣ ପରେ ଏହି ଦେଶର ଦୁର୍ନୀତିଗ୍ରସ୍ତ ଏବଂ ମେରୁଦଣ୍ଡବିହୀନ ଓ ଅକାମୀ ଅମଲାତନ୍ତ୍ରୀଙ୍କୁ ଆଣବିକ ଯୁଦ୍ଧ ଆରମ୍ଭ କରିବାର ନିଷ୍ପତ୍ତି ନେବାକୁ ପଡ଼ିବ। ବିଶ୍ୱାସ ହେଉନାହିଁ କେବେ ଭାରତ ଏଭଳି ପରିସ୍ଥିତିରେ ଏଭଳି ଲୋକଙ୍କ ନିଷ୍ପତ୍ତିକୁ ନେଇ ବଞ୍ଚିପାରିବ।

# ପାରି ଜାଣିଲେ ଚୋର ସାଧୁ



ରଞ୍ଜନ କୁମାର ଦାସ

'ଅମାବାସ୍ୟାର ଚନ୍ଦ୍ର' ବାରିଷ୍ଟର ଗୋବିନ୍ଦ ଦାସଙ୍କ ଏକ ବହୁଚର୍ଚ୍ଚିତ ଉପନ୍ୟାସ। ଆମ ସମୟର ପ୍ରବଞ୍ଚନାମୟ ପରିସ୍ଥିତିକୁ ଗଭୀରଭାବେ ଅନୁଧ୍ୟାନ କରି ସେ ଲେଖିଛନ୍ତି- ''ଲକ୍ଷ୍ମଣ ସୀତାଙ୍କ ପାଇଁ ନିଷିଦ୍ଧ ଗାର ଟାଣିଲା ଭଳି ସମାଜ ମଣିଷଙ୍କ ପାଇଁ ଗୋଟେ ରେଖା ଟାଣେ। କହେ- ଏହାକୁ ଟପିଲେ ପାପ, ଏହାର ପଛପଟେ ରହିଲେ ପୁଣ୍ୟ। ପାପପୁଣ୍ୟର ବିଚାର କେବଳ ଏ ସୀମା ପ୍ରତି ସମ୍ମାନର କଥା। ଅଙ୍ଗୁର ଖାଅ ସ୍ୱାସ୍ଥ୍ୟ ପକ୍ଷେ ହିତକର କିନ୍ତୁ ଏଇ ଅଙ୍ଗୁର ରସକୁ ସିଦ୍ଧ କରି ଗିଲାସରେ ପିଅ, ତୁମେ ହେବ ମଦ୍ୟପ। ତୁମେ ଗୋଟିଏ ନାରୀକୁ ଉପଭୋଗ କର ସମାଜ କହିବ ସ୍ୱାମୀ, ବହୁ ନାରୀଙ୍କୁ ଉପଭୋଗ କର ସମାଜ କହିବ ଲମ୍ପଟ। ଭବିଷ୍ୟତରେ ଆର୍ଥିକ ସ୍ୱଚ୍ଛଳତା ପାଇଁ ଜଗନ୍ନାଥଙ୍କ ପାଖରେ ଧନ ବିତରଣ କର ସମାଜ କହିବ ଧାର୍ମିକ। ରେସ୍‌କୋର୍ସରେ ତୁରନ୍ତ ଆର୍ଥିକ ସ୍ୱଚ୍ଛଳତା ପାଇଁ ଲଟେରି କିଣ ସମାଜ କହିବ ଗ୍ୟାମ୍ବଲର, ଜୁଆଡ଼ି।''

ସେଇ ସମାନ କାମ ଅଥଚ ଅଲଗା ଅଲଗା ଭାବରେ ସ୍ୱୀକୃତ। ସ୍ଥାନକାଳପାତ୍ରକୁ ନେଇ ଭଲ କାମ ଖରାପ ବିବେଚିତ ହୁଏ, ଖରାପ କାମ ବି କରତାଳି ଭିତରେ ପାର ପାଇଯାଏ। କିଏ କିଭଳି ଭାବରେ କଥାଟିକୁ ଉପସ୍ଥାପିତ କରିପାରିଲା, ତାହା ଗୁରୁତ୍ୱପୂର୍ଣ୍ଣ। ବନେଇ ଚୁନେଇ ଯିଏ ଲୋକଙ୍କୁ ମନେଇ ପାରିଲା ସିଏ ଭଲଲୋକ। ସେଭଳି ଲୋକ ଭଲ ଚାକିରି କରେଇଦବ, ବାହାଘର ଜୁଟେଇଦବ ବୋଲି କହି ଆଖିରେ ଆଙ୍ଗୁଠି ଗେଞ୍ଜି ଆପଣଙ୍କ ଝିଅକୁ ନେଇ ଖାନ୍‌ସୀରେ ବିକିଦେଇପାରେ। ସିଏ ସହରରେ ଭଲ ଜାଗା, ଘର କିଣେଇଦବ କହି ଆପଣଙ୍କ ସର୍ବସ୍ୱ ଲୁଟି ନେଇପାରେ। ଆପଣ ତାକୁ ସନ୍ଦେହ କରିପାରିବେ ନାହିଁ। କଥାଟିର ଉପସ୍ଥାପନ ଶୈଳୀଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ ହେଲା କହୁଥିବା ଲୋକର ଭାବମୂର୍ତ୍ତି। ସୁନ୍ଦର ସୁଢ଼ଳ ଚେହେରା ଧରି, ମୁଣ୍ଡରେ ତିଳକ, ବେକରେ ତୁଳସୀମାଳି ପକେଇ, କଥା କଥାରେ ହରିଓଁ, ଜୟ ଶ୍ରୀରାମ କହି ବହୁ ଲୁଟେରା ଦିନ ଦ୍ୱିପ୍ରହରେ ଚୂନ ପଟି ମାରୁଛନ୍ତି। ଧୋବ ଫରଫର ପୋଷାକ, ଗାନ୍ଧୀ ଟୋପି ପିନ୍ଧି ଦେଶକୁ ଲୁଟୁଛନ୍ତି। ମାତ୍ର ଭାବମୂର୍ତ୍ତି ଏମିତି ରଖିଥିବେ ଯେ, କେହି ତାଙ୍କ ବିରୋଧରେ ପାଟି ଫିଟେଇ ପାରିବନାହିଁ।

ଇଏ ହେଲା ବିଜ୍ଞାପନର ଯୁଗ। ଆପଣ ନିଜକୁ ଯେଭଳି ବିଜ୍ଞାପିତ କରିବେ, ସେଭଳି ଗରାଖ ଆସିବେ। ଦୁନିଆର ବଜାରରେ ଆପଣଙ୍କ କାଟ୍‌ତି ସେମିତି ରହିବ। ଭାବମୂର୍ତ୍ତି ଯେତେ ଉଜ୍ଜ୍ୱଳ, ଭେକ ଯେତେ ଚହଟ ଚିକ୍କଣ ଆପଣ ସେତେ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ଚେହେରାଟି ଯଦି ଭଲ, ଆପଣଙ୍କ ଶାର୍ଟର କାଲର ଚିରିଯାଇଥିଲେ, ରଙ୍ଗ ଉଡିଯାଇଥିଲେ ବି ପରବାୟ ନାହିଁ। ଲୋକେ କହିବେ, କେଡ଼େ ବଡ଼ଲୋକ ହେଲେ ବି ମନରେ ଗର୍ବ ଟିକେ ନାହିଁ। ଯାହିତାହି ପିନ୍ଧି ଚଳେଇ ଦଉଛନ୍ତି, ଆଡ଼ମ୍ବର ନାହିଁ। ମାତ୍ର ସେଇ ଛିଣ୍ଡା ଶାର୍ଟ ପିନ୍ଧି ସାଧାରଣ ଲୋକଟିଏ କୋଉ ଅଫିସକୁ ଗଲେ ତାକୁ ଧଇଁଆ କହି ସିକ୍ୟୁରିଟି ବାହାରୁ ବାହାରୁ ଫେରାଇଦେବ। ତୁମେ ଯଦି ଖଦଡ଼ ପିନ୍ଧି ନେତା ହୋଇଛ, ଯେତେ ଯୋଉଠି ଗଣ୍ଡଗୋଳ କରି ଜେଲ୍ ଗଲେ ପରେ କହିପାରିବ ସମାଜସେବା ପାଇଁ, ଲୋକଙ୍କ ସ୍ୱାର୍ଥ ଲାଗି ସ୍ୱର ଉତ୍ତୋଳନ କରି ଜେଲ ଗଲି। ଲୋକେ ବି ତାକୁ ବିଶ୍ୱାସ କରିବେ। ମାତ୍ର ସାଧାରଣ ଲୋକଟିଏ ନ୍ୟାୟ ପାଇବା ପାଇଁ କୋଉଠି ପାଟି ଫିଟେଇ ଜେଲ ଗଲେ, ଫେରିଲା ପରେ ଜେଲଫେରନ୍ତା ଚୋର, ତସ୍କର ରୂପେ ପରିଗଣିତ ହେବ। ଆପଣ ଯଦି ଅଫିସରେ ଅଫିସର କି ବଡ଼ବାବୁ, ଦିନ ଦ୍ୱିପ୍ରହରେ ଢୁଳେଇଲେ ବି କହିପାରିବେ ଚିନ୍ତା କରୁଥିଲି। କିରାଣି, ପିଅନ ଢୁଳେଇଲେ କାମଚୋର, ଠକ ବୋଲି ଆଖ୍ୟା ପାଇବେ। ତମେ ଯଦି ଉଚ୍ଚ ପଦବୀରେ ଅଛ ଅଫିସ ନ ଆସି ଘରେ ଶୋଇ ମଧ୍ୟ କହିପାରିବ ଟୁର୍‌ରେ ଯାଇଥିଲି, ମିଟିଂ ଆଟେଣ୍ଡ କରୁଥିଲି। ମାତ୍ର ତଳତଳିଆ ଦିନେ ଅସୁବିଧାବଶତଃ ଦରଖାସ୍ତ ପଠେଇ ନ ପାରିଲେ ତା' ଦରମା ବନ୍ଦ ହବ ହିଁ ହବ।

ପରିବାର ଭିତରେ ସେମିତି ସ୍ୱାମୀ ଅଫିସରୁ ଫେରି ସନ୍ଧ୍ୟାରେ ବିଶ୍ରାମ ନେଲେ କହିପାରିବେ ଅଫିସରେ ବହୁତ ଟେନ୍‌ସନ, ଟିକେ ରେଷ୍ଟ ଦରକାର। କର୍ମଜୀବୀ ମହିଳାଟିଏ ଯେତେ ଟେନ୍‌ସନରେ ଥିଲେ ବି ଘରକୁ ଫେରିଲେ ରେଷ୍ଟ ନାହିଁ। ପରିବାର, ପିଲାଛୁଆ ସମସ୍ତଙ୍କ ପାଇଁ ରୋଷେଇ କରିବାକୁ ହେବ। ପୁରୁଷଙ୍କଠାରେ କାମଭାବର ଆଧିକ୍ୟ ପୌରୁଷର ପ୍ରତୀକ। ନାରୀଙ୍କଠାରେ ସମଭାବ ପାଇଁ ସେ ହିଷ୍ଟିରିଆ ପୀଡ଼ିତା ରୂପେ ଘୃଣିତ ହୁଏ। ପୁରୁଷ ହଜାରେ ନାରୀଙ୍କ ସହ ଲଟର ପଟର ହେଲେ କିଛି ମାରା ହୋଇଯାଏନି। ମାତ୍ର ନାରୀଟିଏ କାହା ସହ ହସି ପଦେ କଥା ହୋଇଗଲେ ରାମାୟଣ ଅଶୁଦ୍ଧ ହୋଇଯାଏ। ଆଜିକାଲି ଗଣତନ୍ତ୍ରର ଯୁଗ। ଗ୍ରାମସଭାକୁ ସରକାର ପ୍ରାଧାନ୍ୟ ଦଉଛନ୍ତି। ମାତ୍ର ଅନେକ ଗାଁ ଅଛି, ଯେଉଁଠି ପୁରୁଷଙ୍କ କଥାକୁ ବକ୍ତବ୍ୟ ରୂପେ ଗ୍ରହଣ କରାଯାଏ। ମାତ୍ର ନାରୀ କହିଲେ ଏଟା ଉଦ୍ଧତ ହେଇଗଲା, ଗୁରୁଜନ ମାନୁନି, ସଭାସମିତିରେ ମୁଖରା ହୋଇ କହୁଛି ବୋଲି ବିଚାର କରାଯାଏ। ସେମିତି ବୈବାହିକ ଜୀବନରେ ପୁଅଘର ଲୋକେ ଝିଅଘର ଅପେକ୍ଷା ଅଧିକ ଗୁରୁତ୍ୱ ପାଆନ୍ତି। ସ୍ୱାମୀ ସ୍ତ୍ରୀଙ୍କ ବ୍ୟାପାରରେ ପୁଅର ମା'ବାପାଙ୍କ ଦୈନନ୍ଦିନ ପରାମର୍ଶକୁ ଉପଦେଶ ରୂପେ ଗ୍ରହଣ କରାଯାଏ। ମାତ୍ର ଝିଅର ମା'ବାପାଙ୍କ ପରାମର୍ଶକୁ ହସ୍ତକ୍ଷେପ ରୂପେ ବିଚାର କରାଯାଏ। ପୁଅଟିଏ ଚାହିଁଲେ ତା' ମା'ବାପାଙ୍କ ପାଖକୁ ପଇସା ପଠେଇପାରେ। ମାତ୍ର ଚାକିରିଆ ସ୍ତ୍ରୀଟିଏ ତା' ମା'ବାପାଙ୍କୁ କିଛି ଦେଇପାରେନା। ଦେଲେ ନିନ୍ଦା ପାଏ ଯେ, ବାପଘରେ ସବୁ ନେଇ ପୂରେଇଦେଲା।

ସାମାଜିକ, ରାଜନୈତିକ ଜୀବନରେ ବି ସେଇ ବିଡ଼ମ୍ବନା। ଏବେ ତଥ୍ୟର ଯୁଗ। ସାଧାରଣ ଜନଜୀବନର ସ୍ୱଚ୍ଛତା ପାଇଁ ସରକାର ତଥ୍ୟ ସଂଗ୍ରହର ଅଧିକାର ଆଇନ ପ୍ରଣୟନ କରିଛନ୍ତି। ଜଣେ ସରକାରୀ ଅଧିକାରୀ ଯଦି ତଥ୍ୟ ନ ଦେଲା ସେ ଦୁର୍ନୀତିଗ୍ରସ୍ତ, ମାତ୍ର ସେଇ ଡିଣ୍ଡିମ ପିଟୁଥିବା ରାଜନୈତିକ ଦଳଗୁଡ଼ିକ ନିଜେ ତଥ୍ୟ ଦେବାକୁ ପଡିଲାବେଳକୁ ଗୋପନୀୟତାର ଯୁକ୍ତି ଦର୍ଶାଉଛନ୍ତି। ସେମାନେ କୋଟି କୋଟି ଟଙ୍କାର ପାଣ୍ଠି ସଂଗ୍ରହ କଲାବେଳେ ତାହା ଗଣତନ୍ତ୍ରର ଦୃଢ଼ୀକରଣ ପାଇଁ ଆବଶ୍ୟକ, ଆଉ କେହି ତାହା ନେଲାବେଳେ ଲାଞ୍ଚ ଓ ଭ୍ରଷ୍ଟାଚାର ବୋଲି ପରିଗଣିତ ହେଉଛି। ସେଇଭଳି ଆପରାଧିକ ଅଭିଯୋଗ ଥିଲେ ଜଣେ ସରକାରୀ ଚାକିରି କରିପାରିବନି। କିନ୍ତୁ ସେପରି ଅଭିଯୁକ୍ତ ନେତା ନିର୍ବାଚନ ଲଢ଼ିପାରିବ, ମନ୍ତ୍ରୀ, ବିଧାୟକ, ସାଂସଦ ସବୁ ହୋଇପାରିବ। ଦୁଇଟି ଛୁଆରୁ ଅଧିକ ଥିଲେ ଜଣେ ସରପଞ୍ଚ, ୱାର୍ଡମେମ୍ବର ହୋଇପାରିବନି। କିନ୍ତୁ ମନ୍ତ୍ରୀ, ଏମ୍‌ଏଲ୍‌ଏ ହୋଇପାରିବ। ବଡ଼ବଡ଼ିଆ ଯେତେବେଳେ ସରକାରୀ ଜାଗା ଦଖଲ କରନ୍ତି ସେଠି ସେମାନେ ମଠ, ମନ୍ଦିର, ସମବାୟ ବା ଦାତବ୍ୟ ସଂସ୍ଥାଟିଏ ଖୋଲିବା ନାଁରେ ସାଇନ୍‌ବୋର୍ଡ ମାରିଦିଅନ୍ତି। କହନ୍ତି, କେବଳ ଜାଗାଟିକୁ ଜବରଦଖଲକାରୀଙ୍କ କବଳରୁ ସୁରକ୍ଷିତ ରଖିବା ପାଇଁ ହାତରୁ ଖର୍ଚ୍ଚକରି ଏ ସଂସ୍ଥାଟି ଖୋଲିବାକୁ ପଡ଼ିଲା। ମାତ୍ର ମୁଣ୍ଡ ଗୁଞ୍ଜିବାକୁ ସେଠି ଗରିବଟିଏ ପଲିଥିନ ଟାଣିଲେ ତାକୁ ତା'ପରଦିନ ଓପାଡି ଫିଙ୍ଗି ଦିଆଯାଏ।

ସମାଜରେ ସବୁକାଳେ ଏଇଭଳି ଦୋଫାଙ୍କିଆ କଥାର ଚୋରାବାଟ ରହିଆସିଛି। ସିଧା ଆଙ୍ଗୁଠିରେ ନ ହେଲେ ଆଙ୍ଗୁଠି ବଙ୍କା କରି ଘିଅ ଖାଇବାର ସବୁପ୍ରକାର ବୈକଳ୍ପିକ ରାସ୍ତା ଖୋଲାଅଛି। ଆପଣ ଯେକୌଣସି ଖରାପ କାମ କଲାବେଳେ ଗୋଟିଏ ଭଲ ଉଦ୍ଦେଶ୍ୟ ଆରୋପିତ କରିଦେଲେ ଯଥେଷ୍ଟ। ଭଲ ଭାବମୂର୍ତ୍ତିଟିଏ ଧାରଣ କରିଥିଲେ ଆହୁରି ଭଲ। ତା'ସହ ଉପଯୁକ୍ତ ସମୟ, ଉପଯୁକ୍ତ ସ୍ଥାନ, ଉପଯୁକ୍ତ ଯୁକ୍ତି ଚୟନ କରିପାରିଥିଲେ ସବୁ ପାପ ପୁଣ୍ୟ ଭଳି ଦିଶିବ। ସବୁ ସ୍ୱାର୍ଥପରତା ସମାଜମନସ୍କତା ଭଳି ଶୁଭିବ। ସବୁ ସ୍ୱୈରାଚାରକୁ ଗଣତନ୍ତ୍ର ବୋଲି ଗୃହୀତ କରାଇହେବ। ସବୁ ଚୋର ସାଧୁଭଳି ଦିଶିବେ। ସବୁ ସଇତାନ ଭଗବାନ ଭଳି।

ମୋ- ୯୪୩୭୨୮୬୫୧୨,
ranjank.das@rediffmail.com

# ଦୀପାବଳିରେ ପୂର୍ବଜ ସ୍ମରଣ

ଡ. ଭାରତ ଭୂଷଣ ରଥ

'ଭାରତ' ଏକ ସର୍ବଗୁଣସମ୍ପନ୍ନ ଦେଶର ପ୍ରତୀକ ଭାବେ ଯୁଗ ଯୁଗ ଧରି ବିଶ୍ୱର ମାର୍ଗଦର୍ଶକ ରହିଥିବା ପ୍ରମାଣ ସର୍ବବିଦିତ। ଅନେକ ମୁନି, ଋଷି, ସାଧୁ, ସନ୍ଥ ତଥା ସମାଜ ସଂସ୍କାରକ ଏ ଦେଶରେ ଜନ୍ମ ନେଇ ଭାରତର ପ୍ରତିଟି କୋଣ ଅନୁକୋଣକୁ ପୂତ ପବିତ୍ର କରି ଏ ବିଶ୍ୱକୁ ସନ୍ମାର୍ଗର ପଥିକ କରିଛନ୍ତି। ଆମେ ଭାରତୀୟ ସେହି ଦେବତୁଲ୍ୟ ପୂର୍ବପୁରୁଷମାନଙ୍କର ଅମୃତ ସନ୍ତାନ। ଯେତେବେଳେ ବିଶ୍ୱ ବିଜ୍ଞାନ କ'ଣ ଜାଣି ନ ଥିଲା, ସେତେବେଳେ ଭାରତୀୟମାନେ ବୈଦିକ ସାହିତ୍ୟର ବୈଜ୍ଞାନିକ ତତ୍ତ୍ୱ ସମଗ୍ର ବିଶ୍ୱକୁ ଶିକ୍ଷା ଦେଉଥିଲେ।

ଭାରତର ପ୍ରାଚୀନ ବୈଜ୍ଞାନିକ ତତ୍ତ୍ୱ ମଧ୍ୟରେ ନ୍ୟାୟ ଏବଂ ବୈଶେଷିକ ଦର୍ଶନର ଫିଜିକ୍ସ, ମହର୍ଷି କଣାଦଙ୍କର ଆଟମିକ୍ ଏନର୍ଜି , ବରାହମିହିରଙ୍କର ବୃହତ୍‌ସଂହିତା ଅନ୍ତର୍ଗତ ହାଇଡ୍ରୋଲୋଜି, ଜିଓଲୋଜି ତଥା ଇକୋଲୋଜି, ଆର୍ଯ୍ୟଭଟ୍ଟଙ୍କର ଆଷ୍ଟ୍ରୋନୋମି, ବୌଧାୟନଙ୍କର ମ୍ୟାଥ୍‌ମେଟିକ୍ସ, ଭାସ୍କରାଚାର୍ଯ୍ୟଙ୍କର ପ୍ଲାନେଟାରୀ ସିଷ୍ଟମ୍, ମହାବୀରାଚାର୍ଯ୍ୟଙ୍କର ଆଲ୍‌ଜେବ୍ରା, ଅଗସ୍ତ୍ୟସଂହିତାର ଇଲେକ୍‌ଟ୍ରିସିଟି, ଭରଦ୍ୱାଜଙ୍କର ଏରୋନଟିକ୍ ସାଇନ୍ସ, ଶୁଶ୍ରୁତଙ୍କର ମେଡିକାଲ ସାଇନ୍ସ ଓ ସର୍ଜରୀ, ଚରକଙ୍କର ଲାଇଫ୍ ସାଇନ୍ସ, ପତଞ୍ଜଳିଙ୍କର ଯୋଗ ଓ ଶରୀର ବିଜ୍ଞାନ ପ୍ରଭୃତିକୁ ବିଶ୍ୱର ବିଶିଷ୍ଟ ବୈଜ୍ଞାନିକମାନେ ମଧ୍ୟ ଖୁବ୍ ସମ୍ମାନ ଦିଅନ୍ତି। ଅନୁସନ୍ଧାନ ଅଭାବରୁ ଭାରତରେ ସହସ୍ର ସହସ୍ର ବର୍ଷ ପୂର୍ବରୁ ସୃଷ୍ଟି ହୋଇଥିବା ବୈଜ୍ଞାନିକ ତତ୍ତ୍ୱଗୁଡିକୁ ବୈଦେଶିକମାନେ ନିଜ ନାମରେ ନାମିତ କରି ବାହାବା ନେବାରେ ପଛଘୁଞ୍ଚା ଦେଇନାହାନ୍ତି।

ଭାରତର ପ୍ରାଚୀନ ଗୁରୁକୁଳୀୟ ଶିକ୍ଷା ବ୍ୟବସ୍ଥା, ବୈଦିକ ଶିକ୍ଷା ପରମ୍ପରା, ନାଳନ୍ଦା ତଥା ତକ୍ଷଶିଳା ପ୍ରଭୃତି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ, ମହେଞ୍ଜୋଦାରୋ ତଥା ହରପ୍ପା ପ୍ରଭୃତି ଅତ୍ୟୁତ୍କୃଷ୍ଟ ସଭ୍ୟତା- ଏ ସବୁ ଆମ ଦୃଷ୍ଟିପଥରୁ ସମ୍ପୂର୍ଣ୍ଣ ଭାବରେ ଉଭାନ ହୋଇଯିବାଟା କ'ଣ ସ୍ୱତଃ ନା ଅନ୍ତର୍ଘାତୀ ମାନବର ନିର୍ଘାତ ପ୍ରହାର, ତାହା ଏକ ପ୍ରଶ୍ନବାଚୀ ନିଶ୍ଚୟ। ଶିକ୍ଷା, ସ୍ୱାସ୍ଥ୍ୟ, ସାହିତ୍ୟ, ଦର୍ଶନ, ବିଜ୍ଞାନ, ରାଜନୀତି, କୂଟନୀତି ପ୍ରଭୃତି ସମସ୍ତ ଅତ୍ୟାଧୁନିକ ତତ୍ତ୍ୱକୁ ନେଇ ଭାରତରେ ସହସ୍ର ସହସ୍ର ବର୍ଷ ପୂର୍ବରୁ ଗ୍ରନ୍ଥମାନ ଉପଲବ୍ଧ ଥିଲା। ଭାରତୀୟ ପବିତ୍ର ଗ୍ରନ୍ଥ ଏବଂ ସେତେବେଳର ମୁନି ଋଷି ତଥା ରାଜାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦେଶ ବିକାଶର ଚରମ ସୀମାରେ ପହଞ୍ଚିଥିବାର ପ୍ରମାଣ ଉପଲବ୍ଧ।

'ପଠାଣି ସାମନ୍ତ' ଓଡ଼ିଶାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସମର୍ଥ ହୋଇଥିଲେ। ତାଙ୍କ ରଚିତ ସିଦ୍ଧାନ୍ତଦର୍ପଣ ନାମକ ଖଗୋଳ ଗ୍ରନ୍ଥରୁ ଜଣାଯାଏ ଯେ, ସେ ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି, ଜଣେ ବିଶିଷ୍ଟ ସ୍ପେସ୍ ସାଇଣ୍ଟିଷ୍ଟ ଥିଲେ। ୧୮୬୬ ଖ୍ରୀଷ୍ଟାବ୍ଦରେ ସମଗ୍ର ଓଡ଼ିଶାରେ ମହାଦୁର୍ଭିକ୍ଷ ହୋଇଥିଲା। ଅନେକ ଲୋକ ଅନାହାରରେ ପ୍ରାଣତ୍ୟାଗ କଲେ। ସେତେବେଳକୁ ପଠାଣି ସାମନ୍ତଙ୍କ ବୟସ ମାତ୍ର ୩୧ ବର୍ଷ। ତାଙ୍କ ମନରେ ଏହା ଗଭୀର ଆଘାତ ଦେଇଥିଲା। ସେତେବେଳେ କୌଣସି ନିର୍ଭୁଲ ପାଞ୍ଜି ନ ଥିଲା, ଯଦ୍ଦ୍ୱାରା ଗଣନା କରି ବର୍ଷାର ସ୍ଥିତିକୁ ବିଚାର କରାଯାଇପାରିବ। ତେଣୁ ସେ ସଂକଳ୍ପ କରିଥିଲେ ଯେ, ସୂକ୍ଷ୍ମ ଗଣିତ ବଳରେ ଭବିଷ୍ୟତ କଥାର ସୂଚନା ଦେଇ ଏ ବିପତ୍ତିରୁ ମାନବଜାତିକୁ ଉଦ୍ଧାର କରିବେ। ଏହି ଗ୍ରନ୍ଥ ରଚନା କରିବା ପାଇଁ ପଠାଣିସାମନ୍ତ ବଳିଷ୍ଠ ଏବଂ କଠୋର ସାଧନାରେ ବ୍ରତୀ ହେବା ସହ ରାତି ରାତି ଅନିଦ୍ରା ହୋଇ ଆକାଶର ଗ୍ରହମଣ୍ଡଳର ସ୍ଥିତିକୁ ଅନୁଧ୍ୟାନ କରି ବିଶ୍ୱକୁ ଦେଇଗଲେ ଅନେକ ପ୍ରଶ୍ନର ସରଳ ସମାଧାନ ଏବଂ ଅଜ୍ଞାତ ଜ୍ଞାନତତ୍ତ୍ୱ।

କିନ୍ତୁ ଏ ଜାତି ପଠାଣି ସାମନ୍ତଙ୍କୁ ଦେଲା କ'ଣ ? ଜାତି ପାଇଁ ତାଙ୍କର କଠିନ ପରିଶ୍ରମର ମୂଲ୍ୟ ଏ ଜାତି ଠିକ୍ ବୁଝିପାରିଛି ତ ? ତେବେ କେବଳ ପଠାଣି ସାମନ୍ତ ନୁହନ୍ତି ଭାରତରେ ଜନ୍ମ ନେଇଥିବା ଭରଦ୍ୱାଜ, ଭୃଗୁ, ଅଗସ୍ତି, କଣାଦ, ଆର୍ଯ୍ୟଭଟ୍ଟ, ଶୁକ୍ରାଚାର୍ଯ୍ୟ, ଚାଣକ୍ୟ, ମନୁ, ପରାଶର, ଚରକ, ଶୁଶ୍ରୁତ, ପତଞ୍ଜଳି, ବ୍ୟାସ, ବାଲ୍ମୀକି, କାଳିଦାସ ପ୍ରମୁଖ ଅନେକ ସିଦ୍ଧ ସାଧକ, ବୈଜ୍ଞାନିକ, ଅର୍ଥନୀତିଜ୍ଞ, ଶରୀରବିଜ୍ଞାନୀ ତଥା ସାହିତ୍ୟିକଙ୍କୁ ଏ ଜାତି ସମ୍ପୂର୍ଣ୍ଣ ଭୁଲିଯାଇଛି। ଆମେ ପାଳନ କରୁଛେ ବିଂଶ ଓ ଏକବିଂଶ ଶତାବ୍ଦୀର ଅନେକ ଗୁଣୀଜ୍ଞାନୀଙ୍କର ଜନ୍ମଦିନ ଓ ମୃତ୍ୟୁବାର୍ଷିକୀ। କିନ୍ତୁ ଭୁଲିଯାଇଛେ ଭାରତର ପୁଣ୍ୟାତ୍ମା ଏବଂ ଅମର ସ୍ରଷ୍ଟାମାନଙ୍କୁ, ଯେଉଁମାନେ ପ୍ରାଚୀନ କାଳରୁ ବିଶ୍ୱ ପାଇଁ ଉତ୍ସର୍ଗୀକୃତ ଥିଲେ। ଯେଉଁମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ଭାରତ ବିଶ୍ୱବିଦିତ ହୋଇଛି, ସେମାନଙ୍କୁ ଜାଣିବା ପାଇଁ ଆମ ଶିକ୍ଷା ଏବଂ ଶାସନ ବ୍ୟବସ୍ଥାରେ ନା ଅଛି କିଛି ବିଧିବିଧାନ ନା କିଛି ଉତ୍ସାହ। ନିଜ ବଂଶଧରମାନଙ୍କର ଉନ୍ନତି କାମନା ହିଁ ପିତୃଲୋକଙ୍କର ସର୍ବଶ୍ରେଷ୍ଠ ଲକ୍ଷ୍ୟ। ଆମେ ତାଙ୍କୁ ମନେ ପକେଇଲେ ସେ ନିଶ୍ଚୟ ଆମକୁ ମାର୍ଗ ଦର୍ଶନ କରିବେ। ଯେଉଁ ଘରେ ନିଜର ପୂର୍ବପୁରୁଷଙ୍କୁ ଶ୍ରାଦ୍ଧ ଓ ସମ୍ମାନ ଦିଆ ନ ଯାଏ ସେ ଘରେ ଦାରିଦ୍ର୍ୟ ଏବଂ ଅଶାନ୍ତି ଚିରକାଳ ପାଇଁ ବସା ବାନ୍ଧେ। ଠିକ୍ ସେହିପରି ଯେଉଁ ଦେଶରେ ଦେଶର ଉନ୍ନତି ସାଧନ କରିଥିବା ପୂର୍ବପୁରୁଷଙ୍କୁ ସମ୍ମାନ ଦିଆ ନ ଯାଏ ସେ ଦେଶରେ ଅନେକ କିଛି ଅଘଟଣ ଘଟିଯାଏ। ମହାଳୟାରେ ଆମ୍ଭେମାନେ ଆମର ପିତୃଲୋକଙ୍କୁ ଶ୍ରାଦ୍ଧ ଦେବା ସହିତ ଏ ଦେଶର ଏବଂ ଏ ଜାତିର ପିତୃଲୋକଙ୍କୁ ମଧ୍ୟ ସ୍ମରଣ କରିବାର ଅବସର ପାଇଥାଉ। ଯେଉଁମାନେ ଏ ସୁଯୋଗ ହରାଇଥାନ୍ତି, ସେମାନଙ୍କ ପାଇଁ ଦ୍ୱିତୀୟ ସୁଯୋଗ ହେଉଛି ଦୀପାବଳି ଅମାବାସ୍ୟାର ପୟା ଶ୍ରାଦ୍ଧ। ଏ ସୁଯୋଗକୁ ଯେପରି କେହି ହରାଇ ନ ଦିଅନ୍ତି।

ଅଧ୍ୟାପକ, ସଂସ୍କୃତ ସାହିତ୍ୟ,
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ତିରୁପତି, ମୋ- ୮୮୯୭୪୨୬୨୪୩

## ଏଇ ଭାରତରେ

ମନୋବଳ ଦୃଢ଼ ଥିଲେ ଅସାଧ୍ୟ ସାଧନ କରିହୁଏ। ଏପରିକି ଭିନ୍ନକ୍ଷମ ବ୍ୟକ୍ତିମାନେ ମଧ୍ୟ ସକ୍ଷମଙ୍କ ଭଳି ଅନେକ କାର୍ଯ୍ୟ କରିବାକୁ ଆଗଭର ହୋଇପଡନ୍ତି। ରାଜସ୍ଥାନ ଉଦୟପୁର ଜିଲାର କେତେକ ଦିବ୍ୟାଙ୍ଗ ନିର୍ବାଚନ ଡ୍ୟୁଟି କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏହି ରାଜ୍ୟରେ ଆସନ୍ତା ମାସରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଉଦୟପୁର ଜିଲାର ପୁଲା ସରକାରୀ ସ୍କୁଲକୁ ମତଦାନ କେନ୍ଦ୍ର କରାଯାଇଛି। ଇଲେକ୍ସନ୍ ଡ୍ୟୁଟିରୁ ବର୍ତ୍ତିବା ପାଇଁ କେତେକ ସରକାରୀ କର୍ମଚାରୀ ବିଭିନ୍ନ ଆଳ ଦେଖାଇ ଛୁଟି ନେବାକୁ ଆବେଦନ କରିଛନ୍ତି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏହି ଡ୍ୟୁଟି କେତେକ ଦିବ୍ୟାଙ୍ଗଙ୍କୁ ଦେବାକୁ ପ୍ରସ୍ତାବ ଦେବା ପରେ ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ରାଜି ହୋଇଯାଇଛନ୍ତି। ଏହି ବୁଥ୍‌ରେ ନିୟୋଜିତ ହେବାକୁ ଯାଉଥିବା ସମସ୍ତ କର୍ମଚାରୀ ଦିବ୍ୟାଙ୍ଗ ବୋଲି ନିର୍ବାଚନ କମିଶନରଙ୍କ ପକ୍ଷରୁ ସୂଚନା ମିଳିଛି। ବାସ୍ତବରେ ଦିବ୍ୟାଙ୍ଗମାନଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ସେମାନଙ୍କ ଅକ୍ଷମତା ହାର ମାନିଛି। ସାଧାରଣ ଲୋକଙ୍କ ପାଇଁ ସେମାନେ ଆଦର୍ଶ କହିଲେ ଅତ୍ୟୁକ୍ତି ହେବନାହିଁ।

### ଚିରନ୍ତନୀ

ସ୍କନ୍ଧେ କର ଭିଡ଼ି ନିବିଡ଼େ
ତନୁରେ ତନୁ ବଜାଇ ଧୀରେ
ନ ଚାହିଁ ଫେରି ଯା'ନ୍ତି ଚଳି
କାନନ ପଥ ଛୁଇଁ,
ଜୀବିତ କରି ନିଦାଘ ବନଭୂଇଁ!
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୯୩

- କାନାଡାର ଲିବେରାଲ ଦଳ ନେତା ଜିନ୍‌ଗ୍ରେଟିଏନ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।
- ପୂର୍ବ ରେଳବାଇର ସିଆଲ୍‌ଦା ଡିଭିଜନରେ ଥିବା ଡାଇମଣ୍ଡ ହାର୍ବର ସେକ୍‌ଶନରେ ଟ୍ରେନ୍ ମାଡିଯାଇ ୬ ଲୋକଙ୍କ ମୃତ୍ୟୁ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | | | | 0 | A | | 5 | | | | |
| | | 1 | C | 0 | | | | | | | 3 | | | D |
| | 9 | E | | | | | | 3 | 7 | D | | | | A |
| 8 | | | | | | | 1 | | | E | | | | 9 |
| D | B | | | 7 | 8 | 6 | C | 5 | | | | | | |
| 7 | E | 3 | | | 1 | C | | 4 | | | | | | 8 |
| | | | | | | 0 | 3 | | | | | | | E |
| | | 5 | D | | | | 8 | | | A | E | | | |
| | | 9 | B | 5 | | | | E | 0 | 1 | 4 | | | |
| C | | A | | | 6 | | | | D | | | 7 | | |
| | 5 | | | B | | | | | 3 | | | | | 6 |
| | | 2 | 8 | | | A | | 6 | | | 7 | | 0 | |
| | 1 | | | 9 | 3 | | 5 | | 8 | 0 | | | | |
| A | C | | 5 | | | 1 | E | 8 | | 2 | | | | 4 |
| | | 0 | | D | | | 2 | | 1 | 6 | | 9 | | B |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | C | 0 | A | 4 | D | E | 3 | 2 | B | 7 | 6 | 8 | 9 |
| 7 | D | B | 8 | E | C | 5 | 9 | 6 | 3 | 4 | 1 | A | 0 | 2 |
| 8 | 6 | 0 | 2 | 1 | 7 | A | B | 4 | 5 | D | 9 | 3 | C | E |
| 9 | 4 | E | 5 | D | 3 | C | 2 | 8 | A | 0 | 6 | 1 | B | 7 |
| 3 | A | 2 | 9 | 6 | B | 7 | 1 | 0 | 8 | E | C | 4 | 5 | D |
| 2 | 8 | 9 | 7 | B | 5 | 0 | 6 | 1 | 4 | C | E | D | 3 | A |
| 0 | 7 | 1 | 6 | 8 | 2 | E | 4 | 5 | D | A | 3 | B | 9 | C |
| 4 | 5 | A | E | 9 | D | 3 | C | 7 | 1 | 8 | B | 2 | 6 | 0 |
| E | B | 3 | A | C | 0 | 9 | 8 | D | 6 | 7 | 2 | 5 | 4 | 1 |
| D | C | 6 | 3 | 4 | 1 | B | A | 2 | 9 | 5 | 0 | 7 | E | 8 |
| B | 9 | 7 | D | 2 | E | 8 | 5 | A | C | 6 | 4 | 0 | 1 | 3 |
| A | E | 4 | C | 0 | 6 | 1 | D | 9 | 7 | 3 | 5 | 8 | 2 | B |
| C | 3 | 8 | 1 | 5 | A | 6 | 0 | E | B | 2 | D | 9 | 7 | 4 |
| 6 | 2 | D | B | 3 | 9 | 4 | 7 | C | 0 | 1 | 8 | E | A | 5 |
| 1 | 0 | 5 | 4 | 7 | 8 | 2 | 3 | B | E | 9 | A | C | D | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପରକୀୟା ପ୍ରୀତିରେ ଜଟିଳତା

ମହାଶୟ,

ମନୁଷ୍ୟ ଭିତରେ ପଶୁତୁଲ୍ୟ ପ୍ରବୃତ୍ତି ରହିଥିଲେ ମଧ୍ୟ ତାକୁ ସମାଜର ନାଲିଆଖି, ଅନୁଶାସନ ଓ ଦଣ୍ଡବିଧାନର ଭୟ ଦେଖାଇ ଶୃଙ୍ଖଳିତ କରାଯାଇପାରୁଥିଲା। ଏବେ ମାନବାଧିକାର ନାମରେ ସମଲିଙ୍ଗୀ ସମ୍ପର୍କ ଓ ପରକୀୟା ପ୍ରୀତିକୁ ବୈଧ ଘୋଷଣା କରିବା ପଛରେ ସୁପ୍ରିମକୋର୍ଟଙ୍କ କେଉଁ ମହତ୍ ଉଦ୍ଦେଶ୍ୟ ସାଧିତ ହେବ ବୁଝାପଡୁନାହିଁ। ହିନ୍ଦୁଧର୍ମରେ ବିବାହ ଏକ ଚୁକ୍ତି ନୁହେଁ ବରଂ ସାତଜନ୍ମ ନିମନ୍ତେ ପବିତ୍ର ଅଙ୍ଗୀକାରବଦ୍ଧତା। ଅବଶ୍ୟ କେତେକ ଏଥିରୁ ବିଚ୍ୟୁତ। କିନ୍ତୁ ସେମାନଙ୍କ ନିମନ୍ତେ ସମଗ୍ର ହିନ୍ଦୁ ଜାତି ଉପରେ ଦୋଷ ଲଦିଦେବା ଠିକ୍ ନୁହେଁ। ଯଦି ପରକୀୟା ପ୍ରୀତିକୁ ପ୍ରଶ୍ରୟ ଦିଆଯିବ, ତେବେ ସେମାନଙ୍କ ସନ୍ତାନକୁ ସାମାଜିକ ସ୍ୱୀକୃତି ନ ମିଳିବା ମଧ୍ୟ ଅନ୍ୟ ଏକ ମାନବାଧିକାରର ଉଲ୍ଲଂଘନ। ତେଣୁ ବହୁବିବାହ, ଦ୍ୱରିତ ଛାଡ଼ପତ୍ର, ପିତୃତ୍ୱ ସିଦ୍ଧ ନିମନ୍ତେ ପରୀକ୍ଷା ଓ ପାରିବାରିକ ହିଂସା ଆଗାମୀକାଲିର ବୃହତ୍ ସାମାଜିକ ସମସ୍ୟା ଭାବରେ ଦେଖାଦେବ।

ସ୍ୱୟଂସିଦ୍ଧା ପରିଡା, ପାଇକନଗର, ଭୁବନେଶ୍ୱର

### ନନ୍ଦନକାନନରେ ପ୍ରାଣୀ ମଡ଼କ

ବିଭିନ୍ନ ପଶୁପକ୍ଷୀଙ୍କ ସମାବେଶ ପ୍ରାଣୀ ଉଦ୍ୟାନର ଶ୍ରୀବୃଦ୍ଧି କରିଥାଏ। ଓଡ଼ିଶାର ନନ୍ଦନକାନନ ପ୍ରାଣୀ ଉଦ୍ୟାନଟି ପୂର୍ବେ ବେଶ୍ ଖ୍ୟାତି ଅର୍ଜନ କରିଥିଲା। ବିଭିନ୍ନ ସ୍ଥାନରୁ ଦର୍ଶକମାନେ ଆକର୍ଷିତ ହୋଇ ଏଠାକୁ ପରିଭ୍ରମଣରେ ଆସୁଥିଲେ। ହେଲେ ପରିତାପର ବିଷୟ, ନନ୍ଦନକାନନରେ ପଶୁପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବିଶେଷକରି ଜେବ୍ରା, ବାଘ, ସିଂହ ଓ ନୀଳମାଙ୍କଡ଼ ମୃତ୍ୟୁ ପରେ ନନ୍ଦନକାନନ ନିଜର ସୁନାମ ହରାଇବାରେ ଲାଗିଛି। ବୋଧହୁଏ ନନ୍ଦନକାନନର ପରିବେଶ ପ୍ରଦୂଷିତ ହୋଇଛି ଅଥବା ପ୍ରାଣୀମାନଙ୍କ ତତ୍ତ୍ୱାବଧାନରେ ଅବହେଳା କରାଯାଉଛି। ଏଥିପାଇଁ ପ୍ରାଣୀ ବିଶେଷଜ୍ଞ ଓ ପରିବେଶବିତ୍‌ଙ୍କ ସାହାଯ୍ୟରେ ଅନୁଧ୍ୟାନପୂର୍ବକ ପ୍ରତିକାର କରାଯିବା ଜରୁରୀ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା

### ଗରିବୀ ବଢୁଛି

ପୃଥିବୀର ଦୁଇଟି ସଂସ୍ଥା ଇକୋନୋମିକ୍ ଫୋରମ ଓ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ର୍ୟାଙ୍କିଙ୍ଗ ସର୍ଭେରେ ଭାରତକୁ ଯଥାକ୍ରମେ ୬୨ ଓ ୧୩୦ରେ ସ୍ଥାନିତ କରିବାର ଖବର ପ୍ରକାଶ ପାଇଛି। ଦାରିଦ୍ର୍ୟ ସୀମାରେଖା ତଳୁ ବହୁ କୋଟି ଲୋକ ଉପରକୁ ଉଠିଥିଲେ ମଧ୍ୟ ଧନୀ-ଦରିଦ୍ର ମଧ୍ୟରେ ବ୍ୟବଧାନ ବୃଦ୍ଧିପାଇଛି। ଭାରତରେ ବହୁ ଜନକଲ୍ୟାଣ ଯୋଜନା ପ୍ରଣୀତ ହେଲେ ହେଁ ଭାରତର ର୍ୟାଙ୍କିଙ୍ଗ୍ ଏତେ ତଳସ୍ତରରେ ରହିବାର କାରଣ ଜଣାପଡୁନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମା' ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା

**ବାଲେଶ୍ୱର ଅଫିସ, ୬।୧୧**

ବାଲେଶ୍ୱର ମାନସିଂବଜାରସ୍ଥିତ ଶ୍ରୀ ମା' ଶ୍ୟାମାକାଳୀଙ୍କର ବାର୍ଷିକ ପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମା' ଶ୍ୟାମାକାଳୀଙ୍କର ବିଗ୍ରହ ୧୪।୭।୧୯୯୪ରେ ସ୍ଥାପନ ହୋଇଥିଲା। ମା' ଏକ ପ୍ରତିଷ୍ଠିତ ଜାଗ୍ରତଦେବୀ। ଏହି ପୂଜାରେ ମାନସିଂବଜାରର ଗ୍ରାମବାସୀ ଓ ଅନ୍ୟାନ୍ୟ ପାଖ ଗ୍ରାମର ଗ୍ରାମବାସୀ ସକ୍ରିୟ ସହଯୋଗ ସହିତ ଯଥାଶକ୍ତି ଦାନ ଦେଇ ମା'ଙ୍କର କରୁଣା ଲାଭ କରିଥାନ୍ତି। ମନ୍ଦିର ପରିଚାଳନା କମିଟି ତରଫରୁ ସଭାପତି ଉଜ୍ଜ୍ୱଳ କୁମାର ଚାନ୍ଦ, ଉପଦେଷ୍ଟା ପଦ୍ମଲୋଚନ ସିଂ, ସରୋଜ ଚାନ୍ଦ, ଜିତେନ ଦତ୍ତ, ଶ୍ରୀନିବାସ ଦାସ, ଅଜୟ ନାୟକ, ଭାଗିରଥି ବାରିକ, ପଙ୍କଜ ବେହେରା, ନିରଞ୍ଜନ ଦାସ, ନରେନ୍ଦ୍ର ନାଥ ଦେ ପ୍ରମୁଖ ସଭ୍ୟବୃନ୍ଦ ସକ୍ରିୟ ସହଯୋଗ କରି ପୂଜାକୁ ସୂଚାରୁ ରୂପେ ସମ୍ପାଦନ କରିଛନ୍ତି।

**■ ବିଷ ପିଇ ଚାଷୀ ମୃତ୍ୟୁ ଘଟଣା**

# ଚକଡା ପୋକ: ଅସ୍ୱୀକାର କଲେ ରାଜସ୍ୱ, କୃଷି ବିଭାଗ

**ଖଇରା, ୬।୧୧(ଡି.ଏନ.ଏ.)**



ଅଧିକାରୀମାନେ ଚାଷ ଜମି ବୁଲି ଦେଖୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧୀନ ଗମ୍ଭାରିଆ ଚାଷୀ କୈଳାସ ଚନ୍ଦ୍ର ରାଉତ ଚକଡା ପୋକରେ ଚାଷ ନଷ୍ଟ ହୋଇଯିବା କରାଣରୁ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ ଓ ଜିଲା କୃଷି ଅଧିକାରୀ ଗୁରେନ୍ଦ୍ର ସିଂ, ସହକାରୀ କୃଷି ଅଧିକାରୀ ବାସୁଦେବ ଶତ୍‌ପଥୀ, କ୍ଷେତ୍ର ବିଶେଷଜ୍ଞ ଶ୍ରୀଧର ଦାସ, ଗ୍ରାମସେବକ ସନ୍ଦୀପ ଦଳେଇଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଗମ୍ଭାରିଆ ଗ୍ରାମରେ ପହଞ୍ଚି ଚାଷଜମି ବୁଲିବା ସହ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ଭେଟି ମୃତ୍ୟୁର କାରଣ ସମ୍ପର୍କରେ ପଚାରି ବୁଝିଥିଲେ । ଗ୍ରାମବାସୀଙ୍କ କହିବା ଅନୁଯାୟୀ କୈଳାସ ବର୍ତ୍ତନାସ୍ଥିତ ଏକ ଜାତୀୟକରଣ ବ୍ୟାଙ୍କ ତଥା ଗାଁ ସାହୁକାରଙ୍କ ନିକଟରୁ ଗାଉଁଲି ସୁଧରେ ଲକ୍ଷାଧିକ ଟଙ୍କା ସୁଧ ଆଣିଥିଲେ। ଭାଗସୂତ୍ରରେ ୫ ଏକର ଜମି ଚାଷ କରିଥିଲେ। ହେଲେ ଚକଡା ପୋକ ଯୋଗୁ ଆଶାନୁରୂପ ଅମଳ ହୋଇ ନ ପାରିବାରୁ କୈଳାସଙ୍କ ଚିନ୍ତା ବଢିଥିଲା। ଏହାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହୁଥଲା । ଏହାକୁ ନେଇ କୈଳାସ ରବିବାର ବିଲକୁ କୀଟନାଶକ ପକାଇବାକୁ ଯାଇ ଗୁରୁତର ହୋଇ ପଡିଥିଲେ। ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ସେ ମୃତ୍ୟୁବରଣ କରିଥିଲେ। ପୁଅ ପ୍ରଶାନ୍ତ ଓ ପତ୍ନୀ ବାସନ୍ତୀ କୈଳାସଙ୍କ ମୃତ୍ୟୁ ପାଇଁ ସମ୍ପୂର୍ଣ୍ଣ ଭାବେ ଚାଷ କ୍ଷୟକ୍ଷତି ଏବଂ ପ୍ରଶାସନକୁ ଦାୟୀ କରିଛନ୍ତି। ତଦନ୍ତ କରି ଫେରିଥିବା ତହସିଲଦାର ପ୍ରଦୀପ ସାହୁଙ୍କ ମତାମତ ନେବାରେ ସେ ଚାଷଜମି ବୁଲିବା ପରେ ରୋଗପୋକ ଯୋଗୁ କିଛି ପରିମାଣର ଧାନନଷ୍ଟ ହୋଇଥିବାର ଦେଖିବାକୁ ପାଇଥିଲେ । ଚକଡା ପୋକ ଲାଗି ସମ୍ପୂର୍ଣ୍ଣ ଧାନ ନଷ୍ଟ ହେବା ଘଟଣାକୁ ଅସ୍ୱୀକାର କରିଛନ୍ତି । ମୃତ୍ୟୁର କାରଣ ଅନ୍ୟ କିଛି ହୋଇପାରେ ବୋଲି ସେ କହିଛନ୍ତି । ସେହିଭଳି ସହକାରୀ କୃଷି ଅଧିକାରୀ ବାସୁଦେବ ଶତ୍‌ପଥୀ ମଧ ଚକଡା ପୋକଲାଗି ଧାନ ନଷ୍ଟ ହେବା ଘଟଣାକୁ ଅସ୍ୱୀକାର କରିଛନ୍ତି।



ଗିରଫ ଅଭିଯୁକ୍ତମାନେ।

**ମହିଳା ହତ୍ୟା ଘଟଣାର ପର୍ଦ୍ଦାଫାଶ୍: ୩ ଗିରଫ**

# ଡାହାଣୀ ସନ୍ଦେହ ହତ୍ୟାର କାରଣ

**ଠାକୁରମୁଣ୍ଡା, ୦୬।୧୧(ଡି.ଏନ.ଏ)**

ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କାଳିଆଜିଆଣୀ ଗ୍ରାମରେ ଗତ ୨ତାରିଖ ରାତିରେ ଜଣେ ମହିଳାଙ୍କ ହତ୍ୟା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ମୃତା ମହିଳା ରାନ୍ଦାଏ ସାମାଡଙ୍କ ଭାଇଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ ଜାରୀ ରଖି ୪ଦିନ ପରେ ଏହାର ପର୍ଦ୍ଦାଫାଶ କରିଛି। ଡାହାଣୀ ସନ୍ଦେହରେ ରାନ୍ଦାଏଙ୍କୁ ହତ୍ୟା କରାଯାଇଥିବା ବେଳେ ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାଳିଆଜିଆଣୀ ଗ୍ରାମର ବେଙ୍ଗଲ ସଏ ଓ ତାଙ୍କ ୨ ସହଯୋଗୀ ଗୁରା ସାମାଡ ଓ ରାନ୍ଦ ମହାକୁଡ। ପୋଲିସ ସୂତ୍ରରୁ ପ୍ରକାଶ, ବେଙ୍ଗଲଙ୍କୁ କିଛି ଦିନ ପୂର୍ବରୁ ଜ୍ୱର ହୋଇଥିବା ବେଳେ ସେ ପାଖ ଗ୍ରାମର ଜଣେ ଗୁଣିଆଙ୍କ ପାଖକୁ ଯାଇଥିଲେ। ଘରେ ପୂଜାର୍ଚ୍ଚନା ପରେ ମଧ ଜ୍ୱର ନ ଛାଡିବାରୁ ସାଇବା ସାମାଡଙ୍କ ଝିଅ ରାନ୍ଦାଏ ଡାହାଣୀ ହୋଇ ଲାଗିଥିବାରୁ ଜ୍ୱର ଛାଡୁ ନ ଥିବା ସେ ସନ୍ଦେହ କରିଥିଲେ। ଏହାପରେ ନିଜ ସହଯୋଗୀଙ୍କ ସହ ତାଙ୍କୁ ହତ୍ୟା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ଗତ ୨ତାରିଖ ରାତିରେ ନିଜ ଘର ସମ୍ମୁଖରେ ରାନ୍ଦାଏ ନିଆଁ ଜାଳି ଏକୁଟିଆ ବସିଥିବା ଦେଖି ବେଙ୍ଗଲ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କ ବେକକୁ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଗ୍ରାମର ଗୁରା ସାମାଡ ଓ ରାନ୍ଦ ମହାକୁଡ ତାକୁ ସହଯୋଗ କରିଥିଲେ । ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ରକୁ ବେଙ୍ଗଲ ଗ୍ରାମ ନିକଟରେ ଥିବା ସିମ୍‌ନଦୀରେ ନେଇ ପୋତି ଦେଇଥିଲା। ପୋଲିସ ଏହାକୁ ଜବତ କରିବା ସହିତ ସଂପୃକ୍ତ ୩ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିବା ଜଣାଯାଇଛି।

# ୧୧ ପଞ୍ଚାୟତରେ ରୁର୍ବାନ ସ୍କିମ୍



ରୁର୍ବାନ୍ ସ୍କିମ୍ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

**ଜଳେଶ୍ୱର, ୬।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଉଦ୍ୟମରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ମାକିଡ଼ିଆ, ଓଲମାରା, ରାଇବଣିଆ, ସର୍ଦ୍ଧାରବନ୍ଧ, ଶ୍ୟାମନଗର, ଖୁଆର୍ଡ୍ଡ଼, ବରଡିହା, କଳମା, ଚମାର ଗାଁ, କାଳିକ, ଖୁଦିଆମାଝିସାହି ଆଦି ମୋଟ ୧୧ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ରୁର୍ବାନ ସ୍କିମ୍ ଶୁଭାରମ୍ଭ କରାଯାଇଛି। ୧୦୮ କୋଟି ଟଙ୍କା ବ୍ୟୟବରାଦରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମଙ୍ଗଳବାର ରାଇବଣିଆ ପଞ୍ଚାୟତର ରଥପଡ଼ିଆଠାରେ ଶୁଭାରମ୍ଭ କରାଯାଇଛି। ଏମ୍‌ପି ଜେନା ଏହି ରୁର୍ବାନ କ୍ଲଷ୍ଟର ବୀରଭୂମି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ରୁର୍ବାନ ସ୍କିମ ଅନୁଯାୟୀ ଉକ୍ତ ୧୧ଟି ପଞ୍ଚାୟତଗୁଡ଼ିକରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ବିଜୁଳି, ଜୀବିକାମିଶନ, ଜଳ ନିଷ୍କାସନ, କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯିବ ବୋଲି ଏମ୍‌ପି ସୂଚନା ଦେଇଛନ୍ତି। ଏହି ଉତ୍ସବରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ଜେନା, ମୁଖ୍ୟବକ୍ତା ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ,ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଡିଓ ନିତ୍ୟାନନ୍ଦ ସାହୁ, ବ୍ଲକ ଅଧ୍ୟକ୍ଷା ସବିତାରାଣୀ ଦଳାଇ, ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ମଞ୍ଚାସୀନ ଥିଲେ। ରାଇବଣିଆ ଅଞ୍ଚଳର ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ରୁର୍ବାନ ସ୍କିମ କାର୍ଯ୍ୟକାରୀ ହେଲେ ଗ୍ରାମାଞ୍ଚଳର ଲୋକେ ସହର ଭଳି ସମସ୍ତ ଭିତ୍ତିଭୂମି ସୁବିଧା ସୁଯୋଗ ପାଇପାରିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଏହି ସ୍କିମରୁ ବାଦ୍‌ପଡ଼ିଥିବା ରାଇବଣିଆ ଅଞ୍ଚଳ ଦକ୍ଷିଣ ପ୍ରହରାଜପୁର, ଶିଖରପୁର, ଶ୍ରୀରାମପୁର ଓ ଜଳେଶ୍ୱର ଆଦି ପଞ୍ଚାୟତକୁ ଏହି ସ୍କିମ୍‌ରେ ସାମିଲ କରିବାକୁ ଜନସାଧାରଣ ଏମ୍‌ପିଙ୍କଠାରେ ଦାବି କରିଥିଲେ।

## ଦୋକାନ ପୋଡି ଅଭିଯୋଗ

**ବସ୍ତା, ୬।୧୧(ସ୍ୱ.ପ୍ର.)**

ବସ୍ତା ଥାନା ଅନ୍ତର୍ଗତ ଦରଡା ପଞ୍ଚାୟତ ଚକ୍ରଡା ଗାଁରେ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଶେଷରେ ଦୋକାନ ପୋଡି ଭଳି ତୁମୁଳକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ଏନେଇ ତଦନ୍ତ ଚାଲୁ ରହିଛି। ଏହି ଅଗ୍ନିକାଣ୍ଡରେ ବିପୁଳ କ୍ଷତି ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି।

# ଅଙ୍ଗନୱାଡ଼ି କର୍ମୀଙ୍କୁ ଆକ୍ରମଣ

**ଭଦ୍ରକ ଅଫିସ, ୬।୧୧**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତ ରତାଙ୍ଗ ଅଙ୍ଗନୱାଡ଼ି କେନ୍ଦ୍ର୨ କର୍ମୀ ସବିତା ସେଠୀ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ ଥିବା ବେଳେ କେହି ତାଙ୍କୁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ସଂଜ୍ଞାହୀନ ଅବସ୍ଥାରେ ଗ୍ରାମବାସୀ ମାନେ ଉଦ୍ଧାର କରି ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ହାତରେ କଟା ଚିହ୍ନ ଥିବା ଓ ପିନ୍ଧିଥିବା ଶାଢୀ ପୋଡି ଯାଇଥିବା ଦେଖିବାକୁ ମିଳିଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି କୁହାଯାଇଛି।


**Bank of India**
*Relationship beyond banking*

**ଅସୁଲି ବିଭାଗ, ମୁମ୍ବାଇ ସାଉଥ୍ ଜୋନ୍**
ଠିକଣା: ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଲ୍ଡିଂ, ପ୍ରଥମ ମହଲା,
୭୦-୮୦, ମହାତ୍ମା ଗାନ୍ଧୀ ରୋଡ୍,
ଫୋର୍ଟ, ମୁମ୍ବାଇ ୪୦୦୦୦୧
ଟେଲି. ନଂ.: ୦୨୨-୨୨୬୫୮୩୪୮, ୨୨୬୫୯୬୨୩, ୨୨୬୨୩୬୫୭

## ଅସ୍ଥାବର/ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ବ୍ୟାଙ୍କ ନିକଟରେ ପ୍ରଭାରିତ ପରିସମ୍ପତ୍ତିଗୁଡ଼ିକର ବିକ୍ରୟ। ଯେହେତୁ, ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ/ବୃନ୍ଦ ଧାରା ୧୩(୨) ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ ଅଧୀନରେ ଜାରି ନୋଟିସ ଅନୁଯାୟୀ ନିମ୍ନଲିଖିତ ଋଣ ଖାତାରେ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନରେ ସବିଶେଷ ଭାବେ ଦର୍ଶାଯାଇଥିବା ଅନୁଯାୟୀ ବ୍ୟାଙ୍କର ବକେୟା ରାଶି ଏବଂ ସୁଧ ଅସୁଲି ପାଇଁ ''ଯେପରି ଅଛି ଯେଉଁଠି ଅଛି'' ଏବଂ ''ଯେପରି ଅଛି ଯାହା ଅଛି'' ଭିତ୍ତିରେ ବିକ୍ରି କରିବାର ଅଧିକାର ସହିତ ନିଜ ଦଖଲକୁ ନେଇଛନ୍ତି ଏବଂ ଯେହେତୁ, ବକେୟା ରାଶି ପରିଶୋଧରେ ବିଫଳତାର ପରିଣତିସ୍ୱରୂପ, ନିମ୍ନ ସ୍ୱାକ୍ଷରକାରୀ କଥିତ ଅଧିନିୟମର ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ବ୍ୟାଙ୍କର ବକେୟା ରାଶି ଅସୁଲି ନିମନ୍ତେ କଥିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବାର ପ୍ରସ୍ତାବ ରଖିଛନ୍ତି। ବିକ୍ରୟ ୱେବ୍ ପୋର୍ଟାଲ୍‌ରେ ପ୍ରଦତ୍ତ ଇ-ନିଲାମ ପ୍ଲାଟ୍‌ଫର୍ମ ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସମ୍ପାଦନ କରାଯିବ।

### ଏସ୍‌ଏଆର୍‌ଏଫ୍‌ଏଇଏସ୍‌ଆଇ ଅଧିନିୟମ, ୨୦୦୨ ଅଧୀନରେ ଇ-ନିଲାମ ବିକ୍ରୟ ନୋଟିସ ତଥା ଋଣଗ୍ରହୀତା/ଜାମିନଦାରଙ୍କୁ ନୋଟିସ

| କ୍ର. ସଂ. | ଶାଖା | ଋଣଗ୍ରହୀତା/ଜାମିନଦାରଙ୍କ ନାମ ଏବଂ ବକେୟା ପରିମାଣ | ସମ୍ପତ୍ତିର ବର୍ଣ୍ଣନା | ସମ୍ପତ୍ତି ନିରୀକ୍ଷଣର ତାରିଖ/ସମୟ ଏବଂ ନିରୀକ୍ଷଣ ଲାଗି ଯୋଗାଯୋଗ ନଂ. | ବିଡ୍ ଖାତା ନଂ. ଏବଂ ଆଇଏଫ୍‌ଏସ୍‌ସି କୋଡ୍ | ବିଡ୍ ଦାଖଲର ଶେଷ ତାରିଖ | ଇ-ନିଲାମର ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ (ଟଙ୍କା ଲକ୍ଷରେ) | ସମ୍ପତ୍ତିର ଇଏମ୍‌ଡି (ଟଙ୍କା ଲକ୍ଷରେ) |
|---|---|---|---|---|---|---|---|---|---|
| ୧. | ଅଲ୍ଲାମାଉଣ୍ଟ ରୋଡ୍ | ମେସର୍ସ ମଧୁକନ ଆଗ୍ରୋ ଆଣ୍ଡ ଅଟୋମୋବାଇଲ୍ସ ପ୍ରା. ଲିଃ ନିର୍ଦ୍ଦେଶକଗଣ: ୧) ମନୁ ଚରଣ ପଟ୍ଟନାୟକ ୨) ଗୁଲଶନ ପଟ୍ଟନାୟକ ୩) ରୋଚନ ପଟ୍ଟନାୟକ ୪) ବଚନ ସୁଧା ପଟ୍ଟନାୟକ (ଦିବଙ୍ଗତ) ୫) ମଧୁକନ ଫାଇନାନ୍ସ ପ୍ରା. ଲିଃ ୬) ମଧୁକନ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିଃ ୭) ଶ୍ୱେତା ମିଶ୍ର ବକେୟା ପରିମାଣ: ଟ.୩୬୩.୪୫ ଲକ୍ଷ + ସୁଧ + ବ୍ୟୟ + ଆଇନଗତ ଖର୍ଚ୍ଚ | ଖାତା ନଂ.୩୬୮/୧,୩୬୮/୪, ପ୍ଲଟ୍ ନ.ଂ.:୧୬୧୯,୧୬୨୦,୧୬୨୨,୧୬୨୩,୧୬୨୪,୧୬୩୧,୧୬୩୨,୧୬୩୩ (ମୋଟ ଜମି କ୍ଷେତ୍ର ୨,୪୩,୯୩୬ ବଗଫୁଟ) ଏବଂ ଖାତା ନଂ.୩୬୮/୨ ୩୬୮/୩, ପ୍ଲଟ୍ ନଂ.:୧୬୨୫,୧୬୨୬,୧୬୨୭,୧୬୨୯,୧୬୩୦,୧୬୧୮,୧୬୨୮,୧୬୩୪,୧୬୩୬, ୧୬୩୭ ଅବସ୍ଥିତି: ମୌଜା- ରାମଦାସପୁର, ଥାନା-କଟକ, ସଦର ଥାନା ନଂ.୧୪, ତହସିଲ- ବାରଙ୍ଗ ତହସିଲ ନଂ.୧୮୯, ଜିଲ୍ଲା- କଟକ, ଓଡ଼ିଶା (ମୋଟ ଜମି କ୍ଷେତ୍ର- ୨,୭୨,୨୫୦ ବର୍ଗଫୁଟ, ମନୁଚରଣ ପଟ୍ଟନାୟକଙ୍କ ମାଲିକାନାଧୀନ) | ୨୭।୧୧।୨୦୧୮, ଅପରାହ୍ଣ ୧.୦୦ରୁ ୩.୦୦ ଘଟିକା ମଧ୍ୟରେ। ଟେଲି. ୦୨୨-୨୩୫୨୫୪୬୬, ୨୩୫୧୩୨୦୯ ମୋ.-୦୯୯୧୦୯୦୧୧୨୫ | ବିଡ୍ ଖାତା ଅଲ୍ଲାମାଉଣ୍ଟ ରୋଡ୍ ଖାତା ନଂ. ୦୦୬୬୨୦୧୧୦୦୦୦୩୫୪ ଆଇଏଫ୍‌ଏସ୍‌ସି କୋଡ୍ ନଂ. ବିକେଆଇଡି୦୦୦୦୦୬୬ | ୦୫।୧୨।୨୦୧୮ | ୧୦।୧୨।୨୦୧୮ ଅପରାହ୍ଣ ୧.୦୦ ରୁ ୪.୦୦ ଘଟିକା ମଧ୍ୟରେ | ୩୮୦.୦୦ | ୩୮ |
| ୨. | ଅଲ୍ଲାମାଉଣ୍ଟ ରୋଡ୍ | ମେସର୍ସ ରାମଲିଙ୍ଗରାଜ ଅଟୋମୋବାଇଲ୍ସ ଅଂଶୀଦାରଗଣ: ୧) ରୋଚନ ପଟ୍ଟନାୟକ ୨) ମନୁ ଚରଣ ପଟ୍ଟନାୟକ ୩) ବଚନ ସୁଧା ପଟ୍ଟନାୟକ ୪) ସ୍ୱିଟ୍ ପଟ୍ଟନାୟକ ବକେୟା ପରିମାଣ: ଟ.୧୮୦.୭୦ ଲକ୍ଷ + ସୁଧ + ବ୍ୟୟ + ଆଇନଗତ ଖର୍ଚ୍ଚ | ଖାତା ନଂ.:୪୪୯/୮, ପ୍ଲଟ୍ ନଂ.-୩୬୦,ମୌଜା- ରତାଗଡ଼ ଲେଙ୍କା ସାହି, ଥାନା-କଟକ ସଦର, ଥାନା ନଂ.-(୧୫), ତହସିଲ- ବାରଙ୍ଗ, ତହସିଲ ନଂ.-(୧୯୭), ଜିଲ୍ଲା- କଟକ, ଓଡ଼ିଶା, ମୋଟ ଜମି କ୍ଷେତ୍ର:. ଏ୩.୦୨୦ଡେସି.(ମୋଟ କ୍ଷେତ୍ର:୧,୩୧,୫୫୧ ବର୍ଗଫୁଟ) | ୨୭।୧୧।୨୦୧୮, ଅପରାହ୍ଣ ୧.୦୦ରୁ ୩.୦୦ ଘଟିକା ମଧ୍ୟରେ। ଟେଲି. ୦୨୨-୨୩୫୨୫୪୬୬, ୨୩୫୧୩୨୦୯ ମୋ.-୦୯୯୧୦୯୦୧୧୨୫ | ବିଡ୍ ଖାତା ଅଲ୍ଲାମାଉଣ୍ଟ ରୋଡ୍ ଖାତା ନଂ. ୦୦୬୬୨୦୧୧୦୦୦୦୩୫୪ ଆଇଏଫ୍‌ଏସ୍‌ସି କୋଡ୍ ନଂ. ବିକେଆଇଡି୦୦୦୦୦୬୬ | ୦୫।୧୨।୨୦୧୮ | ୧୦।୧୨।୨୦୧୮ ଅପରାହ୍ଣ ୧.୦୦ ରୁ ୪.୦୦ ଘଟିକା ମଧ୍ୟରେ | ୭୩.୯୭ | ୭.୩୯ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନ ଅନୁଯାୟୀ ହେବ:**

ଇ-ନିଲାମ ''ଯେପରି ଅଛି ଯେଉଁଠି ଅଛି'' ଏବଂ ''ଯେପରି ଅଛି ଯାହା ଅଛି'' ଭିତ୍ତିରେ ଆୟୋଜନ କରାଯାଉଛି ଏବଂ ଏହାକୁ ''ଅନ୍ ଲାଇନ୍''ରେ ସଞ୍ଚାଳନ କରାଯିବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ ମେସର୍ସ ଇ-ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିଃ ଅକ୍ସନ୍ ଟାଇଗର, ଅହମ୍ମଦାବାଦ ମାଧ୍ୟମରେ ୱେବ୍ ପୋର୍ଟାଲ୍ (https://boi.auctiontiger.net)ରେ ସଞ୍ଚାଳିତ ହେବ। ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମର ସାଧାରଣ ନିୟମ ଓ ସର୍ତ୍ତାବଳୀ ନିମ୍ନଲିଖିତ ୱେବ୍‌ସାଇଟ୍‌ଗୁଡ଼ିକରେ ଉପଲବ୍ଧ:- କ. https://www.bankofindia.co.in, ଖ. https://boi.auctiontiger.net, ଗ. http://www.eprocure.gov.in

**ନିଲାମ ବିକ୍ରୟ ୱେବ୍‌ସାଇଟ୍ https://boi.auctiontiger.net ମାଧ୍ୟମରେ ''ଅନ୍‌ଲାଇନ୍ ଇ-ନିଲାମ/ବିଡିଂ''ରେ ତା୧୦।୧୨।୨୦୧୮ରିଖ ଅପରାହ୍ଣ ୧.୦୦ ରୁ ୪.୦୦ ଘଟିକା (ଆଇଏସ୍‌ଟି) ପର୍ଯ୍ୟନ୍ତ ୫ ମିନିଟ୍ ଅବଧିର ଅସୀମିତ ବିସ୍ତାରଣ କରାଯିବ ।**

୧. ଆଗ୍ରହୀ ବିଡରଙ୍କ ନିକଟରେ ଏକ ବୈଧ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ। ବିବରଣୀ ପାଇଁ ଦୟାକରି ମେସର୍ସ ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିଃ ଅକ୍ସନ୍ ଟାଇଗର, ଅହମ୍ମଦାବାଦ (୦୭୯୬୧୨୦୦୫୪୬/୫୧୯/୫୩୮/୫୫୪/୫୬୮/୫୮୭/୫୯୪/୫୯୮) ସହିତ ଯୋଗାଯୋଗ କରନ୍ତୁ। **ଶ୍ରୀଯୁକ୍ତ ତିଲକ ମରାଠା**, ସେଲ୍ ନଂ. ୦୯୦୬୭୭୯୯୬୪୬ କିମ୍ବା **ଶ୍ରୀଯୁକ୍ତ ବିଜୟ ଶେଟ୍ଟି**, ମୋ. ନଂ. ୯୬୧୯୦୦୨୪୩୧, ଇ-ମେଲ୍: vijay.shetty@auctiontiger.net ଓ tilak@auctiontiger.net ।

୨. ପ୍ରାଧିକୃତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି/ଗୁଡ଼ିକରେ କୌଣସି ଜବରଦଖଲ ନାହିଁ । ତଥାପି, ଇଚ୍ଛୁକ ବିଡର୍‌ମାନେ ବିଡ୍ ଦାଖଲ ପୂର୍ବରୁ ନିଲାମ ପାଇଁ ଉପସ୍ଥାପିତ ସମ୍ପତ୍ତିର ଜବରଦଖଲ, ସମ୍ପତ୍ତି/ଗୁଡ଼ିକର ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବି/ ଅଧିକାର/ ବକେୟା ରାଶି ସଂକ୍ରାନ୍ତରେ ନିଜସ୍ୱ ସ୍ୱାଧୀନ ଅନୁସନ୍ଧାନ କରିନେବା ଉଚିତ। ଇ-ନିଲାମ ବିଜ୍ଞାପନ ବ୍ୟାଙ୍କର କୌଣସି ପ୍ରତିବଦ୍ଧତା କିମ୍ବା କୌଣସି ପ୍ରତିନିଧିତ୍ୱ ଗଠନ କରି ନ ଥାଏ କିମ୍ବା ଗଠନ କରୁଥିବାର ବିବେଚନା କରି ନ ଥାଏ। ସମ୍ପତ୍ତି ସମସ୍ତ ବିଦ୍ୟମାନ ଏବଂ ଭବିଷ୍ୟତର ଜବରଦଖଲ, ତାହା ବ୍ୟାଙ୍କର ଜ୍ଞାତସାରରେ ଥାଉ କି ନ ଥାଉ, ସହିତ ବିକ୍ରୟ କରାଯାଉଛି। ପ୍ରାଧିକୃତ ଅଧିକାରୀ/ ବନ୍ଧକ ଋଣଦାତା କୌଣସି ତୃତୀୟ ପକ୍ଷଙ୍କ ଦାବି/ ଅଧିକାର/ ବକେୟା ରାଶି ପାଇଁ କୌଣସି ଉପାୟରେ ମଧ ଦାୟୀ ରହିବେ ନାହିଁ । ବିକ୍ରୟ ପାଇଁ ଉପସ୍ଥାପିତ ସମ୍ପତ୍ତି/ଗୁଡ଼ିକ ସଂକ୍ରାନ୍ତରେ ଅନ୍‌ଲାଇନ୍ ବିଡ୍ ଦାଖଲ ପରେ କୌଣସି ପ୍ରକାରର ଦାବିକୁ ପ୍ରଶ୍ରୟ ଦିଆଯିବ ନାହିଁ ।

୩. ଅନ୍‌ଲାଇନ୍ ବିଡ୍ ଦାଖଲ ପୂର୍ବରୁ ଅମାନତ ଜମା ରାଶି (ଇଏମ୍‌ଡି) ଆରଟିଜିଏସ୍/ଏନ୍‌ଇଏଫ୍‌ଟି/ପାଣ୍ଠି ସ୍ଥାନାନ୍ତର ମାଧ୍ୟମରେ ଉପରଦର୍ଶିତ ସମ୍ପୃକ୍ତ ଶାଖାର ବିଡ୍ ଖାତାରେ ଜମା କରାଯିବା ଏବଂ ବିଡ୍ ଫର୍ମରେ ଅର୍ଥପ୍ରେରଣର ବିବରଣୀ ସ୍ପଷ୍ଟ ଭାବେ ଦର୍ଶାଯିବା ଆବଶ୍ୟକ।

୪. ବିଡ୍ ଫର୍ମର ହାର୍ଡ କପି ସମେତ ସଂଲଗ୍ନକ (କେୱାଇସି କାଗଜପତ୍ର, ୟୁଟିଆର୍ ରସିଦ୍) ଉପର ସାରଣୀରେ ଦର୍ଶିତ ସମ୍ପୃକ୍ତ ଶାଖାରେ ଦାଖଲ କରାଯିବା ଏବଂ ସ୍କାନ୍ ହୋଇଥିବା ପ୍ରତିଲିପିଗୁଡ଼ିକୁ ପ୍ରାଧିକୃତ ଅଧିକାରୀଙ୍କ ନିକଟକୁ ARD.MSZ@bankofindia.co.inରେ ଅଭିପ୍ରେରଣ କରାଯିବ ଆବଶ୍ୟକ ଯାହା **ତା୦୫।୧୨।୨୦୧୮ରିଖ ଅପରାହ୍ଣ ୫.୦୦ ଘଟିକା** ପୂର୍ବରୁ ପହଞ୍ଚିବା ଉଚିତ୍।

୫. କେୱାଇସି କାଗଜପତ୍ରଗୁଡ଼ିକ ହେଲା: (i) ପରିଚୟର ପ୍ରମାଣ (କେୱାଇସି) ଯଥା ଆଧାର କାର୍ଡ/ମତଦାତା ପରିଚୟ ପତ୍ର/ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ ଇତ୍ୟାଦି, (ii) ଯୋଗାଯୋଗ ପାଇଁ ବର୍ତ୍ତମାନର ଠିକଣା ପ୍ରମାଣ, (iii) ବିଡରଙ୍କ ପ୍ୟାନ୍ କାର୍ଡ, (iv) ବୈଧ ଇମେଲ ଆଇଡି, (v) ବିଡରଙ୍କ ଯୋଗାଯୋଗ ନମ୍ବର (ମୋବାଇଲ/ଲାଣ୍ଡଲାଇନ୍) ଇତ୍ୟାଦି।

୬. ନିରୀକ୍ଷଣ ତାରିଖ **ତା୨୭।୧୧।୨୦୧୮ରିଖ କିମ୍ବା ତାହା ପୂର୍ବରୁ ଅପରାହ୍ଣ ୧.୦୦ ଘଟିକାରୁ ୩.୦୦ ଘଟିକା** ହେବ ଏବଂ ଏଥିନିମନ୍ତେ ସମ୍ପୃକ୍ତ ଶାଖା ନିକଟରେ ଦର୍ଶିତ ଯୋଗାଯୋଗ ନମ୍ବରରେ ଉପରୋକ୍ତ ସମ୍ପୃକ୍ତ ଶାଖା ସହ ଆଗୁଆ ଆପଏଣ୍ଟମେଣ୍ଟ ହାସଲ କରିବାକୁ ହେବ।

୭. ନିଜର ବିଡ୍ ଦାଖଲ କରିବା ଏବଂ ଇ-ନିଲାମ ବିକ୍ରୟ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ୱେବ୍‌ସାଇଟ୍ https://boi.auctiontiger.net ଦେଖିବା ପାଇଁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଛି। ସମ୍ଭାବ୍ୟ ବିଡର୍‌ମାନେ ଅକ୍ସନ୍ ଟାଇଗର୍ ମୋବାଇଲ ଆପ୍ଲିକେଶନ୍ (ଆଣ୍ଡ୍ରଏଡ୍) ମାଧ୍ୟମରେ ମଧ ବିକ୍ରୟ ଓ ବିଡିଂର ବିବରଣୀ ଦେଖିପାରିବେ।

୮. ସମ୍ଭାବ୍ୟ ବିଡର୍‌ମାନେ ମେସର୍ସ ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍, ଅହମ୍ମଦାବାଦଠାରୁ ଇ-ନିଲାମର ଅନ୍‌ଲାଇନ୍ ତାଲିମ୍ ହାସଲ କରିପାରନ୍ତି।

୯. ବିଡ୍‌ଗୁଡ଼ିକୁ କେବଳ ଅନ୍‌ଲାଇନ୍ ପଦ୍ଧତିରେ ଏବଂ ସମ୍ପର୍କିତ ବିବରଣୀ ସହିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦାଖଲ କରାଯିବ।

୧୦. ବିକ୍ରୟର ନିୟମ ଓ ସର୍ତ୍ତାବଳୀକୁ ବିଡର୍ ପଢ଼ିଛନ୍ତି ଓ ବୁଝିଛନ୍ତି ବୋଲି ବିବେଚନା କରାଯିବ ଏବଂ ସେମାନେ ତାହାକୁ ମାନିବାକୁ ବାଧ ହେବେ।

୧୧. ବିଡ୍ ମୂଲ୍ୟ ସଂରକ୍ଷିତ ମୂଲ୍ୟ ଉର୍ଦ୍ଧ୍ୱରେ ଦାଖଲ କରାଯିବ ଏବଂ ବିଡରମାନେ ସେମାନଙ୍କ ପରବର୍ତ୍ତୀ ଅଫରଗୁଡ଼ିକୁ ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର)ର ଗୁଣିତକରେ ଉନ୍ନୀତ କରିବେ।

୧୨. ବିଡ୍ ଦାଖଲ ପୂର୍ବରୁ ସମ୍ପତ୍ତିର ନିରୀକ୍ଷଣ କରିବା ଏବଂ ସେ ସମ୍ପର୍କରେ ନିଜକୁ ସନ୍ତୁଷ୍ଟ କରିନେବା ଆଗ୍ରହୀ ବିଡରଙ୍କ ଦାୟିତ୍ୱ ହେବ।

୧୩. ସଫଳ ବିଡରଙ୍କ ଅମାନତ ଜମା ରାଶି (ଇଏମ୍‌ଡି)କୁ ଆଂଶିକ ବିକ୍ରୟ ଅର୍ଥରାଶି ଭାବେ ରଖିନିଆଯିବ ଏବଂ ଅସଫଳ ବିଡରମାନଙ୍କ ଇଏମ୍‌ଡିକୁ ଫେରସ୍ତ କରିଦିଆଯିବ।

୧୪. ଅମାନତ ଜମା ରାଶି କୌଣସି ସୁଧ ବହନ କରିବ ନାହିଁ । ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ବିଡ୍ ମୂଲ୍ୟ ଗ୍ରହଣ କରିବାର ତୁରନ୍ତ ପରେ ସଫଳ ବିଡରଙ୍କୁ ପୈଠ କରିସାରିଥିବା ଇଏମ୍‌ଡି ସମେତ ବିକ୍ରୟ ମୂଲ୍ୟର ୨୫% ରାଶି ଜମା କରିବାକୁ ହେବ ଏବଂ ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟର ୧୫ତମ ଦିବସ କିମ୍ବା ତାହା ପୂର୍ବ ସୁଦ୍ଧା ଜମା କରିବାକୁ ହେବ। ନିଲାମ ବିକ୍ରୟ ବ୍ୟାଙ୍କର ସୁନିଶ୍ଚିତୀକରଣ ଉପରେ ନିର୍ଭର କରିବ। ସଫଳ ବିଡରଙ୍କ ଦ୍ୱାରା ଅର୍ଥରାଶି ଜମାରେ ଖିଲାପ କରାଗଲେ, ପୂର୍ବରୁ ଜମା କରାଯାଇଥିବା ସମ୍ପୂର୍ଣ୍ଣ ଅର୍ଥରାଶିକୁ ବାଜ୍ୟାପ୍ତ କରିନିଆଯିବ ଏବଂ ସମ୍ପତ୍ତିକୁ ପୁନଃ-ନିଲାମ ପାଇଁ ଉପସ୍ଥାପିତ କରାଯିବ ଏବଂ ସମ୍ପତ୍ତି/ଅର୍ଥରାଶି ସଂକ୍ରାନ୍ତରେ ଖିଲାପକାରୀ ବିଡରଙ୍କ କୌଣସି ଦାବି/ ଅଧିକାର ରହିବ ନାହିଁ ।

୧୫. ଇ-ନିଲାମ ପୂର୍ବରୁ ସମ୍ଭାବ୍ୟ ଯୋଗ୍ୟ ବିଡରମାନେ ମେସର୍ସ ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିଃ ଅକ୍ସନ୍ ଟାଇଗରଠାରୁ ଇ-ନିଲାମ ଉପରେ ତାଲିମ୍ ହାସଲ କରିପାରନ୍ତି । କୌଣସି ଇଣ୍ଟରନେଟ୍ ନେଟ୍‌ୱର୍କ ସମସ୍ୟା/ବିଜୁଳି ସେବାରେ ବ୍ୟାଘାତ/ଅନ୍ୟ କୌଣସି ବୈଷୟିକ ତ୍ରୁଟି/ବିଫଳତା ଆଦି ପାଇଁ ପ୍ରାଧିକୃତ ଅଧିକାରୀ / ବ୍ୟାଙ୍କ ଅଥବା ମେସର୍ସ ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିଃ ଅକ୍ସନ୍ ଟାଇଗର, ଅହମ୍ମଦାବାଦ ଦାୟୀ ରହିବେ ନାହିଁ । ଏପରି ଅପ୍ରତ୍ୟାଶିତ ପରିସ୍ଥିତିକୁ ଦୂର କରିବା ପାଇଁ, ଇ-ନିଲାମ କାର୍ଯ୍ୟକ୍ରମରେ ସଫଳତାର ସହିତ ଅଂଶଗ୍ରହଣ କରିବା ନିମନ୍ତେ ଆଗ୍ରହୀ ବିଡରମାନେ ଏହା ସୁନିଶ୍ଚିତ କରିନେବା ଉଚିତ ଯେ ସେମାନେ ଯଥେଷ୍ଟ ପାୱାର୍ ବ୍ୟାକ୍-ଅପ୍ ଇତ୍ୟାଦି ସହିତ ବୈଷୟିକ ଦୃଷ୍ଟିରୁ ସୁପ୍ରସ୍ତୁତ ଅଟନ୍ତି।

୧୬. କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି/ ପଞ୍ଜୀକରଣ ଦେୟ/ ଅନ୍ୟାନ୍ୟ ଦେୟ ଇତ୍ୟାଦି ତଥା କାହା ଉପରେ ବକେୟା ଥିବା ସମସ୍ତ ବୈଧାନିକ/ ଅଣ-ବୈଧାନିକ ଦେୟ, ଟିକ, ମୂଲ୍ୟାଙ୍କନ ଶୁଳ୍କ ଇତ୍ୟାଦି ବହନ କରିବେ।

୧୭. ପ୍ରାଧିକୃତ ଅଧିକାରୀ/ବ୍ୟାଙ୍କ ସର୍ବୋଚ୍ଚ ଅଫର୍‌କୁ ଗ୍ରହଣ କରିବା ପାଇଁ ବାଧ ନୁହନ୍ତି ଏବଂ କୌଣସି କାରଣ ନ ଦର୍ଶାଇ ଯେକୌଣସି ପର୍ଯ୍ୟାୟରେ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କିମ୍ବା ନାକଚ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ ସ୍ଥଗିତ ରଖିବା/ ବାତିଲ କରିବା କିମ୍ବା ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ସମ୍ପୂର୍ଣ୍ଣ ଅଧିକାର ଓ ନିର୍ଣ୍ଣୟ ତାଙ୍କ ନିକଟରେ ରହିଛି।

୧୮. ବିକ୍ରୟ ପ୍ରମାଣପତ୍ର କ୍ରେତା(ମାନ)ଙ୍କ/ ଆବେଦନକାରୀ(ମାନ)ଙ୍କ ନାମରେ ଜାରି କରାଯିବ, ଅନ୍ୟ କୌଣସି ନାମ(ଗୁଡ଼ିକ)ରେ ନୁହେଁ ।

୧୯. ବିକ୍ରୟ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ନିର୍ଦ୍ଧାରିତ ନିୟମାବଳୀ/ ସର୍ତ୍ତାବଳୀ ଉପରେ ନିର୍ଭରଶୀଳ ହେବ। ବିକ୍ରୟ ଯେକୌଣସି ନିୟମ ଓ ସର୍ତ୍ତାବଳୀ ସମ୍ପର୍କରେ ଅଧିକ ବିବରଣୀ/ଅନୁସନ୍ଧାନ ସମ୍ପୃକ୍ତ ଶାଖାର ପ୍ରଦତ୍ତ ଯୋଗାଯୋଗ ନମ୍ବରରୁ ହାସଲ କରାଯାଇପାରିବ।

### ଋଣଗ୍ରହୀତା/ ଜାମିନଦାରଙ୍କୁ ବିକ୍ରୟ ନୋଟିସ

ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ତଥା ତାହା ଅଧୀନରେ ନିର୍ଦ୍ଧାରିତ ନିୟମାବଳୀ ଅଧୀନରେ ବିକ୍ରୟର ଏହି ନୋଟିସ ଜାରି କରିବା ଏବଂ ବିକ୍ରୟ ନିମନ୍ତେ କ୍ଷମତାକୁ ପ୍ରୟୋଗ କରିବାର ପୂର୍ଣ୍ଣ କ୍ଷମତା ରହିଛି। ବ୍ୟାଙ୍କ ଦ୍ୱାରା ମଞ୍ଜୁର କରାଯାଇଥିବା ଉପରଦର୍ଶିତ ଅଗ୍ରିମ ସଂକ୍ରାନ୍ତରେ ମାସିକ ଅବଶେଷ, ବ୍ୟୟ ଓ ଶୁଳ୍କ ଇତ୍ୟାଦି ସହିତ ବକେୟା ଦେୟ ଏବଂ ସୁଧର ପୈଠରେ ଆପଣ ଖିଲାପ କରିଛନ୍ତି । ତେଣୁ, ବ୍ୟାଙ୍କ ଧାରା ୧୩(୨) ଅଧୀନରେ ଆପଣଙ୍କୁ ୬୦ ଦିନ ମଧ୍ୟରେ ଉପରୋକ୍ତ ଅର୍ଥରାଶି ପୈଠ କରିବା ପାଇଁ ଡିମାଣ୍ଡ ନୋଟିସ ଜାରି କରିଥିଲା। ୬୦ ଦିନ ଅତିକ୍ରାନ୍ତ ହୋଇସାରିବା ସତ୍ତ୍ୱେ ଆପଣ ଅର୍ଥରାଶି ପୈଠ କରିବାରେ ବିଫଳ ହୋଇଛନ୍ତି। ତେଣୁ, ପ୍ରାଧିକୃତ ଅଧିକାରୀ ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, ବନ୍ଧକ ପରିସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି ଯାହା ବିଶେଷ ଭାବେ ଉପରଦର୍ଶିତ ଅନୁସୂଚୀରେ ବର୍ଣ୍ଣିତ ହୋଇଛି। ଏତଦ୍ୱାରା ଆପଣଙ୍କୁ ବିକ୍ରୟ ପାଇଁ ସ୍ଥିରୀକୃତ ତାରିଖ ପୂର୍ବ ସୁଦ୍ଧା ଉକ୍ତ ଅର୍ଥରାଶି ପୈଠ କରିବା ପାଇଁ ନୋଟିସ ପ୍ରଦାନ କରାଯାଉଛି, ଏଥିରେ ବିଫଳ ହେଲେ ସମ୍ପତ୍ତିକୁ ବିକ୍ରି କରିଦିଆଯିବ ଏବଂ ଅବଶିଷ୍ଟ ରାଶି, ଯଦି ଥାଏ, ଆପଣଙ୍କଠାରୁ ସୁଧ ଏବଂ ବ୍ୟୟ ସମେତ ଅସୁଲ କରାଯିବ। ଦୟାକରି ଧ୍ୟାନରେ ରଖନ୍ତୁ ଯେ ଡିମାଣ୍ଡ ନୋଟିସ, ଦଖଲ ନେବା, ମୂଲ୍ୟାୟନ କରିବା ଏବଂ ପରିସମ୍ପତ୍ତିର ବିକ୍ରୟ ସଂକ୍ରାନ୍ତୀୟ ଖର୍ଚ୍ଚଗୁଡ଼ିକୁ ପ୍ରଥମେ ବିକ୍ରୟଲବ୍ଧ ରାଶିକୁ କାଟିନିଆଯିବ ଯାହାକୁ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଆଦାୟ କରାଯିବ ଏବଂ ବିକ୍ରୟଲବ୍ଧ ରାଶିର ଅବଶିଷ୍ଟାଂଶକୁ ଉପରକଥିତ ଆପଣଙ୍କ ଦେୟତା ବାବଦରେ ସମଯୋଜିତ କରାଯିବ। ଅମାନତ ରାଶି ଜମା ସମେତ ନିୟମ ଓ ସର୍ତ୍ତାବଳୀ ଅଧୀନରେ ଅନୁଷ୍ଠିତ ହେବାକୁ ଥିବା ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସ୍ୱାଧୀନତା ଆପଣଙ୍କର ରହିଛି।

ତାରିଖ: ୦୩।୧୧।୨୦୧୮
ସ୍ଥାନ: ମୁମ୍ବାଇ

ସ୍ୱା./- ପ୍ରାଧିକୃତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ



**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

**ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCEECoR1819CSP3, ତା.01.11.2018ରିଖ**

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରନ୍ତୁ, ଯେଉଁଥିରେ କି ବିଭିନ୍ନ ପ୍ରକାର **ଚଉଡ଼ା ବିଶିଷ୍ଟ ସ୍ୱେଶାଲ PSC ସ୍ଲିପରଗୁଡ଼ିକର** କ୍ରୟ ପ୍ରଣାଳୀ ସମ୍ବନ୍ଧୀୟ ଟେଣ୍ଡର (ଇ-ଟେଣ୍ଡର ବିଜ୍ଞପ୍ତି ସଂ.**PCEECoR1819CSP3** ତା.**01.11.2018**ରିଖ) ଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଟେଣ୍ଡର ବନ୍ଦ ହେବା ତାରିଖ ତା.28.11.2018ରିଖ(1500 ଘଟିକା) ଅଟେ। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

**PR-377/J/18-19** | **ଉପ ମୁଖ୍ୟ ଯନ୍ତ୍ରୀ/CSP**



ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ

OFFICE OF THE DISTRICT PROJECT COORDINATOR
SARVA SIKSHA ABHIYAN, NAYAGARH

**Verification of Part Time Instructor (Physical Education, Sports Persons)**

No. 2935 Dt.03.11.18

The final selection list for the 2nd phase posting of Part Time Instructor (Physical Education) Sports persons of Nyagarh district has been published in the district website **www.nayagarh.nic.in** and OPEPA website **www.opepa.in** for information of eligible applicants for verification of original certificates & testimonials at DPO, RTE-SSA, Nayagarh during the office hour as mentioned below. They are requested to attend the verification as per the scheduled date, time & venue. Those who fail to attend the verification as per the schedule shall forfeit their candidature.

| Sl. No. | Name of Post | Date | Time | Venue |
|---|---|---|---|---|
| 1 | Part Time Instructor (Physical Education) Sports persons | 16.11.2018 | 10.30 AM | DPO, RTE-SSA, Nayagarh |

**Sd./- District Project Coordinator**
**RTE-SSA, Nayagarh**

## ସଂକ୍ଷେପରେ

### ଅଭିଯୋଗ ଶୁଣାଣି ୧୦୨ ଅଭିଯୋଗ



**ବାଲେଶ୍ୱର ଅଫିସ, ୬।୧୧:** ବାଲେଶ୍ୱର ଜିଲାପାଳଙ୍କ ପ୍ରକୋଷ୍ଠରେ ସୋମବାର ଆୟୋଜିତ ମିଳିତ ଅଭିଯୋଗ ଶୁଣାଣିରେ ମୋଟ ୧୭୧ଜଣ ଅଭିଯୋଗକାରୀ ଆସି ତାଙ୍କର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ସାକ୍ଷାତ କରି ଗୁହାରି ଜଣାଇଥିଲେ। ସେଥିମଧ୍ୟରୁ ୧୦୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। କେତେକ ମେଡ଼ିକାଲ କେସ୍‌ଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୩ଟି କେସ୍ ବାବଦକୁ ମୋଟ ୮୪ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ରେଡ଼କ୍ରସ ପାଣ୍ଠିରୁ ୩ଟି କେସ୍ ପାଇଁ ୬ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସମସ୍ୟାର ଆଶୁ ସମାଧାନ ହୋଇପାରୁଥିବା ହେତୁ ଲୋକଙ୍କ ଏଥିପ୍ରତି ବିଶ୍ୱାସ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ତା' ଛଡ଼ା ଅନେକ ବ୍ୟକ୍ତି ଚିକିତ୍ସା ନିମନ୍ତେ ଜିଲାପାଳଙ୍କ ନିକଟରେ ଆର୍ଥିକ ସହଯୋଗର କାମନା କରିବା ନିମନ୍ତେ ଆସୁଥିବା ଜଣାପଡ଼ିଛି। ଏହି ଅଭିଯୋଗ ଶୁଣାଣିରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରାଶନକାର୍ଡ ଅନିୟମିତତା ନେଇ ହଟ୍ଟଗୋଳ

**ବାଳିଆପାଳ, ୬।୧୧(ଡି.ଏନ.ଏ./ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନ ଓ ରାଶନକାର୍ଡ଼ ବଣ୍ଟନକୁ କେନ୍ଦ୍ର କରି ମଙ୍ଗଳବାର ବାଳିଆପାଳ ପଞ୍ଚାୟତ ସମିତି ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ସଦସ୍ୟମାନେ ତୁରନ୍ତ ଚୟନ ହୋଇଥିବା ହିତାଧିକାରୀଙ୍କ ତାଲିକା ପ୍ରଦାନ ପାଇଁ ଅଡି ବସିଥିଲେ। ଅଧ୍ୟକ୍ଷ ବିଜନ ନାୟକ ଏବଂ ଏମ୍‌ପିଙ୍କ ପ୍ରତିନିଧି ଶଶଧର ପ୍ରଧାନଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ବ୍ଲକ ଅଧ୍ୟକ୍ଷ ବିଜନ ନାୟକଙ୍କ ଅଧ୍ୟକ୍ଷତାରେ ବାଳିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ମିନତୀ ଜଗଦେବ ପ୍ରାକ୍ ସୂଚନା ଦେଇଥିଲେ। ପରେ ରାଜ୍ୟସରକାରଙ୍କ ନିଜସ୍ୱ ଖାଦ୍ୟ ଯୋଜନା ବାଳିଆପାଳ ବ୍ଲକରେ ଅନୁଷ୍ଠାନିକ ଭାବେ ଉଦଘାଟନ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ବିଭିନ୍ନ ପଞ୍ଚାୟତରେ ହିତାଧିକାରୀଙ୍କୁ ରାଶନକାର୍ଡ଼ ବଣ୍ଟନ ଏବଂ ଚାଉଳ ବଣ୍ଟନ କରାଯାଉନାହିଁ। ଏନେଇ ରତେଇ ସମିତି ସଦସ୍ୟ ମହେଶ୍ୱର ଜେନାଙ୍କ ସମେତ ବାଲିକୁଟି, ବାଳିଆପାଳ, ପ୍ରତାପପୁର, ରତେଇ ଡଗରା, ସାଉଡ଼ି, ଦେଭୋଗ ଆଦି ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଦସ୍ୟ ପ୍ରଶ୍ନ ଉଠାଇବା ସହିତ ନିର୍ଦ୍ଦିଷ୍ଟ ଭାବେ ବିଡିଓ ଏବଂ ଯୋଗାଣ ଅଧିକାରୀଙ୍କଠାରୁ ଉତ୍ତର ମାଗିଥିଲେ। ମାତ୍ର ସେମାନେ ଏହାର ସଠିକ୍ ଭାବେ ଉତ୍ତର ଦେଇ ନ ପାରିବାରୁ ଶାସକଦଳ ଏହି ଯୋଜନାକୁ ରାଜନୈତିକ ଦୃଷ୍ଟିକୋଣରୁ ନିଜ ଦଳର କର୍ମୀମାନଙ୍କୁ ହିତାଧିକାରୀ ଭାବେ ଚୟନ କରିଥିବା ଅଭିଯୋଗ କରିଥିଲେ। ଏହି ଆଲୋଚନାରେ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ଅଣ୍ଡିଆ, କସ୍ତୁରୀବାଳା ପାତ୍ର, ସମିତିସଦସ୍ୟ ଗଣେଶ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଚୟନ ହୋଇଥିବା ହିତାଧିକାରୀଙ୍କ ତାଲିକା ସମସ୍ତ ସରପଞ୍ଚ ଏବଂ ସଦସ୍ୟଙ୍କୁ ପ୍ରଦାନ କରିବାକୁ ଅଧ୍ୟକ୍ଷ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗ୍ରାମ୍ୟ ଆବାସ ଯୋଜନାରେ ବୋନସ ଏବଂ କିସ୍ତି ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରିବାରେ ଅହେତୁକ ବିଳମ୍ବ ଏବଂ ଲାଞ୍ଚ କାରବାର ହେଉଥିବା ନେଇ ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଡିଓ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାମ୍ୟ ଜଳ ଯୋଗାଣ, ରାସ୍ତା ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ସମେତ ଉପାଧ୍ୟକ୍ଷ କବିତା ସାହୁ, ଜିଲାପରିଷଦ ସଦସ୍ୟ ଅନୁପମା ସାହୁ, ମୀନତି ଜେନା, ସହକାରୀ ଯନ୍ତ୍ରୀ, ସିଡ଼ିପିଓ, ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଜୟକୃଷ୍ଣ ବେହେରା, ଏବିଇଓ ବ୍ରଜ ବିହାରୀ ସାହୁ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ବିଡିଓ ଓ ଅନ୍ୟମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେଉଁ ପୁରରେ ଥାଏ,
ତିନିପୁରର ଖବର ମତେ
ନାରଦ ପରି ଦିଏ।**

ନାରଦଙ୍କ ଭୂମିକା ବାର୍ତ୍ତା ପ୍ରଚାର। ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ପୁରରେ ତାଙ୍କର ଅବାଧ ପ୍ରବେଶ ରହିଥାଏ। ସିଏ ଯେଉଁ ପୁରକୁ ଯାଇଥାନ୍ତି ସେଠି ଅନ୍ୟ ପୁରର ଖବର କହି ଅଯଥା ଦ୍ୱନ୍ଦ୍ୱ ତଥା କଳହ ସୃଷ୍ଟି କରିଥାନ୍ତି। ପରୋକ୍ଷରେ କହିହା ନାରଦଙ୍କ ଭୂମିକା ତୁଳାଇବା ଭଳି ୟା' କଥା ତା' ଆଗରେ ତା'କଥା ୟା' ଆଗରେ କହି ଅପ୍ରିୟତା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେଉଁଠି ଅଛନ୍ତି ତିନି ମୁଷଳ
ସେଠି ନାହିଁ କେବେ କୁଶଳ।**

ସାଧାରଣତଃ ତିନି ସଂଖ୍ୟା ଅମଙ୍ଗଳ ଓ ଅଶୁଭକାରକ ହୋଇଥାଏ। ଯେଉଁଠି ତିନିଜଣ ପୁରୁଷ ଏକତ୍ରିତ ହୁଅନ୍ତି ସେଠି କୌଣସି କାର୍ଯ୍ୟ ଭଲରେ ଭଲରେ ହୋଇପାରି ନ ଥାଏ। କାହା ମନ କାହା ସହ ମିଶି ନ ପାରିବା ସହ ଅଯଥା ଦ୍ୱନ୍ଦ୍ୱ ଓ କଳହ ସୃଷ୍ଟି ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ବୈଠକରେ ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

# ଭାଜପାର କାର୍ଯ୍ୟକାରିଣୀ ବୈଠକ

**ସଜନାଗଡ଼, ୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ବଣସୀମା(ଜୋନ୍ ନଂ.୧୧)ର ମଣ୍ଡଳର ଭାଜପା କାର୍ଯ୍ୟକାରିଣୀ ମଣ୍ଡଳର ସଭାପତି କମଳାକାନ୍ତ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦରଖୋଳି ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟକାରିଣୀ ସଦସ୍ୟ ତଥା ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବଣସୀମା ମଣ୍ଡଳର ସାଙ୍ଗଠନିକ ଅଭିବୃଦ୍ଧି ବିଷୟ ରଖିବା ସହ ଆଗାମୀ ଦିନରେ ରାଷ୍ଟ୍ରୀୟ ସଭାପତି ଏବଂ ରାଜ୍ୟ ସଭାପତିଙ୍କ ନିବେଦନକ୍ରମେ ହେବାକୁ ଥିବା ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ମତ ରଖିଥିଲେ। ନିର୍ବାଚନମଣ୍ଡଳୀ ପ୍ରଭାରୀ ସିପ୍ରା ବାଜପେୟୀ, ରାଜ୍ୟ ପରିଷଦ ସଦସ୍ୟ ରବି ନାରାୟଣ ବେହେରା, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚନ୍ଦ୍ରଶେଖର ନନ୍ଦ, ନୀଳଗିରି ନଗର ମଣ୍ଡଳ ସଭାପତି ମନୋରଞ୍ଜନ ବେହେରା, ଯୁବନେତା ପ୍ରବୀଣ ନାୟକ ଏବଂ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତା କୈଳାସ ବେହେରା ମଞ୍ଚାସୀନ ରହି ଆଗାମୀ ଦିନରେ ସାଙ୍ଗଠନିକ କାର୍ଯ୍ୟକୁ ଗତି ଦେବା ପାଇଁ ବକ୍ତବ୍ୟ ରଖିଥିଲେ। ମାର୍ତ୍ତଣ୍ଡ ମହାପାତ୍ର, ମାନସ କୁମାର ମିଶ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ଅନନ୍ତ ଦାସ, ପ୍ରତାପ ବେହେରା ଏବଂ ମାନସ ମହାପାତ୍ର ବୈଠକକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

# ବୋଇତ ବନ୍ଦାଣ ଉତ୍ସବ ଲାଗି ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୬।୧୧**

ଚଳିତବର୍ଷ ପାତ୍ରପଡ଼ା ସୁନହଟ ୨୯ତମ ବୋଇତ ବନ୍ଦାଣ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯିବା ପାଇଁ ମଙ୍ଗଳବାର ସୁନହଟ କ୍ଲବ ପକ୍ଷରୁ ସ୍ୱବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ବେଣୁମାଧବ ପଣ୍ଡା ସଭାପତିତ୍ୱ କରିଥିଲେ। ଆସନ୍ତା ନଭେମ୍ବର ୨୧ ଓ ୨୨ ଦୁଇଦିନ ଧରି ବହୁ ଆଡ଼ମ୍ବରରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବ। ଭଜନ ସନ୍ଧ୍ୟା, ମେଲୋଡ଼ି ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ, ଖ୍ୟାତିନାମା ସଙ୍ଗୀତକାର ଯୋଗଦେବାର ନିଷ୍ପତ୍ତି ନିଆଯାଇଛି। ଏଥିସହିତ ବିଦ୍ୟାଳୟସ୍ତରୀୟ ପିଲାଙ୍କ ମଧ୍ୟରେ ବୋଇତ ବନ୍ଦାଣ ବିଷୟବସ୍ତୁକୁ ନେଇ ଚିତ୍ରାଙ୍କନ, କବିତା, ଦୌଡ଼ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ବୈଠକରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେନ୍ଦ୍ର ରାଉତ, ଉପସଭାପତି ନବିନୀ ଦାସ, କାର୍ଯ୍ୟକାରୀ ସଭାପତି ଚିନ୍ମୟ ବିଶ୍ୱାଳ, ଉପଦେଷ୍ଟା ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

■ ଏମ୍‌ପିଙ୍କ ଦାବି ରଖିଲେ ରେଳମନ୍ତ୍ରୀ

# ବାଲେଶ୍ୱର ଦେଇ ପୁରୀ-ଭୁଜ ଟ୍ରେନ ଚଳାଚଳ ପ୍ରସ୍ତାବ

**ବାଲେଶ୍ୱର ଅଫିସ, ୬।୧୧**

ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ପ୍ରଚେଷ୍ଟାରେ ବାଲେଶ୍ୱରବାସୀ ତଥା ଓଡ଼ିଶାବାସୀଙ୍କ ପାଇଁ ଆଉ ଗୋଟିଏ ଆଶା ପୂରଣ ହେବାକୁ ଯାଉଛି। ପୁରୀରୁ ଗୁଜରାଟର ଭୁଜ୍ ଯାଏ ନୂଆ ଟ୍ରେନ ଚାଲିବାକୁ ରେଳ ମନ୍ତ୍ରଣାଳୟ ପ୍ରସ୍ତାବ ରଖିଛନ୍ତି। ଗତ ସେପ୍ଟେମ୍ବର ୮ ତାରିଖରେ ରେଳ ମନ୍ତ୍ରଣାଳୟକୁ ଏମ୍‌ପି ଜେନା ବାଲେଶ୍ୱର ଦେଇ ମହାରାଷ୍ଟ୍ର ଓ ଗୁଜରାଟକୁ ନୂଆ ଟ୍ରେନ ଚଳାଚଳ ପାଇଁ ଦାବି ଜଣାଇଥିଲେ। ଅକ୍ଟୋବର ୩୦ ତାରିଖରେ ରେଳମନ୍ତ୍ରୀ ପିୟୁଷ ଗୋୟଲ ଏହି ଚିଠିର ଉତ୍ତର ଦେଇଥିଲେ। କଟକ, ବାଲେଶ୍ୱର, ଖଡ଼ଗପୁର ଦେଇ ଗୁଜରାଟ ଅଭିମୁଖେ ନୂଆ ଟ୍ରେନ ଚଳାଚଳ ପାଇଁ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଛି ବୋଲି ଚିଠିରେ ଉଲ୍ଲେଖ ରହିଛି।

ଏନେଇ ଏମ୍‌ପି ଜେନା କହିଛନ୍ତି ଯେ ବାଲେଶ୍ୱର ଅଞ୍ଚଳରୁ ଅନେକ ଲୋକ ମହାରାଷ୍ଟ୍ର ଓ ଗୁଜୁରାଟରେ ଚାକିରି କରୁଛନ୍ତି। ଅନେକେ ବ୍ୟବସାୟ ତଥା ସ୍ୱାସ୍ଥ୍ୟ ସମସ୍ୟା ନେଇ ଏହି ଦୁଇ ପ୍ରମୁଖ ରାଜ୍ୟକୁ ଯାତ୍ରା କରିଥାନ୍ତି। ହେଲେ ପୂର୍ବରୁ ସିଧାସଳଖ ଟ୍ରେନ୍‌ରେ ସେଭଳି ସୁବିଧା ନ ଥିଲା। ରେଳ ମନ୍ତ୍ରଣାଳୟକୁ ଏନେଇ ଚିଠି ଲେଖିବା ପରେ ଦାବିକୁ ଗ୍ରହଣ କରି ପ୍ରସ୍ତାବ ରଖିଛନ୍ତି। ଏବେ ଅଞ୍ଚଳବାସୀ ଏହି ଦୁଇ ପ୍ରମୁଖ ଅଞ୍ଚଳକୁ ସହଜରେ ଯାତାୟତ କରିପାରିବେ ବୋଲି ଆଶା କରାଯାଉଛି।

# ଜନସମ୍ପର୍କ ପଦଯାତ୍ରା: କେନ୍ଦ୍ରକୁ ଟାର୍ଗେଟ୍

**ଔପଦା, ୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକର ଅଘିରାପଦା ଓ ବଡ଼ପୋଖରୀ ପଞ୍ଚାୟତରେ ମଙ୍ଗଳବାର ସ୍ଥାନୀୟ ଇଂ. ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ୨ଟି ପଞ୍ଚାୟତରୁ ସହସ୍ରାଧିକ ବିଜେଡି କର୍ମୀ, ସଭ୍ୟ, ସମର୍ଥକଙ୍କର ଏକ ବିଶାଳ ଶୋଭାଯାତ୍ରା ଅଘିରାପଦା ବଡ଼ପୋଖରୀ ମୁଖ୍ୟ ରାସ୍ତା ପରିକ୍ରମା କରି ଶାଳବଣସ୍ଥ ଶନି ମନ୍ଦିର ସମ୍ମୁଖ ପଡ଼ିଆରେ ପହଞ୍ଚିଥିଲା। ଏଥିରେ ଦରଦାମ ବୃଦ୍ଧି ନେଇ ବକ୍ତାମାନେ କେନ୍ଦ୍ରକୁ ଟାର୍ଗେଟ୍ କରିଥିଲେ।

ଔପଦା ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ ନାୟକ ବିଜେଡି ସରକାର ଲୋକଙ୍କ ସରକାର ବୋଲି କହିଥିଲେ। ବାଲେଶ୍ୱର ଜିଲା ବିଜେଡିର ଅନ୍ୟତମ ଜିଲା ସମ୍ପାଦକ ନିରଞ୍ଜନ ମହାନ୍ତି ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ଯୋଜନାର ବ୍ୟାଖ୍ୟା କରିଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ଅନିରୁଦ୍ଧ ବିଶ୍ୱାଳ, ବାଲେଶ୍ୱର ଏମ୍‌ପି ପ୍ରତିନିଧି ଅଶୋକ କୁମାର ପ୍ରଧାନ, ୧ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ନାରୀନେତ୍ରୀ ସୁବାସିନୀ ବିଶ୍ୱାଳ, ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡା, ଯୁବନେତା ମହେଶ୍ୱର ରାଉତ ପ୍ରମୁଖେ କେନ୍ଦ୍ର ସରକାରଙ୍କ ତୈଳ ଦର ଓ ଦରଦାମ ବୃଦ୍ଧି ପାଇଁ ବର୍ଷିଥିଲେ। ସଭା ମଞ୍ଚରେ ୮ଜଣ ସ୍ଥାନୀୟ ଯୁବକ ବିଜେଡି ଦଳରେ ଯୋଗଦେଇଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ରୋଡ୍। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595



ପୃଥିବୀର ୨୦ ଟି ପ୍ରଦୂଷିତ ଅଞ୍ଚଳ ମଧ୍ୟରେ ଭାରତର ୧୩ଟି ସହର ରହିଛି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ ହୋଇଛି। ପୃଥିବୀର ୧୯ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ୯୩ ପ୍ରତିଶତ ବାୟୁ ପ୍ରଦୂଷଣର ଶିକାର ହେଉଛନ୍ତି। ସେହିପରି ପ୍ରତିବର୍ଷ ୭୦ ଲକ୍ଷ ଲୋକଙ୍କର ବାୟୁ ପ୍ରଦୂଷଣ ଜନିତ ରୋଗରେ ମୃତ୍ୟୁ ଘଟୁଛି। ଗ୍ରୀନ୍ ପିସ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି ଯେ, ଭାରତର ୨୮୦ରୁ ଅଧିକ ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି।



## ସଂକ୍ଷେପରେ

### ପିଇଓଙ୍କଠାରୁ ଲକ୍ଷେ ଟଙ୍କା ଲାଞ୍ଚ ନେଲାବେଳେ ବିଡିଓ ଗିରଫ

**ସୁନ୍ଦରଗଡ଼/ବିଶ୍ରା, ୬।୧୧ (ଡି.ଏନ୍.ଏ.):** ଜଣେ ସରକାରୀ କର୍ମଚାରୀଙ୍କଠାରୁ ଉପରିସ୍ଥ ଅଧିକାରୀ ଲକ୍ଷେ ଟଙ୍କା ଲାଞ୍ଚ ନେଇ ଧରାପଡ଼ିବା ଭଳି ଘଟଣା ମଙ୍ଗଳବାର ସୁନ୍ଦରଗଡ ଜିଲାରେ ଘଟିଛି। ଜିଲାର ବିଶ୍ରା ବ୍ଲକର ବିଡିଓ ପ୍ରଶାନ୍ତ କୁମାର ରାଉତ ଉକ୍ତ ବ୍ଲକର ଝିରପାଣି ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ)ଙ୍କଠାରୁ ବିଭିନ୍ନ ପ୍ରକଳ୍ପର କାମ ମଞ୍ଜୁର ପାଇଁ ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରି ସୁନ୍ଦରଗଡ ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛନ୍ତି। ଭିଜିଲାନ୍ସ ବିଭାଗ ସୂଚନା ମୁତାବକ ସମ୍ପୃକ୍ତ ବିଡିଓ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାରା ମଞ୍ଜୁରପ୍ରାପ୍ତ ଅର୍ଥରେ ଝିରପାଣି ଗ୍ରାମପଞ୍ଚାୟତର ୪ଟି ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ଜେନାଙ୍କ ଠାରୁ ଲକ୍ଷେ ଟଙ୍କା ଦାବି କରିଥିଲେ। ଲାଞ୍ଚ ନ ପାଇବାରୁ ଫାଇଲ ଅନୁମୋଦନ ପାଇଁ ନାନା ଆଳଦେଖାଇ ଅଟକାଇ ରଖିଥିଲେ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ସମ୍ବଲପୁର ଉତ୍ତରାଞ୍ଚଳ ଭିଜିଲାନ୍ସ ବିଭାଗ ଏସ୍.ପି.ସ୍ୱରୂପ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଏକ ମାମଲା (ନଂ. ୬୫ /୨୦୧୮)ରୁଜୁ ହୋଇଥିଲା। ଏହା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ବିଡିଓଙ୍କୁ କାବୁ କରିବା ପଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠିତ ହୋଇଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ବିଡିଓ ରାଉତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ରାସାୟନିକ ପ୍ରଲେପ ଦିଆ ଏକଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରି ନିଜ ଟେବୁଲ ଡ୍ରରେ ଭର୍ତ୍ତି କରୁଥିଲେ। ଏହି ସମୟରେ ଛପି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଚଢାଉ କରି ତାଙ୍କଠାରୁ ଏହି ଲାଞ୍ଚ ଟଙ୍କା ଜବତ କରିଥିଲେ।

### ଠିକାଦାର ରନ୍ଥା ଅପହରଣ ମାମଲା

### ଟିଟୋ ବିରୋଧରେ ଏସ୍‌ଟିଏଫ୍‌ର ଚାର୍ଜଶିଟ ଦାଖଲ

**କେନ୍ଦ୍ରାପଡା ଅଫିସ, ୬।୧୧:** ଠିକାଦାର ଶିବପ୍ରସାଦ ପରିଡା ଓରଫ ରନ୍ଥାଙ୍କୁ ଗ୍ୟାଙ୍ଗଷ୍ଟର ସୟଦ ଉସମାନ ଅଲ୍ଲୀ ଓରଫ ଟିଟୋଙ୍କ ନିର୍ଦ୍ଦେଶରେ ଦାଦାବଟି ଆଦାୟ ପାଇଁ ଅପହରଣ କରି ନିଆଯାଇଥିଲା। ଏଥିସହ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ମଙ୍ଗଳବାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ କେନ୍ଦ୍ରାପଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ଗ୍ରାମର ଠିକାଦାର ରନ୍ଥାଙ୍କୁ ୨୦୧୭ ଅକ୍ଟୋବର ୧୧ରେ ଗ୍ୟାଙ୍ଗଷ୍ଟର ଟିଟୋଙ୍କ ନିର୍ଦ୍ଦେଶରେ କଜଳାସ୍ଥିତ ବାସଭବନରୁ ଉଠାଇ ନିଆଯାଇଥିଲା। ଏଥିସହ ତାଙ୍କୁ ମାଡମାରି ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିଲା। ଏହି ଘଟଣାରେ ଟିଟୋ, ତାଙ୍କ ଭାଇ ସେକ ବାବର ଓରଫ ଚନ୍ନୁ, ଦିଲସାଦ ଅଲ୍ଲୀ ଓରଫ ବାପୁ, ଅସପାକ ଅଲ୍ଲୀ ଓରଫ ଜୀ ବାବୁ, ସୟଦ ଇମ୍ରାନ ଅଲ୍ଲୀ ଓରଫ ସପୋ, ଜାଭେଦ ଅଲ୍ଲୀ ଓରଫ ହୀରା, ସୟଦ ଇମ୍ରାନ ଅଲ୍ଲୀ ଓରଫ ବବଲୁ ଏବଂ ଅନ୍ୟମାନଙ୍କ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ ଜୁଲାଇ ୯ରେ ମାମଲା (ନଂ-୯୯/୧୮) ରୁଜୁ କରିଥିଲେ। କିନ୍ତୁ ଗ୍ୟାଙ୍ଗଷ୍ଟର ଟିଟୋଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ଗିରଫ କରାଯିବା ପରେ ତାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ଥିବା ମାମଲାଗୁଡିକ ତଦନ୍ତ ଦାୟିତ୍ୱ ଏସ୍‌ଟିଏଫ୍ ନିଜ ଅଧୀନକୁ ନେଇଥିଲା। ନିକଟରେ ଏସ୍‌ଟିଏଫ୍ ପକ୍ଷରୁ ଠିକାଦାର ରନ୍ଥାଙ୍କ ଅପହରଣ ଘଟଣାର ତଦନ୍ତ କରାଯାଇଛି। ଏଥିଲାଗି ଟିଟୋଙ୍କୁ ରିମାଣ୍ଡରେ ନିଆଯାଇ ପଚରାଉଚୁରା କରାଯାଇ ଏବେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଛି ବୋଲି ମାମଲାର ତଦନ୍ତକାରୀ ଅଧିକାରୀ ରାମଚନ୍ଦ୍ର ଥମ୍ଭ ଓ ସରକାରୀ ଓକିଲ ସଞ୍ଜୟ୍ କୁମାର ଜେନା ସୂଚନା ଦେଇଛନ୍ତି। ଗ୍ୟାଙ୍ଗଷ୍ଟର ଟିଟୋ ଏବଂ ଚନ୍ନୁ ଏବେ ଗିରଫ ହୋଇ ଜେଲରେ ଥିବାବେଳେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଛି।

# ସ୍ୱାଭିମାନ ଅଞ୍ଚଳରେ ପ୍ରତିଷ୍ଠା ହେବ ବିଏସ୍‌ଏଫ୍ କ୍ୟାମ୍ପ୍

**ମାଲକାନଗିରି, ୬।୧୧(ଡି.ଏନ.ଏ.)**

- ମାଲକାନଗିରିରେ ପୋଲିସ ଡିଜି
- ପୋଲିସ ଗୁଳିରେ ୨ ଗ୍ରାମବାସୀଙ୍କ ମୃତ୍ୟୁ ଅଭିଯୋଗ
- କ୍ଷତିପୂରଣ ଦାବି କରି ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ

ସୋମବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ପପୁଲୁର, କୁର୍ମାନୁର, ସନ୍ନ୍ୟାସୀଗୁଡ଼ା ନିକଟରେ ଏସ୍‌ଓଜି ଏବଂ ଡିଭିଏଫ୍ ଯବାନଙ୍କ ଏନ୍‌କାଉଣ୍ଟରରେ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଜିଲା ପୋଲିସର ମନୋବଳକୁ ଦୃଢ କରିବା ଲାଗି ମଙ୍ଗଳବାର ଡିଜିପି ଡ. ଆର.ପି. ଶର୍ମା ମାଲକାନଗିରି ଗସ୍ତ କରିଛନ୍ତି। ମଧ୍ୟାହ୍ନରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ ମାଲକାନଗିରି ବିଏସ୍‌ଏଫ୍ କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ପରେ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଆୟୋଜିକ ଏକ ଉଚ୍ଚସ୍ତରୀୟ ବୈଠକରେ ଶର୍ମା ଯୋଗଦେଇଥିଲେ । ବିଶେଷ କରି ସୋମବାର ଅପରେଶନର ରଣକୌଶଳ କିପରି ଥିଲା ସେ ସମ୍ପର୍କରେ ଅବଗତ ହେବା ସହ ଆଗାମୀ ଦିନରେ ମାଓବାଦୀ ଦମନ ନେଇ ରଣକୌଶଳ ପ୍ରସ୍ତୁତ ହୋଇଥିଲା । ଏହି ଅବସରରେ ଡ. ଶର୍ମା ଅପରେଶନକୁ ସଫଳ ରୂପାୟନ ଦେଇଥିବା ଏସ୍‌ଓଜି ଓ ଡିଭିଏଫ୍ ଯବାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ବୈଠକରେ ମାଓବାଦୀଙ୍କ ସ୍ଥିତି ଓ ଦମନ ନେଇ ଆଲୋଚନା କରାଯିବା



ଡିଜିପି ଡ. ଆର୍.ପି. ଶର୍ମା ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ସହ ବିଚ୍ଛିନ୍ନାଞ୍ଚଳ ତଥା ବର୍ତ୍ତମାନର ସ୍ୱାଭିମାନ ଅଞ୍ଚଳ ମାଓବାଦୀଙ୍କ ଚରାଭୂଇଁ ପାଲଟିଥିବାରୁ ସେଠାରେ କିଭଳି ବିଏସ୍‌ଏଫ୍ କ୍ୟାମ୍ପ ପୁନଃପ୍ରତିଷ୍ଠା ହେବ ଓ ପୋଲିସ କିଭଳି ସମ୍ପୃକ୍ତ ଅଞ୍ଚଳକୁ ଯାଇ ସୁବିଧାରେ ଅପରେଶନ କରିପାରିବ ସେ ନେଇ ଆଲୋଚନା ହୋଇଥିଲା । ଏହି ଅପରେଶନ ସ୍ଥାନ ଜନଗହଳିଠାରୁ ନିକଟରେ ହୋଇଥିବା ସତ୍ତ୍ୱେ ସୂଚାରୁରୂପେ ପରିଚାଳନା କରାଯିବାରୁ କୌଣସି ଗ୍ରାମବାସୀଙ୍କୁ କ୍ଷତି ପହଞ୍ଚିନାହିଁ ବୋଲି ଶର୍ମା କହିବା ସହ ଯବାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ହେବା ପରେ ବିଦ୍ୟୁତ୍ ସେବା ସହ ରାସ୍ତା କାର୍ଯ୍ୟ ମଧ୍ୟ ଚାଲିଛି । ଏହି ଅଞ୍ଚଳରେ ସୁରକ୍ଷା ସହ ଉନ୍ନୟନ କାର୍ଯ୍ୟର ମଧ୍ୟ ଆବଶ୍ୟକତା ରହିଛି । ସମ୍ପୃକ୍ତ ଅଞ୍ଚଳର ବିକାଶ ସହ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଉଛି। ବିକାଶ ହେଲେ ମାଓବାଦୀଙ୍କ ପ୍ରତି ଲୋକ ସମର୍ଥନ ହ୍ରାସ ପାଇବ ବୋଲି ସେ କହିଥିଲେ ।

ଏହି ସମୀକ୍ଷା ବୈଠକରେ ଏଡିଜି ଅପରେଶନ ଆର୍.ପି. କୋଚେ, ଗୋଇନ୍ଦା ବିଭାଗ ଆଇଜି ରାଧାକୃଷ୍ଣ ଶର୍ମା, ଆଇଜି ଘନଶ୍ୟାମ ଉପାଧ୍ୟାୟ, ଦକ୍ଷିଣ ପଶ୍ଚିମାଞ୍ଚଳ ଭାରପ୍ରାପ୍ତ ଡିଆଇଜି ଆଶିଷ ସିଂ, ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ, କୋରାପୁଟ ଏସ୍‌ପି ଡ. କନୱର ବିଶାଲ ସିଂ, ମାଲକାନଗିରି ଏସ୍‌ପି ଜଗମୋହନ ମୀନା, ଏସ୍‌ଡିପିଓ ବିବେକ ସାରବଣ ଏମ.ଙ୍କ ସମେତ ବିଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ସୋମବାର ପୋଲିସ-ମାଓବାଦୀ ଗୁଳିବିନିମୟ ବେଳେ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା । ତେବେ ଏହି ଗୁଳି ବିନିମୟ ସମୟରେ ୨ ଜଣ ସ୍ଥାନୀୟ ଅଧିବାସୀ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି । ମୃତକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ମଙ୍ଗଳବାର ମାଲକାନଗିରି ଏସ୍‌ପି ଜଗମୋହନ ମୀନାଙ୍କୁ ସାକ୍ଷାତ କରି କ୍ଷତିପୂରଣ ଦାବି କରିଛନ୍ତି । ମୃତକମାନେ ହେଲେ ଚେନ୍ଦୁରପାଲି ଗ୍ରାମର ସୁନ୍ଦରରାୟ ହନ୍ତାଳ ଓ ପଦଲାମ ହନ୍ତାଳ । ଉଭୟ ଗୋଟିଏ ପରିବାରର ବାପ ଓ ପୁଅ ବୋଲି ଜଣାପଡ଼ିଛି । ସକାଳେ ମାଓବାଦୀମାନେ ଗ୍ରାମବାସୀଙ୍କୁ ପାଣି ଆଣି ଦେବାକୁ କହିଥିଲେ। ସୁନ୍ଦରରାୟ ଓ ପଦଲାମ ମାଓବାଦୀଙ୍କ ପାଇଁ ପାଣି ନେଇ ଯାଉଥିବା ବେଳେ ଗୁଳି ବାଜି ଉଭୟଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେବେ ପୋଲିସ ଡି.ଜି. ଏହି ଅଭିଯୋଗ ନେଇ ପ୍ରତିକ୍ରିୟା ଦେଇ କୌଣସି ଗ୍ରାମବାସୀଙ୍କୁ କ୍ଷତି ପହଞ୍ଚି ନ ଥିବା କହିଛନ୍ତି।

### ସେଲ୍‌ଫି ହେଲା କାଳ ନଦୀରେ ପଡ଼ି ଯୁବକ ମୃତ

**ରାୟଗଡା ଅଫିସ, ୬।୧୧**

ରାୟଗଡା ବୁଲିବୁ, ସାଙ୍ଗମାନଙ୍କ ସହ ମିଠାମିଠା ସ୍ମୃତି ସାଉଁଟି ଘରକୁ ଫେରିବୁ, ଏଇ ଆଶା ନେଇ ପଡୋଶୀ ଆନ୍ଧ୍ରରୁ ୧୦ଜଣ ଯୁବକ ମଙ୍ଗଳବାର ରାୟଗଡା ଆସିଥିଲେ। ମା’ ମଝିଘରିଆଣୀଙ୍କ ଦର୍ଶନ ପରେ ମନ୍ଦିର ନିକଟ ଝୁଲା ବ୍ରିଜ ତଳେ ପ୍ରବାହିତ ହେଉଥିବା ନାଗାବଳୀ ନଦୀକୁ ଫଟୋ ଉଠେଇବାକୁ ଯାଇଥିଲେ। ଏହି ସମୟରେ ପାଦ ଖସିଯିବାରୁ ନଦୀରେ ଭାସିଯାଇ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ଏମ୍.ଗଙ୍ଗାରାଜୁ(୩୫)। ପ୍ରକାଶ ଯେ, ମଙ୍ଗଳବାର ପଡୋଶୀ ଆନ୍ଧ୍ରରୁ ଏମ୍. ଗଙ୍ଗାରାଜୁଙ୍କ ସମେତ ୧୦ଜଣ ଯୁବକ ରାୟଗଡା ଆସି ମଝିଘରିଆଣୀ ମନ୍ଦିରରେ ମା’ଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ସେମାନେ ରାୟଗଡା ସହର ଉପକଣ୍ଠସ୍ଥ ଝୁଲା ବ୍ରିଜ୍‌କୁ ଦେଖିବାକୁ ଯାଇଥିଲେ। ଝୁଲାବ୍ରିଜ୍ ଦେଖିବାପରେ ନାଗାବଳୀ ନଦୀରେ ଥିବା ଚାଞ୍ଚରା ପଥରକୁ ଫଟୋ ଉଠାଇବାକୁ ଯାଇଥିଲେ। ସେଲ୍‌ଫି ନେବା ବେଳେ ଏନ୍.ଗଙ୍ଗାରାଜୁ ଭାରସାମ୍ୟ ହରାଇ ନଦୀ ମଧ୍ୟକୁ ଖସିପଡିଥିଲେ। ସାଙ୍ଗମାନେ ତାଙ୍କୁ ବଞ୍ଚେଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ।

## ‘ଖଣି ମାଫିଆଙ୍କୁ ଛାଡ଼, ଚାଷୀଙ୍କୁ କାହିଁକି ନୁହେଁ’

- ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତ ଜେନାଙ୍କ ଚିଠି

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

ଓଡ଼ିଶାର ଖଣି ଲୁଟ୍ କରିଥିବା ମାଫିଆଙ୍କ ସ୍ୱାର୍ଥ ରକ୍ଷା ପାଇଁ ୫୦ ହଜାର କୋଟି ଟଙ୍କା ଛାଡ କରାଯାଇପାରୁଛି। ରାତି ଅଧରେ କ୍ୟାବିନେଟ୍ ଡକାଯାଇ ନିୟମ ପରିବର୍ତ୍ତନ ହୋଇପାରୁଛି। ହେଲେ ରାଜ୍ୟରେ କୃଷକଙ୍କର ଥିବା ୧୫ ହଜାର କୋଟି ଟଙ୍କାର ଋଣ ଛାଡ ହୋଇପାରୁ ନାହିଁ। ଏହା ରାଜ୍ୟ ସରକାରଙ୍କ କୃଷକଙ୍କ ପ୍ରତି ଅସଲ ଆଭିମୁଖ୍ୟ ସ୍ପଷ୍ଟ କରୁଛି ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ରାଜ୍ୟରେ କୃଷକ ଆନ୍ଦୋଳନ ତୀବ୍ରତର ହୋଇଛି। ଚାଷକୁ ଜମି ନାହିଁ। ଶିଳ୍ପପତିଙ୍କୁ ମାଗିବା ମାତ୍ରେ ଜମି ମିଳୁଛି, କେତେକ ସ୍ଥାନରେ କମ୍ପାନୀ ଜମି ନେଇ ବର୍ଷ ବର୍ଷ ଧରି ଶିଳ୍ପ ନ କରି ପକାଇ ରଖୁଥିବା ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ଏଥି ସହିତ ଏହି ମର୍ମରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ଏକ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ପତ୍ରରେ ରାଜ୍ୟ ସରକାର କେନ୍ଦ୍ରକୁ ଅପେକ୍ଷା ନ କରି ସ୍ୱାମୀନାଥନ କମିଟି ରିପୋର୍ଟ କାର୍ଯ୍ୟକାରୀ କରିବା, ଧାନ ଓ ଅନ୍ୟାନ୍ୟ କୃଷିଜାତ ଉତ୍ପାଦର ମୂଲ୍ୟ ବୃଦ୍ଧି, କୃଷି ଋଣ ଛାଡ ସହ ପେନସନ୍ ଦେବାର ବ୍ୟବସ୍ଥା ତୁରନ୍ତ କରିବାର ଆବଶ୍ୟକତା ରହିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କର ଚାଷୀ ପ୍ରତି ଯାହା କର୍ତ୍ତବ୍ୟ ଥିଲା, ତାହା ହୋଇ ପାରିନାହିଁ। ତେଣୁ ଓଡ଼ିଶାରେ ଭାଜପା ଆନ୍ଦୋଳନକୁ ସମର୍ଥନ କରିବା ଧର୍ମକୁ ଆଖିଠାର ମାତ୍ର। ଅପରପକ୍ଷରେ ଚାଷୀମାନଙ୍କ ଆନ୍ଦୋଳନକୁ ଆୟୁଧ କରି ବହୁ ବ୍ୟକ୍ତି ରାଜନୈତିକ ସ୍ୱାର୍ଥ ସାଧନ କରୁଛନ୍ତି, ଏ ସମ୍ପର୍କରେ ଶ୍ରୀକାନ୍ତଙ୍କୁ ଖବରଦାତାମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସେ କହିଛନ୍ତି ଯେ, ସବୁଦିନ ପାଇଁ ଲୋକଙ୍କୁ ବୋକା ବନାଇ ଦିଆଯାଇ ନ ପାରେ। କିଏ ଖଣି ମାଫିଆ, କିଏ ବିଲ୍ଡର ଲୋକେ ପୋଷାକ ଏବଂ ଅତି ଭକ୍ତିରୁ ଜାଣି ପାରିବେ। ତେଣୁ ଚାଷୀକୁଳ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସଙ୍ଗଠିତ ହୋଇ ଆନ୍ଦୋଳନ କରନ୍ତୁ। ରାଜ୍ୟ ଓ କେନ୍ଦ୍ର ସରକାର ସେମାନଙ୍କ ଦାବି ପ୍ରତି ମୁଣ୍ଡ ନୁଆଁଇବାକୁ ବାଧ ହେବେ।

# କୃଷି କ୍ଲଷ୍ଟର ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

- ୪ ବର୍ଷରେ ଢିପଜମି ଥିବା ୧୨ ଜିଲାରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠା ହେବ
- ୪୦୧.୬୦ କୋଟି ଟଙ୍କା ଖର୍ଚ୍ଚ ହେବ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ମଙ୍ଗଳବାର କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ଉଚ୍ଚ ଜମିଥିବା ଅଞ୍ଚଳରେ ଏହି ଯୋଜନା କୃଷି ଓ କୃଷକ ସଶକ୍ତୀକରଣ ଦ୍ୱାରା ଆରମ୍ଭ କରାଯିବ। କ୍ଲଷ୍ଟର ପାଇଁ ଆବଶ୍ୟକ ଅର୍ଥ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ଜୀବିକା ମିଶନ୍, ଏପିକଲ୍, ବିଆର୍‌ଏଲ୍‌ଏଫ୍ ଭଳି ସଂସ୍ଥା ଯୋଗାଇବେ। ଏ ସମସ୍ତ ବାବଦରେ ୪୦୧.୬୦ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ସେଥିମଧ୍ୟରୁ ଓଡ଼ିଶା ଜୀବିକା ମିଶନ୍ ୭୦.୦୬ କୋଟି ଟଙ୍କା, ଏପିକଲ୍ ୧୭.୮୦ କୋଟି ଟଙ୍କା, ବିଆରଏଲ୍‌ଏଫ୍ ଏବଂ ଏହାର ସହଯୋଗୀ ସଂସ୍ଥା ୨୦.୩୪ କୋଟି ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗଗୁଡିକ ପ୍ରାୟ ୨୯୩.୪୦ କୋଟି ଟଙ୍କା ଯୋଗାଇଦେବ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଜୀବିକା ମିଶନ୍ , ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ଉଠା ଜଳସେଚନ ନିଗମ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗରେ ଉପଲବ୍ଧଥିବା ଯୋଜନାଗୁଡିକ ପ୍ରସ୍ତାବିତ କ୍ଲଷ୍ଟର ଅଞ୍ଚଳରେ ଭିତ୍ତିଭୂମି ପ୍ରତିଷ୍ଠାରେ ସହଯୋଗ କରିବ।

ଆଗାମୀ ୪ ବର୍ଷରେ ରାଜ୍ୟର ଢିପ ଜମି ଥିବା ୧୨ ଜିଲାର ୪୦ଟି ପଛୁଆ ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ଓଡ଼ିଶାର ୧ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର ଆୟକୁ ଚିରସ୍ଥାୟୀ ଭାବେ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୫୦ ଜଣ ଚାଷୀଙ୍କୁ ନେଇ ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ବଜାର ଅନୁବନ୍ଧିତ ଭିତ୍ତିରେ ବଢାଯିବ। ପ୍ରାୟ ୪୦ ଏକର ପରିମିତ ଜମିରେ ଉଦ୍ୟାନ କୃଷି ଭିତ୍ତିକ ଫସଲ ଚାଷ କରିବାକୁ ସୁବିଧା ପ୍ରଦାନ କରାଯିବ। ଏହି ଉତ୍ପାଦକ ଗୋଷ୍ଠୀରୁ ୪ରୁ ୫ ହଜାର ଚାଷୀମାନଙ୍କୁ ନେଇ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠା କରାଯିବ। ଓଡ଼ିଶାର ୪୦ଟି ବ୍ଲକରେ ୬୫୦ଟି ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ୧ ଲକ୍ଷ ଚାଷୀଙ୍କୁ ନେଇ ୩୦ଟି ଉତ୍ପାଦକ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ଜଣାପଡିଛି। ଏତଦ୍‌ବ୍ୟତୀତ ୭୫୦ ବଜାର ସଂଯୋଗକାରୀ କୃଷି ଉଦ୍ୟୋଗୀଙ୍କୁ ସୃଷ୍ଟି କରି ମୂଲ୍ୟ ଶୃଙ୍ଖଳ ସହାୟକ ଭାବେ ଅବସ୍ଥାପିତ କରାଯିବ। ୪୦ ପ୍ରତିଶତ ଜମିରେ ବିନା କୀଟନାଶକ ଫସଲ ପରିଚାଳନା ପଦ୍ଧତି ଆରମ୍ଭ କରାଯିବାର ଲକ୍ଷ୍ୟ ରଖାଯାଇଛି। ଗୋପାଳନ ସହ ୪୦,୦୦୦ ପରିବାରକୁ ଛେଳି, ମେଣ୍ଢା ଓ କୁକୁଡା ପାଳନ ପାଇଁ ମଧ୍ୟ ସହାୟତା କରାଯିବ। କୃଷି ଉତ୍ପାଦନର ବିକ୍ରିବଟା ପାଇଁ ବଜାର ପ୍ରଶସ୍ତ ହେବ। ଏ ସମ୍ପର୍କିତ ଉନ୍ନୟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ୧୬,୦୦୦ ଏକର ଜମିରେ ଜଳସେଚନ, ୪୦୦୦ ଏକର ଜମିରେ ଫଳଚାଷ, ୭୦୦୦ ଚାଷୀଙ୍କୁ କୃଷି ଯାନ୍ତ୍ରୀକରଣ ସୁବିଧା ଦିଆଯିବ। ସେହିପରି ପ୍ରାୟ ୩୦,୦୦୦ ଛେଳି, ମେଣ୍ଢା ଓ କୁକୁଡା ପାଳନ ପାଇଁ ସରକାରଙ୍କର ପ୍ରଚଳିତ କାର୍ଯ୍ୟକ୍ରମ ମାଧ୍ୟମରେ ସୁବିଧା ପ୍ରଦାନ କରାଯିବ। ଭାରତ ରୁରାଲ ଲାଇଭଲିହୁଡ୍ ଫାଉଣ୍ଡେଶନ ଏବଂ ଏହାର ବେସରକାରୀ ଅନୁଷ୍ଠାନ ‘ପ୍ରଧାନ’ ସହାୟତାରେ ବ୍ଲକ ଓ ଜିଲାସ୍ତରରେ କୃଷି ବୈଷୟିକ ପରିଚାଳନା ସଂସ୍ଥାର ସହଯୋଗରେ ଯୋଜନାକୁ କାର୍ଯ୍ୟକାରୀ କରାଯିବ।

## ବଲାଙ୍ଗୀର ବାଇପାସ୍ ପାଇଁ ସଡ଼କ ପରିବହନ ମନ୍ତ୍ରଣାଳୟର ମଞ୍ଜୁରୀ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ବଲାଙ୍ଗୀର ବାଇପାସ୍ ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ କେନ୍ଦ୍ର ସଡ଼କ ପରିବହନ, ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ଦିଆଯାଇଛି। ମଙ୍ଗଳବାର ଉକ୍ତ ବିଭାଗ ମନ୍ତ୍ରୀ ନୀତିନ ଗଡକରୀ ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଗଡକରୀ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବଲାଙ୍ଗୀର ବାଇପାସ୍ ବିକଶିତ ଏବଂ ନିର୍ମାଣ କରିବା ପାଇଁ ମନ୍ତ୍ରଣାଳୟ ଅନୁମୋଦନ ପ୍ରଦାନ କରିଛି। ଏଥିପାଇଁ ଜମି ଅଧିଗ୍ରହଣ କରିବାକୁ ୧୯୦କୋଟି ଟଙ୍କା ଆକଳନ କରାଯାଇଛି। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସଡ଼କ ପରିବହନ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ବଲାଙ୍ଗୀର ବାଇପାସ୍ ନିର୍ମାଣ ପାଇଁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପତ୍ର ଲେଖି ଅନୁରୋଧ କରିଥିଲେ।

## ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା, ସୁନାଅଳଙ୍କାର ଠକେଇ

# ନକଲି ପୋଲିସ ଅଧିକାରୀ ଗିରଫ

**ସୁନ୍ଦରଗଡ଼, ୬।୧୧ (ଡି.ଏନ୍.ଏ.)**

ରେଳବାଇ ବିଭାଗରେ ଚାକିରି କରାଇଦେବାକୁ କହି ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ଅଞ୍ଚଳର ବହୁ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଜଣେ ନକଲି ପୋଲିସ ଅଧିକାରୀଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସେ ହେଲେ ଗଞ୍ଜାମ ଜିଲା ବୁଗୁଡା ଥାନା ସଦାଶିବପୁର ଗ୍ରାମର ରାକେଶ ରଥ (୨୧)। ଏହି ଯୁବକ ରାଉରକେଲା ବେଦବ୍ୟାସର ଏକ ହୋଟେଲରେ ଥିବାବେଳେ ସୁନ୍ଦରଗଡ ପୋଲିସ ଚଢାଉ କରି ଧରିଛି। ସମ୍ପୃକ୍ତ ଯୁବକ ଜଣକ ପୋଲିସ ବିଭାଗର ଜଣେ ଡିଏସ୍‌ପି ଭାବେ ପରିଚୟ ଦେଇ ଜାଲ ପରିଚୟପତ୍ର ଦେଖାଇ ବେକାର ଯୁବତୀଯୁବକଙ୍କୁ ପ୍ରଲୋଭିତ କରିଥିଲେ। ରେଳ ବିଭାଗରେ ଚାକିରି କରାଇଦେବାକୁ କହି ଅର୍ଥ ଆଦାୟ କରିଥିଲେ। ମାତ୍ର ଯୁବକମାନଙ୍କ ଠାରୁ ଟଙ୍କା ନେଇ ପରେ ଚାକିରି ଆଜି ହେବ କାଲି ହେବ କହି ଦିନ ଗଡାଇ ଚାଲିଥିଲେ। ସୁନ୍ଦରଗଡ ସଦର ବ୍ଲକ କୁତମୁରା, ଚମ୍ପାପଡା, ସାଲେପାଲି ଓ ଅନ୍ୟାନ୍ୟ ଗ୍ରାମର ପ୍ରାୟ ୭ରୁ ୮ ଯୁବକଙ୍କଠାରୁ ପାଖାପାଖି ୨ଲକ୍ଷ ଟଙ୍କା ନେଇଥିଲେ। ଏହି ଥାନା ଅନ୍ତର୍ଗତ ଚମ୍ପାପଡ଼ା ଗ୍ରାମର ବଳଦେବ କିଷାନ ନାମକ ଜଣେ ଯୁବକଙ୍କଠାରୁ ୭୦ ହଜାର ଟଙ୍କା ମୂଲ୍ୟର ସୁନାଅଳଙ୍କାର ନେଇଥିଲେ। କୁତମୁରା ଗ୍ରାମର ସଞ୍ଜୟ ବଡେଇ ନାମକ ଜଣେ ଯୁବକଙ୍କଠାରୁ ଅଭିଯୁକ୍ତ ରାକେଶ ୩୦ ହଜାର ଟଙ୍କା ଗତ ୬/୭ମାସ ହେବ ନେଇଥିଲେ। ମାତ୍ର ସଞ୍ଜୟଙ୍କୁ ଚାକିରି କରାଇବା ଦୂରେ ଥାଉ ନେଇଥିବା ଟଙ୍କା ଫେରାଇବାରେ ଦିନ ଗଡାଇ ଚାଲିଥିଲେ। ଏହି ଯୁବକମାନଙ୍କୁ ଆହୁରି ଅଧିକ ୩୦ହଜାର ଟଙ୍କା ଲେଖାଏଁ ଦେଲା ପରେ ଚାକିରି ହେବ ବୋଲି କହି ରାଉରକେଲାର ଏକ ହୋଟେଲରେ ରହି ଡକାଇଥିଲେ। ଠକେଇର ଶିକାର ହୋଇଥିବା ସଞ୍ଜୟ ଓ ଅନ୍ୟ ଯୁବକମାନେ ଏ ସମ୍ପର୍କରେ ସୋମବାର ଧରୁଆଡିହି ଥାନା ପୋଲିସକୁ ଜଣାଇଥିଲେ। ରିପୋର୍ଟ ପରେ ପୋଲିସ ଧରୁଆଡିହି ଥାନାରେ ଏକ ମାମଲା (ନଂ. ୯୩/୨୦୧୮) ରୁଜୁ କରିଥିଲା। ଧରୁଆଡିହି ଥାନା ଅଧିକାରୀ ମିଲି ସାହୁ ସଦଳବଳ ମଙ୍ଗଳବାର ଭୋରରୁ ରାଉରକେଲା ବେଦବ୍ୟାସ ହୋଟେଲରେ ଚଢାଉ କରି ଅଭିଯୁକ୍ତ ରାକେଶ ରଥଙ୍କୁ ଗିରଫ କରିଥିଲେ। ଥାନାକୁ ଆଣି ପଚରାଉଚରା ପରେ ଘଟଣା ଜଣାପଡ଼ିଥିଲା। ତାଙ୍କଠାରୁ ନକଲି କାର୍ଡ଼ ଜବତ କରାଯାଇଛି। ପରେ ତାଙ୍କୁ ସୁନ୍ଦରଗଡ କୋର୍ଟକୁ ଚାଲାଣ କରିଥିଲେ।

# ଚିଲିକାରେ ଉଦ୍‌ଘାଟିତ ହେଲା ଭସାପୋଲ

**ବ୍ରହ୍ମଗିରି/କୃଷ୍ଣପ୍ରସାଦ, ୬।୧୧ (ଡି.ଏନ୍.ଏ.)**

ଚିଲିକାର ଦୁର୍ଗମ ଜଳରାଶିରେ ଗମନା ଗମନର ସୁବିଧା ପାଇଁ ମଙ୍ଗଳବାର ଏକ ଭୂତଳ ଜଳ ତରୀ(ଭସାପୋଲ)ର ଉଦ୍‌ଘାଟନ ହୋଇଯାଇଛି। ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ୧କୋଟି ଟଙ୍କା ବ୍ୟୟରେ ତଥା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ଭସାପୋଲ କାର୍ଯ୍ୟକାରୀ ହୋଇଛି। ୨୦୦୦ମସିହାରେ ଚିଲିକାରେ ଗମନା ଗମନ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭସାପୋଲର ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ବ୍ରହ୍ମପୁର ଓ





ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ସଞ୍ଜୟ କୁମାର ଦାସବର୍ମା ଓ ଅନ୍ୟମାନେ।

ପୁରୀ ଜିଲାକୁ ଗମନା ଗମନରେ ସୁବିଧା ହୋଇଥିଲା। ମାତ୍ର ଏହି ଭସାପୋଲରେ ବାରମ୍ବାର ସମସ୍ୟା ଦେଖାଦେବାରୁ ଆଉ ଏକ ଭସାପୋଲର ଆବଶ୍ୟକତା ପଡ଼ିଥିଲା। ନୂତନ ଭସାପୋଲ ଦ୍ୱାରା ବ୍ରହ୍ମଗିରି ବ୍ଲକ ସହ କୃଷ୍ଣପ୍ରସାଦ ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ବିଧାୟକ ଦାସବର୍ମା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁଶାନ୍ତ ନନ୍ଦ, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସୌଦାମିନୀ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଲୁ ମହାପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

କଂଗ୍ରେସର ଟାଣୁଆ ନେତା ତଥା ପୂର୍ବତନ ପିସିସି କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ କଂଗ୍ରେସର ବହୁ ସଙ୍ଗଠନ ପାଳନ କରିଛନ୍ତି। ମଙ୍ଗଳବାର ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତିକମିଟିପକ୍ଷରୁ ଶ୍ରାଦ୍ଧ ସଭା ପାଳିତ ହୋଇଯାଇଛି। ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ଏହି ସଭାରେ ଶୁଭେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଲୁଲୁବାବୁ ଜଣେ ଦୃଢମନା ନେତା ଥିଲେ। ରାଜନୀତିରେ ସତ୍ୟରୁ ସେ କେବେହେଲେ ବିଚ୍ୟୁତ ହେଉ ନ ଥିଲେ। କଂଗ୍ରେସ କିଭଳି ରାଜ୍ୟରେ ଅଧିକ ସଙ୍ଗଠିତ ଏବଂ ଲୋକପ୍ରିୟ ହୋଇପାରିବ ସେଥିପାଇଁ ସେ ସବୁବେଳେ ଉଦ୍ୟମ ଜାରି ରଖିଥିଲେ। ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଲାଗି ନିରଞ୍ଜନ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଦଳର ବହୁ ବରିଷ୍ଠ ନେତା ଯୋଗଦେଇ କହିଥିଲେ ଯେ, ଲୁଲୁ ମହାପାତ୍ର ଜଣେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ସତ୍ୟବାଦିତା ଓ ନିର୍ଭୀକତା ଯୁବକମାନଙ୍କୁ ଆକୃଷ୍ଟ କରୁଥିଲା। ବିଧାୟକ ଭାବରେ ସେ ନିଜ ଅଞ୍ଚଳର ବହୁ କାର୍ଯ୍ୟ କରିଛନ୍ତି।

ଅନ୍ୟପଟେ ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ଲୁଲୁ ମହାପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଇତିଶ୍ ପ୍ରଧାନ କହିଛନ୍ତି, ଓଡିଆଙ୍କ ପ୍ରିୟ ନେତା ଲୁଲୁ ମହାପାତ୍ର ନାହାନ୍ତି। ମାତ୍ର ସେ ଦେଖାଇ ଯାଇଥିବା ନେତୃତ୍ୱ ବର୍ତ୍ତମାନ ଯୁବକଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି।

## ସଂକ୍ଷେପରେ

### ୯ରେ ଗାନ୍ଧୀ ଜ୍ୟୋତି ଯାତ୍ରା ପରିକ୍ରମା

**ବାଲେଶ୍ୱର ଅଫିସ, ୬।୧୧:** ଓଡ଼ିଶା ଭ୍ରମଣରେ ଥିବା ମହାତ୍ମାଗାନ୍ଧୀ ସଦ୍‌ଭାବନା ଜ୍ୟୋତି ଯାତ୍ରା ଆସନ୍ତା ନଭେମ୍ବର ୯ତାରିଖରେ ବାଲେଶ୍ୱର ଜିଲା ସଦର ମହକୁମାଠାରେ ଜିଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ଚନ୍ଦ୍ର ନିଆଳ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏହା ୮ତାରିଖ ସନ୍ଧ୍ୟାରେ ମୟୂରଭଞ୍ଜ ଜିଲା ପରିକ୍ରମା କରି ବାଲେଶ୍ୱରଠାରେ ପହଞ୍ଚିବ। ଏହି ଜ୍ୟୋତି ରଥକୁ ରେମୁଣା ଗୋଲେଇଠାରେ ସ୍ଥାନୀୟ ଲୋକ ଓ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ସ୍ୱାଗତ କରାଯିବ। ୯ତାରିଖ ସକାଳ ସାଢେ ୭ଟାରେ ଜ୍ୟୋତି ଯାତ୍ରାରେ ସାମିଲ ମାନ୍ୟଗଣ୍ୟ ବ୍ୟକ୍ତି, ଗାନ୍ଧୀବାଦୀ, ବରିଷ୍ଠ ଅଧିକାରୀ ସ୍ଥାନୀୟ ଶହୀଦ ପାର୍କସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ସେଠାରେ ଏକ ସ୍ୱଳ୍ପ ସମୟ ପାଇଁ ଏକ ସଭାର ଆୟୋଜନ କରାଯାଇ ଜ୍ୟୋତି ପ୍ରତି ସମ୍ମାନ ପ୍ରଦର୍ଶନ କରାଯିବ। ଏଥିରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ସେଠାରୁ ଜ୍ୟୋତି ରଥ ଭଦ୍ରକ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

### ଔପଦାରେ କାଳୀପୂଜା ଝଲସୁଛି ୬ ମଣ୍ଡପ



**ଔପଦା, ୬।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକର ପୁରପଲ୍ଲୀ ମା'କାଳୀଙ୍କ ପୂଜା ଓ ଦୀପାବଳୀ ପାଇଁ ଉତ୍ସବମୁଖର ହୋଇଉଠିଛି। ଔପଦା ବଜାରସ୍ଥିତ ପୂଜାମଣ୍ଡପ ସହ ତଳକିଆ ପଞ୍ଚାୟତର ଦରଖୋଲି, ବଡ଼ପୋଖରୀ ପଞ୍ଚାୟତର ବଡ଼ପୋଖରୀ ବଜାର, ଫତେପୁର ପଞ୍ଚାୟତର ଫତେପୁର ବଜାର ଓ କସ୍‌ପା ଏବଂ ରାଏରାମଚନ୍ଦ୍ରପୁର ପଞ୍ଚାୟତର କେନ୍ଦୁପଦା ହାଟରେ ମା'ଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଛି। ଆକର୍ଷଣୀୟ ତୋରଣ, ବିଦ୍ୟୁତ୍ ଆଲୋକ ସଜ୍ଜା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ବ୍ୟବସାୟୀମାନେ ଦୋକାନ ସହ ନୂତନ ଖାତା ପୂଜା କରିଛନ୍ତି। ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ବାଣ ଦୋକାନ ଖୋଲାପଡ଼ିଆରେ କରିବାକୁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଉଦୟନଗର ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ



**ବାଲେଶ୍ୱର ଅଫିସ, ୬।୧୧:** ବାଲେଶ୍ୱର ଅଙ୍ଗାରଗଡ଼ିଆସ୍ଥିତ ଉଦୟନଗର ମୁଖ୍ୟରାସ୍ତାକୁ ୨୦ଲକ୍ଷ ଟଙ୍କା ବ୍ୟୟରେ ପକ୍କା କରିବା ପାଇଁ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଓ ବିଧାୟକ ଜୀବନ ପ୍ରଦୀପ ଦାଶ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅଞ୍ଚଳ ବ୍ଲକ ଏବଂ ପୌରାଞ୍ଚଳ ସୀମାର ଅବସ୍ଥିତ ଥିବାରୁ ବହୁଦିନ ଧରି ଅବହେଳିତ ହୋଇଆସୁଛି। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଶତାଧିକ ପରିବାର ରାସ୍ତା, ପାନୀୟଜଳ, ବିଦ୍ୟୁତ୍‌ସେବା ଭଳି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ଏପରିକି ଅଞ୍ଚଳବାସୀଙ୍କର ଭୋଟରତାଲିକା ପୌରାଞ୍ଚଳରେ ପ୍ରକାଶ ପାଉଥିବା ବେଳେ ସେମାନଙ୍କ ଘର ପଞ୍ଚାୟତ ଅଞ୍ଚଳରେ ଅବସ୍ଥିତ ଥିବାର ତ୍ରୁଟି ରହିଛି। ଏପରି ପରିସ୍ଥିତିରେ ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନ, ବିଧାୟକ, ଏମ୍‌ପିଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। କିଛିଦିନ ତଳେ ଉକ୍ତ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତରଫରୁ ସମସ୍ତ ସରକାରୀ ଅଧିକାରୀ, ରାଜନେତା, ନିର୍ବାଚନ ପ୍ରତିନିଧିଙ୍କୁ ନେଇ ବୈଠକ ହୋଇଥିଲା। ଉକ୍ତ ଅଞ୍ଚଳର ଉନ୍ନତି ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥିଲା। ପୂର୍ବତନ ନଗରପାଳ ଆଲୋକ ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଷ୍ଟେଶନ ମାନ୍ୟତା ଦାବି ତେଜିଲା



ବୈଠକରେ ଉପସ୍ଥିତ ଷ୍ଟେଶନ ଡେଭେଲପମେଣ୍ଟ କମିଟିର କର୍ମକର୍ତ୍ତା।

**ରାଜଘାଟ ପାସେଞ୍ଜର ହଲ୍ଟ**
- ନଭେମ୍ବର ୧୯ରେ ରେଲରୋକୋ
- ପ୍ରତିଶ୍ରୁତି ପୂରଣ କରୁନି ରେଳ ମନ୍ତ୍ରଣାଳୟ
- ମାସିକ ୪ଲକ୍ଷ ରାଜସ୍ୱ ଆଦାୟ

**ରୂପ୍‌ସା,୬।୧୧(ଡି.ଏନ.ଏ.)**

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରାଜଘାଟ ପାସେଞ୍ଜର ହଲ୍ଟ ଗମନାଗମନ କ୍ଷେତ୍ରରେ ଗୁରୁତ୍ୱ ବହନ କରିଆସୁଛି। ହେଲେ ରେଳବିଭାଗର ଉଦାସୀନତା ଯୋଗୁ ଏଯାବତ ସେଭଳି ବିକାଶ ହୋଇପାରିନାହିଁ। ପ୍ରତିମାସ ପ୍ରାୟ ୪ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଥିଲେ ବି ଯାତ୍ରୀଙ୍କ ସୁବିଧା ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରାଜଘାଟ ଷ୍ଟେଶନ ଡେଭେଲପମେଣ୍ଟ କମିଟି ପକ୍ଷରୁ ଚଳିତ ନଭେମ୍ବର ୧୯ତାରିଖରେ ଏହି ଷ୍ଟେଶନରେ ୧୨ଘଣ୍ଟିଆ ରେଲରୋକୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ମୟୂରଭଞ୍ଜ ଜିଲା ସମେତ ବସ୍ତା ଓ ଜଳେଶ୍ୱର ବ୍ଲକର ପ୍ରାୟ ୨୦ଟି ପଞ୍ଚାୟତର ଜନସାଧାରଣ ଏହି ଷ୍ଟେଶନରୁ ଟ୍ରେନ୍ ଯୋଗେ ଯାତାୟାତ କରିଥାନ୍ତି। ଏହାକୁ ସମ୍ପୂର୍ଣ୍ଣ ଷ୍ଟେଶନ ମାନ୍ୟତା ପ୍ରଦାନ, ଜଗନ୍ନାଥ, ଉତ୍କଳ ଓ ଇଷ୍ଟକୋଷ୍ଟ ଏକ୍ସପ୍ରେସ ଟ୍ରେନର ରହଣି, ରିଜର୍ଭେଶନ ବୁକିଂ କାଉଣ୍ଟର ଖୋଲାଯିବା, ସାଲିମାର-ବାରିପଦା-ଶିମିଳିପାଳ ଏକ୍ସପ୍ରେସ୍ ରହଣି, ଫୁଟ ଓଭରବ୍ରିଜ୍ ନିର୍ମାଣ, ପ୍ଲାଟଫର୍ମରେ ଆବଶ୍ୟକ ସେଡ୍ ନିର୍ମାଣ, ଅଧିକ ଲୋକାଲ ଟ୍ରେନ୍ ଚଳାଚଳ ଆଦି ୧୦ଦଫା ଦାବି ପୂରଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇନାହିଁ। ଗତ ଅକ୍ଟୋବର ୩୦ତାରିଖରେ ଶେଷଥର ପାଇଁ ଦକ୍ଷିଣପୂର୍ବ ରେଳବାଇ ଜେନେରାଲ ମ୍ୟାନେଜରଙ୍କ ସମେତ ଖଡ଼ଗପୁର ଡିଭିଜନାଲ ରେଳବାଇ ମ୍ୟାନେଜର, ବାଲେଶ୍ୱର ଏମ୍‌ପି, ଜଳେଶ୍ୱର ଏମ୍‌ଏଲ୍‌ଏ, ବାଲେଶ୍ୱର ଓ ମୟୂରଭଞ୍ଜର ଜିଲାପାଳ ପ୍ରମୁଖଙ୍କୁ ଡେଭେଲପମେଣ୍ଟ କମିଟି ପକ୍ଷରୁ ୧୦ଦଫା ଦାବି ପୂରଣ ନ ହେଲେ ନଭେମ୍ବର ୧୯ ତାରିଖରେ ରେଲରୋକୋ ହେବ ବୋଲି ଲିଖିତ ଭାବେ ଜଣାଯାଇଛି। ଏନେଇ ରବିବାର ସନ୍ଧ୍ୟାରେ କମିଟି ସଭାପତି ଦୀପ୍ତିମାନ ପତିଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବିଶ୍ୱଜିତ ବେହେରା, କର୍ମକର୍ତ୍ତା ଅନାଦି ଦାସ, ରବୀନ୍ଦ୍ର ମହାନ୍ତି, ଧନଞ୍ଜୟ ଦାସ, ସନ୍ନ୍ୟାସୀ ପ୍ରଧାନ, ପ୍ରଶାନ୍ତ ପରିଡ଼ା, ନନିଗୋପାଳ ବ୍ରହ୍ମା, ସଂଗ୍ରାମ ଦାସ ମହାପାତ୍ର, ବିଜୟ କୁମାର ପରିଡ଼ାଙ୍କ ସମେତ ବିଭିନ୍ନ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆନ୍ଦୋଳନକୁ ସଫଳ କରିବା ଦିଗରେ ଆହ୍ୱାନ ଦେଇଥିଲେ।

ଭୌଗୋଳିକ ଦୃଷ୍ଟିକୋଣରୁ ଏହି ପାସେଞ୍ଜର ହଲ୍ଟରେ ପ୍ଲାଟଫର୍ମ ପ୍ରାୟ ୧୫ ଫୁଟ୍ ଉଚ୍ଚରେ ରହିଛି। ଉଭୟ ପାର୍ଶ୍ୱରୁ ଯାତ୍ରୀମାନେ ୪୨ ପାହାଚ ଚଢ଼ି ବିପଦଜନକ ଅବସ୍ଥାରେ ଅପ ଓ ଡାଉନ୍‌ଲାଇନ୍ ରେଳଧାରଣା ପାରି ହୋଇ ମଝିରେ ଥିବା ପ୍ଲାଟଫର୍ମକୁ ଆସି ବୁକିଂ କାଉଣ୍ଟରରୁ ଟିକେଟ୍ କାଟିଥାନ୍ତି। ବରିଷ୍ଠ ନାଗରିକ, ରୋଗୀ, ଗର୍ଭବତୀମାନେ ପାହାଚ ଚଢ଼ି ଷ୍ଟେଶନ ଯିବାକୁ କଷ୍ଟ ମଣିଥାନ୍ତି। ଏହି ସମସ୍ୟା ଯୋଗୁ ୫ବର୍ଷରେ ୫ଜଣ ବ୍ୟକ୍ତି ଟ୍ରେନ୍ ଧକ୍କାରେ ପ୍ରାଣ ହରାଇଥିବା କମିଟି ପକ୍ଷରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## ପୀଡ଼ିତାଙ୍କୁ ନ୍ୟାୟ ମିଳୁନି
# କଂଗ୍ରେସର ଆନ୍ଦୋଳନ ଚେତାବନୀ

**ରୂପ୍‌ସା, ୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ଗତ ୧ ତାରିଖରେ ରୂପ୍‌ସା ଥାନାରେ ଏକ ମାମଲା (ନଂ. ୮୦/୧୮) ରୁଜୁ ହୋଇଥିଲା। ଏ ଦିଗରେ ପୀଡିତାଙ୍କୁ ନ୍ୟାୟ ଦେବାରେ ପୋଲିସ ବିଫଳ ହୋଇଛି। ଅଭିଯୁକ୍ତମାନଙ୍କୁ ୭ଦିନ ମଧ୍ୟରେ ଗିରଫ କରା ନ ଗଲେ ବସ୍ତା ଏସ୍‌ଡିପିଓ ଅଫିସ୍ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ବାହାର୍ଦା ଡାକବଙ୍ଗଳାରେ ମଙ୍ଗଳବାର ଦଳର ନେତୃବୃନ୍ଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା, ମହିଳାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ସମିତିସଭ୍ୟ ରବୀନ୍ଦ୍ର ଦାସ, ମନୋଜ ମହାନ୍ତି, ପ୍ରଭାସ ମଣ୍ଡଳ, କିଶୋର ପାଲ, ଯୁବନେତା ସୁଧାଂଶୁ ଜେନା ଓ ଜୀବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପିଡ଼ୀତାଙ୍କ ଏତଲାରେ ଶାଶୁ, ଶ୍ୱଶୁର, ସ୍ୱାମୀଙ୍କ ସମେତ ଜଣେ ରାଜନେତାଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜୟନ୍ତ ମହାପାତ୍ର, ଅସୀମ ଦାସ, ମଦନ ଚରଣ ଜେନା, ଦିଲୀପ କୁମାର ପଣ୍ଡା, ଅନିରୁଦ୍ଧ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆୟୁର୍ବେଦ ସ୍ୱାସ୍ଥ୍ୟସେବା ଶିବିର
# ୩୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବାଲେଶ୍ୱର ଅଫିସ, ୬।୧୧**

ବାଲେଶ୍ୱର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସରରେ ରବିବାର ମାଗଣା ଆୟୁର୍ବେଦ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୩୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସେବାରେ ୨୫ଜଣ ଡାକ୍ତର ନିୟୋଜିତ ହୋଇଛନ୍ତି। ବହୁ ନାମୀଦାମୀ କମ୍ପାନୀର ଔଷଧ ମାଗଣାରେ ଯୋଗାଇ ଦିଆଯାଇଥିଲା। ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବାଲେଶ୍ୱର ଆୟୁର୍ବେଦ ଚିକିତ୍ସକ ସଂଘ ବୈଦ୍ୟାନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ଓ ଆୟୁର୍ବେଦ ଧନ୍ୱନ୍ତରୀଙ୍କ ଜୟନ୍ତୀ ଉପଲକ୍ଷେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିବା ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ପୁରୁଷୋତ୍ତମ ସିଂହ ପ୍ରକାଶ କରିଛନ୍ତି।

ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାପତି ଧୀରେନ୍ଦ୍ର ନାରାୟଣ ଦାସ, ସମ୍ପାଦକ ବନମାଳୀ ନାଏକ ଏବଂ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ସିଂହ ମିଳିତ ଭାବେ ଶିବିରକୁ ଉଦଘାଟନ କରିଥିଲେ।



ମାଗଣା ସ୍ୱାସ୍ଥ୍ୟ ଶିବିରରେ ଡାକ୍ତରଙ୍କ ଦ୍ୱାରା ରୋଗୀ ଚିକିତ୍ସିତ।

ବୈଦ୍ୟାନର ସମ୍ପାଦକ ଡା. ପ୍ରଭାତ କୁମାର ପ୍ରଧାନ ଓ ସଭାପତି ଡା. ଜୟନ୍ତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। କଲିକତା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଆୟୁର୍ବେଦ ପ୍ରଫେସର ଡା. ପରେଶ ଚନ୍ଦ୍ର ତ୍ରିପାଠୀ, ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଡା. କୁନାନନ୍ଦ ଗିରି, ଅବସରପ୍ରାପ୍ତ ଫୁଲବାଣୀର ଡିଏମ୍‌ଓ ଡା. ମାଧବ ଚନ୍ଦ୍ର ସାହୁ, ଡା. କ୍ରିଷ୍ଣାସୁନ୍ଦରୀ ରାଉଳ, ଡା. ପଦ୍ମାଳୟା ବେହେରା, ଡା. ଦେବବ୍ରତ ପାତ୍ର, ଡା. ଗତିକୃଷ୍ଣ ପଣ୍ଡା, ଡା. ଯଯାତି ଦାସ, ଡା. ବିଭୁପଦ ସାହୁ, ଡା. ମାଧବ ସେଠୀ, ଡା. ସମାପିକା ପରିଡ଼ା ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ ଶିବିରର କାର୍ଯ୍ୟ ସୁପରିଚାଳନା ନିମନ୍ତେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା ଶିଳାନ୍ୟାସ

**ସୋର, ୬।୧୧(ଡି.ଏନ.ଏ.)**

ସୋର ବ୍ଲକ ମାଣିପୁର ପଞ୍ଚାୟତର ମାଣିପୁର-ବେହେରଣପୁର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋର ବିଧାୟକ ପର୍ଶୁରାମ ଧଡ଼ା ଏହାର ଶିଳାନ୍ୟାସ କରିଥିଲେ। ଏହି ୪ କି.ମି. ୮ମିଟର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୨କୋଟି ୧୬ଲକ୍ଷ ୫୦ ହଜାର ୨୬୭ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଶିଳାନ୍ୟାସ ଅବସରରେ କମଳାକାନ୍ତ ଘଡ଼େଇ, ବିଭାଗୀୟ ଏସ୍‌ଡିଓ ଅଜୟ ବେହେରା, ସହକାରୀ ଯନ୍ତ୍ରୀ କୃତିବାସ ମହାପାତ୍ର ଫକୀରମୋହନ ଦାସ, କରୁଣାକର ନାୟକ, ଶଙ୍କର୍ଷଣ ବାରିକ, ରାଜେନ୍ଦ୍ର ଦଳେଇ ଓ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ଆତ୍ମସୁରକ୍ଷା ଶିବିରରେ ଯୋଗଦେଇଥିବା ଛାତ୍ରୀ।

# ୪୮ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

**ବାଲେଶ୍ୱର ଅଫିସ, ୬।୧୧**

ବଳାଙ୍ଗୀ ଜୁନିୟର ମହାବିଦ୍ୟାଳୟରେ ସୋମବାର ଛାତ୍ରୀ ଆତ୍ମସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଞ୍ଜୁବାଳା ଦାସ ସଭାପତିତ୍ୱ କରିଥିବା ବେଳେ ଫକୀରମୋହନ ଜୁନିୟର କଲେଜର ପ୍ରୋଗ୍ରାମ ସଂଯୋଜକ ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଛାତ୍ରୀ ଆତ୍ମସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ. ଉମାକାନ୍ତ ଜେନା ଛାତ୍ରୀ ଆତ୍ମସୁରକ୍ଷା ଆବଶ୍ୟକତା ସମ୍ପର୍କରେ କହିଥିଲେ। ୧୨ଦିନ ଧରି ଚାଲିବାକୁ ଥିବା ଏହି ଶିବିରକୁ ଅଧ୍ୟାପକ ଉଜ୍ଜ୍ୱଳ ଚନ୍ଦ୍ର ନାୟକ ଓ ଡେମନଷ୍ଟ୍ରେଟର ଜ୍ୟୋସ୍ନା ପଣ୍ଡା ପରିଚାଳନା କରିଥିଲେ। ଏଥିରେ ମୋଟ ୪୮ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଟ୍ରେନର ଦେବସ୍ମିତା ଜେନା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଡ. ମମତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବଦଳି ନିର୍ଦ୍ଦେଶ ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ନୀଳଗିରି, ୬।୧୧ (ଡି.ଏନ.ଏ.)**

ନୀଳଗିରି ବ୍ଲକ ଅଧୀନ ଧୋବଶିଳା ପଞ୍ଚାୟତ ରାଜସ୍ୱ ଗାଁର ଓଡିଆସାହି ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ଉପଜିଲାପାଳ ବଦଳି କରିବାର ପ୍ରତିଶ୍ରୁତି ଦେବା ପରେ ମଙ୍ଗଳବାର ମହିଳାମାନେ ଆନ୍ଦୋଳନରୁ ଓହରିଛନ୍ତି। ଦୀର୍ଘଦିନ ଧରି କର୍ମୀଜଣଙ୍କ ମନମୁଖୀ ଭାବେ କେନ୍ଦ୍ରକୁ ନ ଆସିବା, ଗର୍ଭବତୀ ଓ ପ୍ରସୂତିଙ୍କ ସମେତ ଶିଶୁଙ୍କ ପାଇଁ ଆସୁଥିବା ପୁଷ୍ଟିକର ଖାଦ୍ୟକୁ ବଣ୍ଟନ ନ କରି ଆତ୍ମସାତ କରୁଥିବା ହିତାଧିକାରୀମାନେ ଅଭିଯୋଗ କରିଆସୁଥିଲେ। ଏ ବିଷୟରେ କେନ୍ଦ୍ରର ମହିଳାମାନେ ଅକ୍ଟୋବର ୨୫ ତାରିଖରେ ସିଡିପିଓଙ୍କ ସହିତ ଉପଜିଲାପାଳଙ୍କ ନିକଟରେ କର୍ମୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଭାବେ ଜଣାଇଥିଲେ। ଦୀର୍ଘ ୧୩ ଦିନ ପରେ ଉପଜିଲାପାଳ ବିଶାଳ ସିଂ ପୂର୍ବାହ୍ନରେ କେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ। ହେଲେ କର୍ମୀଙ୍କ ବିରୋଧରେ ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ହିତାଧିକାରୀଙ୍କୁ ଉପଜିଲାପାଳ ଅବଗତ କରାଇ ନ ଥିଲେ। ଏହାର ପ୍ରତିବାଦ କରି ୩୫ରୁ ଊର୍ଦ୍ଧ୍ୱ ମହିଳା ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ପରେ ଉପଜିଲାପାଳ କର୍ମୀଙ୍କ ବଦଳି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରାସ୍ତାରେ ଜମା ହୋଇଛି ନିର୍ମାଣ ସାମଗ୍ରୀ
# ଅଟକିଲା ଆମ୍ବୁଲାନ୍ସ, ରୋଗୀ ହଇରାଣ

**ଖଇରା, ୬।୧୧(ଡି.ଏନ.ଏ.)**

ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତର ବରପଦା ଗ୍ରାମର ଚଗୁଲୁ ଦେହୁରୀଙ୍କ ସ୍ତ୍ରୀ ଝରଣା ହଠାତ୍ ଅସୁସ୍ଥ ହୋଇପଡିବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆଗରପଡା ଆମ୍ବୁଲାନ୍ସ ଅମ୍ବିକା ମନ୍ଦିରଠାରୁ ବରପଦା ବାଇଁଶଗଡିଆ ରାସ୍ତାରେ ଯାଉଥିବା ବେଳେ ସାହାନୀ ସାହି ନିକଟରେ ରାସ୍ତା ଉପରେ ଚିପ୍ସ ଓ ବାଲି ଜମା ହୋଇଯାଇଥିବାରୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା। ଡ୍ରାଇଭର ଆମ୍ବୁଲାନ୍ସକୁ ପାର୍ କରାଇବାକୁ ଚେଷ୍ଟା କରି ବାଲି ଚିପ୍ସ ଗଦା ମଝିରେ ରହିଯାଇଥିଲା। ୨ଘଣ୍ଟା ଧରି ଆମ୍ବୁଲାନ୍ସ ଅଟକିଯାଇ ହଟହଟା ହୋଇଥିଲା। ରୋଗୀ ନିକଟରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ବାଇକ ଯୋଗେ ତାଙ୍କୁ ଟେକି ଟେକି ଆମ୍ବୁଲାନ୍ସ ପାଖକୁ ଅଣାଯାଇଥିଲା। ସେଠାରେ ଆମ୍ବୁଲାନ୍ସକୁ ଟ୍ରାକ୍ଟର ଦ୍ୱାରା ଟଣାଯାଇ ବାହାର କରାଯାଇଥିଲା। ଅମ୍ବିକାଠାରୁ ବରପଦା ବାଉଁଶଗଡିଆ ପର୍ଯ୍ୟନ୍ତ ରାସ୍ତା କାମ ଲାଗି ଠିକାଦାର ବାଲି ଚିପସ୍ ରାସ୍ତା ଉପରେ ଜମା କରିଥିବାରୁ ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ ପାଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସୁବଳ ସାହୁ ପହଞ୍ଚି ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।



ରୋଗୀଙ୍କୁ ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି।

# ଧନ୍ୱନ୍ତରି ଜୟନ୍ତୀରେ ୪ ଶହ ରୋଗୀ ଚିକିତ୍ସିତ

**ବାଲେଶ୍ୱର ଅଫିସ, ୬।୧୧**

ବାଲେଶ୍ୱର ଆୟୁର୍ବେଦିକ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ଦ୍ୱାରା ଧନ୍ୱନ୍ତରୀ ଜୟନ୍ତୀ ଉପଲକ୍ଷେ ତୃତୀୟ ଜାତୀୟ ଆୟୁର୍ବେଦିକ ଦିବସ ଗାନ୍ଧୀ ସ୍ମୃତି ପରିସରରେ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଆର୍ୟୁବେଦିକ ଓ ୟୁନାନୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଓ ବାଲେଶ୍ୱର ଜିଲାର ୧୬ଜଣ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ୪ଶହରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇଥିଲେ।

ମୁଖ୍ୟଅତିଥି ଭାବେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ପ୍ରଫେସର ନାରାୟଣ ଚନ୍ଦ୍ର ଦାସ ଯୋଗଦେଇ ସ୍ୱାସ୍ଥ୍ୟ ପାଇଁ ଆୟୁର୍ବେଦର ଅନିବାର୍ଯ୍ୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ, ପୂର୍ବତନ ଉପନିର୍ଦ୍ଦେଶକ ଡା. କୁନାନନ୍ଦ ଗିରି, ଡା. ଶାନ୍ତନୁ ଦାସ ଯୋଗଦେଇଥିଲେ। ଜିଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ଡା. ପୁରୁଷୋତ୍ତମ ସିଂ ସଭାପତିତ୍ୱ କରିଥିଲେ। ଡା. ପରେଶ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ, ହିମାଂଶୁ ଶେଖର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡା. ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଏକ ସ୍ମରଣିକା 'ଧନ୍ୱନ୍ତରୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।



ଧନ୍ୱନ୍ତରୀ ଜୟନ୍ତୀରେ ମଞ୍ଚାସୀନ ଅତିଥିଗଣ।

## ୮ମାସ ହେଲା ଅପହୃତ ଯୁବତୀଙ୍କ ପତ୍ତା ମିଳୁନି
# ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଅନଶନ ଚେତାବନୀ

**ବାଲେଶ୍ୱର ଅଫିସ, ୬।୧୧**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ୮ମାସ ପୂର୍ବରୁ ଅପହରଣ କରିନିଆଯାଇଛି। ଏହି ମାମଲାରେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ତାଙ୍କ ପରିବାର ଲୋକେ ଅସହାୟ ହୋଇପଡିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ୧୫ଦିନ ମଧ୍ୟରେ ଯୁବତୀଙ୍କୁ ଠାବ କରା ନ ଗଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସଞ୍ଜିବ ଗିରି ଚେତାବନୀ ଦେଇଛନ୍ତି।

ଗତ ଫେବୃୟାରୀ ୨୬ତାରିଖରେ ଉକ୍ତ ଯୁବତୀ ତାଙ୍କ ଭାଇଙ୍କ ସହ ଦୋକାନକୁ ଯାଉଥିବା ବେଳେ ଏକ କଳା କାର୍‌ରେ ତାଙ୍କୁ ଜବରଦସ୍ତ ଅପହରଣ କରିନିଆଯାଇଥିଲା। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ରୂପ୍‌ସା ଥାନାରେ ଏତଲା ଦିଆଯିବା ପରେ ମାମଲା (ନଂ. ୧୧/୧୮) ରୁଜୁ ହୋଇଥିଲା। ପରିବାର ଲୋକେ ବାଲେଶ୍ୱର ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ସେମାନେ ବାଧ୍ୟ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ରିଟ୍ ପିଟିସିନ ସି.ଆର୍.ଏଲ୍.ଏମ୍.ପି. (ନଂ. ୨୯୫/୧୮) ଦାଖଲ କରିଥିଲେ। ହାଇକୋର୍ଟ ଘଟଣାର ତଦନ୍ତ କରି ଅପହୃତ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିବା ପାଇଁ ରୂପ୍‌ସା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମ୍ବେଦନଶୀଳ ଘଟଣା ପ୍ରତି ଅବହେଳା ପ୍ରଦର୍ଶନ କରାଯାଇ ପୀଡ଼ିତା ଓ ତାଙ୍କ ପରିବାରକୁ ସାମାଜିକ ନ୍ୟାୟ ପ୍ରଦାନରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ ବୋଲି ଖବରଦାତା ସମ୍ମିଳନୀରେ ସମାଲୋଚନା କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ରଞ୍ଜନ ଦାସ, ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା, କୃଷ୍ଣଗୋପାଳ ପଣ୍ଡା, ଗୋପୀନାଥ ପାଢ଼ୀ, ୨୮ନଂ. ଜୋନ୍ ସଭାପତି ଜୟକୃଷ୍ଣ ବେହେରା ଏବଂ ପରିବାର ଲୋକେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା।

# କାଳୀପୂଜା ପାଇଁ ଝଲସୁଛି ଭଦ୍ରକ



ଭଦ୍ରକ କାଳୀପୂଜା: ଚରମ୍ପାଠାରୁ ୧ କିମି ଦୂର ଏରେଇଁଠାରେ ମଣ୍ଡପ ଆଗରେ ନିର୍ମିତ ସୁରମ୍ୟ ତୋରଣ।



ଚରମ୍ପା ଷ୍ଟେଶନ ବଜାର କାଳୀପୂଜା ମଣ୍ଡପ ପାର୍ଶ୍ୱରେ ସଚେତନତାର ବାର୍ତ୍ତା ଦେଉଥିବା ଆକର୍ଷଣୀୟ ବାଲୁଆଳି ମୂର୍ତ୍ତି।

## ସମ୍ବେଦନଶୀଳ ଜାଗାରେ ସିସିଟିଭି

ଭଦ୍ରକ ଅଫିସ,୬।୧୧

କାଳୀପୂଜା ପାଇଁ ଝଲସୁଛି ଭଦ୍ରକ ସହର । ଚରମ୍ପା ଷ୍ଟେଶନ ବଜାର ସମେତ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଓଡିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା କଳାସଂସ୍କୃତି, ପରମ୍ପରା ଓ ଆଧ୍ୟାତ୍ମିକତାର ଏକ ନିଆରା ସଙ୍ଗମ। ଏହାର ସାମାଜିକ ଓ ବ୍ୟବସାୟିକ ପୃଷ୍ଠଭୂମି ଜନଜୀବନ ଉପରେ ଛାପ ପକାଇ ଆସିଛି। ଏଥର ଦୀର୍ଘ ୯ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପୂଜା ଲାଗି ସୁସଜ୍ଜିତ ତୋରଣ, ରଙ୍ଗିନ ଆଲୋକମାଳାରେ ଝଲସୁଛି ବିଭିନ୍ନ ପୂଜାମଣ୍ଡପ। ମନ୍ତ୍ରଧ୍ୱନିରେ ଉଚ୍ଛୁଳି ଉଠିଛି ପରିବେଶ। ମୁଖ୍ୟ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା ସାଙ୍ଗକୁ ପୌରାଣିକ ଓ ସାମାଜିକ ଦୃଶ୍ୟାବଳୀ ସମ୍ବଳିତ ଅନୁପମ ପାର୍ଶ୍ୱ କଳାକୃତି ଅନ୍ୟତମ ଆକର୍ଷଣ ପାଲଟିଛି। ମୀନା ବଜାରରେ ଭିଡ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା ମାହୋଲକୁ ମନଲୋଭା କରୁଛି।

ପୂଜା ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ପୂଜା ବ୍ୟତୀତ ସହରରେ ଭଦ୍ରକାଳୀ ପୀଠ ଓ ପଥରକାଳୀ ପୀଠ ସମେତ ଅନ୍ୟ ଶକ୍ତିପୀଠ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ସହର ଉପକଣ୍ଠରେ ଥିବା ମା' ଭଦ୍ରକାଳୀଙ୍କ ସ୍ଥାୟୀ ପୀଠରେ ସ୍ୱତନ୍ତ୍ର ପୂଜା ସାଙ୍ଗକୁ ମା'ଙ୍କ ସପ୍ତମାତୃକା ବେଶ ୭ ତାରିଖ ଦୀପାବଳି ଠାରୁ ୭ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିଲାଗି ସ୍ୱତନ୍ତ୍ର ପୂଜାପାଠ ସାଙ୍ଗକୁ ମହାଯଜ୍ଞ ଆୟୋଜିତ ହେବ। ଏହାବାଦ ସହର ଉପକଣ୍ଠ ମା' କୁଣ୍ଡିକାଳୀ, ନୂଆ ବସଷ୍ଟାଣ୍ଡ ନିକଟସ୍ଥ ମା' ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସହରର ଆକର୍ଷଣ ବଢାଇଥିବା ଆକର୍ଷଣୀୟ ୯ ପୂଜା ମଣ୍ଡପରେ ମଧରାତ୍ରରୁ କଳସ ଶୋଭାଯାତ୍ରା ସହ ଘଟସ୍ଥାପନ, ମା'ଙ୍କ ଆବାହନ ଓ ଆରାଧନା ଆରମ୍ଭ ହେଉଥିବାରୁ ପୂଜା କମିଟି, ପୋଲିସ ଓ ପ୍ରଶାସନ ସଜାଗ ହୋଇଉଠିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ସହ ଭିଡ ନିୟନ୍ତ୍ରଣ ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଯିବା ବ୍ୟବସ୍ଥା ହୋଇଛି। ଅଗ୍ନି ନିରାପତ୍ତା ଓ ମହିଳାଙ୍କ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ରଖାଯାଇଛି ବୋଲି ଏସ୍‌ପି ରାଜେଶ ପଣ୍ଡିତ ସୂଚନା ଦେଇଛନ୍ତି।

## ବେଦମାତା ବେଶରେ ଦର୍ଶନ ଦେଲେ ମା'

ଭଦ୍ରକ ଅଫିସ,୬।୧୧

**ଭଦ୍ରକାଳୀଙ୍କ ପୀଠ**

**■ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ, ଭକ୍ତଙ୍କ ଗହଳି**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ପରମ ବୈଷ୍ଣବୀ ମା' ଭଦ୍ରକାଳୀଙ୍କ ସପ୍ତ ମାତୃକା ବେଶ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସକାଳେ ପବିତ୍ର ସାଳନ୍ଦୀ ନଦୀର ଆହାରପଦା ଘାଟରୁ ମାନସିକଧାରୀ ଭକ୍ତମାନେ ଏକ ପଟୁଆରରେ ଘଟ ଆଣିବା ପରେ ଏହାକୁ ମଣ୍ଡପରେ ସ୍ଥାପନ କରି ପଞ୍ଚଦେବତାଙ୍କର ପୂଜା, ସୂର୍ଯ୍ୟ ପୂଜା, ଗୁରୁପୂଜା, ଦ୍ୱାରପାଳ ପୂଜା, ମଙ୍ଗଳ ଆରତି କରାଯାଇଥିଲା। ଏହାପରେ ଶୁଭାରମ୍ଭ ହୋଇଥିଲା ବିଶ୍ୱଶାନ୍ତି ମହାଯଜ୍ଞ । ଏହି ଅବସରରେ ପ୍ରଥମ ଦିନରେ ମା' ଙ୍କର ବେଦମାତା ବେଶ ଅନୁଷ୍ଠିତ ହୋଇଥିଲା । ଦେବୀ ପଦ୍ମାସନରେ ବିରାଜମାନ କରିଥିଲେ। ହଂସ ଥିଲା ମା'ଙ୍କ ବାହନ । ମୁଖମଣ୍ଡଳ ହଳଦୀ ବର୍ଣ୍ଣର। ହଳଦିଆ ପାଟବସ୍ତ୍ର ପରିଧାନ କରିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଦକ୍ଷିଣ ହସ୍ତରେ ଜପାମାଳି ଓ ବାମ ହସ୍ତରେ ବେଦ ଧାରଣ କରି ସେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମା' ଙ୍କର ଏହି କଲ୍ୟାଣମୟୀ ବେଶ ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ ହୋଇଥିଲା। ସାତ ଦିନ ପୂଜାରେ ମା' ପ୍ରତିଦିନ ଭିନ୍ନ ଭିନ୍ନ ବେଶରେ ପୂଜିତ ହେବେ । ବିଶ୍ୱଶାନ୍ତି ମହାଯଜ୍ଞ ୭ ଦିନ ଧରି ଚାଲିବା ପରେ ଶେଷ ଦିବସରେ ମା'ଙ୍କ ମହାଲକ୍ଷ୍ମୀ ବେଶ ହୋଇ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ବୁଧବାର ମା' ମହାକାଳୀ ବେଶରେ ପୂଜା ପାଇବେ ବୋଲି ମନ୍ଦିର ସୂତ୍ରରୁ ଜଣାପଡିଛି। ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ଲାଗି ମନ୍ଦିର ପ୍ରଶାସନ ଓ ସେବାୟତମାନଙ୍କ ତରଫରୁ ମଙ୍ଗଳବାର ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।



ମା' ଭଦ୍ରକାଳୀଙ୍କ ବେଦମାତା ବେଶ।

### 'ସେ ମଙ୍ଗଳ, ସମୟ ପ୍ରଦାୟିନୀ ଶକ୍ତି'

ଗଣପର୍ବର ରୂପ ନେଇଥିବା ଭଦ୍ରକ କାଳୀପୂଜା ନେଇ ଅନେକ ମତବାଦ ଓ ଜନଶ୍ରୁତି ରହିଛି। ଭଦ୍ରକର ଆରାଧ୍ୟା ଦେବୀ ମା' ଭଦ୍ରକାଳୀ। ତାଙ୍କ ନାମକୁ ନେଇ ଭଦ୍ରକ ଜିଲାର ନାମକରଣ ହୋଇଥିବା କୁହାଯାଏ। ଏ ସଂକ୍ରାନ୍ତରେ ଐତିହାସିକ, ପୌରାଣିକ ଓ ପ୍ରମାଣିକ ତଥ୍ୟ ରହିଛି । ଆହାରପଦା ଗ୍ରାମରୁ ମିଳିଥିବା ଖ୍ରୀ.ଅ. ୩ୟ, ୪ର୍ଥ ଶତାବ୍ଦୀର ଶିଳାଲେଖରୁ ଭଦ୍ରକାଳୀଙ୍କ ନାମରୁ ଭଦ୍ରକ ସୃଷ୍ଟି ହୋଇଥିବା କେତେକ ଐତିହାସିକ ମତରଖନ୍ତି।

ଭଦ୍ରକ ଅଞ୍ଚଳରେ ମଧ୍ୟ ଅନେକ ଐତିହାସିକ ପୀଠ ରହିଛି। କାଳକ୍ରମେ ଅନେକ ପୀଠ ଅବଲୁପ୍ତ ହୋଇ ଗଲାଣି।



କିନ୍ତୁ ମା' ଭଦ୍ରକାଳୀଙ୍କ ପୀଠ କାଳର କରାଳ ସ୍ରୋତକୁ ଅତିକ୍ରମ କରି ଉଦ୍‌ଭାସିତ ହୋଇ ଭକ୍ତଗଣଙ୍କୁ ଅଭୟ ପ୍ରଦାନ କରୁଛି। ତାତ୍ତ୍ୱିକ ତଥା ସଂସ୍କୃତ ଶବ୍ଦକୋଷର ପର୍ଯ୍ୟାଲୋଚନା କଲେ ଜଣାଯାଏ 'ଭଦ୍ର'ର ଅର୍ଥ ଶୁଭ ବା ମଙ୍ଗଳ। 'କାଳ'ର ଅର୍ଥ ସମୟ ପ୍ରବାହ। ଅନ୍ୟ ଅର୍ଥରେ ଅନନ୍ୟ ସାଧାରଣ ଓ ଶୁଭଙ୍କରୀ। ମା' ଭଦ୍ରକାଳୀ ସ୍ୱୟଂ ମଙ୍ଗଳ ଓ ସମୟ ପ୍ରଦାୟିନୀ ଶକ୍ତି। ଯେଉଁ ବ୍ୟକ୍ତି ବିପଦରେ ପଡି ମା' ଭଦ୍ରକାଳୀଙ୍କୁ ଦର୍ଶନ କରି ଶରଣାପନ୍ନ ହୁଏ ତାଙ୍କର ସମସ୍ତ ଦୁଃଖ ଓ ବିପଦ ମା' ଅପହରଣ କରିଥାନ୍ତି ବୋଲି ଲୋକବିଶ୍ୱାସ ରହିଛି। ଏଭଳି ଐତିହ୍ୟ ସମ୍ପନ୍ନ ଭଦ୍ରକ ସହରରେ ମା' କାଳୀଙ୍କ ପୂଜା ବିଶେଷ ଗୁରୁତ୍ୱ ବହନ କରି ଆସୁଛି। କଥିତ ଅଛି ଯେ, ଆଜିକୁ ପ୍ରାୟ ୧୦୦ ବର୍ଷ ତଳେ ଭଦ୍ରକର ଜଣେ ଦକ୍ଷିଣ ଭାରତୀୟ ରେଳ କର୍ମଚାରୀ ଭଦ୍ରକ ରେଳବାଇ ପରିସରରେ ପ୍ରଥମେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ଆରମ୍ଭ କରିଥିଲେ। ସେଦିନର ପୂଜା ସାରା ଜିଲାକୁ ପରିବ୍ୟାପ୍ତ ହୋଇ ଗଣପର୍ବର ରୂପ ନେଇଛି।

## ଆଦ୍ୟକାଳୀଙ୍କ ପୂଜା

**ଖପୁରିଆପଦା ଚଳଚଞ୍ଚଳ**



ମା' ଆଦ୍ୟକାଳୀ ।

ଭଣ୍ଡାରିପୋଖରୀ, ୬।୧୧(ଡି.ଏନ.ଏ.)

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବ୍ଲକ ବନ୍ଧାଳୋ-ମଢିଆଳି ପଞ୍ଚାୟତ ଖପୁରିଆପଦା ଗ୍ରାମ ନିକଟ ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ରହିଛି ମା' ଆଦ୍ୟକାଳୀଙ୍କ ପୀଠ। ଚଳିତବର୍ଷ ମା'ଙ୍କ ପୂଜା ୧୫୩ ବର୍ଷରେ ପଦାର୍ପଣ କରିଛି। କେହି କେହି ଏହି ପୂଜା ବହୁ ପୁରାତନ ବୋଲି କହିଥାନ୍ତି। ଅନ୍ୟ ପୂଜା ମଣ୍ଡପରେ ମା'ଙ୍କ ମୂର୍ତ୍ତିର ରଙ୍ଗ ନୀଳ ହେଉଥିବା ବେଳେ ଆଦ୍ୟକାଳୀଙ୍କ ମୂର୍ତ୍ତି ସମ୍ପୂର୍ଣ୍ଣ କଳା । ଏଠାରେ କଳସ ପୂଜା ପରେ ପ୍ରଥମ ପୂଜା ସହ ଚଣ୍ଡୀପାଠ, ଜପ କରାଯାଇ କୁଷ୍ମାଣ୍ଡ ବଳି ପକାଯାଇଥାଏ। ବହୁ ମାନସିକଧାରୀ ବୋଦା ଆଣି କାନ କାଟି ଉତ୍ସର୍ଗ କରିଥାନ୍ତି। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଏଥର ଚୌଧୁରୀ ଭରତ ଚନ୍ଦ୍ର ନନ୍ଦ ବୈତରଣୀ ନଦୀରୁ ଘଟ ଉତ୍ତୋଳନ କରିବା ପରେ ପୂଜାର୍ଚ୍ଚନା ଆରମ୍ଭ ହେବ । ଭରତ ନନ୍ଦ, ପ୍ରଶାନ୍ତ ନନ୍ଦ, ଲଳିତ ନନ୍ଦ ଚଣ୍ଡୀ ଓ କାଳୀକା ପୁରାଣ ପାଠ କରିବେ । କାଳୀ ପୂଜାରେ ଏହି ପୀଠକୁ ପଡୋଶୀ ଯାଜପୁର, କେନ୍ଦୁଝର, ଭଦ୍ରକ ଜିଲା ଅଞ୍ଚଳରୁ ବହୁ ମାନସିକଧାରୀ ଭକ୍ତ ଆସି ପୂଜାର୍ଚ୍ଚନା କରିଥାନ୍ତି। ଖପୁରିଆପଦା ଗାଁରେ ମା'ଙ୍କ ଯନ୍ତ୍ର ରହିଛି। ଚୌଧୁରୀ ପରିବାର ଏହାକୁ ଦୈନନ୍ଦିନ ପୂଜା କରିଥାନ୍ତି। ସେଠାରେ ମା'ଙ୍କର ଏକ ସ୍ଥାୟୀ ଆସ୍ଥାନ ରହିଛି। ଉକ୍ତ ଆସ୍ଥାନର ପ୍ରାୟ ୧୫ ଫୁଟ ତଳେ ଶକ୍ତିଯନ୍ତ୍ରକୁ ସିଦ୍ଧ କରି ରଖାଯିବା ସହ ଆସ୍ଥାନ ଉପରେ ଅଷ୍ଟଧାତୁରେ ନିର୍ମିତ ମୂର୍ତ୍ତିକୁ ଖଟୁଲିରେ ରଖି ପୂଜାର୍ଚ୍ଚନା କରାଯାଉଛି। ।ଚୌଧୁରୀ ନନ୍ଦବଂଶଙ୍କ ଦ୍ୱାରା ପୂଜା ପରିଚାଳନା ହେଉଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଜସଜ୍ଜା ହୋଇଥାଏ।ଏଠାରେ ମାଙ୍କ ପୂଜା ପ୍ରାୟ ୧୦ ରୁ ୧୨ ଦିନ ଅନୁଷ୍ଠିତ ହୋଇଥାଏ।

## ବ୍ରାହ୍ମଣପାଳରେ ୫ ଶହ ବର୍ଷର ମା' ଦକ୍ଷିଣକାଳୀଙ୍କ ପୀଠ

**ସନ୍ଧ୍ୟା ଆଳତି, ବାରମିଶା ଓ ଜିଲାପି ଭୋଗ ଆକର୍ଷଣ**


ଧାମନଗର,୬।୧୧
(ଅଜିତ କୁମାର ରାଉତ)

ଭଦ୍ରକ ଜିଲାର ଧୂଷୁରୀ ନିକଟସ୍ଥ ବ୍ରାହ୍ମଣପାଳରେ ମା' ଦକ୍ଷିଣକାଳୀଙ୍କ ପୀଠ କାଳୀପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଏଥିଲାଗି ସାରା ଅଞ୍ଚଳର ପରିବେଶ ରଙ୍ଗିନ ଆଲୋକମାଳାରେ ଶୋଭା ପାଉଛି। ଏହି ପୀଠ ୫୦୦ ବର୍ଷରୁ ଅଧିକ ପୁରାତନ ବୋଲି କୁହାଯାଏ। କଲିକତାର ମା' ଦକ୍ଷିଣ କାଳୀଙ୍କ ଅବିକଳ ରୂପରେ ଏଠାରେ ମୃଣ୍ମୟୀ ମୂର୍ତ୍ତି ହୋଇ ମଣ୍ଡପରେ ପୂଜା ପାଉଛନ୍ତି। ଦୀପାବଳୀଠାରୁ ୭ ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା ହୋଇଥାଏ। ଅମାବାସ୍ୟା ତିଥିରେ ଅଧିବାସ ପୂଜା, ଦ୍ୱିତୀୟ ଦିନ ବଡପୂଜା, ୩ୟ ଦିନ ନୈମିତିକ ପୂଜା, ୪ର୍ଥ ଦିନ ପୂର୍ଣ୍ଣାହୁତି ପୂଜା ହୋଇଥାଏ। ଶେଷ ଦିନ ପୂଜାକୁ 'ନିର୍ମାଲ୍ୟ ବାସିନୀ' କୁହାଯାଏ ।

୫ ଦିନ ଧରି ଚଣ୍ଡୀପାଠ, ହୋମଯଜ୍ଞ ସହିତ ମା' ଙ୍କ ନିକଟରେ ଖଇ, ଉଖୁଡା, ନିମିକି, ସନ୍ଦେଶ ଆଦି ବାରମିଶା ଭୋଗ ହୋଇଥାଏ। ନିର୍ମାଲ୍ୟବାସିନୀ ପୂଜାରେ ସନ୍ଧ୍ୟା ବେଳେ ପରମ୍ପରା ଅନୁସାରେ ମା'ଙ୍କ ନିକଟରେ ଜିଲାପି ଭୋଗ ଲାଗି ହୋଇଥାଏ। ପରେ ମା'ଙ୍କୁ ବିସର୍ଜନ ଦିଆଯାଏ। ପ୍ରତି ସନ୍ଧ୍ୟାରେ ମା'ଙ୍କ ନିକଟରେ ଆଳତି ହୋଇଥାଏ। ପ୍ରଥମେ ଝୁଣା ଓ ପରେ କର୍ପୂର ଆଳତି ହେବା ପରେ ଫୁଲବତୀ ଆଳତି ଦାନିରେ ୨୭ ଘିଅ ବଳିତା ଦିଆଯାଇ ଦୀର୍ଘ ସମୟ ସନ୍ଧ୍ୟା ଆଳତି କରାଯାଇଥାଏ। ଏ ସମ୍ପର୍କରେ ମା'ଙ୍କ ମୁଖ୍ୟ ସେବକ ସନ୍ତୋଷ ପଣ୍ଡା କହନ୍ତି, ଆଳତି ସମୟରେ ବାହାର ବୈଦ୍ୟୁତିକ ଆଲୋକ ସଜ୍ଜାକୁ ବନ୍ଦ ରଖାଯାଉଥିବାରୁ ଆଳତି ଆଲୁଅରେ ସମ୍ପୂର୍ଣ୍ଣ ପରିବେଶ ଆଲୋକିତ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ । ପୂଜା ନୀତିରେ ଶହଶହ ବର୍ଷର ପରମ୍ପରା ଏଠାରେ ଅକ୍ଷୁଣ୍ଣ ରହିଆସିଛି । ଭାଗ୍ୟରେ ଥିଲେ ଏହି ନିଆରା ଆଳତି ଦେଖିହୁଏ ବୋଲି ଲୋକେ କହନ୍ତି।

### ଶଙ୍ଖାରିଠାରୁ କିଣିଥିଲେ ଲାଲଚୁଡି...

ବ୍ରାହ୍ମଣପାଳସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠ ଓ ମା'ଙ୍କ ଖେଳାଲୀଳା ସମ୍ପର୍କରେ ଅନେକ ଗୁଡିକର ଜନଶ୍ରୁତି ଶୁଣିବାକୁ ମିଳେ । ମା' କଳା ରଙ୍ଗର ବାଳିକା ରୂପରେ ଆବିର୍ଭାବ ହୋଇ ପିଲାଙ୍କ ସହିତ ଖେଳାବୁଲା କରିବା, ଜଣେ ଶଙ୍ଖାରିଠାରୁ ଲାଲଚୁଡି କିଣି ତାଙ୍କ ବାପା ପୂଜକ ବୋଲି ପରିଚୟ ଦେଇ ତାଙ୍କଠାରୁ ପଇସା ନେବା ପାଇଁ କହିବା କଥା ଲୋକମୁଖରେ ଜିଇଁ ରହିଛି। କଥିତ ଅଛି ଯେ, ଯାଜପୁର ଜିଲାର ଶିରିଆପୁର ଗ୍ରାମର କାଳିନ୍ଦୀ ପଣ୍ଡା ନାମକ ଜଣେ ବ୍ୟକ୍ତି ଜୀବିକାର୍ଜନ ଲାଗି କଲିକତା ଯାଇ କାର୍ଯ୍ୟ କରୁଥିଲେ। ସେ କଲିକତାର ମା' ଦକ୍ଷିଣକାଳୀଙ୍କର ପରମ ଭକ୍ତ ଥିଲେ। ବୟସାଧିକ୍ୟ କାରଣରୁ କଲିକତା ଛାଡି ସେ ଘରକୁ ଫେରି ଆସିଥିଲେ। ସେ କଲିକତାରୁ ଫେରିବାବେଳେ ମା' ସ୍ୱପ୍ନାଦେଶରେ ତାଙ୍କ ସହିତ ଯାଉଥିବା ଜଣାଇ ପଛକୁ ଫେରି ନ ଚାହିଁବାକୁ କହିଥିଲେ। ଭଦ୍ରକରୁ ଯାଜପୁରକୁ ଘଞ୍ଚ ଜଙ୍ଗଲ ବାଲିଚର ପାଦଚଲା ରାସ୍ତାରେ କାଳିନ୍ଦୀ ଆସୁଥିବାବେଳେ ପଛେପଛେ ଆସୁଥିବା ମା'ଙ୍କ ପାଦର ନୂପୁର ଶବ୍ଦ ଆଉ ଶୁଣି ପାରି ନ ଥିଲେ। ପଛକୁ ବୁଲି ଚାହିଁ ଦେବାରୁ ମା' ସେହି ସ୍ଥାନରେ ଅବସ୍ଥାନ କରିବେ ବୋଲି କହିଥିଲେ। ସେବେଠାରୁ ବ୍ରାହ୍ମଣପାଳ ନିକଟରେ ମା'ଙ୍କର ବିଗ୍ରହ ସ୍ଥାପନ ହୋଇ ପୂଜାର୍ଚ୍ଚନା କରାଯାଇ ଆସୁଥିବା କୁହାଯାଏ। କାଳିନ୍ଦୀଙ୍କ ବଂଶଧରମାନେ ଏବେ ଉକ୍ତ ପୀଠରେ ପୂଜକ ଭାବେ କାର୍ଯ୍ୟ କରୁଥିବା କୁହାଯାଏ ।



ମା' ଦକ୍ଷିଣକାଳୀ।

**ସଂକ୍ଷେପରେ**

### ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପାଠଚକ୍ର



**ଭଦ୍ରକ ଅଫିସ,୬।୧୧:** ଚରମ୍ପା ମହାବିଦ୍ୟାଳୟ ଓଡିଆ ଭାଷା-ସାହିତ୍ୟ ବିଭାଗ ତରଫରୁ ମନୋଜ ଦାସଙ୍କ ଉପନ୍ୟାସ 'ଆକାଶର ଇସାରା - ଅନ୍ତଃଗର୍ଭରେ ଚେତନାର ଉଚ୍ଚାରଣ' ଶୀର୍ଷକ ପାଠଚକ୍ର ଏବଂ ଦ୍ୱିତୀୟ ଅଧିବେଶନରେ ଯୁକ୍ତ ୩ ସମ୍ମାନ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ସୌରେଶ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ । ବିଭାଗୀୟ ମୁଖ୍ୟା ଡ. ପ୍ରଭାତ ନଳିନୀ ମହାପାତ୍ର ପାଠଚକ୍ର ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବିଭାଗର ଅନ୍ୟତମ ଅଧାପକ ଡ. ରମେଶ ଚନ୍ଦ୍ର ଦାସ ଆକାଶର ଅସୀମତା, ଦାର୍ଶନିକ ଅନୁଚିନ୍ତା, ଇସାରାର ତାତ୍ତ୍ୱିକ ଭାବ ଏବଂ ଚେତନାର ଉତ୍ତରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଇଂରାଜୀ ବିଭାଗର ଅଧାପିକା ଡ. ସୁକାନ୍ତି ମହାପାତ୍ର, ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟା ସତୀରାଣୀ ମହାନ୍ତି, ଅଧାପିକା ଡ. ଉତ୍ପଳା ନାୟକ, ପ୍ରାଧାପକ ରାଧାକାନ୍ତ ନାୟକ, ପ୍ରାଧାପକ ଡ. ଅଜୟ କୁମାର ପାଢୀ, ଅଧାପକ ରାଧାକାନ୍ତ ନାୟକ, ଅମର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୁକ୍ତ ୩ ତୃତୀୟ ଏବଂ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରୀଛାତ୍ର ଗଣ ପ୍ରଥମ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହିତ ଓଡିଆ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସେମାନଙ୍କୁ ଉପଦେଶ ଦେଇଥିଲେ। ସର୍ବ ଶେଷରେ ବିଭାଗର ପ୍ରାଧାପକ ଡ. ସନ୍ତୋଷ ଗୋପାଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ପ୍ରାଧାପକ ଦୈତାରି ଦାଶଙ୍କ ପରଲୋକ

**ଚାନ୍ଦବାଲି,୬।୧୧(ଡି.ଏନ.ଏ.):** ଚାନ୍ଦବାଲି କଲେଜର ଓଡିଆ ବିଭାଗର କାର୍ଯ୍ୟରତ ପ୍ରାଧାପକ ଦୈତାରି ଦାଶଙ୍କର କଟକ ମେଡିକାଲରେ ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଶ୍ୱାସରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ହୋଇଛି । ଆଗରପଡା କଲେଜରୁ ବଦଳି ହୋଇ ଦୁଇବର୍ଷ ହେବ ସେ ଚାନ୍ଦବାଲି କଲେଜରେ ଯୋଗଦେଇଥିଲେ। ତାଙ୍କ ବିୟୋଗରେ କଲେଜର ଛାତ୍ରୀଛାତ୍ର, ଅଧାପିକା ଓ ଅଧାପକଙ୍କ ମଧରେ ଶୋକର ଛାୟା ଖେଳି ଯାଇଛି । କଲେଜର ଅଧକ୍ଷ ନିମାଇଁ ପଟନାୟକ ଓ ପରିଚାଳନା ସମିତିର ସଭାପତି ବିଧାୟକ ବ୍ୟୋମକେଶ ରାୟ ଗଭୀର ଶୋକବ୍ୟକ୍ତ କରିଛନ୍ତି।

### ମେଧାବୀ ଛାତ୍ରୀଛାତ୍ରଙ୍କୁ ଲ୍ୟାପ୍‌ଟପ୍ ବଣ୍ଟନ

**ଭଦ୍ରକ ଅଫିସ,୬।୧୧:** ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଜୁଯୁବ ସଶକ୍ତିକରଣ ଯୋଜନା ୨୦୧୮-୧୯ ଅଧୀନରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସୋମବାର ଲ୍ୟାପ୍‌ଟପ୍ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଭିଡିଓ କନ୍‌ଫେରେନ୍ସ ହଲ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁକଲ୍ୟାଣ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲ୍ୟାପ୍‌ଟପ୍ ବଣ୍ଟନ କରିଥିଲେ। ଏମପି ଅର୍ଜୁନ ଚରଣ ସେଠୀ, ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପାଳ ଜ୍ଞାନ ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ୫ଜଣ ମେଧାବୀ ଛାତ୍ରୀଛାତ୍ର ଚିନ୍ମୟୀ ବେହେରା, ପୂଜାରାଣୀ ପଣ୍ଡା, ଲକ୍ଷ୍ମୀପ୍ରତିମା ସେଠୀ, କସ୍ତୁରୀ ବେହେରା, ଦିପ୍ତୀମାନ ଜେନାଙ୍କୁ ଲ୍ୟାପ୍‌ଟପ୍ ପ୍ରଦାନ କରାଯାଇ ବିତରଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ସେହିପରି ପର୍ଯ୍ୟାୟକ୍ରମେ ଜିଲାର ୫୪୧ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲ୍ୟାପ୍‌ଟପ୍ ପ୍ରଦାନ କରାଯିବ ।

### ଦୁର୍ଘଟଣା ଜୋନ୍

**ଭଦ୍ରକ ଅଫିସ,୬।୧୧:** ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ୧୬ ନଂ ଜାତୀୟ ରାଜପଥ ଭଦ୍ରକ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ପୋଲ ନିକଟରେ ୩ ମାସ ପୂର୍ବେ ସୃଷ୍ଟି ହୋଇଥିବା ଗାତକୁ ଏଯାଏ ମରାମତି କରାଯାଇ ନାହିଁ। ଏହାମଧରେ ୧୦ରୁ ଅଧିକ ଦୁର୍ଘଟଣା ଘଟିଲାଣି। ସୋମବାର ବିଳମ୍ବିତ ରାତିରେ ଏକ ମାଲବୋଝେଇ ଟ୍ରକ ସେଠାରେ ଦୁର୍ଘଟଣା ଗ୍ରସ୍ତ ହୋଇଛ ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ପରେ ଦୁର୍ଘଟଣା ଜୋନ୍ କୁହାଯାଉଥିବା ଉକ୍ତ ରାସ୍ତାକୁ ସିଲ୍ କରିଦିଆଯାଇଛି।





# ଦୀପାବଳି ଓ ସୋସିଆଲ ମିଡିଆ କ୍ରେଜ୍



ବର୍ତ୍ତମାନ ପ୍ରତିଟି ପର୍ବପର୍ବାଣି ଯେପରି ଅଧିକାଂଶ ବିଶେଷକରି ଯୁବପିଢ଼ିଙ୍କ ଲାଗି ପାଲଟିଯାଇଛି ଲୋକଦେଖାଣିଆ। କାରଣ ଏସବୁକୁ ସେମାନେ କେତେ ଏନ୍‌ଜଏ କରୁଛନ୍ତି ତାହା ପ୍ରଥମେ ଦେଖିବାକୁ ମିଳୁଛି ସେମାନଙ୍କ ଦ୍ୱାରା ସୋସିଆଲ ସାଇଟ୍‌ରେ ପୋଷ୍ଟ କରାଯାଉଥିବା ବିଭିନ୍ନ ଫଟୋ ଏବଂ ଭିଡିଓରେ। ଆଉ ଏମିତିରେ ଯଦି ଦୀପାବଳି ଭଳି ପର୍ବ କଥା ଆସେ, ଆଲୋକ ଆଉ ବାଣ ସହ ଭଳିକି ଭଳି ପୋଜ୍‌ରେ ଫଟୋ ଆଉ ଭିଡିଓରେ ଭରିଯାଏ ସଭିଙ୍କ ସୋସିଆଲ । ତେବେ ଏହି ଆନନ୍ଦ ଉଲ୍ଲାସ ଆଉ ସୋସିଆଲ ମିଡିଆ କ୍ରେଜ୍ ଆଳରେ ସାମାନ୍ୟ ଅସାବଧାନତା କେବେ କେବେ ଏକ ବଡ଼ ବିପଦକୁ ଡାକିଆଣେ ତ ପୁଣି କେବେ କାହା ପାଇଁ ସାଜିଥାଏ ଘାତକ। ତେଣୁ ନିରାପଦ ଭାବେ ଦୀପାବଳିର ଆନନ୍ଦ ନେବା ଲାଗି ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ...

■ ଅମାବାସ୍ୟାର ଘନ ଅନ୍ଧାରରେ ମାଟିଦୀପ ହେଉ ବା ମାର୍କେଟରେ ବିଶେଷଭାବେ ଉପଲବ୍ଧ ବିଭିନ୍ନ ଡିଜାଇନର ଦୀପ, କ୍ୟାଣ୍ଡେଲ କିମ୍ବା ଲିଟୁ ଲାଇଟ୍‌ରେ ଘର ସଜାଇବା ସହ ବିଭିନ୍ନ ଢଙ୍ଗରେ ସେଲ୍ଫି ଏବଂ ଫଟୋ ଉଠାଇ ସୋସିଆଲ ସାଇଟ୍‌ରେ ପୋଷ୍ଟ କରିବାର କ୍ରେଜ୍ ଯୁବପିଢ଼ିଙ୍କର କେତେ ତାହା କହିବା ବାହୁଲ୍ୟ। ହେଲେ ଏହାଦ୍ୱାରା ଅସାବଧାନତା ବଶତଃ ବିଭିନ୍ନ ଅଘଟଣ ଘଟିବାର ନଜିର ରହିଛି। ତେଣୁ ଫଟୋ କିମ୍ବା ଭିଡିଓ କରିବା ସମୟରେ ଦୀପ ଓ କ୍ୟାଣ୍ଡେଲର ନିକଟକୁ ନ ଯାଇ ଦୂରରେ ରୁହନ୍ତୁ। ସିନ୍ଥେଟିକ ପୋଷାକ ପରିବର୍ତ୍ତେ କଟନ ପୋଷାକ ପିନ୍ଧନ୍ତୁ। ସେହିପରି ଲିଟୁ ଲାଇଟ୍ ଧରି ଫଟୋ ଉଠାଇବାଠାରୁ ବଞ୍ଚନ୍ତୁ। କାରଣ ତାରରେ ଲିକେଜ୍ ଥିଲେ କରେଣ୍ଟ ଲାଗିବାର ଆଶଙ୍କା ରହିଛି।

■ ବର୍ତ୍ତମାନ ବିଭିନ୍ନ ପ୍ରକାର ଫନି ଭିଡିଓ କରି ହ୍ୱାଟ୍ସଆପ୍ ଷ୍ଟାଟସ୍ ରଖିବା କିମ୍ବା ଫେସ୍‌ବୁକ୍‌ରେ ପୋଷ୍ଟ କରିବା ଯେମିତି ଯୁବପିଢ଼ିଙ୍କର ନିଶା ପାଲଟିଛି। ଆଉ ଦୀପାବଳିରେ ଏଭଳି ଭିଡିଓ କରିବା ଲାଗି ଅନେକେ ମଜାରେ କାହା ଉପରକୁ ବାଣ ଫିଙ୍ଗିବା, କିଏ ଅନ୍ୟମନସ୍କ ଥିବା ବେଳେ ପାଖରେ କିମ୍ବା କେହି ଶବ୍ଦକୁ ଭୟ କରୁଥିଲେ ତାଙ୍କ ଅଜାଣତରେ ହଠାତ୍ ଜୋର ଶବ୍ଦ କରୁଥିବା ବାଣ ଫୁଟାଇବା ଆଦି କାର୍ଯ୍ୟ କରିଥାନ୍ତି। କେବଳ ଏତିକି ନୁହେଁ, କେହି କେହି ଛୋଟ ପିଲା, ପଶୁ କିମ୍ବା ବୃଦ୍ଧାଙ୍କ ସହ ମଧ୍ୟ ଏଭଳି ମଜା କରିଥାନ୍ତି। ହେଲେ ସୋସିଆଲ ମିଡିଆ ନିଶାରେ ଏପରି କରିବା ବିପଦପୂର୍ଣ୍ଣ। କାରଣ ଏହା ଅନ୍ୟକୁ ବିପଦ ପହଞ୍ଚାଇପାରେ। ତେଣୁ ଏସବୁଠାରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ।

**ଆଲୋକର ପର୍ବ ଦୀପାବଳି, ଯାହାକୁ ନେଇ ଯୁବପିଢ଼ିଙ୍କ ଉତ୍ସାହ କହିଲେ ନ ସରେ। କିଏ କେଉଁ ଭଳି ଆଲୋକରେ ଘର ସଜାଇବେ, କେତେ ପ୍ରକାରର ବାଣ ଫୁଟାଇବେ, ଏମିତିକି କିଭଳି ନୂଆ ନୂଆ ଢଙ୍ଗରେ ଫଟୋ ଏବଂ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିବେ ତାକୁ ନେଇ ସରିଛି ପ୍ଲାନିଂ। ତେବେ ଏହି ସୋସିଆଲ ମିଡିଆ କ୍ରେଜ୍ ଯେପରି ଅସାବଧାନତାବଶତଃ କୌଣସି ବିପଦକୁ ଡାକି ନ ଆଣେ ସେଥିପ୍ରତି ସତର୍କ ରହିବା ଆବଶ୍ୟକ...**

■ ଚକ୍ରୀ, କୁମ୍ଭି ବା ଘଡ଼ି ଏବଂ ବିଭିନ୍ନ ରଙ୍ଗିନ ଆଲୋକ ଏବଂ ଧୂଆଁ ବାହାରୁଥିବା ବାଣ ପାଖରେ ଠିଆହୋଇ ଉଠାଇଥିବା ଫଟୋ ନିଶ୍ଚିତ ଭାବେ ଖୁବ୍ ସୁନ୍ଦର ଲାଗିଥାଏ। ଯେଉଁଥିପାଇଁ ଏଭଳି ବାଣ ଯୁବପିଢ଼ିଙ୍କର ବେଶ୍ ପସନ୍ଦ। ହେଲେ ମନେରଖନ୍ତୁ ଏପରି ବାଣ ସହ ଫଟୋ କିମ୍ବା ଭିଡିଓ ସୁଟ୍ କରୁଥିଲେ ଅନ୍ୟମନସ୍କ ଆଦୌ ହୁଅନ୍ତୁ ନାହିଁ କିମ୍ବା ଖୁବ୍ ପାଖକୁ ଯାଆନ୍ତୁ ନାହିଁ ନଚେତ୍ ପୋଷାକରେ ନିଆଁ ଲାଗିବା ଯୋଗୁ ଅଘଟଣ ଘଟିବା ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ଅଧିକ ସମୟ ଏପରି ବାଣ ପାଖରେ ଠିଆହେବା ଦ୍ୱାରା ଏଥିରୁ ନିର୍ଗତ ବିଷାକ୍ତ ଧୂଆଁ ଫୁସ୍‌ଫୁସ୍‌କୁ ପ୍ରଭାବିତ କରି ଶ୍ୱାସରୋଗ ଆଶଙ୍କା ବୃଦ୍ଧି କରିଥାଏ ଏବଂ ସର୍ବୋପରି ପରିବେଶ ପ୍ରଦୂଷଣ କରିଥାଏ।

■ ଅନେକେ ସୋସିଆଲ ସାଇଟ୍‌ରେ ନିଜର ସାହସିକତାର ପ୍ରମାଣଦେବା ବା ବାହାଦୁରି ଦେଖାଇ ଅଧିକ ଲାଇକ୍ ଏବଂ କମେଣ୍ଟ ସାଉଣ୍ଟିବା ନିଶାରେ ରକେଟ୍, କୁମ୍ଭି ଆଦି ବାଣ ହାତରେ ଧରି ଫୁଟାଇଥାନ୍ତି। କେହି କେହି ତାଳଫୋଟକା, ବମ୍ ଆଦିକୁ ମଧ୍ୟ ଖୁବ୍ ନିକଟରୁ ଫୁଟାଇ ଭିଡିଓ କରିଥାନ୍ତି। ହେଲେ ଏଥିଯୋଗୁ ବିଭିନ୍ନ ଅଘଟଣ ଘଟିବାର ନଜିର ରହିଛି। ଫଟୋ କିମ୍ବା ଭିଡିଓ ନିଶାରେ ନିଜ ଜୀବନ ସହିତ ଖେଳିବା ସାହସିକତାର ପ୍ରମାଣ ନୁହେଁ। ତେଣୁ ଏଭଳି କରିବାଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ।

– ପୌର୍ଣ୍ଣମାସୀ





## କ'ଣ କରନ୍ତି ଏମାନେ...



ରାଜେନ୍ଦ୍ର

**ରାଜେନ୍ଦ୍ର ନାରାୟଣ ସେନାପତି** (କର୍ମଜୀବୀ, ଫୁଲନଖରା, କଟକ)– ଦୀପାବଳିର ସ୍ପେଶାଲ୍ ଫଟୋ ଆଉ ଭିଡିଓ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାର ମଜା ନିଆରା। ତେଣୁ ସବୁଥର ଏଥିପାଇଁ କିଛି ନୂଆ କରିଥାଏ। ହେଲେ ଏହା ଆଳରେ ଯେପରି କିଛି ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡେ ସେଥିପ୍ରତି ବିଶେଷ ସତର୍କ ରହିଥାଏ। ହାବେଲି, ବମ୍, ବକ୍ସ କିମ୍ବା ଗଛ ବାଣ ଆଦିର ମଜା ନେବାର ମୁହୂର୍ତ୍ତକୁ ରେକର୍ଡ କରିବା ଲାଗି ସାଙ୍ଗମାନଙ୍କ ସହ ଘର ଠାରୁ ଦୂର ପଡିଆକୁ ଯାଇଥାଏ। ଏହାଦ୍ୱାରା ଅଗ୍ନି ସଂସ୍ପର୍ଶରେ ଆସି ଘର କିମ୍ବା କାହାରି ଯେପରି କ୍ଷତି ନ ହୁଏ ଧ୍ୟାନରେ ରଖିଥାଏ।



ରାଜଲକ୍ଷ୍ମୀ

**ରାଜଲକ୍ଷ୍ମୀ ନାୟକ**(ଛାତ୍ରୀ, ରାଜଧାନୀ ଲ' କଲେଜ, ଭୁବନେଶ୍ୱର)– ଭଲ ଭଲ ଫଟୋ ଆଉ ଭିଡିଓକୁ ହ୍ୱାଟ୍ସଆପ୍ ଷ୍ଟାଟସ୍ ଭାବେ ରଖିବାକୁ ମୋତେ ଭଲ ଲାଗେ। ଆଉ ଏମିତିରେ ଯଦି ଆଲୋକର ପର୍ବ ଦୀପାବଳି କଥା ଆସେ ତେବେ ରଙ୍ଗୋଲୀ ହେଉ କିମ୍ବା ଲାଇଟ୍ ଡେକୋରେଶନ୍ ଆଉ ବାଣ ସହ କିଛି ଫଟୋ ଉଠାଇବାର ମଉକା ତ ଆଦୌ ହାତଛଡା କରିବି ନାହିଁ। ହେଲେ ଖୁସିରେ ଅନ୍ୟମନସ୍କତା ବଶତଃ ଯେପରି କିଛି ଅଘଟଣ ନ ଘଟେ ସେଥିପ୍ରତି ବିଶେଷ ସଜାଗ ରହିବି।

# ଗ୍ରୀନ୍ ହୋଲି ଭଳି ଗ୍ରୀନ୍ ଦିୱାଲି

## ନିଆରା ଢଙ୍ଗରେ ଦୀପାବଳି

ଆଲୋକର ପର୍ବ ଦୀପାବଳି ପାଇଁ ଚାରିଆଡ଼େ ଦେଖିବାକୁ ମିଳୁଛି ଉତ୍ସବର ମାହୋଲ। ଘରଠାରୁ ଆରମ୍ଭ କରି ଦୋକାନ ବଜାର, ବେସରକାରୀ ଓ ସରକାରୀ ଅନୁଷ୍ଠାନ, ସବୁଠାରେ ରଙ୍ଗିନ ଆଲୋକମାଳାର ପସରା ଶୋଭାପାଉଛି। ଅନ୍ଧାର ଉପରେ ଆଲୋକର ବିଜୟ ପାଇଁ ଉତ୍ସବ ମନାଇବାକୁ ସହରବାସୀ ପ୍ରସ୍ତୁତ ହେଉଥିବା ବେଳେ ଏପଟେ ଦୀପାବଳିକୁ ନିଆରାଭାବେ ପାଳନ କରିବାକୁ ଆଗେଇ ଆସିଛନ୍ତି ସହରର ଯୁବପିଢି। ବାଣ ଯୋଗୁ ହେଉଥିବା ପ୍ରଦୂଷଣ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ ନିରାଡମ୍ବରଭାବେ ଦୀପାବଳି ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିଭଳି କେତେକ ସଂଗଠନ ଓ ବ୍ୟକ୍ତିବିଶେଷ ବଢୁଥିବା ପରିବେଶ ପ୍ରଦୂଷଣ ଯୋଗୁ ଏଥର ବାଣଠାରୁ ସମ୍ପୂର୍ଣ୍ଣଭାବେ ଦୂରେଇ ଯିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି।

ଚଳିତବର୍ଷ ଭୁବନେଶ୍ୱରର ବହୁ ସଂସ୍ଥା ଓ ବ୍ୟକ୍ତିଗତ ସ୍ତରରେ ପରିବେଶ ଉପଯୋଗୀ ତଥା ଗ୍ରୀନ୍ ଦୀୱାଲି ପାଳନକୁ ଗୁରୁତ୍ୱ ଦିଆଯାଇଛି। ବିଶେଷକରି କେତେକ ଛାତ୍ରଗୋଷ୍ଠୀ ଏକାଠି ହୋଇ ଗ୍ରୀନ୍ ଦୀୱାଲି ପାଳିବାକୁ ଆଗେଇ ଆସିଛନ୍ତି। ଆତସବାଜିଠାରୁ ଦୂରେଇ ରହି କିଏ ପରୋପକାର କରି ନିଜ ଦୀପାବଳିକୁ ଆଲୋକିତ କରୁଛି ତ କିଏ ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟୁଛି। ସେହିଭଳି ରକ୍ତଦାନ ଓ ଶ୍ରମଦାନ କରି କେତେଜଣ କଲେଜପଢୁଆ ଛାତ୍ରୀଛାତ୍ର ଚଳିତବର୍ଷ ଦୀପାବଳିକୁ ସ୍ୱତନ୍ତ୍ର କରିବାକୁ ଉଦ୍ୟମ କରିଛନ୍ତି। ଏହାସହ କେତେକ ଅନୁଷ୍ଠାନ ଓ ବ୍ୟକ୍ତି ବୃଦ୍ଧାଶ୍ରମ ଓ ଅନାଥ ଆଶ୍ରମରେ ଦୀପାବଳି ପାଳିବାକୁ ସ୍ଥିର କରିଛନ୍ତି। ବାଣ ଫୁଟାଇବା ପରିବର୍ତ୍ତେ ସେମାନେ ସେହି ଅର୍ଥରେ ବିଭିନ୍ନ ପ୍ରକାର ସାମଗ୍ରୀ ଦାନ କରୁଥିବା ଦେଖିବାକୁ ମିଳିଛି। ସେହିଭଳି ଅନାଥମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଦାନ କରି କେତେକ ଦୀପାବଳି ମନାଇବାକୁ ସ୍ଥିର କରିଛନ୍ତି। ବିଭିନ୍ନ ଏନ୍‌ଜିଓ ସଂସ୍ଥା ବାଣ ଫୁଟାଇବା ପରିବର୍ତ୍ତେ ଗଛ ଉପହାର ଦେବାକୁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି, ଯାହାକି ସହରରେ ଏକ ସୁସ୍ଥ ଦୀପାବଳି ଆଡକୁ ଇଙ୍ଗିତ କରିଛି।

ଉତ୍କଳ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର କେତେଜଣ ପୁରାତନ ଛାତ୍ରୀଛାତ୍ର ଦୀପାବଳିକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି। ନିଜର ଦୀପାବଳି ଖର୍ଚ୍ଚକୁ କାଟ୍ କରି ସେମାନେ ଚଳିତବର୍ଷ ଭୁବନେଶ୍ୱର ୟୁନିଟ୍–୩ସ୍ଥିତ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପିଲାମାନଙ୍କ ପାଇଁ ଆବଶ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ପ୍ରଦାନ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦର ପୂର୍ବତନ ସଭାପତି ଦେବୀ ରାୟ ଏବଂ ଯୁବ ସାମାଜିକ କର୍ମୀ ରୁଦ୍ର ପ୍ରସନ୍ନ ରଥ ପୁରାତନ ଛାତ୍ରୀଛାତ୍ରଙ୍କ ତରଫରୁ ଏହି ବିଦ୍ୟାଳୟକୁ ୧୨ଟି ବୁକ୍ ସେଲ୍ଫ ଏବଂ ୪ଟି ଏକ୍‌ଜଷ୍ଟ ଫ୍ୟାନ ପ୍ରଦାନ କରିଛନ୍ତି। ଦୀପାବଳିକୁ କେବଳ ବାଣ ଫୁଟାଇବାରେ ସୀମିତ ନ ରଖି ଅନ୍ୟମାନଙ୍କ ପାଖରେ ଠିଆହୋଇ ସେମାନଙ୍କ ଜୀବନକୁ ଆଲୋକିତ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। କେବଳ ଏତିକି ନୁହେଁ, ଯୁବ ସଂଗଠନ 'ୟୁଥ୍ ଫର୍ ସେବା' ପକ୍ଷରୁ ୟୁନିଟ୍–୬ସ୍ଥିତ ସତ୍ୟଭାମା ଦେବୀ ମୂକ ଓ ବଧିର ମହାବିଦ୍ୟାଳୟଠାରେ ମଧ୍ୟ ଏକ ଅଭିନବ କାର୍ଯ୍ୟକ୍ରମ କରାଯାଇଛି। ଗ୍ରୀନ୍ ଦୀୱାଲି ପ୍ରତି ଲୋକଙ୍କୁ ଉତ୍ସାହିତ କରିବା ଏବଂ ସ୍ୱଦେଶୀ ଦୀପ ବ୍ୟବହାର କରି ଆମ କାରିଗରମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ସଂଗଠନ ପକ୍ଷରୁ ମହାବିଦ୍ୟାଳୟ ବିଦ୍ୟାର୍ଥୀମାନଙ୍କୁ ଇକୋ–ଫ୍ରେଣ୍ଡ୍ଲି ଦୀପ ପ୍ରସ୍ତୁତ କରିବା ଶିଖାଯାଇଛି।

–ରିପୋର୍ଟ: ସସ୍ମିତା ପାଇକରାୟ, ଭୁବନେଶ୍ୱର



## କିଏ କେମିତି ପାଳିବେ ଦୀପାବଳି



"ଦୀପାବଳି କେବଳ ଘର ଲୋକଙ୍କ ସହ ପାଳନ କଲେ ହିଁ ଖୁସି ମିଳେ। ହେଲେ ଯେହେତୁ ଖେଳାଳି ଜୀବନ ତେଣୁ କେବେକେବେ ପରିବାର ସହ ଏହି ଉତ୍ସବ ପାଳିବାର ସୁଯୋଗ ମିଳେନି। ଏବେ ମଣିପୁର ରଣଜୀ ଦଳର ମୁଖ୍ୟ କୋଚ୍ ଥିବାରୁ ଦଳ ସହ ରହିବାକୁ ପଡୁଛି। ପରିବାରର ସମସ୍ତଙ୍କୁ ବହୁତ ମିସ୍ କରିବି। ମୁଖ୍ୟତଃ ପୁଅ ଶିବାଂଶ୍ ଓ ଝିଅ ସାନ୍‌ଭୀଙ୍କ ସହ ଦୀପାବଳି ପାଳନର ଖୁସି ମୂହୁର୍ତ୍ତ ଗୁଡ଼ିକ ହରାଇବି। ସମସ୍ତ ଓଡ଼ିଶାବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଉଛି।

– **ଶିବ ସୁନ୍ଦର ଦାସ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର**



"ଉତ୍ତରପ୍ରଦେଶର ଲୋକ ଭାବେ ଦୀପାବଳିକୁ ଧୁମଧାମରେ ପାଳନ କରିବାର ଦେଖିଛି। ସେଠାରେ ଦୀପାବଳି ଏକ ବିରାଟ ଉତ୍ସବ ଭାବେ ଜଣାଶୁଣା। ଘର ରଙ୍ଗ ହେବାଠୁ ନେଇ ବାଣଫୁଟା ଯାଏ ସବୁ କାର୍ଯ୍ୟ ସେଠାକାର ଲୋକ ସୁନ୍ଦରଭାବେ କରନ୍ତି। ତେବେ ଚାକିରି ଜୀବନ ପରେ ଏସବୁରୁ ଏବେ ଦୂରେଇ ରହିଛି। ଦୀପାବଳି ସମସ୍ତଙ୍କ ପାଇଁ ଖୁସିର ପର୍ବ ହେଉ। ଏହାଛଡ଼ା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାତି ୧୦ଟା ମଧ୍ୟରେ ବାଣପୁଟା ଶେଷ କରିବା ପାଇଁ ସମସ୍ତେ ଚେଷ୍ଟା କରନ୍ତୁ।

– **ଅଖିଳେଶ୍ୱର ସିଂ, ଡିସିପି, କଟକ**



"ପିଲା ବେଳେ ଦୀପାବଳୀର ଯେଉଁ ମଜା ଥିଲା, ଏବେ ଆଉ ନାହିଁ। କିନ୍ତୁ ଯେଉଁଠି ଥିଲେ ବି ଏହି ଦିନ ମୁଁ ପରିବାର ସହ ବିତାଏ। ମୋ ଘର କେନ୍ଦ୍ରାପଡ଼ା। ପରିବାରର ସଦସ୍ୟ ସଂଖ୍ୟା ଅଧିକ ହୋଇଥିବାରୁ ଦୀପାବଳିରେ ବହୁତ ମଜା ହୁଏ। ଚଳିତବର୍ଷ ବିନା ବାଣରେ କେବଳ ଦୀପ ଜାଳି ଏହାକୁ ପାଳନ କରିବାକୁ ସ୍ଥିର କରିଛି।

– **ମହାପ୍ରସାଦ କର, ଅଭିନେତା**



"ବାଣ ଫୁଟାଇବାରେ ଅର୍ଥ ଖର୍ଚ୍ଚ କରିବା ଅପେକ୍ଷା ଏହାକୁ ସମାଜସେବାରେ ଲଗାଇବାରେ ଯେଉଁ ଆନନ୍ଦ ରହିଛି ତାହା ମୁଁ ଅନୁଭବ କରିଛି। ଗତ କିଛିବର୍ଷ ହେବ ପାରା(ଭିନ୍ନକ୍ଷମ) ଖେଳାଳିମାନେ ଦୀପାବଳିକୁ ଭିନ୍ନ ଧରଣରେ ପାଳନ କରୁଛନ୍ତି। ଚଳିତବର୍ଷ ମଧ୍ୟ କିଛି ନୂତନ ଯୋଜନା ରହିଛି।

– **ସୁନୀଲ ପ୍ରଧାନ, ଜାତୀୟ ପାରା ବ୍ୟାଡମିଣ୍ଟନ ଖେଳାଳି**



"ବାଣକୁ ମୋର ବହୁତ ଡର। ଛୋଟ ବେଳୁ ମୁଁ ବାଣ ଫୁଟାଏନି। ଯେହେତୁ ଆମ ଘରେ ୬ଟି କୁକୁର ଅଛନ୍ତି, ତେଣୁ ବାଣ ଫୁଟାଯାଏ ନାହିଁ। ଦୀପାବଳିକୁ ମିଠା ମିଠା ଦିନରେ କାଟିଥାଏ। ସେଦିନ ଘର ଲୋକଙ୍କ ସହିତ ମିଶି ଲାଇଟ ଓ ଦୀପରେ ଘରକୁ ସଜାଇଥାଏ। ଭଲ ଖାଇବା ଖାଇଥାଏ। ଏଥି ସହିତ ସେଦିନ ଟିଭିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦେଇଥାଏ, ଯାହାକୁ ଆମେ ସମସ୍ତେ ଏକାଠି ବସି ଦେଖିଥାଉ।

– **ଅନୁଭା ସୌର୍ଯ୍ୟା, ଅଭିନେତ୍ରୀ**



"ପ୍ରତିବର୍ଷ ଭଳି ଏଥର ବି ପରିବାର ସହିତ ଦିପାବଳୀ ପାଳିବି। କିନ୍ତୁ ଏଥର ବାଣ ନ ଫୁଟାଇ କେବଳ ଦୀପ ଜାଳିବି। ବର୍ତ୍ତମାନ ପ୍ରଦୂଷଣ ମାତ୍ରା ବଢ଼ିଗଲାଣି। ଆମେ ଯେଉଁଭଳି ଏକ ବିଷବଳୟ ଭିତରେ ବଞ୍ଚୁଛେ ତା' ଭିତରୁ ବାହାରିବାକୁ ହେଲେ ପ୍ରଥମେ ନିଜେ ସଚେତନ ହେବାକୁ ପଡ଼ିବ। ତେଣୁ ବାୟୁମଣ୍ଡଳ ପ୍ରଦୂଷଣ ନ କରିବା ପାଇଁ ବାଣ ନ ଫୁଟାଇବାକୁ ନିଷ୍ପତ୍ତି ନେଇଛି।

– **ଭଗବାନ ବେହେରା, ଅଭିନେତା**



"ଦୀପାବଳି ଦିନ ମୋର ଯାହା ବି କାମ ପଡ଼ିଲେ ମୁଁ ଛୁଆମାନଙ୍କୁ ଛାଡ଼ି ସନ୍ଧ୍ୟାରେ କେଉଁଠି ବି ଯାଏ ନାହିଁ। ବଡ଼ ଦୁଃଖର କଥା ହେଉଛି ବାପାଙ୍କ କାକା ମରିଯାଇଥିବାରୁ ଆମ ଘରେ ଦୀପ ଜଳେ ନାହିଁ। ବାଣ ଫୁଟାଇବା କଥା ନୁହେଁ, କିନ୍ତୁ ଛୋଟ ପିଲା ଯେହେତୁ ଅଛନ୍ତି ତେଣୁ ବାଣ ଫୁଟାଇଥାନ୍ତି। ମୋ ତରଫରୁ ଓଡ଼ିଶାବାସୀଙ୍କୁ ଦିପାବଳୀର ଅନେକ ଶୁଭେଚ୍ଛା ଓ ମା' କାଳୀ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଏତିକି କାମନା।

– **କୁନା ତ୍ରିପାଠୀ, ଅଭିନେତା ତଥା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧକ୍ଷ**



"ସବୁ ପର୍ବରେ ମୁଁ ଗାଁକୁ ଯାଏ। କିନ୍ତୁ ଏଥର ଦୀପାବଳିରେ ଯାଇପାରିନି। କାରଣ ପରଦିନ ସକାଳେ ମୋର କ୍ଲାସ୍ ରହିଛି। ତେଣୁ ଏଥର ଭୁବନେଶ୍ୱରରେ ରହିବି। ସକାଳୁ ବୁଲିବାକୁ ଯିବାର ଯୋଜନା ରହିଛି। ସନ୍ଧ୍ୟାରେ ମୋର ଛୋଟ ଛୋଟ ଭଉଣୀ ଭାଇଙ୍କ ସହିତ ଦୀପାବଳି ପାଳିବି। ବାଣ ଫୁଟାଇବାକୁ ଭଲ ଲାଗେ ନାହିଁ। ଦୀପ ଜାଳିବାକୁ ଓ ତାକୁ ସଜେଇବାକୁ ଏବଂ ରଙ୍ଗୋଲି କରି ଘର ସଜାଇବାକୁ ବହୁତ ଭଲଲାଗେ।

– **ଆହନା, ଅଭିନେତ୍ରୀ**

ରିପୋର୍ଟ: ଅସମାପିକା ସାହୁ, କୁମାରଶ୍ରୀ ସାହୁ

ଧରିତ୍ରୀ DHARITRI
ବାଲେଶ୍ୱର, ବୁଧବାର, ୭ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ବେଆଇନ ବାଣ ଗଚ୍ଛିତ: ଚଢ଼ାଉ କଲା ସ୍ୱତନ୍ତ୍ର ଟିମ୍

**ବାରିପଦା ଅଫିସ,୬।୧୧:** ବାରିପଦା ପାଲବଣି ଅଞ୍ଚଳରେ ଜଣେ ବ୍ୟବସାୟୀ ବେଆଇନ ଭାବେ ନିଜ ଘରେ ବାଣ ରଖିଥିବା ସୂଚନା ପାଇ ଚଢ଼ାଉ କରାଯାଇଛି। ମାଜିଷ୍ଟ୍ରେଟ ଅନୁପମା ଘୋଷଙ୍କ ସହିତ ଅଗ୍ନିଶମ ବିଭାଗ ଓ ପୋଲିସ ବିଭାଗର ଏକ ସ୍ୱତନ୍ତ୍ର ଟିମ ଏହି ବ୍ୟବସାୟୀଙ୍କ ଘରେ ମଙ୍ଗଳବାର ସନ୍ଧ୍ୟାରେ ଚଢ଼ଉ କରିଥିଲା। ତେବେ ଉକ୍ତ ବ୍ୟବସାୟୀଙ୍କ ଘର ସିଲ୍ କରାଯାଇ ନ ଥିବା ବେଳେ ଘରେ ଥିବା ଜରୁରି ସାମଗ୍ରୀ ବାହାର କରିବା ପାଇଁ ଗୋଟିଏ ଦିନ ପ୍ରଦାନ କରାଯାଇଛି ବୋଲି ଅଗ୍ନିଶମ ଅଧିକାରୀ ପିକେ ଜେନା କହିଛନ୍ତି। ବୁଧବାର ଏହି ବ୍ୟବସାୟୀଙ୍କ ଘରକୁ ସିଲ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଉକ୍ତ ବ୍ୟବସାୟୀଙ୍କ ଘରେ ପ୍ରାୟ ୭ କୁଇଣ୍ଟାଲରୁ ଅଧିକ ବାଣ ଜବତ ଥିବା କୁହାଯାଇଛି।

### ନୀଳଗିରିରୁ ରାସଗୋବିନ୍ଦପୁର ମୁହାଁ ହେଲେ ହାତୀପଲ

**ମୋରଡା,୬।୧୧:** ପଡ଼ୋଶୀ ପଶ୍ଚିମବଙ୍ଗ ଦେଇ ରାସଗୋବିନ୍ଦପୁର ରେଞ୍ଜରେ ବ୍ୟାପକ ଫସଲ ହାନି ଘଟାଇ ନୀଳଗିରି ପଳାଇଥିବା ହାତୀପଲ ପୁଣି ଲେଉଟିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ୪୦ରୁ ଉର୍ଦ୍ଧ୍ୱ ହାତୀ ଥିବା ଏକ ପଲ ରାସଗୋବିନ୍ଦପୁର ରେଞ୍ଜ ଅଧୀନ କାପୋଇ ଅଞ୍ଚଳରେ ପ୍ରବେଶ କରିଛନ୍ତି। ତେଣୁ ପାଚିଲା ଧାନ ଜମି ନଷ୍ଟ ହେବାର ଭୟ ଲୋକଙ୍କୁ ଘାରିଛି । ଅନ୍ୟପଟେ ପଡ଼ୋଶୀ ପଶ୍ଚିମବଙ୍ଗରୁ ୮୦ରୁ ଉର୍ଦ୍ଧ୍ୱ ହାତୀ ରାସଗୋବିନ୍ଦପୁର ରେଞ୍ଜକୁ ପ୍ରବେଶ ପାଇଁ ଚେଷ୍ଟା କରୁଛନ୍ତି । ହାତୀପଲକୁ ନିୟନ୍ତ୍ରଣ କରିବା ସହିତ ଘଉଡ଼ାଇ ଆଗକୁ ନେଉଛନ୍ତି ବନ କର୍ମଚାରୀ। ସ୍ଥାନୀୟ ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫଓ ଦିଲୀପ କୁମାର ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ଅଞ୍ଚଳରେ ହାତୀଙ୍କୁ ପୂରାଇ ନ ଦେବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନ୍ୟପଟେ ଝାଡ଼ଖଣ୍ଡି ହାତୀପଲ ଆସିଥିବା ଖବର ପାଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ହାତୀପଲ ନୀଳଗିରି ଯିବା ବାଟରେ ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳର ବ୍ୟାପକ ଫସଲ ହାନି କରିଥିଲେ।

### ବିର୍ସାମୁଣ୍ଡା ଜୟନ୍ତୀ ପ୍ରସ୍ତୁତି ବୈଠକ

**ଭଞ୍ଜକିଆ,୬।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରଉଆଁସ୍ଥିତ ଡାକବଙ୍ଗଳା ପ୍ରାଙ୍ଗଣରେ ଆଦିବାସୀ ସଂଘ ପକ୍ଷରୁ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତୀୟ ଆଦିବାସୀ ସଙ୍ଗଠନର ସାଧାରଣ ସମ୍ପାଦକ ଚକ୍ରଧର ହେମ୍ବ୍ରମ୍, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମିନତୀ ଟୁଡୁ, କରଞ୍ଜିଆ ବ୍ଲକ ଆଦିବାସୀ ସମାଜ ସଙ୍ଗଠକ ଦେବେନ୍ଦ୍ର ନାଥ ବାଲମୁଚୁ, ପ୍ରତାପ ଟିରିଆ, ଉପେନ୍ଦ୍ର ଲାଗୁରି, ନବୀନ ଚନ୍ଦ୍ର ମୁର୍ମୁ, ଗଜେନ୍ଦ୍ର ଟିରିଆ, ମଧୁସୂଦନ ଟିରିଆ, ଯଦୁମଣି ନାଏକ, କିଶୋର ଟିରିଆ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ମାସ ୧୫ ତାରିଖରେ ବିର୍ସାମୁଣ୍ଡାଙ୍କର ୧୪୩ତମ ଜୟନ୍ତୀ ପାଳିତ ହେବାକୁ ଥିବା ବେଳେ ଏଥିରେ ରଉଆଁ ବ୍ଲକର ସମସ୍ତ ଆଦିବାସୀ ସଙ୍ଗଠନ ଏକତ୍ରିତ ହେବା ପାଇଁ ଆହ୍ୱାନ ଦିଆଯାଇଛି।

### ସଂସ୍କୃତ ସମ୍ମାନ ଆଲୋଚନାଚକ୍ର



**କପ୍ତିପଦା,୬।୧୧(ଡି.ଏନ.ଏ):** କପ୍ତିପଦା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ବିଭାଗର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ସିଂହ ଅଧ୍ୟକ୍ଷତା କରିଥିଲେ। 'ଅଭିଜ୍ଞାନ ଶାକୁନ୍ତଳମ ନାଟକେ କାଳିଦାସସ୍ୟ ଉପମା' ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ଅଧ୍ୟାପକ ସୁବ୍ରତ କୁମାର ମିଶ୍ର ଯୋଗଦେଇ ଅଳଙ୍କାର ଶାସ୍ତ୍ର ଆଲୋଚନା କରିଥିଲେ। ମୁଖ୍ୟ ଅତିଥିଭାବେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଶରତ କୁମାର ଦାସ, ବିଭାଗୀୟ ଅଧ୍ୟାପିକା କବିତା ରାୟ କାଳିଦାସଙ୍କ ଉପମା ଅଳଙ୍କାର ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପିକା ସୁଭଦ୍ରା ନାୟକ ସାଗରଙ୍କ ସଦର୍ଥ ପାଠ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ପ୍ରଥମ ବର୍ଷ ଛାତ୍ରୀ ତୃପ୍ତିରେଖା ପୃଷ୍ଟି, ପଦ୍ମାବତୀ ମହନ୍ତ, ପ୍ରୀତିଲି ଦେହେରା ଏବଂ ଦାସ୍ପିମୟୀ ସେଠୀ ପ୍ରମୁଖ ସଦର୍ଥ ପାଠ କରିଥିଲେ । ଆଲୋଚନାଚକ୍ରରେ ବିଭାଗୀୟ ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ଧାନକ୍ଷେତରେ ରୋଗପୋକ ଦାଉ

**କପ୍ତିପଦା,୬।୧୧(ଡି.ଏନ୍.ଏ)**



ପୋତାଡିହା ଅଞ୍ଚଳରେ କେତେକ ଚାଷ ଜମିରେ ରୋଗ ପୋକ ଲାଗିଛି।

- ଚାଷୀ ମୁଣ୍ଡରେ ଚଡକ
- ଖଳା ଖାଲି ହେବା ଆଶଙ୍କା
- ଫସଲ ଭଲ ହେବା ସତ୍ତ୍ୱେ ଚିନ୍ତାରେ ଚାଷୀ

କପ୍ତିପଦା ବ୍ଲକ୍ ଅଧୀନ ଅଧିକାଂଶ ପଞ୍ଚାୟତରେ ଖରିଫ୍ ଧାନ ଫସଲରେ ରୋଗ ପୋକର ପ୍ରାଦୁର୍ଭାବ ଦେଖା ଦେବା ଆରମ୍ଭ ହୋଇଛି । ଫଳରେ ଚାଷୀ ଧାନ ଅମଳକୁ ନେଇ ହତାଶ ହୋଇପଡିଛି । ଏଥିଯୋଗୁ ଖଳା ଖାଲି ପଡିବାର ଆଶଙ୍କା ସୃଷ୍ଟି ହୋଇଛି । ବ୍ଲକର ଜାମବଣୀ,ନୁଦୁଡିହା, ବିଶୋଳ, କପ୍ତିପଦା, ଝିଙ୍କପଦା, ପେଡାଗଡି ଓ ପିଙ୍ଗୁ ଆଦି ପଞ୍ଚାୟତରେ ଧାନଗଛରେ ମାଟିଆଗୁଣ୍ଡି ଓ ଚକଡା ପୋକ ଲାଗିବା ଆରମ୍ଭ ହୋଇଛି। ଚଳିତ ବର୍ଷ ଧାନ ଭଲ ହୋଇଥିଲେ ହେଁ ଏହି ରୋଗ ପୋକ ସେମାନଙ୍କର ସବୁ ଆଶା ଧୂଳିସାତ କରି ଦେବ ବୋଲି ଚାଷୀ ନୁଦୁଡିହାର ପ୍ରଭାକର ପଳତା କହିଛନ୍ତି। କପ୍ତିପଦା ବ୍ଲକ୍ ଶରତ ସହକାରୀ କୃଷି ଅଧିକାର ପରମେଶ୍ୱର ଜେନା ମଧ୍ୟ କିଛି ଅଞ୍ଚଳରେ ଏହି ରୋଗ ଲାଗିବା ରିପୋର୍ଟ ଆସିଥିବା କହିଛନ୍ତି । ସେଥିପାଇଁ ବିଭାଗ ମଧ୍ୟ ପଦକ୍ଷେପ ନେବା ଆରମ୍ଭ କରିଛି।

ଗ୍ରାମ୍ୟ କୃଷି କର୍ମଚାରୀ ସମ୍ପୃକ୍ତ ଅଞ୍ଚଳକୁ ପରିଦର୍ଶନରେ ଯାଇ ଏହି ରୋଗର ନିରାକରଣ ପାଇଁ ଚାଷୀଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଉଥିବା ସେ କହିଛନ୍ତି । ଗତ କିଛି ଦିନ ତଳେ ହୋଇଥିବା ଲଗୁଡାପ ବର୍ଷା ଓ ବର୍ଷା ପରେ ବାୟୁମଣ୍ଡଳର ଆର୍ଦ୍ରତାକୁ ନେଇ ଏପରି ହେଉଥିବା ଜଣାଯାଇଛି । ଏହି ପୋକ ଲାଗିବା ମାତ୍ରେ ବହୁ ଶୀଘ୍ର ଏକର ଏକର ଜମିକୁ ମାଡିଯାଉଛି । ଫଳରେ ମୂଳ ପଚିଯାଇ ଗଛଗୁଡିକ ନଷ୍ଟ ହୋଇଯାଉଥିବା ଚାଷୀ ସୁକୁରାମ ମୁଣ୍ଡା କହିଛନ୍ତି । ଯାହାକୁ ନେଇ ସମସ୍ୟା ଦ୍ୱିଗୁଣିତ ହୋଇଛି । ଏହାକୁ କିଏ ମାଟିଆଗୁଣ୍ଡି ପୋକ କହୁଥିବା ବେଳେ କିଏ ଚକଡା, କାଣ୍ଡବିନ୍ଧା ଓ ଗନ୍ଧିପୋକ ବୋଲି ମଧ୍ୟ କହୁଛନ୍ତି । ତେବେ ସହକାରୀ କୃଷି ଅଧିକାର ମାଟିଆଗୁଣ୍ଡି ଓ ଚକଡା ପୋକ ଲାଗିଥିବା କିଛି ଅଭିଯୋଗ ତାଙ୍କ ପାଖକୁ ଆସିଥିବା ସ୍ୱୀକାର କରିଛନ୍ତି । ଏହି ସମୟରେ କ୍ଷେତରେ ପାଣି ନିଷ୍କାସନ ଓ ପାଣି ଭରିବା ଉପରେ ଗୁରୁତ୍ୱ ଦେବା ଓ କ୍ଷେତରେ ଯେପରି ସୂର୍ଯ୍ୟକିରଣ ପଡିବ ସେଥିପ୍ରତି ଧ୍ୟାନ ଦେବାକୁ ସେ କହିଛନ୍ତି। ସମସ୍ତ ପ୍ରକାର କୀଟନାଶକ ଓ ସ୍ପ୍ରେ ମେଶିନ କୃଷି କାର୍ଯ୍ୟାଳୟରେ ରିହାତିରେ ମିଳୁଥିବାରୁ ଏହା ସଂଗ୍ରହ କରି ତୁରନ୍ତ ସିଞ୍ଚନ କରିବାକୁ କହିଛନ୍ତି । କେତେକ ସ୍ଥାନରେ କୀଟନାଶକ ସିଞ୍ଚନ ପରେ ମଧ୍ୟ କିଛି ଲାଭ ମିଳୁ ନ ଥିବାର ଚାଷୀ ମାନେ କହୁଛନ୍ତି । ସେହିପରି ୫ଟି ଲ୍ୟାମ୍ପ ଓ ୩ଟି ବିକ୍ରୟ କେନ୍ଦ୍ର ମାଧ୍ୟମରେ ଚାଷୀଙ୍କୁ ସାର ବିକ୍ରୟ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଜାମୁଡିହା ଲ୍ୟାମ୍ପରେ ପର୍ଯ୍ୟାପ୍ତ ପରିମାଣର ସାର ମିଳୁ ନ ଥିବାର ଦେବକା, କୁଲିଅଳମ, ପୋତାଡିହା ଓ ଚକ୍ରଧରପୁରର ଚାଷୀ କହିଛନ୍ତି । ତେଣୁ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।



ମଞ୍ଚାସୀନ ପ୍ରଶାସନିକ ଅଧିକାରୀମାନେ।

■ ପଞ୍ଚାୟତ ସମିତି ସାଧାରଣ ବୈଠକ

## କୃଷି ବିଭାଗରେ ଅନିୟମିତତା ନେଇ ଅସନ୍ତୋଷ

**ବିଶୋଇ,୬।୧୧**

ବିଶୋଇ ବ୍ଲକ ଅନ୍ତର୍ଗତ ଶୋଇ ପଞ୍ଚାୟତ ସମିତି ସଭାଗୃହରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିଙ୍କୁ ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଡ଼ିଓ ବିଭୁ ଗଡ଼ନାୟକ, ବ୍ଲକ ଉପାଧ୍ୟକ୍ଷ କୃଷ୍ଣମାନ ମଣ୍ଡଳ, ୩୩ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟା ନାନିକା ନାଏକ, ୩୪ ନମ୍ବର ଜୋନ ର ଜିଲ୍ଲା ପରିଷଦ ସଦସ୍ୟ ଗୁରୁଚା ମୁର୍ମୁ ସମେତ ବ୍ଲକ ର ସମସ୍ତ ସରପଞ୍ଚ,ପଞ୍ଚାୟତ ସମିତି ସଦସ୍ୟ ବୃନ୍ଦ ଏବଂ ସମସ୍ତ ପ୍ରଶାସନିକ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବ୍ଲକ ଅଧ୍ୟକ୍ଷା ସ୍ୱାଗତ ଭାଷଣ ଦେବା ପରେ ବୈଠକ ଆରମ୍ଭ ହୋଇଥିଲା । ଏହି ବୈଠକରେ ପାନୀୟ ଜଳ ଯୋଗାଣ, ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ,ମହିଳା ଓ ଶିଶୁ ବିକାଶ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା, ସାମାଜିକ ସୁରକ୍ଷା, ବିଦ୍ୟୁତ୍,କୃଷି ଓ ଆଦିବାସୀ ହରିଜନ କଲ୍ୟାଣ ପ୍ରମୁଖ ବିଭାଗ ବିଷୟରେ ଆଲୋଚନା ହୋଇଥିଲା । ବିଶୋଇ ବ୍ଲକରେ ମଧୁବାବୁ ଯୋଜନାରେ ୬୭୫ ଜଣ, ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୨୮୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବିଡିଓ ଗୁପେଶ କୁମାର ନାଏକ ସୂଚନା ଦେଇଥିଲେ। ଆସନ୍ତା ୨୨ ତାରିଖରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୧୮ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ । ବୈଠକରେ କୃଷି ବିଭାଗରେ ହେଉଥିବା ଅନିୟମିତତା ଓ ଘନଘନ ବିଦ୍ୟୁତ୍ କାଟ ଯୋଗୁ ଉପଭୋକ୍ତା ବିଭିନ୍ନ ଅସୁବିଧା ନେଇ ଅଭିଯୋଗ ହୋଇଥିଲା। ବାରୀପାଦା ତହସିଲ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତି ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା।



ସର୍ଗୀଫୁଲ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

## ସର୍ଗୀଫୁଲରେ ୫୯୦ ପ୍ରତିଯୋଗୀ

**ବାରିପଦା ଅଫିସ,୬।୧୧**

ବାରିପଦା ଉପଖଣ୍ଡ ଅଧୀନରେ ଥିବା ରାଣୀଭୋଳ ବାଳିକା ଉଚ୍ଚ ବିଦ୍ୟାଳୟରେ ଉପଖଣ୍ଡ ସ୍ତରୀୟ ସର୍ଗୀଫୁଲ-୨୦୧୮ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କମଳାକାନ୍ତ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ସଂସ୍କାର ପ୍ରକଳ୍ପ ପ୍ରଶାସକ ବିଜୟ କୁମାର ଥୟ, ମୁଖ୍ୟ ବକ୍ତା ଭାବେ ମୋରଡାସ୍ଥିତ ଲୋଧା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଗଣେଶ୍ୱର ଭାରିମାଳ , ସମ୍ମାନିତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ବାରିପଦାର ସ୍ୱତନ୍ତ୍ର ଅଧିକାରୀ ବିଜୟ କୁମାର ଟିକାୟତ, ସହାୟକ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ନାଏକ, ଅନ୍ୟତମ ସହାୟକ ଜିଲା ମଙ୍ଗଳ ଅଧିକାରୀ ମୀନକେତନ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଅଧୀନରେ ଥିବା ୧୬ଟି ଉଚ୍ଚ ବିଦ୍ୟାଳୟ ଓ ୩୯ଟି ଆଶ୍ରମ ବିଦ୍ୟାଳୟରୁ ମୋଟ ୫୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ୧୬ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନମେଳାରେ ବଡଡ଼ାଗାଁ ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗୀମାନେ ଆସନ୍ତା ୧୪ତାରିଖରେ ଜିଲାସ୍ତରୀୟ ସର୍ଗୀଫୁଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ପ୍ରଥମ ୬ଟି ପ୍ରକଳ୍ପ ଜୋନାଲ ସ୍ତରୀୟ ବିଜ୍ଞାନମେଳାରେ ଅଂଶଗ୍ରହଣ କରିବେ। ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏବଂ ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଣୀଭୋଳ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଗାଡ଼ିଆରେ ବାଇକ୍ ପଶି ୨ ଗୁରୁତର

**ବେତନଟୀ,୬।୧୧ (ଡି.ଏନ.ଏ)**

ବେତନଟୀ ଥାନା ଅଧୀନ ବାହାନଡ଼ା -ଛଟିନାପଦା ରାସ୍ତାରେ ଦୁଇ ଯୁବକ ଏକ ବାଇକରେ ଯାଉଥିଲା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗାଡିଆରେ ଗାଡି ପଶି ଯାଇଥିଲା। ଖବର ପାଇ ବେତନଟୀ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉକ୍ତ ଦୁଇ ଯୁବକଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଗୁରୁତର ହେବାରୁ ଉଭୟଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଯୁବକଦ୍ୱୟ ହେଉଛନ୍ତି ବାଲେଶ୍ୱର ଜିଲା ନୀଳଗିରିର ଚନ୍ଦନ ସିଂ(୧୮) ଓ ରଞ୍ଜନ ସିଂ(୨୨) ।

## କଲେଜ କର୍ମଚାରୀଙ୍କ ପରଲୋକ

**ବେତନଟୀ,୬।୧୧(ଡି.ଏନ.ଏ.)**

ବେତନଟୀ ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ହୃଦାନନ୍ଦ ମହାନ୍ତ (୫୫)ସୋମବାର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀବତ୍ସ ସାମଲଙ୍କ ସୂଚନା ଅନୁସାରେ ହୃଦାନନ୍ଦ ପିଆଇଏମରେ ଚିକିତ୍ସାଧୀନ ଥିବା ବେଳେ ମଙ୍ଗଳବାର ତାଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର ବେତନଟୀ ନିକଟ ତୁଳସୀଚଉରା ଗ୍ରାମରେ ।



କୃତୀ ପ୍ରତିଯୋଗୀଙ୍କ ସହିତ ଅତିଥିବୃନ୍ଦ।

## ଶିଶୁଙ୍କ ପ୍ରତିଭା ବିକାଶ ପାଇଁ ଅଭିନବ ପ୍ରୟାସ

**ବାରିପଦା ଅଫିସ,୬।୧୧**

**'ହୌସଲା-୨୦୧୮' ଉଦ୍‌ଯାପିତ**

ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନ ପକ୍ଷରୁ ମିଳିତ ଭାବେ ଜିଲାସ୍ତରୀୟ ଶିଶୁ ପ୍ରତିଯୋଗିତା ହୌସଲା-୨୦୧୮ ମଙ୍ଗଳବାର ପୂର୍ଣ୍ଣଚନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ସୋମବାରଠାରୁ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମମାଳା ମିଶ୍ର, ଶିଶୁ ମଙ୍ଗଳ ସମିତି ସଦସ୍ୟ ବିନୋଦିନି ରଥ, ସର୍ବଶିକ୍ଷା ଅଭିଯାନର ସଂଯୋଜକ ସପନ ପୃଷ୍ଟି, ଶିକ୍ଷକ ସୋମନାଥ ସିଂ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲାର ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ହୌସଲା- ୨୦୧୮ ଏକ ଅଭିନବ ପ୍ରୟାସ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଆସନ୍ତା ୧୧ ଓ ୧୨ ତାରିଖରେ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ। ସେଠାରେ ଚୟନ ହେଲେ ୨୭,୨୮ ଓ ୨୯ ତାରିଖରେ ହେବାକୁ ଥିବା ଜାତିୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ସଂଯୋଗ ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ

**ବେତନଟୀ,୬।୧୧(ଡି.ଏନ.ଏ)**



ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ।

ବେତନଟୀ ପଞ୍ଚାୟତ ଅଧୀନ କେରକ ସାହି ବାସିନ୍ଦା ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ମଙ୍ଗଳବାର ଦିନ ବେତନଟୀ - ବଡ଼ସାହି ଓ ମାଣଡ୍ରା -ବଡ଼ସାହି ରାସ୍ତାକୁ ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍ତିବାସିନ୍ଦାମାନଙ୍କ ସହିତ କଥା ହୋଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ନ ହେଲେ ରାସ୍ତାରୁ ଉଠିବେ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସଂଯୋଗ କରାଯିବାରୁ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ନିମନ୍ତେ ସମସ୍ତ କାର୍ଯ୍ୟ ସରିଥିଲେ ମଧ୍ୟ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନଥିଲା। ଫଳରେ ବସ୍ତିବାସିନ୍ଦା ରାସ୍ତାକୁ ଓହ୍ଲାଇଥିଲେ।

# ଦୀପାବଳିରେ ଗୋପୂଜନର ନିଆରା ପରମ୍ପରା

**କପ୍ତିପଦା,୬।୧୧(ଡି.ଏନ.ଏ)**

**ଆଲୋକର ପର୍ବ ପାଳନ ଲାଗି ପ୍ରସ୍ତୁତି**



ଅଣ୍ଡା ଭାଙ୍ଗିଥିବା ଗୋରୁଙ୍କୁ ପୂଜା କରାଯାଉଛି।

- ଧନ ସମୃଦ୍ଧି ବୃଦ୍ଧି ଲାଗି କୁଡୁମୀଙ୍କ ଆରାଧନା
- ୫ ଦିନ ବ୍ୟାପୀ ଚାଲିବ ପର୍ବ

ଆଦିବାସୀ ବହୁଳ କପ୍ତିପଦା ବ୍ଲକର ବିଭିନ୍ନ ସ୍ଥାନରେ ଦିପାବଳି ପର୍ବ ଖୁବ ଧୁମଧାମରେ ପାଳନ କରିବା ପାଇଁ ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କାର୍ତ୍ତିକ ଅମାବାସ୍ୟା ତିଥିରେ ପାଳିତ ହୁଏ ଆଲୋକର ପର୍ବ ଦୀପାବଳୀ । ଏହା ପୂର୍ବରୁ କୃଷ୍ଣପକ୍ଷ ତ୍ରୟୋଦଶୀରେ ଧନତେରସ ବା ଧନ୍ୱନ୍ତରିଙ୍କ ଜୟନ୍ତୀ । ସାନ୍ତାଳ ସମ୍ପ୍ରଦାୟର ଲୋକେ ଦୀପାବଳୀକୁ ସହରାଇ ପର୍ବ ରୂପେ ପାଳନ କରିଥାନ୍ତି । ଏମାନେ ମା' କାଳୀଙ୍କୁ ଧନ ଦେବୀ ଓ ବରଦେବୀର ପ୍ରତୀକ ଭାବେ ପୂଜା କରିଥାନ୍ତି । ପ୍ରକୃତି ବିଶ୍ୱାସୀ କୁଡୁମୀ ସମ୍ପ୍ରଦାୟର ଲୋକେ ନିଜ ଧନ ସମ୍ପତ୍ତି ଅଭିବୃଦ୍ଧିରେ ମୁଖ୍ୟ ସହାୟତା କରୁଥିବା ଗୋ ସମ୍ପଦକୁ ଏହି ଅବସରରେ ପୂଜା କରିବା ଏକ ନିଆରା ପରମ୍ପରା।

ଧନତେରସ ପର ଦିନ ଚତୁର୍ଦ୍ଦଶୀରେ ନରକନାଶିନୀ, ଅମାବାସ୍ୟାରେ ଦୀପାବଳୀ, କାର୍ତ୍ତିକ ଶୁକ୍ଳ ପ୍ରତିପଦାରେ ଗୋବର୍ଦ୍ଧନ ପୂଜା ଓ ଦ୍ୱିତୀୟାରେ ଯମ ଦ୍ୱିତୀୟା ବା ଭୈୟାଦୁଜ । ଏପରି ପାରମ୍ପରିକ ରୀତିନୀତି ଅନୁସାରେ ୫ଦିନ ବ୍ୟାପୀ ପାଳିତ ହୋଇଥାଏ ଏହି ପର୍ବ । ଏହି ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଚାଲିଛି ବ୍ୟାପକ ପ୍ରସ୍ତୁତି । ତେବେ ମୟୂରଭଞ୍ଜ ଜିଲାର କୁଡୁମୀ ମହାନ୍ତ, କାଳନ୍ଦୀ, ବଗାଳ, କମାର ମୁଣ୍ଡା, ଭୂମିଜ, ବାଥୁଡି, ଲୋଧା, ମାହାଲି ଓ ଓରାଉଗଣ ସମ୍ପ୍ରଦାୟର ଲୋକେ ଏହି ପର୍ବକୁ ବନ୍ଦନ ପର୍ବ ରୂପେ ପାଳନ କରିଥାନ୍ତି।

କୁଡୁମୀମାନେ ଦୀପାବଳୀ ପର୍ବକୁ ତିନି ପର୍ଯ୍ୟାୟରେ ପାଳନ କରିଥାନ୍ତି । ଦୀପାବଳୀ ଦିନ ଅପରାହ୍ଣରେ ଗୋଠ ପୂଜା ଏକ ଖୋଲା ସ୍ଥାନରେ ଅନୁଷ୍ଠିତ ହୁଏ । ସେହି ସ୍ଥାନକୁ ଗୋବରରେ ଲିପା ଯାଏ । ତାହା ଶୁଖିଗଲା ପରେ ସେଠାରେ ଶିବ, ପାର୍ବତୀ ଓ ଷଣ୍ଢ ଚିତ୍ର ଚାଉଳରେ ଅଙ୍କା ଯାଏ । ଏକ ଷଣ୍ଢର ଚିତ୍ର ହୋଇ ତାର କୁଜ ଅଂଶରେ ଦେଶୀ କୁକୁଡା ଅଣ୍ଡା ରଖାଯାଏ । ନାୟା ବା ପୂଜକ ପାରମ୍ପରିକ ପୂଜା ଶେଷ କରିବା ପରେ ଗୋଠରୁ ଫେରୁଥିବା ସମସ୍ତ ଗୋରୁଙ୍କୁ ପୂଜା ସ୍ଥଳୀକୁ ଛଡାଯାଏ । ଯେଉଁ ଗୋରୁର ଖୁରା ବାଜି ଷଣ୍ଢ ଚିତ୍ରର କୁଜ ଉପରେ ରଖାଯାଇଥିବା ଅଣ୍ଡା ଭାଙ୍ଗିଯାଏ ସେହି ଗୋରୁର ମାଲିକ ନିଜକୁ ଭାଗ୍ୟବାନ ମନେ କରନ୍ତି । ତାଙ୍କ ନିମନ୍ତ୍ରଣ କ୍ରମେ ଗ୍ରାମବାସୀ ଭୋଜିଭାତ ଖାଇ ତାଙ୍କ ଘରୁ ଧେଙ୍ଗୁଆନ ଅର୍ଥାତ୍ ସ୍ୱତନ୍ତ୍ର ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରନ୍ତି । ଏହି ସମୟରେ ମାଦଳର ତାଳେ ତାଳେ ଗ୍ରାମବାସୀ ନୃତ୍ୟଗୀତରେ ମଜ୍ଜିଯାଆନ୍ତି । ପୂଜକ ନୂଆ ଲୁଗା ପରିଧାନ କରି ଅଣ୍ଡା ଭାଙ୍ଗିଥିବା ଗୋରୁ ଦେହରେ ନାଲି ରଙ୍ଗ ବୋଳିଥାନ୍ତି । ପରଦିନ ପୂଜାକୁ ଗରୟା ପୂଜା କୁହାଯାଏ । ସାନ୍ତାଳ ସମ୍ପ୍ରଦାୟ ଡାଡିବୁରୁ ଓ ଗ୍ରାମଦେବୀ ହେମାଲକୁଷ୍ଟୁଙ୍କୁ ପୂଜା କରିଥିବା ବେଳେ ଅନ୍ୟ ସମ୍ପ୍ରଦାୟର ଲୋକେ ସେମାନଙ୍କର ଦେବଦେବୀ ଯଥା ପାଉଳି, ଲିଡର, କପିଳା, ସୁରଭୀ, ଛାୟନନ୍ଦୀ, ବନ୍ଦନବତୀ, ଗାଇନାଗଡି, ଘଉଘଉିଆ,ଝଟକାମା ଓ ହରିଭାଗ୍ୟାଙ୍କ ପୂଜା କରିଥାନ୍ତି । ଏହି ଅବସରରେ କ୍ଷୀରରେ ଦାଣ୍ଡିଆ ଫୁଂଟି ପକାଯାଏ । ଦୋହନ୍ଦାମାନେ ଗାଈଙ୍କ ଲାଗି ଚୁନା ତିଆରି କରନ୍ତି। ସେଥିରେ ଗୁଡ଼ ଓ ଘିଅ ଦେଇ ପିଠା ତିଆରି କରାଯାଏ । କଇଁଫୁଲରେ ଘର ସଜାଯିବା ସହ ତିଆରି କରାଯାଉଥିବା ପିଠାକୁ ଗରୟାଙ୍କ ନିକଟରେ ଭୋଗ ଲଗାଇ କୁକୁଡା ବଳି ଦିଆଯାଏ । ଗୋବର୍ଦ୍ଧନ ପୂଜାର ସନ୍ଧ୍ୟାରେ ଗୋରୁଙ୍କ ଶିଙ୍ଗରେ ତେଲ ଓ ଘୃତ ଲଗାଇ ନୂଆ ଧାନ ଗଛର ମଉଡ ପିନ୍ଧାଇ ବନ୍ଦାପନା କରାଯାଇଥାଏ । ଶେଷ ଦିନ ଗୋରୁ ଖୁଣ୍ଟା ଓଥା ଗୋରୁଙ୍କୁ ପୂଜା କରାଯାଏ । କର୍ତ୍ତା ନୂଆ ଲୁଗା ପିନ୍ଧି ଗୋ ବନ୍ଦା କରିଥାନ୍ତି । କୁଦୃଷ୍ଟି ପ୍ରଭାବରୁ ଗୋରୁଙ୍କୁ ରକ୍ଷା କରିବା ପାଇଁ ମେଥି ଭାଜିଆ ଓ ସୋରିଷ ଏକ ମାଟି ପାତ୍ରରେ ରଖାଯାଇ ଜଳାଯାଏ । ସେଥିରୁ ନିର୍ଗତ ଧୂଆଁକୁ ଗୋରୁଙ୍କ ଦେହରେ ସ୍ପର୍ଶ କରାଯାଏ । ଏହାକୁ ନିମଛାନ କୁହାଯାଏ ।

## ୧୫ରେ ସ୍ୱରାଜ ସ୍ୱାଭିମାନ ଜନସଭା

**ବାରିପଦା ଅଫିସ,୬।୧୧**

ଆଜସୁ ପାର୍ଟିର ମୟୂରଭଞ୍ଜ ଜିଲା ସଭାପତି ଶରତଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୫ତାରିଖରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହେବ। ଏହି ଅବସରରେ ମୋରଡା ବ୍ଲକ ଅଧୀନ ଆଙ୍ଗାରପାଟ ଗ୍ରାମରେ ସ୍ୱରାଜ ସ୍ୱାଭିମାନ ଜନସଭା ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଆଜସୁ ପାର୍ଟିର ସହ କେନ୍ଦ୍ର ଉପାଧ୍ୟକ୍ଷ ପ୍ରଫେସର ଶ୍ୟାମ ମୁର୍ମୁ ଏବଂ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ସଭାପତି ଆଲୋକ ବାସ୍କେ ଯୋଗଦେବେ। କାର୍ଯ୍ୟକ୍ରମ ରହିଛି। ଏହାକୁ ସଫଳ କରିବା ପାଇଁ ମୟୂରଭଞ୍ଜ ଜିଲା କମିଟି ମୋରଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଛି। ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ଆଜସୁ ପାର୍ଟିର ମୋରଡା ବ୍ଲକ ଅଧ୍ୟକ୍ଷ ରବୀନ୍ଦ୍ର ମାଣ୍ଡି ଗ୍ରାମ ଭ୍ରମଣ କରିଥିଲେ। ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଭାବେ ମୋରଡା ବିଧାନସଭା ପ୍ରଭାରୀ ଚନ୍ଦ୍ରଶେଖର ହେମ୍ବ୍ରମ କେନ୍ଦ୍ର ସମିତି ସଦସ୍ୟ ଅରୁଣ କୁମାର ପଣ୍ଡା,ଚରଣ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ସାରାଦିନ ଉତ୍ତେଜନା, ହୋହଲ୍ଲା

**ବାସୁଦେବପୁର,୬।୧୧(ଡି.ଏନ.ଏ.)**

### ବ୍ଲକ ଅଫିସ ତାଲାରେ ନାଲିକନା

- ଠିକ ସମୟରେ ଅଫିସ ନ ଖୋଲିବାରୁ ବିରୋଧ
- ଅଧିକାରୀଙ୍କ ବାସଗୃହକୁ ଧସେଇ ପଶିଲେ ଲୋକେ
- ଉପସ୍ଥିତ ନିର୍ବାଚିତ ପ୍ରତିନିଧିଙ୍କୁ ଉଠାଇ ଆଣିଲେ
- ପ୍ରତିଶ୍ରୁତି ମିଳିବାରୁ କଂଗ୍ରେସ କର୍ମୀଙ୍କ ଧାରଣା ପ୍ରତ୍ୟାହୃତ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ଠିକ ସମୟରେ ଖୋଲା ନ ଯିବା ଘଟଣାକୁ କେନ୍ଦ୍ର କରି ମଙ୍ଗଳବାର ତୁମୁଳକାଣ୍ଡ ଘଟିଛି। ରାଶନ କାର୍ଡ ଯୋଗାଣରେ ଅନିୟମିତତା ଅଭିଯୋଗ କରି କଂଗ୍ରେସ କର୍ମୀ ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଉଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ସୁଦ୍ଧା କାର୍ଯ୍ୟାଳୟର ୮ରୁ ଅଧିକ କୋଠରିର ତାଲା ନ ଖୋଲା ନ ଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। କେହି ଅଜଣାବ୍ୟକ୍ତି ଅଫିସ କବାଟର ତାଲାରେ ନାଲିକନା ଗୁଡାଇ ଦେଇଥିବାରୁ କର୍ମଚାରୀମାନେ ଭିତରକୁ ଯାଇ ନ ଥିଲେ। ଖବର ପାଇ ଘଟଣା ସ୍ଥଳରେ ଅଧିକ ପୋଲିସ ପହଞ୍ଚିଥିଲେ ମଧ୍ୟ ପରିସ୍ଥିତି ଅଣାୟତ ରୂପ ନେଇଥିଲା । ସାରାଦିନ ବ୍ଲକ କାର୍ଯ୍ୟାଳୟରେ ଏନେଇ ହୋହଲ୍ଲା, ଉତ୍ତେଜନା ଭଳି ଅସ୍ୱାଭାବିକ ସ୍ଥିତି ଲାଗି ରହିଥିଲା।

ସୋମବାରଠାରୁ କଂଗ୍ରେସ କର୍ମୀ ଧାରଣା ଦେଉଥିବାରୁ ସେଠାରେ ପୋଲିସ ମୁତୟନ ଥିଲେ ମଧ୍ୟ କେହି ଅଜଣା ବ୍ୟକ୍ତି ବ୍ଲକ ଅଫିସ ତାଲାରେ ନାଲି କନା ଗୁଡାଇବା ଘଟଣା ରହସ୍ୟ ସୃଷ୍ଟି କରିଥିଲା। ନାଲିକନା ଗୁଡା ଯାଇଥିବା ଆଳରେ କର୍ମଚାରୀମାନେ ଅଫିସ ନ ଖୋଲିବାରୁ ଉପସ୍ଥିତ ଲୋକେ ହୋହଲ୍ଲା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବ୍ଲକ ଅଧିକାରୀଙ୍କ ସହିତ ଆଲୋଚନା କରି ସାଢେ ୧୧ଟା ବେଳକୁ ପ୍ରଥମେ କମ୍ପ୍ୟୁଟର ଗୃହର ଗ୍ରୀଲ ଖୋଲିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଉତ୍ତ୍ୟକ୍ତ ଲୋକେ ଏହାକୁ ବିରୋଧ କର ବିଳମ୍ବରେ କାହିଁକି କାର୍ଯ୍ୟାଳୟ ଖୋଲା ଯାଉଛି ବୋଲି ପ୍ରଶ୍ନ ପଚାରିଥିଲେ। ପରିସ୍ଥିତି ଜଟିଳ ରୂପ ନେବାଦେଖି କର୍ତ୍ତୃପକ୍ଷ କମ୍ପ୍ୟୁଟର ଗୃହରେ ପୁନଶ୍ଚ ତାଲା ପକାଇ ପକାଇଦେଇଥିଲେ। ଏଭଳି ପରିସ୍ଥିତିରେ ବହୁ ମହିଳାଙ୍କ ସମେତ ବିକ୍ଷୋଭ ପ୍ରଦର୍ଶନକାରୀ ବ୍ଲକ ଅଧିକାରୀଙ୍କ ସରକାରୀ ବାସଗୃହକୁ ପ୍ରବେଶ କରି ରାଶନକାର୍ଡ ଅନିୟମିତତା ସମ୍ପର୍କରେ ନାନା ପ୍ରଶ୍ନ ପଚାରି ପାଟିତୁଣ୍ଡ କରିଥିଲେ। ଅଧିକାରୀଙ୍କ ନିକଟରେ ବସିଥିବା ୩ ନିର୍ବାଚିତ ସରପଞ୍ଚ ଓ ୨ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ସେମାନେ ଜୋରଜବରଦସ୍ତ ମଧ୍ୟ ଉଠାଇ ଆଣିଥିଲେ। ଥାନା ଆଇଆଇସି ଉମାଶଙ୍କର ନାୟକ ମଧ୍ୟାହ୍ନ ସାଢେ୧୨ଟା ବେଳକୁ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅନ୍ୟପକ୍ଷେ ଅନଶନକାରୀଙ୍କ ପ୍ରତି କର୍ତ୍ତୃପକ୍ଷ ସୋମବାର କେତେକ ଆପତ୍ତିଜନକ ମନ୍ତବ୍ୟ ଦେବା ଘଟଣାରେ କ୍ଷମା ପ୍ରାର୍ଥନା କରାଯାଉ ବୋଲି ବିକ୍ଷୋଭ ପ୍ରଦର୍ଶନକାରୀ ଦାବି କରିଥିଲେ। ଏଭଳି ଘଟଣାକୁ ନେଇ ଦିନତମାମ ବ୍ଲକରେ ଅଶାନ୍ତ ଓ ଅସ୍ୱାଭାବିକ ସ୍ଥିତି ଲାଗିଥିଲା। ଶେଷରେ ରାଶନକାର୍ଡ ଅନିୟମିତତାର ତଦନ୍ତ କରାଯାଇ ୧୫ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ସନ୍ଧ୍ୟା ୫ଟା ବେଳେକୁ କଂଗ୍ରେସ କର୍ମୀ ଅନଶନରୁ ହଟିଥିଲେ।



ବ୍ଲକ ଅଧିକାରୀଙ୍କୁ ଘେରାଉ କରି ମହିଳା ଓ ଅନ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ମାସ୍କଟ ଓଲିକୁ ଭଦ୍ରକରେ ସ୍ୱାଗତ



**ଭଦ୍ରକ ଅଫିସ,୬।୧୧:** ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରରୁ ବାହାରିଥିବା ପୁରୁଷ ହକି ବିଶ୍ୱକପ୍ ମାସ୍କଟ ଓଲିକୁ ସ୍ୱାଗତ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପାଳ ଜ୍ଞାନ ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏକ ଶୋଭାଯାତ୍ରାରେ ଓଲି ସହର ପରିକ୍ରମା କରିବା ପରେ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲା।

### ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ



**ଭଣ୍ଡାରିପୋଖରୀ,୬।୧୧(ଡି.ଏନ.ଏ.):-** ଭଣ୍ଡାରିପୋଖରୀ ବ୍ଲକ ନାଆଁମୀ ପଞ୍ଚାୟତ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମାଣ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ମଙ୍ଗଳବାର ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ଛଞ୍ଚଣା ଠାରେ କମ୍ୟୁନିଟି ସେଣ୍ଟର, ତୋଟାସାହି କମ୍ୟୁନିଟି ସେଣ୍ଟର, ସୋଲାପୁର ଠାରେ ମିଶନ ଶକ୍ତିଗୃହ, ସାଂସଦ ଅନୁଦାନ ପାଣ୍ଠିରୁ ନିର୍ମିତ ଛଞ୍ଚଣା ସ୍କୁଲ ବାଉଣ୍ଡରୀ ୱାଲ, ବିଧାୟକ ପାଣ୍ଠିରୁ ମଞ୍ଜୁରିରୋଡ ଠାରେ ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ଏମପି ଅର୍ଜ୍ଜୁନ ଚରଣ ସେଠୀ, ଦୁର୍ଗାପ୍ରସନ୍ନ ଦାସ, ଦିପ୍ତିସୂର୍ଯ୍ୟ ବିଶ୍ୱାଳ, ପ୍ରଣିତକାନ୍ତ ସାମଲ, ସଦାଶିବ ଦାସ, ରଶ୍ମୀତା ପାଢୀ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବନ୍ତ,୬।୧୧(ଡି.ଏନ୍.ଏ.)**

ବନ୍ତ ବ୍ଲକ ଟିଲୋ ପଞ୍ଚାୟତରେ ବିଜୁ ଯୁବ ବାହିନୀ ତରଫରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାଗୁଳାଇ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ନିହାରିକା ରାଉତ ସଭାପତିତ୍ୱ କରିଥିଲେ। ଏଥିରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ସଭ୍ୟ ପ୍ରଶାନ୍ତ ଦାଶ, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ, ଜିତେନ୍ଦ୍ର କୁମାର ନାୟକ, ସମୀମ୍ ନୱାଜ, ରବୀନ୍ଦ୍ର ଦାସ, ସଂଯୋଜିକା ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ପିଲା ମାନଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯକ୍ରମକୁ ବିଜୁ ଯୁବବାହିନୀର ସଭାପତି ପ୍ରଣବ କିଶୋର ଲେଙ୍କା, ସମ୍ପାଦିକା ପ୍ରମୋଦ ନାଥ, କୋଷାଧ୍ୟକ୍ଷ ହୃଦୟ ରଞ୍ଜନ ମହାପାତ୍ର, ମାନସ ପାତ୍ର, ଅଭିଜିତ୍ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ ।

## ଛଞ୍ଚଣାଠାରେ ଜନସମ୍ପର୍କ ପଦଯାତ୍ରା

**ଭଣ୍ଡାରିପୋଖରୀ,୬।୧୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମଞ୍ଜୁରିରୋଡ ସ୍ଥିତ ନାଆଁମି ପଞ୍ଚାୟତର ଛଞ୍ଚଣା ଠାରେ ଭଣ୍ଡାରିପୋଖରୀ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମୀ ମାନେ ମଞ୍ଜୁରିରୋଡ ବଜାର ଠାରୁ ପଦଯାତ୍ରାରେ ଛଞ୍ଚଣା ବଜାର ପର୍ଯ୍ୟନ୍ତ ଯାଇଥିଲେ। ଆୟୋଜିତ ସଭା ସରପଞ୍ଚ ସଦାଶିବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମପି ଅର୍ଜ୍ଜୁନ ଚରଣ ସେଠୀ, ଜିଲା ଯୁବ ବିଜେଡି ସଭାପତି ଦୁର୍ଗାପ୍ରସନ୍ନ ଦାସ, ଜିଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲ, ଜିଲାପରିଷଦ ସଦସ୍ୟ ଦିପ୍ତିସୂର୍ଯ୍ୟ ବିଶ୍ୱାଳ, ପୂର୍ବତନ ବନ୍ତ ବ୍ଲକ ଅଧକ୍ଷା ରେବତୀ ନାୟକ, ପୂର୍ବତନ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣିତକାନ୍ତ ସାମଲ ପ୍ରମୁଖ ଯୋଗ ଦେଇ ସରକାରଙ୍କର ବହୁ ଜନହିତକର ଯୋଜନା ସମ୍ପର୍କରେ ଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ଲୋକମାନଙ୍କ ଠାରୁ ପଚାରି ବୁଝିଥିଲେ।



ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମଞ୍ଚାସୀନ ଅତିଥି।

## ଭିଜିଲାନ୍ସ ସଚେତନତା

**ଧାମନଗର,୬।୧୧(ଡି.ଏନ.ଏ.)**

ଧାମନଗର ବିଚାର ବିଭାଗୀୟ କୋର୍ଟ ତରଫରୁ ୨୦୧୮ ମସିହା ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ହୋଇଯାଇଛି । ଧାମନଗର କୋର୍ଟରେ ବିଚାରପତି ଜିତେନ୍ଦ୍ରିୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ସହଯୋଗୀ କର୍ମଚାରୀମାନଙ୍କୁ ନିଜର କର୍ତ୍ତବ୍ୟରେ ସାଧୁତା ଏବଂ ସ୍ୱଚ୍ଛତା ବଜାୟ ରଖିବା, ଠିକ ସମୟରେ କାର୍ଯ୍ୟାଳୟରେ ଯୋଗଦେବା, ସାଧାରଣ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବା, ଦୁର୍ନୀତିର ମୂଳୋତ୍ପାଟନ ପାଇଁ କୌଣସି ଉତ୍କୋଚ ନନେଇ ସେବା ମନୋଭାବ ନେଇ କାର୍ଯ୍ୟକରିବା ସମ୍ମିଳିତ ପ୍ରଚେଷ୍ଟା ବଳରେ ଅନୁଷ୍ଠାନର ଗୌରବ ମଣ୍ଡିତ କରିବା ପାଇଁ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟ କିରାଣୀ ଲକ୍ଷ୍ମୀକାନ୍ତ ଧଳ, ଆଭାରାଣୀ ରାଉତ, ରାଜେଶ ସାହୁ, ଶିତାଂଶୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ନୀତି ରୋକିବାକୁ ଶପଥପାଠ

**ବାସୁଦେବପୁର,୬।୧୧(ଡି.ଏନ.ଏ.)**

ବାସୁଦେବପୁରର ସୁରେଶ୍ୱରପୁରରେ ଜଗନ୍ନାଥ ଯୁବକ ସଂଘ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘର ଲକ୍ଷ୍ୟ ଭେଦି ପ୍ରକଳ୍ପ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏହି ସଚେତନତା ସଭାରେ ଯୁବକ ସଂଘର ସଭାପତି ପିତାମ୍ବର ପାତ୍ର ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ସବୁସ୍ତରରୁ ଦୁର୍ନୀତିକୁ ରୋକାଯିବା ଆବଶ୍ୟକ ବୋଲି ସେ ମତ ରଖିବା ସହିତ ଏ କ୍ଷେତ୍ରରେ ସମସ୍ତଙ୍କର ସହଯୋଗ ଲୋଡା ବୋଲି ସେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ପୁଷ୍ପରାଜ ମହାନ୍ତି ଯୋଗଦେଇଥିଲେ। ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର ଦାସ ସଭାରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୁହାସର କର୍ମଚାରୀ ମନୋଜ କୁମାର ବାରିକ, ବଳରାମ ପାତ୍ର, ସୁଜାତା ମହାପାତ୍ର, ସର୍ବେଶ୍ୱର ମହାନ୍ତି, ସବିତା ବେହେରା, ସରିତା ମହାନ୍ତି, ଜୟଲଳିତା ମାଇତି, ତାପସ କୁମାର ବାରିକ, ସଞ୍ଜୟ କୁମାର ପାତ୍ର, ବୈଲୋଚନ ପରିଡା, ଲକ୍ଷ୍ମୀମଣି ବେହେରା ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତି କିପରି ସରକାରୀ ତଥା ବେସରକାରୀ ସ୍ତରରେ ହ୍ରାସ କରାଯାଇପାରିବ ସେ ସମ୍ପର୍କରେ ମତ ରଖିଥିଲେ। ଏହି ସଚେତନତା ସଭାରେ ଜଗନ୍ନାଥ ଯୁବକ ସଂଘର କର୍ମକର୍ତ୍ତା, ଗ୍ରାମବାସୀ ମାନେ ଯୋଗଦାନ କରିଥିଲେ। ମନୋଜ କୁମାର ବାରିକ କାଉନସେଲର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଅତିଥିମାନେଦୁର୍ନୀତି ହଟାଅ ସ୍ଲୋଗାନ ସହ ଶପଥ ପାଠ କରିଥିଲେ।

## ଗଣିଜାଙ୍ଗରେ କାଳୀପୂଜା



ଗଣିଜାଙ୍ଗ ଠାରେ କାଳୀପୂଜା ଉତ୍ସବ।

**ବନ୍ତ,୬।୧୧(ଡି.ଏନ୍.ଏ.)**

ଭଦ୍ରକ-ଆନନ୍ଦପୁର ୫୩ନଂ.ରାଜ୍ୟ ରାଜପଥର ତଥା ବନ୍ତ ବ୍ଲକ ଗଣିଜାଙ୍ଗ ବଜାର ଠାରେ ଦୀର୍ଘ ୭୦ ବର୍ଷ ହେବ ଅନୁଷ୍ଠିତ ହୋଇଆସୁଥିବା କାଳୀପୂଜା ଚଳିତ ବର୍ଷ ବେଶ ଧୁମଧାମରେ ପାଳିତ ହେଉଛି । ସ୍ୱର୍ଗତ ଗୌରହରି ପତି, ସ୍ୱର୍ଗତ ସିଦ୍ଧେଶ୍ୱର ଧଳ ଓ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମରେ ପ୍ରଥମେ ଏହି ବଜାରରେ କାଳୀପୂଜା ଆରମ୍ଭ ହୋଇଥିଲା। ସେହିପରି ଦୀର୍ଘ ୩୦ ବର୍ଷ ହେବ ମୂର୍ତ୍ତିକାରିଗର ମଧୁସୂଦନ ସେଠୀ ଓ ସହକାରୀ କାରିଗର ଆନନ୍ଦ ଚନ୍ଦ୍ର ଜେନା, ସୁଦାମ ଚରଣ ଜେନା, ଶମ୍ଭୁନାଥ ବାରିକ ପ୍ରମୁଖ ମୃଣ୍ମୟୀ ମୂର୍ତ୍ତି ତିଆରି କରିଆସୁଥିବା ବେଳେ ଚଳିତ ବର୍ଷ ସେମାନେ ମୂର୍ତ୍ତି ନିର୍ମାଣ ଦାୟୀତ୍ୱ ତୁଲାଉଛନ୍ତି। ଚଳିତ ବର୍ଷ ଏହି ପୂଜାରେ ଦର୍ଶକ ମାନଙ୍କୁ ଆକୃଷ୍ଟ କଲାଭଳି ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପୌରାଣିକ ଓ ସାମାଜିକ ଘଟଣାବଳୀକୁ ନେଇ ବିଭିନ୍ନ ପାର୍ଶ୍ୱମୂର୍ତ୍ତିମାନ ନିର୍ମାଣ କରାଯାଇଛି । ସେହିପରି ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯିବା ସହ ସମଗ୍ର ବଜାର ଅଞ୍ଚଳକୁ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଦର୍ଶକ ମାନଙ୍କ ଚାହିଦାକୁ ଲକ୍ଷ୍ୟ କରି ଉତ୍ସବ ସ୍ଥାନରେ ମୀନା ବଜାର, ଦୋଳି, ଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ପୂଜାକୁ ଉପଭୋଗ କରିବା ପାଇଁ ଗଣିଜାଙ୍ଗ ସମେତ ଛୟାଳସିଂ, ଓଡଙ୍ଗ, କାଉପୁର, ଭଦ୍ରକ, ରାମପୁର, ରାମକୃଷ୍ଣପୁର, ଟିଲୋ, ବନ୍ତ, ନିକୋଳ, ସେଣ୍ଟତୀରା, ଗୋବିନ୍ଦପୁର ଆଦି ବିଭିନ୍ନ ପଞ୍ଚାୟତରୁ ଦର୍ଶକ ମାନେ ଆସିଥାନ୍ତି । । ଚଳିତ ବର୍ଷ ଏହି ପୂଜା ଉତ୍ସବ ୧୧ ଦିନ ଧରି ଚାଲିବ ବୋଲି ପୂଜା କମିଟି ତଥା ବଜାର କମିଟିର ସଭାପତି ହୃଦାନନ୍ଦ ଘଡେଇ ଓ ସମ୍ପାଦକ ରାମ ଚନ୍ଦ୍ର ପଣ୍ଡା କହିଛନ୍ତି । ଏହି ପୂଜାରେ ମା' କାଳୀ ବଜାର ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ସହଯୋଗ କରୁଛନ୍ତି ।

## ଗ୍ରୀଲ୍ ଦୋକାନରୁ ଚୋରି, ୨ଗିରଫ

**ତିହିଡ଼ି, ୬।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡି ଥାନା ଅଧୀନ ଦୋଳସାହି ଗୁଆମାଳ ରାସ୍ତାରେ ଥିବା ଦିବାକର ନାଥଙ୍କ ଗ୍ରୀଲ ଦୋକାନରୁ ସୋମବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦିବାକର ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୬୯/୧୮) ରୁଜୁ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥିସହିତ ଜଣେ ନାବାଳକଙ୍କୁ ମଧ୍ୟ କୋର୍ଟରେ ହାଜର କରାଯାଇଛି । ଗିରଫ ହୋଇଥିବା ଅଭିଯୁକ୍ତ ୨ଜଣ ହେଉଛନ୍ତି ଗାଜିପୁର ଗ୍ରାମର ବିପ୍ଳବ ପାଣିଗ୍ରାହୀ ଓ ଦୋଳସାହି ଗ୍ରାମର ସନ୍ତୋଷ ବେହେରା । ସେମାନଙ୍କ ଠାରୁ ପୋଲିସ ଡ୍ରିଲ୍‌ମେଶିନ, ଓଲ୍ଡିଂ ମେଶିନ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ।


# ଧରିତ୍ରୀ CAREER APPOINTMENT
every Wednesday & Saturday

**WALK-IN-INTERVIEW**
Required **DTP Designer** (knows Photoshop & Coreldraw) & **Accountant** having one year experience.
At: A/68, Industrial Area, Unit-3, Bhubaneswar.
Mobile: 9090963364

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

**URGENTLY REQUIRED**
One **Laboratory Attendant.** Apply with Bio-Data to the Principal before Dt. 17.11.2018.
**Principal, B.J.B. (Jr.) College, Gadarodang, Brahmagiri, Puri**

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
**CONSULTANT**
**09319945331**

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
IBPS
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା – (ସିଆର୍‌ପି ଏସ୍‌ପିଏଲ୍–VIII)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୧୮/ଜାନୁଆରୀ ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ଅଛି ।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍–I) |
| ୦୨ | ଏଗ୍ରିକଲ୍ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍–I) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍–I) |
| ୦୪ | ଲ' ଅଫିସର୍ (ସ୍କେଲ୍–I) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍–I) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍–I) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୬।୧୧।୨୦୧୮–୨୬।୧୧।୨୦୧୮ |
| ଦରଖାସ୍ତ ଦେୟ/ଇଣ୍ଟିମେସନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୬।୧୧।୨୦୧୮–୨୬।୧୧।୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୧୮ |
| **ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି** | ୨୯।୧୨।୨୦୧୮ ଓ ୩୦।୧୨।୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁଆରୀ ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁଆରୀ ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା – ମେନ୍** | ୨୭।୦୧।୨୦୧୯ |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃଆରୀ ୨୦୧୯ |
| ସାକ୍ଷାତ୍କାର ପାଇଁ କଲ୍ ଲେଟର ଡାଉନ୍‌ଲୋଡ୍ | ଫେବୃଆରୀ ୨୦୧୯ |
| ସାକ୍ଷାତ୍କାର ସଞ୍ଚାଳନ | ଫେବୃଆରୀ ୨୦୧୯ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୧୯ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୨୭।୧୦।୨୦୧୮ — ନିର୍ଦ୍ଦେଶକ, ଆଇବିପିଏସ୍

**MÖBEL FURNITURE**
Eastern India's most Admired Furniture Brand
**BHUBANESWAR REQUIRES**
- SHOWROOM MANAGER
- INTERIOR CUM KITCHEN DESIGNER
- CORPORATE SALES EXECUTIVE
- CUSTOMER CARE EXECUTIVE
- ACCOUNTANT
- SALES GIRLS
- FITTERS

90739 87973
www.MobelHomeStore.com
jobs@mobelindia.com

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**TEACHERS REQUIRED**
Teachers Required Male/ Female for Odia Medium & English Medium School at Bhubaneswar.
Contact:
9337119851
9658118866

**MNC JOB VACANCY**
Female - 12Nos & Male - 8Nos
Qualification-10th to Graduation
Age : 18-28Yrs
MONTHLY SALARY :
Rs.7500/- To 17000/- + Free Hostel
9937172198, 9937042198

**PARADIP PORT TRUST**
PARADIP PORT-754 142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA
No.AD/RSC-II-21/11/2017(Pt.)/3918 — Dated, the 01st Nov., 2018
**ADVERTISEMENT**
Applications are invited from Indian Nationals for filling up of 03(Three) posts of **Assistant Traffic Manager Gr-II** (UR-2/OBC-1) on **direct recruitment** basis in Paradip Port Trust.
For further details, refer to our website: www.paradipport.gov.in.
Secretary
PPT/PR/453/18-19, DT.05.11.2018

**WANTED**
ଧରିତ୍ରୀ Oriya daily is looking for
**ELECTRICIANS**
- Having licence with ITI Certificate.
- 5 years experience in Printing Press Electrical Maintenance.

Apply immediately to : recruitment@dharitri.com
Attractive salary commensurate with experience

**OrissaPOST** English daily
**WANTED**
**Senior Sub-editors:** Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.
**Senior Reporters:** Minimum 5 years of reporting experience in English media.
Apply within 10 days to: recruitment@orissapost.com
N.B.: All postings will be in Bhubaneswar, Odisha
Pay & perks will be the best in the industry for deserving candidates.

**Walk-in-Interview**
A Leading BPO Company requires:-
**Data Entry Operators-(500):** Good typing speed on computer, experience of Telecom CAF entries would be preferred.
**Team Leader/Supervisor-(30):** 1 to 3 yrs experience of managing large team would be essential.
NSB BPO Solutions Pvt. Ltd. — N/37 Chandaka Industrial Estate Patia Bhubaneswar-751024,Infront of SICC Collage, OTV Lane,Near KIIT Stadium.
Contact Nos :- 9776290599,7326842261 & 7381199522

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କଟକ

ଡିଜେଲ ଚାଳିତ ସରକାରୀ ଜିପ୍ ନଂ OR05-D-7172 ନିଲାମ ମାଧ୍ୟମରେ ବିକ୍ରି ହେବ। ଇଚ୍ଛୁକ ପ୍ରାର୍ଥୀମାନେ ଉପରୋକ୍ତ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ତଥ୍ୟ www.cuttack.nic.in ରେ ପାଇ ପାରିବେ।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କଟକ

# ପୌର ପରିଷଦ, କୋରାପୁଟ
## KORAPUT MUNICIPALITY

Phone/Fax No.06852-250629
e-mail: koraputn.hud@nic.in, eo.nac.koraput@gmail.com
No. 5911 /2018 Date: 05.11.2018

## TENDER CALL NOTICE

Bid documents constiting of cost of tender paper, EMD, the set of terms and conditions of supply of push cart of certified company and other necessary document can be seen in official website i.e. **www.koraputmunicipality.in**.

| | | |
|---|---|---|
| 1 | Name of specification | : Supply of push cart |
| 2 | Date & time of selling of tender paper | : From 06.11.2018 to 5.00 PM 17.11.2018 |
| 3 | Last date & time for receipt | : 4.00 PM hours 19.11.2018 |
| 4 | Bids received shall be opened on | : 4.00 PM hours 20.11.2018 |
| 5 | Name and address of the officer inviting | : Executive Officer, Koraput Municipality |
| 6 | Further details can be seen from the procurement protal | : **www.koraputmunicipality.in** |

**Sd./- Executive Officer, Koraput Municipality**

# ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ନଂ ୧୫୬୬୮ ତା୦୬।୧୧।୨୦୧୮

## ବିଜ୍ଞାପନ

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ଥିବା ଶାଖାଗୁଡ଼ିକ ନିମନ୍ତେ ଦରକାର ହେଉଥିବା ଚୁକ୍ତି ଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାରିଶ୍ରମିକ ଯଥାକ୍ରମେ ଟ.୧୦,୫୬୦/- ଓ ଟ.୮,୬୪୦/- ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା୧୩।୧୧।୧୮ଠାରୁ ୩୦।୧୧।୨୦୧୮ ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ଘ.୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ।

ଏହାର ସବିଶେଷ ବିବରଣୀ OSRTC website www.osrtc.in ରେ ଉପଲବ୍ଧ।

ଅଧ୍ୟକ୍ଷ ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ
ସ୍ୱା./-ସାଧାରଣ ପରିଚାଳକ (ପ୍ରଶାସନ)
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

# OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BHADRAK

Ph. No.: 06784-251866, 219033, Fax: 06784-251855
E-mail: cdmobdk@rediffmail.com, dpmubhadrak@gmail.com
Open Tender No.: 10584/DPMU UNIT, NHM/Bhadrak Dated: 06.11.2018
Open Tender No. /DPM UNIT, NHM Bhadrak / Dated.

No.: 548-E: Sealed tenders are invited from the manufacturer, if no manufacturer unit is participating in the tender, their authorized Distributor/Supplier/Agency/Retail Counter/Medicine Shop will be considered for supply of Medical Instrument, Equipments, Machinery, Furniture & Consumables. The details list, terms and condition & technical specification are available in district website: **www.bhadrak.nic.in** can be downloaded or will be available at TSK, Bhadrak. Tender should be submitted in separate envelopes by enclosing its technical bid cover (A) & commercial bid cover (B) tender document, requied fees, EMD as mentioned & superscribe clearly tender No. & date, tenderer Mobile No., Fax No. in the front of envelope. The last date & time of submission of bid 24.11.18 & the technical bid may be opened on 27.11.18 in presence or absence of bidder or their authorized representatives. Tender paper in incomplete form or after the schduled date & time shall be rejected.

The authority reserves the right to reject or accept all or any of the quotation without assigning any reason thereof. All legal disputes if any relating to the quotations are subject to jurisdiction in the Court of law situated at Bhadrak, Odisha only.

**Sd./- Dr. M.A. Rasid**
**Chief District Medical & Public Health Officer, Bhadrak**

10123/11/0015/1819

# DISTRICT MINERAL FOUNDATION, SUNDARGARH

**DMF OFFICE, DRDA BUILDING, Sundargarh-770001, Tel. No.: 06622-273873, E-mail: dmfsundergar@gmail.com**
**No. 466 / DMF Dated the 6th November 2018**
**BID IDENTIFICATION NO. DMF/SNG/05-2018-19**

| | | | |
|---|---|---|---|
| 1. | The Collector-cum-Chairperson, District Mineral Foundation (DMF) Sundargarh, Government of Odisha invites technical and financial proposals from reputed agencies /Firms of National and International repute for "Selection of Implementing Agency for Design, Development, Implementation and Management of Virtual Class Rooms in 70 Nos. of High Schools in Sundargarh District and one Studio at District Headquarters out of District Mineral Foundation funding with CMC for a period of 5 years and operational" as detailed in the Scope of Work in this DTCN. The interested and eligible Firms with valid Registration Certificate as a Company, as detailed in DTCN, may apply for the same in OFF-LINE mode. (For details visit www.sundergarh.nic.in). | | |
| 2. | Tender (Bid) Cost | : | Rs. 10,000/- |
| 3. | Places where works will be executed | : | In the High Schools of Sundargarh District. |
| 4. | Availability of bid document in the website | : | From 11.00 A.M. of 08.11.2018 to 07.12.2018 upto 5.00 P.M. |
| 5. | Last date of receipt of Bid | : | 07.12.2018 upto 5.00 P.M. |
| 6. | Mode of Receipt of Bids | : | Through Speed Post/ Registered Post (India Post) and in no other means. |
| 7. | Date of opening of Technical Bid | : | Date: 11.12.2018 at 11.00 Noon. |
| 8. | Date of opening of Commercial Bid | : | Date: 13.12.2018 at 4.00 P.M. |

**Sd./- Collector-cum-Chairman**
**DMF, Sundargarh**

# THE ODISHA STATE CO-OPERATIVE MILK PRODUCERS' FEDERATION LTD.

omfed
OMFED, D-2, Sahidnagar, Bhubaneswar-751007
Ph. No. 0674-2540273, 2546030, 2540417, 2546121, Website : www.omfed.com

## TENDER NOTICE FOR ENGAGEMENT OF LABOUR CONTRACTOR AT CATTLE FEED PLANT, RADHADAMODARPUR

Sealed tenders are invited from experienced Agency / Contractor for engagement as **Labour Contractor** to perform different works on job contract basis at Omfed Cattle Feed Plant, At-Radhadamodarpur, P.O. : Radhakishorepur, Via : Athagarh, Dist-Cuttack for production of Cattle Feed - **1500 to 2000 MT apprx.** per month. Filled in tenders shall be accepted upto **1400 Hours dtd. 22.11.2018** & shall be opened on the same day at **1500 Hours**. For details, please visit our website : **www.omfed.com**. Interested bidders may visit our website for further addendum, corrigendum etc. if any from time to time. It will only appear in the official website and not any other media including newspaper.

**Plant Manager, Cattle Feed Plant, Radhadamodarpur**

# ପ୍ରମୋଦ କୁମାର ସାମନ୍ତରାୟ ରାଜ୍ୟ ଶ୍ରମିକ ଓ ନିର୍ମାଣ ସମବାୟ ମହାସଂଘର ସଭାପତି ନିର୍ବାଚିତ

No. 22-L



ରାଜ୍ୟ ଶ୍ରମିକ ଓ ନିର୍ମାଣ ସମବାୟ ମହାସଂଘର ସଭାପତି ଭାବେ ଶ୍ରୀ ପ୍ରମୋଦ କୁମାର ସାମନ୍ତରାୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ତଥା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା, ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ରଙ୍କ ଦ୍ୱାରା ସୂଚନା ପ୍ରକାଶ। ଉପସଭାପତି ଭାବେ ଶ୍ରୀମତୀ ମମତା ବରାଳ ଓ ନିର୍ଦ୍ଦେଶକ ଭାବେ ଆର୍. ଦଣ୍ଡପାଣି ରେଡ଼ି, ଅଞ୍ଜନ କୁମାର ଦାସ, ଡମ୍ବରୁ ଭାତ୍ରା, କମ୍ଭୁ ଭୋଇ, ହରିହର ସେଠି, ଅଶୋକ କୁମାର ସାମନ୍ତରାୟ, ଦୀପକ କୁମାର ଭଞ୍ଜ, ଶ୍ରୀମତୀ ଡଲି ସେଠି, ଶ୍ରୀମତୀ ନିଳାଦ୍ରି ପାତ୍ର ଓ ଶ୍ରୀମତୀ ବିଜୟା ବିଶୋୟୀ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସମବାୟ ନିର୍ବାଚନ ଆୟୋଗଙ୍କ ଆଦେଶ ନଂ -୧୦୫୧, ତା. ୦୮.୦୮.୨୦୧୮ରିଖ ଅନୁଯାୟୀ ଉକ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶ୍ରୀ ସାମନ୍ତରାୟ ବର୍ତ୍ତମାନ ଜୟ ହନୁମାନ ଶ୍ରମିକ ସମବାୟ ସମିତିର ସଭାପତି ଅଛନ୍ତି।

**Sd./- Asst. Registrar of Co-Operative Societies, Bhubaneswar cum-Management-in charge of, State Federation of Labour and Construction Co-Operatives Ltd., Bhubaneswar**

39031/11/0003/1819

No. 802-B

# GOVERNMENT OF ODISHA
## OFFICE OF THE EXECUTIVE ENGINEER, SONEPUR (R&B) DIVISION, SONEPUR

**E- Procurement Notice**
Bid Indentification No. EE/R&B/SNPR/10/2018-19
**Email : eepwdsnpr@gmail.com, Phone : 06654-221081**
**No. 3200/ Dt. 03.11.2018**

| | | | |
|---|---|---|---|
| 1. | The Executive Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate Bids in Double & Single Cover System in Online Mode for Construction of Road Works as detailed in the DTCN from the eligible Class of Contractors. | | |
| 2. | No. of Work | : | 02 (Two) |
| 3. | Tender Cost | : | Rs. 10,000/- For Serial No. 1 & 2 |
| 4. | Class of Contractor | : | "B" Class & "A" Class for Serial No. 1 & 2 |
| 5. | Date and time Available in Website & Receipt of Bids : 12.11.2018 at 5.00 P.M. of 23.11.2018. | | |
| 6. | Date of Opening of Tender : 24.11.2018 at 12.30 P.M. | | |
| 7. | The Bidders have to participate in Online bidding only. Further details can be seen from the website. | | |
| 8. | Any Corrigendum / Addendum will be displayed in the website www.tendersodisha.gov.in only. | | |

**Sd./- Executive Engineer**
**Sonepur (R&B) Division**

34081/11/0007/1819

# WORKS DEPARTMENT
## OFFICE OF THE EXECUTIVE ENGINEER MAYURBHANJ (R & B) DIVISION, BARIPADA

e-mail – bpd_eerb@rediffmail.com

**Government of Odisha "e" Procurement Notice**
**Bid Identification No.-E.E.-23/2018-19**

| | | | |
|---|---|---|---|
| 1. | Number of works | :- | 1 (One) number of work |
| 2. | Approximate estimated cost | :- | 61.67 Lakh |
| 3. | Period of Completion | :- | 6 (Six) Calendar months |
| 4. | Date & Time of availability of bid documents in the portal | :- | Dt. 17.11.2018 to 27.11.2018 |
| 5. | Last Date / Time of receipt of bid in the portal | :- | Dt. 27.11.2018 up to 4.00 PM |
| 6. | Date of Opening of bid | :- | Dt. 28.11.2018 at 11.00 AM |
| 7. | Name & address of the Office inviting bid | :- | Executive Engineer, Mayurbhanj (R&B) Division, Baripada |

Further details can be seen from the e-procurement portal **http://www.tendersodisha.gov.in**.

No.804-B

**Executive Engineer**
**Mayurbhanj (R&B) Division**

34025/11/0013/1819

# ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଖୋର୍ଦ୍ଧା
## ବ୍ଲକ ସ୍ତରୀୟ ଜନ ଶୁଣାଣି

No. CAD-995

ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ଦଶଟି ପଞ୍ଚାୟତ ସମିତି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସଂପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନ ଶୁଣାଣି ପାଇଁ ନିମ୍ନଲିଖିତ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଯୋଜନା ସହ ସଂପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିପାରିବେ। ଏହିଦିନ ଶୁଣାଣି ଉପରୋକ୍ତ ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ଅର୍ଥର ପରିମାଣ, ପଞ୍ଜୀକୃତ ହୋଇଥିବା ପରିବାରର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ହୋଇଥିବା ସଂଖ୍ୟା, କାମ ପାଇଁ ଦାବି କରିଥିବା ପରିବାରର ସଂଖ୍ୟା, ୧୦୦ ଦିନ କାର୍ଯ୍ୟ ଦିନର ସଂଖ୍ୟା, ବେକାରି ଭତ୍ତା ଦିଆଯିବା ସମ୍ପର୍କେ, ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗର ସଂଖ୍ୟା ଏବଂ ଫଇସଲା ହୋଇଥିବା ସଂଖ୍ୟା ଇତ୍ୟାଦିର ସମୀକ୍ଷା କରାଯିବ।

ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ଜନଶୁଣାଣିରେ ବହୁସଂଖ୍ୟାରେ ଯୋଗଦେଇ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍‌ଥାପନ କରିପାରିବେ।

| କ୍ର. ନଂ. | ବ୍ଲକର ନାମ | ବ୍ଲକସ୍ତରୀୟ ଜନ ଶୁଣାଣି ନିମନ୍ତେ ଧାର୍ଯ୍ୟ | | |
|---|---|---|---|---|
| | | ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ |
| ୧. | ଟାଙ୍ଗି | ୨୭.୧୧.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୨. | ବାଲିପାଟଣା | ୨୭.୧୧.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୩. | ବେଗୁନିଆ | ୨୭.୧୧.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୪. | ଚିଲିକା | ୨୯.୧୧.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୫. | ଭୁବନେଶ୍ୱର | ୨୯.୧୧.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୬. | ଜଟଣୀ | ୨୯.୧୧.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୭. | ବାଣପୁର | ୦୧.୧୨.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୮. | ବାଲିଅନ୍ତା | ୦୧.୧୨.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୯. | ଖୋର୍ଦ୍ଧା | ୦୧.୧୨.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |
| ୧୦. | ବୋଲଗଡ | ୦୫.୧୨.୨୦୧୮ | ୧୦.୩୦ | ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସର |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଖୋର୍ଦ୍ଧା
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଖୋର୍ଦ୍ଧା

24013/11/0015/1819

# OFFICE OF THE EXECUTIVE ENGINEER, RURAL WORKS DIVISION, PURI
## 1st Corrigendum to Tender Call Notice No. Online-04 of 2018-19

No. 978-O

Due to some technical necessity, the following changes are made in the TCN No. Online -04 Date : 27.10.2018 The details of changes are given as below.
1) The works mentioned in Sl. No. 5 & 6 are cancelled.
All other terms and conditions remain unaltered.

**Sd./- Executive Engineer**
**R.W.Division, Puri**

25065/11/0010/1819

# STATE POLLUTION CONTROL BOARD, ODISHA

**(DEPARTMENT OF FOREST & ENVIRONMENT, GOVERNMENT OF ODISHA)**
**Paribesh Bhawan, A/118, Nilakantha Nagar, Unit - VIII, Bhubaneswar - 751012, INDIA**
**Fax: 2564033/2560955, Tel.: 2564033/2563924, EPABX: 2561909/2562847**
**E-mail: spcbtraining@gmail.com, Website: www.ospcboard.org**
**No.: 13355/I-Estt(Misc) 204/2015 Dt.06.11.2018**

## QUOTATION CALL NOTICE

The State Pollution Control Board, Odisha, A/118, Nilakantha Nagar, Unit-8, Bhubaneswar - 751012 invites sealed quotations from the interested reputed Travel Agency/Tour Operators or Private Individuals for hiring of 06 Nos. of Mahindra Bolero/TATA Indigo AC Diesel driven vehicles on monthly basis. The quotation call notice containing General Bid Information & Terms and Conditions for Hiring of Vehicles etc. is available in the Board's website: **www.ospcboard.org**. The quotation completed in all respect should reach the undersigned on or before the extended date i.e. **22.11.2018 by 3.00 P.M.** and shall be opened on the same day at **4.00 P.M.** in presence of the bidders or their authorized representatives.

**Sd./- Administrative Officer**

# OFFICE OF THE PRINCIPAL GOVERNMENT INDUSTRIAL TRAINING INSTITUTE

**ANANDPUR, AT/PO: SALAPADA, DIST: KEONJHAR, PIN: 758020**
**Phone: 06731-220301, Email: itiwanandpur@gmail.com, Website: www.itianandapur.com**

**Quotation No. 1723 Date 01.11.18**

Sealed quotations are invited from authorized distributors for supply of various Tools & Materials to be used in the I.T.I., Anandapur of Keonjhar district. Last date for submission of documents is 15.11.18 upto 11.00 A.M. The bids will be opened 16.11.18 at 10.00 A.M. in the office of the undersigned. For details information and documents, please visit www.govtitianandapur.co.in. The authority reserves the right to cancel the whole process without any reasons thereof.

**Sd./- Principal**
**ITI, Anandapur**

# THE ODISHA STATE POLICE HOUSING & WELFARE CORPORATION LTD.

OPHWC
**(A Government of Odisha Undertaking)**
**Janapath, Bhoinagar, Bhubaneswar - 22**
Ph.: 0674 - 2541545, 2542921, Fax: 0674 - 2541543
**No.CAD-998:-** Email: ophwc.od@nic.in, Website: www.ophwc.nic.in

**e-procurement notice No.- 37/SE/30/OPHWC/2018-19**

## INVITATION FOR BIDS (IFB)

| | | | |
|---|---|---|---|
| 1. | The Superintending Engineer (OSPH&WC), Odisha, Bhubaneswar invites **Percentage rate** bids in **double cover** system in **ONLINE MODE** only, for works as detailed below:- | | |
| 2. | Nature work | : | Building works |
| 3. | No. of works | : | 10 Nos. |
| 4. | Bid cost | : | Rs.11,800/- (To be paid online) |
| 5. | Value of tender | : | Rs.70,43,646.00 to Rs.1,60,27,005.00 |
| 6. | Class of contarctor | : | B class to A class |
| 7. | Availability of bid documents in the website | : | Dt.09.11.2018 to Dt.24.11.2018 upto 5.00 PM |
| 8. | Last date / time of receipt of bids in the portal | : | Dt.24.11.2018 upto 5.00 PM |
| 9. | Date of opening bid | : | Dt.26.11.2018 at 11.30 AM |
| 10. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website. | | |

**Sd./- Superintending Engineer (OSPH&WC), Odisha**
**N.B.- The quoted rate should be all inclusive but excluding G.S.T. as applicable under works contract.**

**12025/11/0089/1819**

See Career Appointment on every Wednesday & Saturday

# INVITATION FOR BIDS (IFB)

**NATIONAL COMPLETIVE BIDDING THROUGH e-TENDERING**
**Identification No. RWS&S DIVN., Puri-54 of 2018-19**
Phone : (06752) 251276, Fax : (06752) 251276 Email : eerwss_puri@nic.in
**National Competitive Bidding Through E-Procurement**
**Bid Identification No. RWSSPURI 54/2018-19**

## 1ST. CORRIGENDUM TO INVITATION FOR BIDS (IFB)

No. 976-O

**Identification No: RWS&S Divn. Puri - 54 of 2018-19**

The Class of Contractor mentioned in column 6 of Sl. No. 1 is modified as "B & A" instead of "A & Special". All other term and conditions are remain unaltered.

**Sd./- Executive Engineer,**
**RWS&S Division, Puri**

25017/11/0080/1819

# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଛତ୍ରପୁର, ଗଞ୍ଜାମ

ଦୂରଭାଷ: ୦୬୮୧୧-୨୬୩୯୭୫, **E-mail: nacchatrapur@rediffmail.com**
ପତ୍ର ସଂଖ୍ୟା: ୩୧୭୪ ତାରିଖ: ୩।୧୧।୨୦୧୮

## QUOTATION CALL NOTICE

Sealed quotations are invited from the Registered/Experienced/ Reputed Consultancy/Architects having valid Income Tax and GST Certificates with at least five years experience, who are already involved in preparation of Plan, Structural Design, Detailed Estimates, Architecture & Preparation of DPR and supervision of works of projects may applied to the undersigned for engagement of consultant for development of different projects of NAC, Chatrapur. The bidders should be a qualified Architect/Civil Engg. Preference will be given to the consultant who has already rendering similar type of services to various Government organisation of the State/Central. The consultant should quote their rates inclusive of all Tax etc., complete for the followings for rendering the services. The rate will remain valid upto 31.03.2020. The quotation shall be submitted on or before Dt.14.11.18 time 3.00 P.M. and it will be opened on Dt.15.11.18 time 3.30 P.M. in the presence of the quotationers or their authorised agents. The authority has no responsible for absence of any quotationers or their authorised agents at the time of opening of quotation.

The authority reserves the right to reject any or all the quotations without assigning any reason thereof.

| Sl. No. | Component of Work | Percentage Rate of establishment charges (Rate in Percentage) |
|---|---|---|
| 1 | Preparation of Preliminary Plan, Estimate, Sketch & Report. Preparation of Detailed Plan, Estimate, Sketch, Structural Design detail, Architectural Design detail etc. as a complete DPR. Provide Hard Copy (3 Nos.), Soft Copy of DPR and if necessary supervision at the time of Execution. | |

**Sd./- Executive Officer**
**NAC, Chatrapur**

# GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER NUAPADA IRRIGATION DIVISION, NUAPADA

**e-PROCUREMENT NOTICE No- (NID) 02 / 2018-19**
e-mail address: - ee.npd.irr@gmail.com

## PERCENTAGE RATE e-TENDER

No.720-A: 1. The Executive Engineer Nuapada irrigation Division, Nuapada, Dist-Nuapada, Pin-766105 (Odisha) on behalf of governor of Odisha invites "PERCENTAGE RATE Bids" IN DOUBLE COVER SYSTEM, in electronic tendering system for the construction works detailed in the table below.

| | |
|---|---|
| Package No. | BID ID No(NID)02 / 18-19 & (NID)03/2018-19 |
| Name of Work | 2 (Two) Nos. Road works |
| Approximate value of work | Varies Rs.84.10 to Rs.84.16 lakhs (Excluding GST) |
| Period of Completion | 06 (Six) calendar Months. |
| Classification of Bidder | 'B' & 'A' class Contractor only |
| Tender documents available on website | Can be downloaded from Website (http://www.tendersodisha.gov.in) |
| Bid documents available Date and Time | 12.11.2018 at16.00 hrs |
| Bid clarification start date & Closing date | 12.11.2018 to 20.11.2018 during office hours |
| On Line Bid submission closing date and time | 24.11.2018 at17.00 hrs |
| Last date and time of Receipt of relevant document in hard copy | 26.11.2018 during office hours |
| Date, Time and Venue of opening of bid online | 28.11.2018 at 11.30 hrs office of the Executive Engineer |
| Date / Time of Opening of Financial Bid | To be intimated after evaluation of Technical Bid |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Executive Engineer,**
**Nuapada Irrigation Division, Nuapada**

32026/11/0008/1819

# ତହସିଲ କାର୍ଯ୍ୟାଳୟ, ବୀରମହାରାଜପୁର

**ବିଜ୍ଞାପନ ସଂଖ୍ୟା: ୩୫୮୧ ତାରିଖ: ୦୩.୧୧.୨୦୧୮**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଏହି ତହସିଲ ଅଧୀନରେ ଥିବା ନିମ୍ନ ସୈରାତ ଉତ୍ସଗୁଡ଼ିକ, ୨୦୧୮-୧୯ ଆର୍ଥିକ ବର୍ଷରୁ ୨୦୨୩-୨୪ (୫ ବର୍ଷ) ନିମନ୍ତେ ତା୨୦।୧୧।୨୦୧୮ରୁ ୩୦।୧୧।୨୦୧୮ ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟରେ ପ୍ରକାଶ୍ୟ ନିଲାମ କରାଯିବ। ଉକ୍ତ ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା୨୦।୧୧।୨୦୧୮ ଘ.୧୧.୦୦ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅବଧାରିତ ମୂଲ୍ୟର ୧୦% ଅର୍ଥ ଜମାକରି ନିଲାମ ଡାକରାରେ ଅଂଶଗ୍ରହଣ କରିପାରିବେ। ସର୍ବୋଚ୍ଚ ନିଲାମଧାରୀ ନିଲାମର ଶେଷ ସମସ୍ତ ଅର୍ଥ ଏକକାଳୀନ ପଇଠ କରିବେ ଏବଂ ନିଲାମ ଅର୍ଥର ୧୦% ପୃଥକ୍ ଭାବରେ ପରିଚାଳନା ପାଣ୍ଠିନ୍ୟାସଙ୍କୁ ଏବଂ ୧% (TDS) କର ବାବଦକୁ ଦାଖଲ କରିବେ। ପୁନଶ୍ଚ ଏହା ମଧ୍ୟ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ବିଭାଗ ପତ୍ର ସଂଖ୍ୟା- ୨୦୭୩୨/ ଏଫ୍.ଓ.ଇ., ତା୦୮।୧୧।୨୦୧୨ ଓ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ନିଲାମଧାରୀ ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ନିୟନ୍ତ୍ରଣ ସଂସ୍ଥା (State Environment Impact Assessment Authority) ଙ୍କ ଠାରୁ ପରିବେଶ ମଞ୍ଜୁରୀ ଆଣିବା ନିମନ୍ତେ ତନଖି ଫି' ବାବଦରେ ବାଲିଖାଦାନ ନିମନ୍ତେ ଟ. ୧୦୦୦.୦୦ ଓ ପଥରଖାଦାନ ନିମନ୍ତେ ଟ. ୫୦୦୦.୦୦ ଡ୍ରାଫ୍ଟ ଆକାରରେ Chairman DEIAA ନାମରେ ନିର୍ଦ୍ଧାରିତ ଫର୍ମରେ ତହସିଲଦାରଙ୍କ ମାଧ୍ୟମରେ ଦାଖଲ କରିବେ। ସମସ୍ତ ନିଲାମ ଅର୍ଥ ପଇଠ ଓ ପରିବେଶ ମଞ୍ଜୁରୀ ପରେ ସମ୍ପୃକ୍ତ ନିଲାମଧାରୀ ଆବଶ୍ୟକୀୟ ଚୁକ୍ତିନାମା ସ୍ଥାନୀୟ ସବ୍‌ରେଜିଷ୍ଟ୍ରେଶନ୍ କାର୍ଯ୍ୟାଳୟରେ ରେଜିଷ୍ଟ୍ରେଶନ୍ କରିବେ। ନଚେତ ଅମାନତ ଅର୍ଥ ବାଜ୍ୟାପ୍ତ କରାଯିବ। ପରିବେଶ ମଞ୍ଜୁରୀ ପରେ ନିଲାମ ଗ୍ରହୀତାଙ୍କୁ ଉତ୍ସ ଚଳାଇବାକୁ ଅନୁମତି ପ୍ରଦାନ କରାଯିବ। ପ୍ରକାଶଥାଉକି ତା୨୦।୧୧।୨୦୧୮ରେ ନିଲାମରେ ହୋଇନଥିବା ସମସ୍ତ ଉତ୍ସ ଦ୍ୱିତୀୟ ଥର ତା୨୪।୧୧।୨୦୧୮ ଓ ତୃତୀୟ ଥର ତା୩୦।୧୧।୨୦୧୮ ଦିବା ଘ.୧୧.୦୦ ସମୟରେ ପ୍ରକାଶ୍ୟରେ କରାଯିବ। ପୁନଶ୍ଚ କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ଡାକ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି। ବିନା କୈଫିୟତରେ ନିଲାମ ରଦ୍ଦ କରାଯିବ। ପୂର୍ବରୁ ନିଲାମ ବକେୟା ପ୍ରାପ୍ୟ ଥିବା ବ୍ୟକ୍ତିମାନେ ନିଲାମ ଡାକରାରେ ଅଂଶଗ୍ରହଣ କରିପାରିବେ ନାହିଁ। ନିଲାମ ଡାକରାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନେ ଓଡ଼ିଶା ଲଘୁ ଖଣିଜ ନିୟମ ୨୦୦୪ ନିୟମାବଳୀ ଓ ତତ୍‌ସଂଲଗ୍ନ ସରକାରୀ ଆଦେଶ ମାନିବାକୁ ବାଧ୍ୟ ଅଟନ୍ତି। ଖାଦାନ ସମ୍ବନ୍ଧୀୟ ସମସ୍ତ ତଥ୍ୟ କାର୍ଯ୍ୟଦିବସମାନଙ୍କରେ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟରେ ତଉଜି ବିଭାଗରେ ଦେଖିପାରିବେ। ବିଜ୍ଞାପନ ଖର୍ଚ୍ଚ ନିଲାମ ଗ୍ରହୀତାଙ୍କଠାରୁ ଆନୁପାତିକ ଭାବରେ ଆଦାୟ କରାଯିବ।

**ସୈରାତ ଉତ୍ସଗୁଡ଼ିକର ନାମ ତାଲିକା**

| କ୍ର. ନଂ. | କେ ନଂ | ସୈରାତ ଉତ୍ସର ନାମ | ମୌଜା | ଖା. ନଂ | ପ୍ଲଟ ନଂ | ରକବା | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି |
|---|---|---|---|---|---|---|---|---|
| ୧ | | ବରଘାଟ ଦାଦର (ପଥର ଖାଦାନ) | ବରଘାଟ ଦାଦର | ୪୭ | ୩୭୨ | ୦.୫୨୦ | ୧,୨୦,୭୦୦ | ୧୨,୦୭୦ |
| ୨ | | ବୁଠିପଦର (ପଥର ଖାଦାନ) | ବୁଠିପଦର | ୮୩ | ୧୭୩୫ | ୨.୮୦୦ | ୧,୧୦,୦୦୦ | ୧୧,୦୦୦ |
| ୩ | | ଜନକପୁର (ପଥର ଖାଦାନ) | ଜନକପୁର | ୧୦୨ | ୭୪୫ | ୨.୦୦୦ | ୨,୪୨,୦୦୦ | ୨୪,୨୦୦ |
| ୪ | | ମୁର୍ଷୁଣ୍ଡୀ (ପଥର ଖାଦାନ) | ମୁର୍ଷୁଣ୍ଡୀ | ୭୩୯ | ୩୭୮୨ | ୨.୦୦୦ | ୩୬,୩୦୦ | ୩,୬୩୦ |
| ୫ | | ଜନକପୁର (ବାଲି ଖାଦାନ) | ସରୁବାଲି ଯୋର | ୧ | ୧୨ | ୨.୦୦୦ | ୧୫,୦୦୦ | ୧,୫୦୦ |

**ସ୍ୱା./- ତହସିଲଦାର, ବୀରମହାରାଜପୁର**

## ତୈଳବୀଜ ଫସଲ ସମ୍ପର୍କରେ ...

**ସୋରିଷ :** ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିସାନ୍, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନ କରି ୩୦ ସେ.ମି. ଓ ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।

**ସୂର୍ଯ୍ୟମୁଖୀ :** ନଭେମ୍ବର ମାସ ୧୫ ତାରିଖ ମଧ୍ୟରେ ମଞ୍ଜିବୁଣା କାମ ଶେଷ କରନ୍ତୁ । ଉନ୍ନତ କିସମ ଯଥା: – ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା – ବି.ଏସ୍.ଏଚ୍.–୧, ପି.ଏ.ସି.–୩୬, ଏମ୍.ଏସ୍.ଏଫ୍.ଏଚ୍.–୮, ଜ୍ୱାଳାମୁଖୀ ଆଦି ବିହନ ବ୍ୟବହାର କରନ୍ତୁ ।

–ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ଲାଗି ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନ କରି ବୁଣନ୍ତୁ ।

–ଉନ୍ନତ କିସମ ସକାଶେ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ଲାଗି ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୨୦:୪୦:୨୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ଲାଗି ୪୦:୬୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।



# ଅର୍ଥକରୀ ପନିପରିବା ଚାଷ



ଡ. ପରେଶ କୁମାର ପଣ୍ଡା

ଆମ ଦୈନନ୍ଦିନ ଖାଦ୍ୟପଦାର୍ଥରେ ପନିପରିବାର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିଥାନ୍ତି । ମନୁଷ୍ୟର ସୁଷମ ଓ ସନ୍ତୁଳିତ ଖାଦ୍ୟରେ ଜଳକୁ ଛାଡି ୫ ଟି ମୁଖ୍ୟ ଉପାଦାନ ରହିବା ଦରକାର । ଯଥା ଶ୍ୱେତସାର, ସ୍ନେହସାର, ଧାତୁସାର ଓ ଜୀବନିକା । ଶସ୍ୟଜାତୀୟ ଫସଲରୁ ମୁଖ୍ୟତଃ ଶ୍ୱେତସାର, ତୈଳବୀଜ ଜାତୀୟ ଫସଲରୁ ସ୍ନେହସାର ଓ ଡାଲିଜାତୀୟ ଫସଲରୁ ପୁଷ୍ଟିସାର ମିଳିଥାଏ । ମାତ୍ର ପନିପରିବା ଫସଲରୁ ସମସ୍ତ ୫ଟି ଆବଶ୍ୟକୀୟ ଉପାଦାନ ମିଳିଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସୁଷମ ଖାଦ୍ୟରେ ଶସ୍ୟ, ତୈଳ ଓ ଡାଲିର ୬୦ ରୁ ୭୦ଭାଗ, ପନିପରିବାର ୩୦ ରୁ ୪୦ ଭାଗ ରହିବା ଦରକାର । ଖାଦ୍ୟରେ ଏହି ପ୍ରକାର ଭାଗମାପ ରହିଲେ ମନୁଷ୍ୟ ସୁସ୍ଥ ସବଳ ଓ ଦୀର୍ଘଦିନ ପାଇଁ କାର୍ଯ୍ୟକ୍ଷମ ରହେ । ଆମ ରାଜ୍ୟର ଲୋକମାନେ ପୁରୁଷାନୁକ୍ରମରୁ ଭାତ, ଚୂଡ଼ା ଓ ମୁଢି ଅର୍ଥାତ୍ ଶ୍ୱେତସାରକୁ ଗୁରୁତ୍ୱ ଦେଇଥାନ୍ତି । ତେଣୁ ଆମର କାର୍ଯ୍ୟକ୍ଷମତା କମ୍ ଓ ଆମେ ଶୀଘ୍ର କ୍ଳାନ୍ତ ହୋଇଥାଉ । ପନିପରିବାରେ ଏଭଳି ଅନେକ ଖଣିଜ ଲବଣ ଓ ଜୀବନିକା ରହିଥାଏ ଯାହାକୁ ଖାଇବା ଦ୍ୱାରା ଆମ ଶରୀର ସତେଜ ଅନୁଭବ କରିବା ସହ ନୀରୋଗ ରହିଥାଏ । ଏଭଳି କିଛି ରୋଗ ରହିଛି, ଯାହା କେବଳ ଜୀବନିକା(ଭିଟାମିନ୍) ତଥା ପୋଷକ ପଦାର୍ଥର ଅଭାବରୁ ହୋଇଥାଏ । ସେଗୁଡ଼ିକୁ କେତେକ ପନିପରିବା ଖାଇବା ଦ୍ୱାରା ଠିକ୍ କରାଯାଇପାରିବ । ତେଣୁ ପ୍ରତ୍ୟେକ ମନୁଷ୍ୟ ଋତୁ ଅନୁଯାୟୀ ମିଳୁଥିବା ପନିପରିବା ଖାଇବା ଆବଶ୍ୟକ।

ଏପରିକି କ୍ଷୁଧା ନିବାରଣ ପାଇଁ ଅନେକ ପନିପରିବା ଖାଇବାର ଅଭ୍ୟାସ ଆମକୁ ଦୀର୍ଘମୟ ଜୀବନ ପ୍ରଦାନ କରିଥାଏ । ସାଧାରଣତଃ ଆମେ ଆଳୁ,କଲରା, ବନ୍ଧାକୋବି, ଫୁଲକୋବି, ଜହ୍ନି, ଭେଣ୍ଡି, ପୋଟଳ, କୁନ୍ଦୁରି, କଖାରୁ, ଅମୃତଭଣ୍ଡା, ବିନ୍‌ସ, ଶିମ୍ବ, ବିଭିନ୍ନ ପ୍ରକାର ଶାଗ ଆଦି ପନିପରିବାକୁ ରାନ୍ଧି ତରକାରି ରୂପେ ଏବଂ ବିଲାତି, ଗାଜର, ପିଆଜ, ଧନିଆପତ୍ର, କଞ୍ଚାଲଙ୍କା, ମୂଳା, ବିଟ୍, କାକୁଡି ଆଦି ପରିବାକୁ କଞ୍ଚା ସାଲାଡ୍ ରୂପେ ଖାଇଥାଉ । ପତ୍ରଜାତୀୟ ପନିପରିବା ଖାଇବାରେ ଆମ ଶରୀରକୁ ସମସ୍ତ ପ୍ରକାର ଖାଦ୍ୟଶସ୍ୟ ଓ ଜଳ ଉପଯୁକ୍ତ ମାତ୍ରାରେ ମିଳିଥାଏ । ଏଥିରେ ଯଥେଷ୍ଟ ପରିମାଣର ଧାତବ ଲବଣ ଓ ତନ୍ତୁ ରହିଥାଏ । ପତ୍ରଜାତୀୟ ପନିପରିବାରେ ବିଶେଷ କରି ଭିଟାମିନ୍ ଏ' ଅଧିକ ପରିମାଣରେ ମିଳିଥାଏ । ଏହି ଜାତୀୟ ପରିବାରେ ଲୌହାଂଶ ଅଧିକ ଥିବାରୁ ଏହାକୁ ଖାଇବାରେ ମହିଳା ଓ ଦୁର୍ବଳ ସ୍ୱାସ୍ଥ୍ୟ ଥିବା ବ୍ୟକ୍ତିମାନେ ବିଶେଷ ଉପକୃତ ହୋଇଥାନ୍ତି । ଏହା କର୍କଟ ଓ ମଧୁମେହ ରୋଗର ଆଶଙ୍କା ହ୍ରାସ କରିଥାଏ । ଏହି ପ୍ରକାର ପନିପରିବା ଶସ୍ତା, ସହଜରେ ଉତ୍ପାଦନ ସହିତ ଶୀଘ୍ର ହଜମ ହୋଇଥାଏ । ସୁତରାଂ ସବୁପ୍ରକାର ପନିପରିବାକୁ ଖାଇ ଜୀବନକୁ ସୁସ୍ଥ, ସରସ, ସୁନ୍ଦର କରିପାରିବା ।

ଏବେତ ବୈଜ୍ଞାନିକ, ଚିକିତ୍ସକ ଓ ଗବେଷକମାନେ ଶାକାହାରର ଗୁଣଗାନ କରୁଛନ୍ତି ଓ ପନିପରିବା ଖାଇ ହୃଦ୍‌ଘାତକୁ ସୁସ୍ଥ ରଖିବାର ଅମୂଲ୍ୟ ପରାମର୍ଶ ଦେଉଛନ୍ତି । ତଥ୍ୟ ଅନୁଯାୟୀ, ରସୁଣ, ବିଲାତିବାଇଗଣ, ଲାଉ, ଗାଜର ଆଦି ଖାଇବା ଦ୍ୱାରା ହୃଦ୍‌ଯନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରିଥାଏ । ସାଲାଡ୍‌ର ପିଆଜ ରକ୍ତପ୍ରବାହକୁ ଠିକ୍ ରଖିଥାଏ ଓ ହୃତ୍‌ସ୍ପନ୍ଦନକୁ ଠିକ୍ ରଖି ମଜବୁତ୍ କରିଥାଏ । ଲାଉ କୋଲେଷ୍ଟ୍ରଲର ମାତ୍ରାକୁ କମାଇ ଦେଇଥାଏ । ରସୁଣ ଖାଲି ପେଟରେ ଖାଇବା ବେଶ୍ ଲାଭଦାୟକ ହୋଇଥାଏ । ଗାଜର ଦୃଷ୍ଟିଶକ୍ତିକୁ ବେଶ୍ ତୀକ୍ଷଣ କରି ରଖିଥାଏ ।



### ପନିପରିବାରେ ଖାଦ୍ୟର ଉପାଦାନ

**ଅଧିକ ପୁଷ୍ଟିସାରଯୁକ୍ତ ପନିପରିବା :** ଶିମ୍ବ, ମଟର, ଝୁଡଙ୍ଗ, ଗୁଆଁର ଇତ୍ୟାଦି ।

**ତନ୍ତୁଯୁକ୍ତ ଖାଦ୍ୟ :** ପତ୍ରଜାତୀୟପରିବା (କୋବି ଜାତୀୟ , ଶାଗଜାତୀୟ,)

**ଭିଟାମିନ୍ ଏ :** ଗାଜର, ବିଟ୍, କନ୍ଦମୂଳ,ମଟର, ବିଲାତିବାଇଗଣ, ମେଥିଶାଗ, ପିଆଜ ନାଡ, ବନ୍ଧାକୋବି, କଞ୍ଚାଲଙ୍କା ଇତ୍ୟାଦି ।

ଭିଟାମିନ୍ ବି: କଞ୍ଚାଲଙ୍କା, ଗାଜର, ବନ୍ଧାକୋବି, ପିଆଜ, ଶିମ୍ବ ଓ ମଟର ଆଦି ।

**ଭିଟାମିନ୍ ସି :** ମେଥି ଶାଗ, ପାଳଙ୍ଗ, ବନ୍ଧାକୋବି, କଞ୍ଚାଲଙ୍କା, ବିଲାତିବାଇଗଣ ଇତ୍ୟାଦି ।

**ଭିଟାମିନ୍ ଇ :** ବନ୍ଧାକୋବି, ଲେଟ୍ୟୁସ୍ ଇତ୍ୟାଦି ।

**କ୍ୟାଲସିୟମ୍ :** ଶାଗ, ମଟର, ବିଲାତିବାଇଗଣ, ପିଆଜ, ଫୁଲକୋବି, ଗାଜର, ବନ୍ଧାକୋବି, ଲେଟ୍ୟୁସ୍ ଆଦି ।

**ଲୌହ :** ଶାଗ, ବନ୍ଧାକୋବି, ମଟର, ଶିମ୍ବ, ଗାଜର, କଲରା, ବିଲାତିବାଇଗଣ ଓ ଲେଟ୍ୟୁସ୍ ଇତ୍ୟାଦି ।

**ଫସ୍‌ଫରସ୍ :** ଆଳୁ, ବିଲାତି ବାଇଗଣ, କାକୁଡ଼ି, ଗାଜର, ଶାଗଜାତୀୟ, ଫୁଲକୋବି, ଲେଟ୍ୟୁସ୍ ଆଦି ।

**ଆୟୋଡିନ୍ :** ପିଆଜ, ଭେଣ୍ଡି, କଖାରୁ ଇତ୍ୟାଦି ।

**ମ୍ୟାଗ୍ନେସିୟମ୍ :** ଭେଣ୍ଡି, ମଟର, ଛଚିତ୍ରା, ଖଡା, ଲେଉଟିଆ, ଭୃସୁଙ୍ଗପତ୍ର ।

**ସୋଡିୟମ୍ ଓ କ୍ଲୋରିନ୍ :** ବିଟ୍, ଗାଜର, ମୂଳା, କଞ୍ଚା ବିଲାତିବାଇଗଣ, ଲେଉଟିଆ, କୋଶଳା ଓ ମେଥିଶାଗ ଆଦି ।

**ପଟାସିୟମ୍ :** ଭେଣ୍ଡି, ମଟର, ମୁଗୁନା ଶାଗ, ଜହ୍ନି, ଶାଗଜାତୀୟ, ଓଲୁଅ, କଲରା ଆଦି ।

**ତମ୍ବା(କପର):** ସାରୁପତ୍ର ଓ ନାଡ, ମାଟିଆଳୁ, କଞ୍ଚାଲଙ୍କା, ମଟର ମୂଳା ଆଦି ।

**ଗନ୍ଧକ :** ମେଥିଶାଗ, ମଟର, ପିଆଜ, ମାଟିଆଳୁ, ଫୁଲକୋବି, ବାଇଗଣ, ଛଚିନ୍ଦ୍ରା ଆଦି ।

**ମାଙ୍ଗାନିଜ୍ :** ମଟର, ଶିମ୍ବ, ଗୁଆଁର, ଝୁଡଙ୍ଗ ଓ ପତ୍ରଜାତୀୟ ପରିବା ।

ପରିବାର ତିନୋଟି ସୁଗୁଣ ରହିଛି । କମ୍ ସମୟରେ ପାକଳ ଓ ଖାଇବା ଉପଯୋଗୀ ହୋଇଥାଏ । ପରିବା ୫୦ ପ୍ରକାରରୁ ଅଧିକ ରହିଛି । କେଉଁ ପରିବା ୧୫ ଦିନରେ (ଶାଗ ଜାତୀୟ), କେତେକ ୧ ମାସ ତ କେତେକ ୨ ମାସ ବା ସର୍ବାଧିକ ୩ ମାସ ବେଳକୁ ଖାଇବା ଉପଯୋଗୀ ହୋଇଥାଏ । ବର୍ଷକୁ ସାଧାରଣତଃ ଗୋଟିଏ ଜମିରେ ପରିବା ଚାଷ ୨ ରୁ ୩ ଥର ଓ କେତେକ ପରିବା ୫ ରୁ ୬ ଥର ଚାଷ ହୋଇପାରେ । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ତଥା ଉତ୍ସାହୀ ପରିବାର ଏତଦ୍ୱାରା ଅଧିକ ଉପକୃତ ହୋଇଥାନ୍ତି । ପରିବା ଫସଲର ଅମଳ ହାର ଅଧିକ । ଶସ୍ୟାଦି ଫସଲ ତୁଳନାରେ ଏହା ୫ ରୁ ୧୦ ଗୁଣ ଅଧିକ ଅମଳ ହୋଇଥାଏ । ପରିବା ଅତି ପୁଷ୍ଟିକାରକ । ପନିପରିବା ଚାଷ ବେଶ୍ ଲାଭଜନକ । ସର୍ବଦା ପରିବାର ରପ୍ତାନି ଚାହିଦା ରହିଥାଏ । ରାଜ୍ୟରୁ ପ୍ରତିଦିନ ୮୦ ଲକ୍ଷ ଟନ୍‌ରୁ ଅଧିକ କଞ୍ଚା ପନିପରିବା ଆଦାୟ ହେଉଛି । ତହିଁରୁ ୫୦ଲକ୍ଷଟନ୍ କଞ୍ଚା ପନିପରିବା ରାଜ୍ୟରେ ବ୍ୟବହୃତ ହେଉଥିବାବେଳେ ବଳକା ୩୦ଲକ୍ଷ ଟନ୍‌ରୁ ଉର୍ଦ୍ଧ୍ୱ ଅନ୍ୟ ରାଜ୍ୟକୁ ରପ୍ତାନି ହୋଇଥାଏ ।

–ସହକାରୀ କୃଷିଅଧିକାରୀ,
ଭୁବନେଶ୍ୱର,
ମୋ: ୭୨୦୫୦୯୬୦୮୦

## ମାଛଚାଷ



- ବର୍ଷାରେ ମାଛ ପୋଖରୀ ହୁଡ଼ାଭାଙ୍ଗି ଯାଇଥିଲେ ତୁରନ୍ତ ମରାମତି କରନ୍ତୁ ।
- ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨୫୦୦ ଜାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ ।
- ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ଜିଓଲାଇଟ୍ ବ୍ୟବହାର କରନ୍ତୁ ।
- ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ । **ଜୀବାଣୁଜନିତ ରୋଗ :** ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ ।
- ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ଦୁଇରୁ ତିନିଦିନ କରିବେ ।
- ପଚା ଘାସ ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।



ପ୍ରଥମ ପୃଷ୍ଠାରୁ...



ହାତୀ ଯଶୋଦା ପିଠିରେ ବସି ବିଶେଷଜ୍ଞମାନେ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ୍ ପାଇଁ ଯାଉଛନ୍ତି ।

## କାବୁ ହେଲା ...

ରବିବାରଠାରୁ ଯଶୋଦା ପିଠିରେ ମକ୍‌ଡ୍ରିଲ ପରେ ଅପରେଶନ ସୁନ୍ଦରୀକୁ ଯେପରି ବଳ ମିଳିଯାଇଥିଲା । ଶେଷରେ ମଙ୍ଗଳବାର ଟିକରପଡ଼ା ରେଞ୍ଜ ସାତକୋଶିଆ ଗଣ୍ଡ ମଝିପଡ଼ା ରିଜର୍ଭ ଫରେଷ୍ଟ ଚମେଶ୍ୱର ଶୈବ ପୀଠ ନିକଟରେ ବିଶେଷଜ୍ଞ ଟିମ୍‌କୁ ସଫଳତା ମିଳିଥିଲା । ସୋମବାର ରାତିରୁ ସୁନ୍ଦରୀ ଟିକରପଡ଼ା ସାତକୋଶିଆ ଗଣ୍ଡ ଅଞ୍ଚଳରେ ଥିବା ଜଣାପଡ଼ିବା ପରେ ସମତଳ ଅଞ୍ଚଳ ହୋଇଥିବାରୁ ଏହା ହିଁ ଟ୍ରାଙ୍କୁଲାଇଜ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଧରି ନିଆଯାଇଥିଲା । ତଦନୁଯାୟୀ ଅଭିଯାନରେ ସାମିଲ ବନ କର୍ମଚାରୀମାନେ ରାତିରୁ ନିଆଁ ଜାଳି ସୁନ୍ଦରୀକୁ ଏକପ୍ରକାର ଘେରାବନ୍ଦୀରେ ରଖିବାକୁ ସକ୍ଷମ ହୋଇଥିଲେ । ଏଥିସହ ଜଙ୍ଗଲ ମଧ୍ୟରେ ମଇଁଷି ଥୋପ ମଧ୍ୟ ଦିଆଯାଇଥିଲା । ଫଳରେ ରାତିରେ ବାଘୁଣୀ ମଇଁଷିକୁ ଅଧା ଖାଇଥିଲା । ତେଣୁ ପୁଣି ଥରେ ସେଠାକୁ ଆସିବ ବୋଲି ଜାଣି ସକାଳ ୯ଟାରୁ ହାତୀ ଉପରେ ସାତକୋଶିଆ ଟିମ୍‌ର ଡା. କିଶୋର କୁମାର ସାହୁ, ଡବ୍ଲ୍ୟୁଆଇଆଇ ଟିମ୍‌ର ଡ. ସ୍ୱରୂପ ଟ୍ରାଙ୍କୁଲାଇଜ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ । କିନ୍ତୁ ସଫଳତା ନ ମିଳିବାରୁ ପୁନର୍ବାର ପ୍ରସ୍ତୁତି କରିଥିଲେ ବି ବିଫଳ ହୋଇଥିଲେ । ତୃତୀୟ ଥରରେ ହାତୀ ଉପରେ ବସି ପୂର୍ବାହ୍ନ ୧୦ଟା ୧୫ରେ ଡା. କିଶୋର ସାହୁ ମାତ୍ର ୧୫ ଫୁଟ ଦୂରରୁ ଟ୍ରାଙ୍କୁଲାଇଜ କରିଥିଲେ । ଏହାର ମାତ୍ର ୫ ମିନିଟ୍ ପରେ ଶହେ ମିଟର ଦୂରରେ ବାଘୁଣୀକୁ ଠାବ କରାଯାଇ ଡବ୍ଲ୍ୟୁଆଇଆଇ ଟିମ୍‌ର ରବି ଶଙ୍କର, ଗତିକୃଷ୍ଣ ବେହେରା, ନନ୍ଦନକାନନ ଡାକ୍ତର ଶରତ ସାହୁ, ଏସିଏଫ୍ ସରୋଜ କୁମାର ପଣ୍ଡା, ଟିକରପଡ଼ା ରେଞ୍ଜର ଜୟନ୍ତ ପଟ୍ଟନାୟକ, ସଦାନନ୍ଦ ଦାସ, ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋଙ୍କ ଉପସ୍ଥିତିରେ ମୁହଁରେ ସବୁଜ କପଡ଼ା ବନ୍ଧା ଯିବା ସହିତ ଅକ୍ସିଜେନ ଦିଆଯାଇଥିଲା । ଏଥିସହିତ ମେଶିନ ଦ୍ୱାରା ପାଣି ସିଞ୍ଚନ କରାଯାଇଥିଲା । ପରେ ଗାଡ଼ି ମଧ୍ୟରେ ଥିବା ଯନ୍ତାରେ ରଖାଯାଇ ୧୦ଟା ୪୫ରେ ମଝିପଡ଼ାରୁ ପୁରୁଣାକୋଟ ଥାନାକୁ ନିଆଯାଇଥିଲା । ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି, ଏସିଏଫ୍ ଶୁଭେନ୍ଦୁ ବେହେରା, ଆର୍.କେ. ସ୍ୱାଇଁ, ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଡ. ସୁଦର୍ଶନ ପଣ୍ଡା ସେଠାରେ ପହଞ୍ଚିବା ପରେ କଡ଼ା ସୁରକ୍ଷା ମଧ୍ୟରେ ଅପରାହ୍ନ ୨ଟାରେ ବାଘୁଣୀକୁ ନିଆଯାଇ ରାଇଗୁଡ଼ା ଏନ୍‌କ୍ଲୋଜର ମଧ୍ୟରେ ଛଡ଼ା ଯାଇଥିଲା ।

ଏ ସମ୍ପର୍କରେ ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଡ. ପଣ୍ଡା କହିଛନ୍ତି, ଅକ୍ଟୋବର ୨୩ରୁ ଟ୍ରାଙ୍କୁଲାଇଜ ଉଦ୍ୟମ ଚାଲିଥିଲା । ଗୁଡ଼ାଏ ଜାଗାରେ ଯନ୍ତା ବସାଯିବା ସହିତ କେତୋଟି ଟ୍ରାଙ୍କୁଲାଇଜିଂ ଟିମ୍ ମଧ୍ୟ କାର୍ଯ୍ୟରେ ଲାଗିଥିଲେ । ସାତକୋଶିଆ ଟିମ୍‌ର ଡା. କିଶୋର କୁମାର ସାହୁ ଏଥିରେ ସଫଳ ହୋଇଥିଲେ । ବାଘୁଣୀ ଏବେ ଏନକ୍ଲୋଜର ମଧ୍ୟରେ ସୁସ୍ଥ ଅଛି । ଆଗାମୀ ଦିନରେ ଏନ୍‌ଟିସିଏଙ୍କ ନିର୍ଦ୍ଦେଶ ଅନୁସାରେ ତା'ର ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ।

## ୬୨ ମାଓବାଦୀଙ୍କ...

ନାରାୟଣପୁର ଏସ୍‌ପି ଜିତେନ୍ଦ୍ର ଶୁକ୍ଳା କହିଛନ୍ତି, ୬୨ ମାଓବାଦୀ ବସ୍ତର ପୋଲିସ ଆଇଜି ବିବେକାନନ୍ଦ ସିହ୍ନା, ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଇଣ୍ଡୋ-ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ଅଧିକାରୀଙ୍କ ଆଗରେ ନାରାୟଣପୁର ଜିଲା ମୁଖ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି । ଅସ୍ତ୍ରତ୍ୟାଗ କରିଥିବା ଏହି ମାଓବାଦୀମାନେ ସଙ୍ଗଠନରେ 'ବିଚାରଧାରାର ଅଭାବ ଓ ହିଂସା'କୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଜେଡିଏସ୍-କଂଗ୍ରେସ ମେଣ୍ଟ ...

ମଧୁ ହେଉଛନ୍ତି କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ବଙ୍ଗାରାପ୍ପାଙ୍କ ପୁଅ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ସ୍ତ୍ରୀ ଅନୀତା ରାମନଗର ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି । ସେ ଭାଜପାର ଏଲ୍. ଚନ୍ଦ୍ରଶେଖରଙ୍କୁ ୧,୦୯,୧୩୭ ଭୋଟରେ ହରାଇଛନ୍ତି । ଜାମଖଣ୍ଡି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ନ୍ୟାମଗୌଡ଼ା ଭାଜପାର ଶ୍ରୀକାନ୍ତ କୁଲକର୍ନିଙ୍କୁ ୩୯,୪୮୦ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି ।

ସେହିପରି ବଲ୍ଲାରି ଲୋକ ସଭା ଆସନ ୨୦୦୪ରୁ ଭାଜପା (ବିବାଦୀୟ ଖଣି ବ୍ୟବସାୟୀ ରେଡ୍ଡୀ ଭ୍ରାତାଙ୍କ) ଦଖଲରେ ଥିଲା । ଏହି ଆସନରେ ଭାଜପା ନେତା ବି.ଶ୍ରୀରାମୁଲୁଙ୍କ ଭଉଣୀ ଜେ.ଶାନ୍ତାଙ୍କୁ କଂଗ୍ରେସର ଭି.ଏସ୍. ଉଗ୍ରପ୍ପା ୨.୪୩ ଲକ୍ଷ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି । ଶ୍ରୀରାମୁଲୁ ହେଉଛନ୍ତି ଜନାର୍ଦ୍ଦନ ରେଡ୍ଡୀଙ୍କ ଜଣେ ଘନିଷ୍ଠ ସହଯୋଗୀ । ଗତ ମେ'ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ବେଳେ ଭାଜପା ତାଙ୍କଠାରୁ ଦୂରେଇ ରହିଥିଲା । ଅନୁରୂପ ଭାବେ ମାଣ୍ଡ୍ୟା ଆସନରେ ଜେଡିଏସ୍ ପ୍ରାର୍ଥୀ ଏଲ୍.ଆର୍. ଶିବରାମେ ଗୌଡ଼ା ଭାଜପାର ସିଦ୍ଧାରାମାୟାଙ୍କୁ ୩,୨୪,୯୪୩ ଖଣ୍ଡ ଭୋଟରେ ହରାଇଛନ୍ତି । ଭୋକାଲିଙ୍ଗା ସମ୍ପ୍ରଦାୟର ଗଡ଼ ଭାବେ ପରିଚିତ ଏହି ଆସନରେ ଜେଡିଏସ୍ ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ପ୍ରଭାବ ରହିଛି । ମଙ୍ଗଳବାରର ବିଜୟ ପରେ ୨୨୪ ଆସନ ବିଶିଷ୍ଟ କର୍ଣାଟକ ବିଧାନସଭାରେ ଜେଡିଏସ୍-କଂଗ୍ରେସ ମେଣ୍ଟର ଆସନ ସଂଖ୍ୟା ୧୨୦ରେ ପହଞ୍ଚିଛି । ଅନ୍ୟପକ୍ଷରେ ଭାଜପା ବିଧାୟକଙ୍କ ସଂଖ୍ୟା ୧୦୪ରେ ସୀମିତ ରହିଛି ।

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ଭାଜପାର ସମାଲୋଚନା

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ରାଜ୍ୟ ସରକାର ଶିଳ୍ପ ସମୃଦ୍ଧିର ଆଶା ଦେଖାଇ ରାଜ୍ୟବାସୀଙ୍କୁ ନିରାଶ ଭିତରକୁ ଠେଲିବାକୁ ପ୍ରସ୍ତୁତ ହୋଇସାରିଲେଣି । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ସରକାର ମେକ୍ ଇନ୍ ବିଜେଡି ଏବଂ ବ୍ରେକ୍ ଇନ୍ ଓଡ଼ିଶାରେ ପରିଣତ କରିଛନ୍ତି । ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ବିଜୁଳି, ପାଣି, ଭିତ୍ତିଭୂମି ଓ କଞ୍ଚାମାଲର ଆବଶ୍ୟକତା ରହିଛି । ଏସବୁର ଅଭାବରେ ଶିଳ୍ପ ସମୃଦ୍ଧ ଅସମ୍ଭବ । ସେହିପରି ରାଜ୍ୟରେ ଶିଳ୍ପର ବିକାଶ ଦିଗରେ କମ୍ ମୂଲ୍ୟ ଓ ଉତ୍ତମ ମାନର ନିରନ୍ତର ବିଜୁଳି ବଡ ପ୍ରତିବନ୍ଧକ ବୋଲି କହି ରାଜ୍ୟ ସରକାରଙ୍କୁ ଭାଜପା ସମାଲୋଚନା କରିଛି । ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରାଜ୍ୟରେ ଶିଳ୍ପାୟନ ଓ ମେକ୍ ଇନ୍ ଓଡିଶାର ସଫଳତା ପାଇଁ ଉପଯୁକ୍ତ ବିଜୁଳି ବ୍ୟବସ୍ଥା କରାଯିବା ଦରକାର । ଏଥିପାଇଁ ସରକାର ବିଜୁଳିର ମୂଲ୍ୟ ଓ ଅନ୍ୟାନ୍ୟ ଦିଗପ୍ରତି ପ୍ରଥମେ ଗୁରୁତ୍ୱ ଦିଅନ୍ତୁ । ନିଜସ୍ୱ ଅମାପ କୋଇଲା ଓ ପ୍ରଚୁର ଜଳସମ୍ପଦ ଥିବା ସତ୍ତ୍ୱେ ରାଜ୍ୟରେ ବିଜୁଳି ଦର ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଅଧିକ ଅଛି । ଏଠାରେ ଶିଳ୍ପ ସଂସ୍ଥାଗୁଡିକୁ ୟୁନିଟ ପିଛା ୫ଟଙ୍କା ୭୦ପଇସା ଦେବାକୁ ପଡୁଥିବା ବେଳେ ଗୁଜରାଟରେ ୟୁନିଟ ପିଛା ମୂଲ୍ୟ ୪ଟଙ୍କା ୫୦ପଇସା ରହିଛି । ଆନ୍ଧ୍ରପ୍ରଦେଶ, ଗୁଜରାଟ ଭଳି ରାଜ୍ୟରେ ଅଣୁ ଓ କ୍ଷୁଦ୍ର ଶିଳ୍ପ ପାଇଁ ସରକାର ବିଶେଷ ରିହାତି ଦେଇ ଶସ୍ତାରେ ବିଜୁଳି ଦେଉଛନ୍ତି । ବିଗତ ୧୯ ବର୍ଷର ସ୍ଥିର ସରକାର ପରେ ମଧ୍ୟ ରାଜ୍ୟରେ ନିଜସ୍ୱ ବିଦ୍ୟୁତ ଉତ୍ପାଦନ ବଢିପାରିନାହିଁ । ଓଡିଶାରେ ବନ୍ଦ ହୋଇଯାଇଥିବା ଶିଳ୍ପ ସଂସ୍ଥାଗୁଡିକର ରେକର୍ଡକୁ ଦେଖିଲେ ସେମାନଙ୍କ ଉପରେ ପ୍ରଚୁର ମାତ୍ରାରେ ବକେୟା ବିଜୁଳି ବିଲ୍ ପଡିଛି । ଏହି ବାକିଥିବା ବିଜୁଳି ବିଲକୁ ଦେଖିଲେ ଲାଗୁଛି ବିଜୁଳିର ଅଧିକ ଦର ସେମାନଙ୍କର କାରଖାନା ବନ୍ଦ କରିବା ପଛରେ ଏକ ପ୍ରମୁଖ କାରଣ । ଇଚ୍ଛାଶକ୍ତିର ଅଭାବ କାରଣରୁ ବିଜୁଳି ଉତ୍ପାଦନ ବ୍ୟାହତ ହୋଇଛି । ରାଜ୍ୟର ଦ୍ରୁତ ବିକାଶ ପାଇଁ ତଥା ଚାଷୀର ଅର୍ଥନୀତିକୁ ମଜଭୁତ କରିବା ପାଇଁ କୃଷିଭିତ୍ତିକ ଶିଳ୍ପର ବିକାଶ ଅତ୍ୟନ୍ତ ଜରୁରୀ । ରାଜ୍ୟରେ ବିଦ୍ୟୁତ ଉତ୍ପାଦନ ବଢିବା ପାଇଁ କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ରାଜ୍ୟ ସରକାର ଭଣ୍ଡୁର କରୁଛନ୍ତି । ତାଳଚେରରେ ଟିଟିପିଏସ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଅନୁମତି ନ ଦେଇ ପକାଇ ରଖିଛନ୍ତି । ଏଥିପାଇଁ ସରକାର ରାଜ୍ୟର ଅସଲ ଶିଳ୍ପାୟନରେ ବାଧକ ସାଜିଥିବା ସ୍ପଷ୍ଟ ବୋଲି ଗୋଲକ କହିଛନ୍ତି ।

# ୧୦ରୁ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ

ସମ୍ବଲପୁର,୬।୧୧(ବ୍ୟୁରୋ)

ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ–୨୦୧୮ ଚଳିତ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ଅନୁଷ୍ଠିତ ହେବ । ଶ୍ରୀକଲଚରାଲ ଆସୋସିଏଶନ ଆୟୋଜିତ ଏହି ନାଟ୍ୟ ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ନାଟ୍ୟ ଦଳ ସାମିଲ ହେବେ । ଭୁବନେଶ୍ୱରର ବିଶିଷ୍ଟ ନାଟ୍ୟବିତ ଧୀରେନ୍ଦ୍ର ନାଥ ମଲ୍ଲିକ, ରାଉରକେଲାର କୈଳାଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଶ୍ରୀନାଟ୍ୟ ସମ୍ମାନ–୨୦୧୮ ପ୍ରଦାନ କରାଯିବ । ସେହିପରି ସମ୍ବଲପୁରୀ ନାଟକ ଲାଲ ପାଏନ୍‌ର ନାଟ୍ୟକାର (ବେଲ୍‌ପାହାଡ) ଓ ନାଟ୍ୟ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନ ପହିଲ୍ ପରଶ୍ ନାଟ୍ୟ ସମ୍ମାନରେ ସମ୍ମାନିତ ହେବେ ।

ମଙ୍ଗଳବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଅନୁଷ୍ଠାନର ସଭାପତି ସତ୍ୟରଞ୍ଜନ ବେହେରା ଏହି ସୂଚନା ଦେଇଛନ୍ତି । ସେ କହିଥିଲେ ଯେ, ସମ୍ପ୍ରତି ନାଟ୍ୟ ମାନଚିତ୍ରରେ ସମ୍ବଲପୁର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତେବେ କାଗଜ କଲମରେ ଏହା ଲିପିବଦ୍ଧ ହୋଇନାହିଁ । ଏହି ଜାତୀୟ ନାଟ୍ୟ ଉତ୍ସବ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୟ ରାଜ୍ୟର କଳାକାରମାନେ ସମ୍ବଲପୁରୀ ନାଟକ ବିଷୟରେ ଜାଣିପାରିବେ । ଏଥିସହ ସାଂସ୍କୃତିକ ବିନିମୟ ହେବ । ୧୦ ତାରିଖ ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରବୀର ଗୁହାରଙ୍କ ରଚିତ ଓ ଶୁଭାଦୀପ ଗୁହାଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ ଲଙ୍ଗମାର୍ଚ୍ଚକୁ କୋଲକତାର ଅଲ୍‌ଟରନେଟିଭ୍ ଲିଭିଂ ଥିଏଟର କଳାକାରମାନେ ମଞ୍ଚସ୍ଥ କରିବେ । ସେହିପରି ୧୧ରେ ହିଲ୍ଲୋଳ ପାଠକଙ୍କ ରଚିତ ଓ ଗୁଣାକର ଦେବ ଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ଅହମିଆ ଭାଷାର ନାଟକ ଏକଲବ୍ୟ, ୧୨ରେ ଜେଏନ୍ କୌଶଲଙ୍କ ରଚିତ ଓ ରଜନୀଶ କୁମାରଙ୍କ ନିର୍ଦ୍ଦେଶିତ ହିନ୍ଦୀ ଭାଷା ନାଟକ ମେନ୍ ୱିତ୍ ଆଉଟ୍ ସେଡୋସ୍, ୧୩ରେ ଡ. ସୁଧାଂଶୁ ନାୟକଙ୍କ ରଚିତ ଓ ମନୋଜ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ ପାଷାଣ୍ଡ ପାଳଭୁତ, ୧୪ରେ ଆୟୋଜକ ଅନୁଷ୍ଠାନ କଳାକାରମାନେ ଆଶୀଷ ସୋନାରଙ୍କ ରଚିତ ଓ ଏସଏନ ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ସିମ୍‌ନା କାଁଥି ମଞ୍ଚସ୍ଥ ହେବ । ଏହି ଅବସରରେ ଶ୍ରୀରଙ୍ଗ ସମାଗମ ସ୍ମରଣିକା ଉନ୍ମୋଚନ କରାଯିବ । ମହୋତ୍ସବର ଦ୍ୱିତୀୟ ଦିବସ ପୂର୍ବାହ୍ନ ସାଢ଼େ ୧୦ଟାରେ ଆମେ ନାଟକ କାହିଁକି ଦେଖିବା ଶୀର୍ଷକ ଆଲୋଚନା ଚକ୍ର ହେବ । ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ନବୀନ ଓ ପ୍ରବୀଣ ନାଟ୍ୟ କଳାକାର ସାମିଲ ହେବେ ବୋଲି ସଭାପତି ବେହେରା ଜଣାଇଛନ୍ତି । ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ଡ. ଶ୍ୟାମସୁନ୍ଦର ଧର, ସୁଶାନ୍ତ ପୁରୋହିତ, ପ୍ରଫୁଲ୍ଲ କୁମାର ହୋତା ଉତ୍ସବ ବିଷୟରେ କହିଥିଲେ । ରାଜା ଏସ୍ ବଡ଼ପଣ୍ଡା, ସୋମ୍ୟଜିତ ବଡ଼ପଣ୍ଡା, ସୁଭେନ୍ଦ୍ର ନନ୍ଦ, ହିମାଂଶୁ ମହାନ୍ତି, ଦିଲୀପ ପ୍ରଧାନ ଉପସ୍ଥିତ ରହିଥିଲେ ।

**■ ଶ୍ରୀନାଟ୍ୟ ସମ୍ମାନରେ ସମ୍ମାନିତ ହେବେ ଧୀରେନ୍ଦ୍ର ନାଥ, କୈଳାଶ ଚନ୍ଦ୍ର**



ପ୍ରଧାନମନ୍ତ୍ରୀ ଉର୍ଜାଗଙ୍ଗା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ଆଗାମୀ ଦୁଇ ମାସ ମଧ୍ୟରେ କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।
–ବି.ସି ତ୍ରିପାଠୀ, ଗେଲ୍ ଅଧ୍ୟକ୍ଷ



ଚାଇନା ବଜାରକୁ କୃଷିଜାତ ସାମଗ୍ରୀ, ଆଇଟି ଏବଂ ଫାର୍ମା ପ୍ରଡକ୍ଟ ରପ୍ତାନି ବୃଦ୍ଧି ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି।
–ଅନୁପ ୱାଧୱାନ, ବାଣିଜ୍ୟ ସଚିବ

## ସଂକ୍ଷେପରେ

### ପିଏନ୍‌ବି ଦୁର୍ନୀତି: ଚୋକ୍‌ସୀଙ୍କ ସହଯୋଗୀ କୁଲକର୍ଣ୍ଣୀ ଗିରଫ

ନୂଆଦିଲ୍ଲୀ,୬-୧୧: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅନ୍ୟତମ ଅପରାଧି ମେହୁଲ ଚୋକ୍‌ସୀଙ୍କ ଘନିଷ୍ଠ ସହଯୋଗୀ ଦୀପକ କୁଲକର୍ଣ୍ଣୀଙ୍କୁ ମଙ୍ଗଳବାର ଗିରଫ କରିଛି। ହଂକଂରୁ ସେ ଭାରତ ପହଞ୍ଚିବା ମାତ୍ରେ ତାଙ୍କୁ କୋଲକାତାରୁ ଗିରଫ କରାଯାଇଛି। ସେ ହଂକଂରେ ଚୋକ୍‌ସୀଙ୍କ କମ୍ପାନୀରେ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ପିଏମ୍‌ଏଲ୍‌ଏ ଆଇନ ଅଧୀନରେ କୁଲକର୍ଣ୍ଣୀଙ୍କୁ ଗିରଫ କରାଯିବା ପରେ ତାଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯାଇଥିଲା। ଅଦାଲତ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ମୁମ୍ବାଇ ନିଆଯାଇ ସେଠାର ପିଏମ୍‌ଏଲ୍‌ଏ ଅଦାଲତରେ ହାଜର କରାଯିବ। ସୂଚନାଥାଉ କି, ଚୋକ୍‌ସୀ ଓ ହୀରା ବ୍ୟବସାୟୀ ନୀରବ ମୋଦି ଓ ଅନ୍ୟମାନଙ୍କ ବିରୋଧରେ ଇଡି ମାମଲା ଦାଏର କରିଛି। କୁଲକର୍ଣ୍ଣୀଙ୍କ ବିରୋଧରେ ଇଡି ପକ୍ଷରୁ ଲୁକ୍ ଆଉଟ ସର୍କୁଲାର ଜାରି କରାଯାଇଥିଲା।
ନୀରବଙ୍କ ଦୁବାଇ ସମ୍ପତ୍ତି ଜବତ ହେବ
ପିଏନ୍‌ବି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦି ଏବେ ଫେରାର ଥିବା ବେଳେ ଦୁବାଇରେ ଥିବା କମ୍ପାନୀ ତାଙ୍କର ବ୍ୟକ୍ତିଗତ ଓ କମ୍ପାନୀ ଫାୟାରଷ୍ଟାରର ୫୬.୮୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୟୁନାଇଟେଡ ଆରବ ଏମିରେଟ୍‌କୁ ମଙ୍ଗଳବାର ଚିଠି ଲେଖିଛି। ଅଦ୍ୟାବଧି ନୀରବଙ୍କ ୪୮୦୦ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରାଯାଇସାରିଛି।

■ଭିଡିଓକନ ଋଣ ମାମଲା
### ଚନ୍ଦାଙ୍କୁ ସମର୍ଥନ ଦେଲା ଆଇସିଆଇସିଆଇ



ନୂଆଦିଲ୍ଲୀ,୬-୧୧: ଭିଡିଓକନକୁ ଋଣ ପ୍ରଦାନ ମାମଲାରେ ଛନ୍ଦି ହୋଇଥିବା ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ ଚନ୍ଦା କୋଚରଙ୍କୁ ବ୍ୟାଙ୍କ ସମର୍ଥନ କରିଛି। ଏହି ମାମଲାରେ ବ୍ୟାଙ୍କ ପକ୍ଷରୁ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି)କୁ ଜବାବ ଦିଆଯାଇ କୁହାଯାଇଛି ଯେ, ଉକ୍ତ ଋଣ ପ୍ରଦାନ ସଂକ୍ରାନ୍ତରେ କୌଣସି ଆଚାର ସଂହିତାର ଉଲ୍ଲଂଘନ ହୋଇନାହିଁ। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଆଇସିଆଇସିଆଇ ବ୍ୟାଙ୍କର ଶୀର୍ଷ ଅଧିକାରୀ ଓ ଏହାର ଓକିଲ ବ୍ୟକ୍ତିଗତ ଶୁଣାଣି ଲାଗି ଅକ୍ଟୋବର ୧୬ରେ ସେବି ସମ୍ମୁଖରେ ହାଜର ହୋଇଥିଲେ। ନିଜ ଉପରେ ଲାଗିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ଋଣ ପ୍ରଦାନ ମାମଲାରେ ଚନ୍ଦା ଷ୍ଟକ୍ ଏକ୍ସଚେଞ୍ଜକୁ ସମସ୍ତ ତଥ୍ୟ ଦେଇସାରିଛନ୍ତି। ବ୍ୟାଙ୍କର ଆଚାର ସଂହିତାର ଉଲ୍ଲଂଘନ ହୋଇନି ବୋଲି କୁହାଯାଇଛି। ଆଚାର ସଂହିତା ଅନୁଯାୟୀ ବ୍ୟାଙ୍କର କୌଣସି କର୍ମଚାରୀଙ୍କ ପରିବାରବର୍ଗ କୌଣସି ନିବେଶ କରିଥିଲେ ତାହା ବ୍ୟାଙ୍କକୁ ଜଣାଇବା ବାଧ୍ୟତାମୂଳକ ନୁହେଁ। ଚନ୍ଦା ଏ ସମ୍ପର୍କରେ ଜଣାଇବା ପାଇଁ ବାଧ୍ୟ ନଥିଲେ। ଭିଡିଓକନ ଓ ଚନ୍ଦାଙ୍କ ସ୍ୱାମୀ ଦୀପକ କୋଚରଙ୍କ ନ୍ୟୁପାୱାର ରିନ୍ୟୁଏବଲ୍ସ ମଧ୍ୟରେ ଆର୍ଥିକ କାରବାର ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ବୋଲି ଅଭିଯୋଗ କରି ସେବି ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

■ଏସ୍‌ବିଆଇ ଠକେଇ ମାମଲା
### ହର୍ଷଦ ମେହଟ୍ଟାଙ୍କ ଭାଇ ସମେତ ୯ ଅଭିଯୁକ୍ତ ଖଲାସ

ନୂଆଦିଲ୍ଲୀ,୬-୧୧: ହର୍ଷଦ ମେହେଟ୍ଟା ଶେୟାର ଦୁର୍ନୀତି ମାମଲାରେ ମୁମ୍ବାଇର ଏକ ଅଦାଲତ ହର୍ଷଦଙ୍କ ଭାଇ ଅଶ୍ୱିନ ମେହଟ୍ଟାଙ୍କ ସମେତ ୯ ଜଣ ଅଭିଯୁକ୍ତଙ୍କୁ ଖଲାସ କରିଦେଇଛନ୍ତି। ସେମାନଙ୍କ ବିରୋଧରେ ୧୯୯୨ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ରୁ ୧୦୫ କୋଟି ଟଙ୍କା ଠକେଇ ଅଭିଯୋଗ ଅଣାଯାଇଥିଲା। ସ୍ୱତନ୍ତ୍ର ବିଚାରପତି ଶାଳିନୀ ଫନ୍ସାଲକର ଯୋଶୀ ତାଙ୍କ ରାୟରେ କହିଛନ୍ତି ଯେ, ସରକାର ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କିଛି ବି ପ୍ରମାଣ କରିପାରିନାହାନ୍ତି। ଅଶ୍ୱିନଙ୍କ ବ୍ୟତୀତ ଏସ୍‌ବିଆଇର ପ୍ରତିଭୂତି ବିଭାଗର ଅଧିକାରୀ ରାମ ସିତାରମଣ, ଭୁଷଣ ରାଉତ, ସି.ରବିକୁମାର, ଏସ୍.ସୁରେଶ ବାବୁ, ପି.ମୁରଲୀଧରନ, ଅଶୋକ ଅଗ୍ରୱାଲ, ଜନାର୍ଦ୍ଦନ ବନ୍ଦୋପାଧ୍ୟାୟ ଏବଂ ଶ୍ୟାମ ସୁନ୍ଦର ଗୁପ୍ତା ଦୋଷମୁକ୍ତ ହୋଇଛନ୍ତି। ଉଲ୍ଲେଖଥାଉ କି, ହର୍ଷଦ ମେହେଟ୍ଟାଙ୍କ ମୃତ୍ୟୁ ପରେ ୨୦୦୧ରେ ତାଙ୍କ ବିରୋଧରେ ଆଗତ ସମସ୍ତ ମାମଲାକୁ ବନ୍ଦ କରି ଦିଆଯାଇଥିଲା।

# ଉର୍ଜିତଙ୍କ ଇସ୍ତଫାକୁ କେନ୍ଦ୍ରର ଭୟ ନାହିଁ



ନୂଆଦିଲ୍ଲୀ,୬-୧୧

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୈଠକକୁ ଅସ୍ତ୍ର କରି କେନ୍ଦ୍ର ସରକାର ଗଭର୍ନର ଉର୍ଜିତ ପଟେଲଙ୍କ ଉପରେ ଚାପ ପକାଇବାକୁ ସମସ୍ତ ପ୍ରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଋଣ ପ୍ରଦାନ ସର୍ତ୍ତକୁ କୋହଳ ସହିତ ବଳକା ଅର୍ଥ ପ୍ରଦାନ କରିବାକୁ ନେଇ କେନ୍ଦ୍ର ସରକାର ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆସନ୍ତା ୧୯ ତାରିଖରେ ଆହୂତ ବୋର୍ଡ ବୈଠକ ଶକ୍ତି ପ୍ରଦର୍ଶନର ଏକ କ୍ଷେତ୍ର ହେବାକୁ ଯାଉଛି। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ସରକାର ତାଙ୍କ ଜିଦ୍ ପୂରଣ କରିବାକୁ ବଦ୍ଧ ପରିକର। ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲ ଏଥିରେ ରାଜି ନ ହେଲେ ସେ ଇସ୍ତଫା ଦେଇପାରନ୍ତି। ସରକାରଙ୍କୁ ଏହାର ଭୟ ନାହିଁ। ଉଲ୍ଲେଖଥାଉ କି, ଆର୍‌ବିଆଇର ସ୍ୱାୟତ୍ତତାକୁ କେନ୍ଦ୍ର ସରକାର ସମ୍ମାନ ଦିଅନ୍ତି ବୋଲି ଗତ ସପ୍ତାହରେ ଏକ ବିବୃତି ଜାରି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସାଲିସ୍ ପାଇଁ ବାଟ ଦେଖାଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସରକାରଙ୍କ ଦାବି ପୂରଣ ଲାଗି ସେଭଳି କୌଣସି ପଦକ୍ଷେପ ଘୋଷଣା କରାଯାଇନି। ଫଳରେ ସରକାର ଏବେ ଅସହିଷ୍ଣୁ ହୋଇପଡ଼ିଛନ୍ତି। ଆସନ୍ତା ବୋର୍ଡ ବୈଠକରେ ସରକାର ପରୋକ୍ଷରେ ଗଭର୍ନରଙ୍କ ଉପରେ ଚାପ ପକାଇବେ। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ବୋର୍ଡର ଅଧିକାଂଶ ନିର୍ଦ୍ଦେଶକ ସରକାରଙ୍କ ପଦକ୍ଷେପକୁ ସମର୍ଥନ କରୁଛନ୍ତି। ସେ କହିଛନ୍ତି ଯେ, ଗଭର୍ନର ସରକାରଙ୍କ ପ୍ରାଥମିକତାକୁ ସମ୍ମାନ ଦିଅନ୍ତୁ ଏବଂ ବୋର୍ଡରେ ଏହା ଉପରେ ଆଲୋଚନା କରନ୍ତୁ। ତଦନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କ ନିଷ୍ପତ୍ତି ନିଅନ୍ତୁ। ତେବେ ନିବେଶକ ଏବଂ ବ୍ୟବସାୟୀ ଗୋଷ୍ଠୀ ବିବାଦକୁ ନେଇ ସରକାରଙ୍କୁ ଚେତାଇଛନ୍ତି। ଦେଶର ଏକ ବୃହତ ଆର୍ଥିକ ସହାୟତା ପ୍ରଦାନ କରୁଥିବା କମ୍ପାନୀ ସୁଧ ପରିଶୋଧ କରିପାରୁ ନ ଥିବା ବେଳେ ପଟେଲଙ୍କ ଇସ୍ତଫା ଦୁର୍ବଳ ହୋଇପଡ଼ିଥିବା ଅର୍ଥନୀତିକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେବ ବୋଲି ସେମାନେ ସତର୍କ କରିଛନ୍ତି। ସରକାରଙ୍କ ଦାବିକୁ ପଟେଲ ଓ ତାଙ୍କ ସହଯୋଗୀମାନେ କ୍ରମାଗତ ଅଣଦେଖା କରିବାକୁ ନେଇ ସରକାର ବିତସ୍ପୃହ ହୋଇପଡ଼ିଛନ୍ତି ବୋଲି ଅଧିକାରୀ ଜଣକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବୋର୍ଡର ଜଣେ ସଦସ୍ୟ କହିଛନ୍ତି ଯେ, ଦେଶର ଅର୍ଥନୀତିକୁ ରକ୍ଷା କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ। ଉର୍ଜିତ ଓ ତାଙ୍କ ଟିମ୍ ନିଜର ନିଷ୍ପତ୍ତି ସମ୍ପର୍କରେ ବୋର୍ଡକୁ ବୁଝାଇବା ସହ ଏହାର କାରଣ ଓ ଆବଶ୍ୟକତା ଜଣାଇବାକୁ ବାଧ୍ୟ ହେବେ। ସେମାନଙ୍କୁ ଏଥିପାଇଁ ବାଧ୍ୟ କରାଯିବ ବୋଲି ସେ କହିଛନ୍ତି। ତେବେ ଆଇନ ଦୃଷ୍ଟିରୁ ବୋର୍ଡର ମତାମତ ଶୁଣିବାକୁ ଗଭର୍ନର ବାଧ୍ୟ ନୁହନ୍ତି। ପଦକ୍ଷେପ ନେବା ଓ ନୀତି ନିର୍ଦ୍ଧାରଣ କରିବା ପାଇଁ ବୋର୍ଡ ସ୍ୱାଧୀନ। ତେବେ କେନ୍ଦ୍ର ସରକାର ଧାରା ୭କୁ ସମ୍ପୂର୍ଣ୍ଣ ରୂପେ ଲାଗୁ କଲେ ପରିସ୍ଥିତି ବଦଳିଯିବ। ଏହି ବୈଠକରେ ଯଦି ସରକାର ନିଜ ଜିଦ୍‌ରେ ଅଟଳ ରହିବେ ତେବେ ସଙ୍କଟ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସୂଚନାଥାଉ କି, ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଅଧିକ ନଗଦ ଯୋଗାଇ ଦେବାକୁ ନେଇ ଆର୍‌ବିଆଇ ଓ ସରକାର ପୂର୍ବର ବୋର୍ଡ ବୈଠକରେ ମୁହାଁମୁହିଁ ହୋଇଥିଲେ। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଏମ୍‌ଏସ୍‌ଏମ୍‌ଇଙ୍କ ପାଇଁ ଋଣ ବ୍ୟବସ୍ଥା ଘୋଷଣା କରି କେନ୍ଦ୍ରୀୟ ବ୍ୟାଙ୍କକୁ କୋଣଠେସା କରିସାରିଲେଣି। ଏହାଛଡା ଏନ୍‌ବିଏଫ୍‌ସିଙ୍କ ନଗଦ ସଙ୍କଟ ଦୂର କରିବା ଲାଗି ରିଜର୍ଭ ବ୍ୟାଙ୍କ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରୁ ବୋଲି ସରକାର ଚାହୁଁଛନ୍ତି। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କ ଏଥିରେ ଅମଙ୍ଗ। ଏହାବାଦ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପାଇଁ ପ୍ରମ୍ପଟ କରେକ୍ସନ ଆକ୍ସନ(ପିସିଏ)କୁ କୋହଳ କରିବା ଲାଗି ସରକାର ଚାହୁଁଛନ୍ତି। ତେବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସଜାଡ଼ିବା ଲାଗି ଆର୍‌ବିଆଇ ଅଧିକ କ୍ଷମତା ମାଗି କେନ୍ଦ୍ର ସରକାରଙ୍କୁ ଅସନ୍ତୁଷ୍ଟ କରିଛି। ବିଭିନ୍ନ ସେକ୍ଟରଠାରୁ ଆର୍‌ବିଆଇ ଦୂରେଇ ଯାଇଥିବାରୁ ଅର୍ଥନୀତିର ବାସ୍ତବିକତା କେନ୍ଦ୍ରୀୟ ବ୍ୟାଙ୍କ ଜାଣିପାରୁନି ବୋଲି ସରକାର ଅଭିଯୋଗ କରିଛନ୍ତି। ଏହି କାରଣରୁ ସରକାରଙ୍କୁ ସେକ୍ଟର ଭିତ୍ତିରେ ନିଷ୍ପତ୍ତି ନେବାକୁ ପଡ଼ୁଛି। ଯାହା ଆର୍‌ବିଆଇ କରିବା କଥା। ଏହାଛଡା କେନ୍ଦ୍ରର ନିର୍ଦ୍ଦେଶକୁ ଉର୍ଜିତ କ୍ରମାଗତ ଅଣଦେଖା କରୁଥିବାରୁ ସରକାରଙ୍କୁ ଏହା ଉତ୍‌କ୍ଷିପ୍ତ କରିଛି।

### ଜିଦ୍‌ରେ ଅଟଳ ସରକାର

- ■୧୯ ଆର୍‌ବିଆଇ ବୋର୍ଡ ବୈଠକରେ ବହିବ ଝଡ଼
- ■ବୋର୍ଡ ଜରିଆରେ ଚାପ ପକାଇବେ ସରକାର
- ■ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଓ ଏନ୍‌ବିଏଫ୍‌ସିକୁ ପ୍ରସଙ୍ଗରେ ବଢ଼ିପାରେ ମତଭେଦ
- ■ସରକାର ଚାହୁଁଛନ୍ତି ପିସିଏ କୋହଳ ହେଉ

### ଅବ୍ୟବସ୍ଥା ଠିକ୍ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଦରକାର ୩.୬ଲକ୍ଷ କୋଟି: ରାହୁଲ



ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ରର ବିବାଦ ଏବଂ ଆର୍ଥିକ ଅବ୍ୟବସ୍ଥାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟୁଇଟ୍ ଜରିଆରେ ସମାଲୋଚନା କରିଛନ୍ତି। ସେ ତାଙ୍କ ଟୁଇଟ୍‌ରେ କହିଛନ୍ତି ଯେ, ଭୁଲ୍ ନୀତି ଯୋଗୁ ଅବ୍ୟବସ୍ଥିତ ହୋଇପଡ଼ିଥିବା ଅର୍ଥନୀତିକୁ ସୁଧାରିବା ଲାଗି ପ୍ରଧାନମନ୍ତ୍ରୀ ଏବେ ରିଜର୍ଭ ବ୍ୟାଙ୍କଠାରୁ ୩.୬ ଲକ୍ଷ କୋଟି ଟଙ୍କା ଚାହୁଁଛନ୍ତି। ସୂଚନାଥାଉ କି, ଉକ୍ତ ପରିମାଣ ଟଙ୍କା ଦେବାକୁ କେନ୍ଦ୍ର ସରକାର ଆର୍‌ବିଆଇ ଉପରେ ଚାପ ପକାଉଛନ୍ତି ବୋଲି ମିଡିଆ ରିପୋର୍ଟ ପ୍ରକାଶ ପାଇଛି। ଏହା ଉପରେ କଂଗ୍ରେସ ଅଧ୍ୟକ୍ଷ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଉର୍ଜିତ ପଟେଲ ଦୃଢ଼ତାର ସହ ସମ୍ମୁଖୀନ ହୁଅନ୍ତୁ ଏବଂ ଦେଶକୁ ରକ୍ଷା କରନ୍ତୁ ବୋଲି ରାହୁଲ ତାଙ୍କୁ ପରାମର୍ଶ ଦେଇଛନ୍ତି।

### ଆର୍‌ବିଆଇ ସରକାରଙ୍କ ସିଟ୍ ବେଲ୍ଟ: ରାଜନ



କେନ୍ଦ୍ର ସରକାରଙ୍କ ସହ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବିବାଦ ଆରମ୍ଭ ହୋଇଛି। ଏହାକୁ ଦେଖି ପୂର୍ବତନ ଗଭର୍ନର ରଘୁରାମ ରାଜନ ଆର୍‌ବିଆଇକୁ ଶାନ୍ତ ଅଥଚ ସ୍ଥିର ରହିବାକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ନଭଜ୍ୟୋତ୍ ସିଂ ସିଦ୍ଧୁଙ୍କ ଭଳି ବୟାନ ଦେବା ବଦଳରେ ରାହୁଲ ଦ୍ରାବିଡ଼ଙ୍କ ଷ୍ଟାଇଲରେ କାମ କରୁ ବୋଲି ସେ କହିଛନ୍ତି। ଆର୍‌ବିଆଇ ସରକାରଙ୍କ ସିଟ୍ ବେଲ୍ଟ। ଏହାକୁ କିପରି ବ୍ୟବହାର କରିବେ ତାହା ସରକାରଙ୍କ ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି। ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତା, ଆର୍ଥିକ ସ୍ଥିରତା, ଆର୍‌ବିଆଇର ନା କହିବାର ଅଧିକାର, ଦୁର୍ନୀତି, ଜାଲିଆତି ଓ ଠକେଇ ରୋକିବା ନେଇ ଆଇନକୁ ଦୃଢ଼ତାର ସହ ଲାଗୁ ଭଳି ପ୍ରମୁଖ ବିଷୟରେ ରାଜନ ମତ ରଖିଛନ୍ତି।

## ଟାଟା ମୋଟର୍ସ ପକ୍ଷରୁ ତିନ୍‌କା ତ୍ୟୋହାର

ଭୁବନେଶ୍ୱର,୬-୧୧

ଟାଟା ମୋଟର୍ସ ପକ୍ଷରୁ 'ତିନ୍ କା ତ୍ୟୋହାର' ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କ୍ଷୁଦ୍ର ବାଣିଜ୍ୟିକ ଯାନ ଏସ୍‌ର ସଫଳତା ପରେ କମ୍ପାନୀ ଏହି ଅଭିଯାନ ଆରମ୍ଭ କରିଛି। ଏହି ବର୍ଗରେ ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷରୁ ଅଧିକ ୟୁନିଟ ଯାନ କମ୍ପାନୀ ବିକ୍ରି କରିଛି। ଏହି ଉପଲକ୍ଷେ କମ୍ପାନୀ ୩ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହାଦ୍ୱାରା ଟାଟାର କ୍ଷୁଦ୍ର ବାଣିଜ୍ୟିକ ଯାନ କ୍ରୟରେ ଗ୍ରାହକମାନେ ଗୋଲ୍ଡ କଏନ,ବ୍ୟକ୍ତିଗତ ବୀମା, ଆକର୍ଷଣୀୟ ଗ୍ରାହକ ସ୍କିମ୍ ପାଇପାରିବେ। ୨୦୦୫ରେ ଟାଟା ଏସ୍ ବଜାରକୁ ଆସିବା ପରେ ଏହା ପରିବହନ ଏବଂ ଲଜିଷ୍ଟିକ ଶିଳ୍ପରେ ଏକ ବିପ୍ଳବ ସୃଷ୍ଟି କରିଛି ବୋଲି କମ୍ପାନୀର ସେଲସ ମାର୍କେଟିଂ ମୁଖ୍ୟ ଆର୍.ଟି. ୱାସନ ସୂଚନା ଦେଇଛନ୍ତି।

## ଟାଇଟନର ଉତ୍ସବ ୱାଚ୍ କଲେକ୍ସନ

ଭୁବନେଶ୍ୱର,୬-୧୧

ଟାଇଟାନ ପକ୍ଷରୁ ଉତ୍ସବ ୱାଚ୍ କଲେକ୍ସନ ବଜାରକୁ ଆସିଛି। ପୁରୁଷ ଏବଂ ମହିଳାଙ୍କ ଲାଗି ଦୁଇଟି କଲେକ୍ସନ ଶୁଭାରମ୍ଭ ହୋଇଛି। ଟାଇଟାନ ଗ୍ରାଣ୍ଡ ମାଷ୍ଟର ଏବଂ ରାଗା ଆଇଆମ୍ ଭଳି ମଡେଲ ଦ୍ୱାରା ଗ୍ରାହକ ଆକର୍ଷକ ଡିଜାଇନ ଓ ପ୍ରକୃତିର ସୌନ୍ଦର୍ଯ୍ୟ ଲାଭ କରିପାରିବେ। ମଡେଲଗୁଡ଼ିକରେ ରହିଛି ଆସିମେଟ୍ରିକ ଡାଏଲ, ଆକର୍ଷଣୀୟ ଗ୍ଲସି, ବିଟେନ, ସାଟିନ ଓ ବ୍ରସଡ ମେଟାଲ ଫିନିସ। ଏହି କଲେକ୍ସନଗୁଡ଼ିକ ୪,୯୪୫ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କୁ ଡିଜାଇନ, ସ୍ୱତନ୍ତ୍ରତା ପ୍ରଦାନ ଲାଗି ଏଭଳି ମଡେଲ ବଜାରକୁ ଆସିଥିବା କମ୍ପାନୀର ୱାଚେସ ଏବଂ ଆସେସୋରିଜ ଡିଭିଜନ ମୁଖ୍ୟ ମାର୍କେଟିଂ ଅଧିକାରୀ ସୁପର୍ଣ୍ଣା ମିତ୍ରା ସୂଚନା ଦେଇଛନ୍ତି।

## ହୋଣ୍ଡା କାର୍‌ସର ଘରୋଇ ବଜାର ବିକ୍ରିରେ ଅଭିବୃଦ୍ଧି

ଭୁବନେଶ୍ୱର,୬-୧୧

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ ଅକ୍ଟୋବର ମାସରେ ଘରୋଇ ବଜାରରେ ୧୪,୨୩୩ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ଏହି ସମୟରେ କମ୍ପାନୀ ୪୪୦ ୟୁନିଟ ଯାନ ରପ୍ତାନି କରିଥିବା ସୂଚନା ଦେଇଛି। ଚଳିତବର୍ଷ ଏପ୍ରିଲ-ଅକ୍ଟୋବର ସମୟରେ କମ୍ପାନୀ ୧.୦୮ ଲକ୍ଷ ୟୁନିଟ୍ ଯାନ ବିକ୍ରି କରିବା ସହ ୩% ଅଭିବୃଦ୍ଧି ହାସଲ କରିଛି। ଗତବର୍ଷ ଏହି ସମୟରେ କମ୍ପାନୀର ବିକ୍ରି ୧.୦୫ ଲକ୍ଷ ରହିଥିଲା। ଆମେଜ ମଡେଲ ଏବଂ ନୂଆ ସି-ଆର୍‌ଭି ବିକ୍ରିରେ ଭଲ ପ୍ରଦର୍ଶନ କରୁଥିବା ହୋଣ୍ଡା କାର୍‌ସର ସେଲସ ଆଣ୍ଡ ମାର୍କେଟିଂ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ ସୂଚନା ଦେଇଛନ୍ତି।

## ପାତ୍ର ଇଲେକ୍‌ଟ୍ରୋନିକ୍ସରେ ଦୀପାବଳିର ଧନବର୍ଷା

PATRA Creating Better Lifestyles

ଭୁବନେଶ୍ୱର,୬-୧୧

ପ୍ରମୁଖ ଇଲେକଟ୍ରୋନିକ୍ସ ଶୋ'ରୁମ ପାତ୍ର ଇଲେକଟ୍ରୋନିକ୍ସ ପକ୍ଷରୁ ଧନତେରସ୍ ଏବଂ ଦୀପାବଳି ଉପଲକ୍ଷେ ରିହାତି ଘୋଷଣା କରାଯାଇଛି। ମାସିକ ମାତ୍ର ୫,୫୦୦ ଟଙ୍କା ଦେଇ ୫୫ ଇଞ୍ଚର ଏଲ୍‌ଇଡି ସହ ବଜାଜ ପଲସର ମୋଟର ସାଇକେଲ ନେବାର ସୁଯୋଗ ରହିଛି। ସେହିଭଳି ୪୩ ଇଞ୍ଚରୁ ଅଧିକ ଦାମ୍‌ର ଏଲ୍‌ଇଡି କ୍ରୟରେ ୩୦,୦୦୦ ଟଙ୍କାର ସୋଫା ଲାଭ କରିପାରିବେ। ୧.୫ ଟନ୍ ଏସି କ୍ରୟରେ ଡବଲ ବେଡ, ୩୪୩ ଲିଟର ଫ୍ରିଜ ଉପରେ ୱାର୍ଡରୋବ, ଅଟୋମେଟିକ ୱାଶିଂମେଶିନ ଉପରେ ମିନିବାର ଫ୍ରିଜ୍, ମାଇକ୍ରୋଓଭନ ଉପରେ ଗ୍ରାଇଣ୍ଡର ଉପଲବ୍ଧ ହେଉଛି। କ୍ରେଡିଟ କାର୍ଡ ଉପରେ ସୁବିଧାରେ ଫାଇନାନ୍ସ ମିଳୁଛି। ସହଜ କିସ୍ତି ଏବଂ ବିନା କୌଣସି ଡାଉନ୍‌ପେମେଣ୍ଟରେ ମୋବାଇଲ ଫୋନ ଏବଂ କ୍ୟାମେରା କ୍ରୟ ସୁବିଧା ରହିଛି। ଏହା ବାଦ ଏକ୍ସଚେଞ୍ଜ, ଲକି ଡ୍ର ବ୍ୟବସ୍ଥା ରହିଛି। ଅଫରଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ ଉପରେ ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

## ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଅଫର

ଭୁବନେଶ୍ୱର,୬-୧୧

ଭାରତ ସଞ୍ଚାର ନିଗମ ଲିମିଟେଡ ପକ୍ଷରୁ ଦୀପାବଳି ଅଫର ସମ୍ପର୍କରେ ଘୋଷଣା ହୋଇଛି। କମ୍ପାନୀ ପ୍ରିପେଡ ଗ୍ରାହକଙ୍କ ଲାଗି ୧୬୯୯ ଏବଂ ୨୦୯୯ ଟଙ୍କାର ନୂଆ ପ୍ଲାନ ଆଣିଛି। ଏହା ବାର୍ଷିକ ପ୍ଲାନ ହୋଇଥିବା ବେଳେ ଗ୍ରାହକ ଅନ୍‌ଲିମିଟେଡ ଭଏସ କଲ୍, ଡାଟା, ଏସ୍‌ଏମ୍‌ଏସ୍ ଭଳି ସୁବିଧା ପାଇପାରିବେ। ୧୬୯୯ ପ୍ଲାନରେ ଦୈନିକ ୨ ଜିବି ଡାଟା, ଭଏସ କଲ୍ ଏଲଏସ୍‌ଏ ଏବଂ ଦିଲ୍ଲୀ ମୁମ୍ବାଇ ଭଳି ସ୍ଥାନ ସହ ରୋମିଂ ସୁବିଧା ପାଇପାରିବେ। ସେହିଭଳି କମ୍ପାନୀ ଗ୍ରାହକଙ୍କୁ ଟପ୍ ଅପ୍ ଉପରେ ଫୁଲ ଟକ୍ ଭାଲ୍ୟୁ ସହ ୯% ପର୍ଯ୍ୟନ୍ତ ଅତିରିକ୍ତ ସୁବିଧା ଦେଉଛି। ୮୦ ଟଙ୍କାର ଟପ୍ ଅପ୍‌ରେ ଫୁଲ ଟକ୍ ଭାଲ୍ୟୁ ରହିଛି। ଅପରପକ୍ଷରେ ୧୮୦, ୪୧୦ ଏବଂ ୫୧୦ ଟପ୍ ଅପ୍ ଉପରେ ଅତିରିକ୍ତ ଟକ୍ ଭାଲ୍ୟୁ ଦେଉଛି। ଏହି ଅଫର ଚଳିତ ମାସ ୧୦ ତାରିଖ ଯାଏ ରହିବ ବୋଲି ବିଏସ୍‌ଏନ୍‌ଏଲ୍ ସିଏମ୍‌ଡି ଅନୁପମ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

## ଆଲ୍ଲାହାବାଦ ବ୍ୟାଙ୍କ ଏମ୍‌ଡିଙ୍କ ଭୁବନେଶ୍ୱର ଗସ୍ତ




ଭୁବନେଶ୍ୱର,୬-୧୧

ଆଲ୍ଲାହାବାଦ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଏଚ୍.ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ପ୍ରଥମଥର ଲାଗି ଭୁବନେଶ୍ୱର ଗସ୍ତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ଏହି ଅବସରରେ ସ୍ୱାଗତ କରିଥିଲେ। ବ୍ୟାଙ୍କ ପକ୍ଷରୁ ଆୟୋଜିତ ୱାକାଥନରେ ରାଓ ଯୋଗ ଦେଇଥିବା ସୂଚନା ରହିଛି। ଏଥିରେ ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ କେ. ମୁରଲୀକ୍ରିଷ୍ଣାଙ୍କ ସମେତ ବ୍ୟାଙ୍କର ପ୍ରାୟ ୨୦୦ କର୍ମଚାରୀ ଯୋଗ ଦେଇଥିଲେ। ଆଞ୍ଚଳିକ କାର୍ଯ୍ୟାଳୟର ନବୀକୃତ କରେନ୍ସି ଚେଷ୍ଟକୁ ସେ ଉଦ୍‌ଘାଟନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ପାନାସୋନିକ ପକ୍ଷରୁ ପି୮୫ଏନ୍‌ଏକ୍ସଟି

ଭୁବନେଶ୍ୱର,୬-୧୧

ପାନାସୋନିକ ପକ୍ଷରୁ ବଜାରକୁ ଆସିଛି ନୂଆ ପି୮୫ଏନ୍‌ଏକ୍ସଟି ସ୍ମାର୍ଟଫୋନ। ଏଥିରେ କ୍ୱାଲକମ ସ୍ନାପଡ୍ରାଗନ କ୍ଷମତା ରହିଛି। ଏହାର ବଜାର ଦର ୬,୯୯୯ ଟଙ୍କା ରହିଛି। ପାନାସୋନିକର ପାୱାର ଫ୍ଲାପ ସିରିଜର ଏହା ସମ୍ପ୍ରସାରିତ ମଡେଲ। ଏଥିରେ ଗ୍ରାହକମାନେ



ଗୋଟିଏ ପ୍ଲାଟଫର୍ମରେ ମଲ୍ଟିପୁଲ ଆପ୍ଲିକେଶନ ବ୍ୟବହାର କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୪୦୦୦ ଏମ୍‌ଏଏଚ୍‌ର ବ୍ୟାଟେରି କ୍ଷମତା ସହ ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଏଥିରେ ରହିଛି। ଗ୍ରାହକଙ୍କର ଆବଶ୍ୟକତାକୁ ନଜରରେ ରଖି ସେମାନଙ୍କ ଜୀବନକୁ ସରଳ କରିବାକୁ ଏହି ମଡେଲ ପ୍ରସ୍ତୁତ ହୋଇଥିବା ପାନାସୋନିକ ଇଣ୍ଡିଆର ମୋବିଲିଟି ଡିଭିଜନ ବାଣିଜ୍ୟ ମୁଖ୍ୟ ପଙ୍କଜ ରାଣା ସୂଚନା ଦେଇଛନ୍ତି।

**C.P.W.D**
**1ST CORRIGENDUM**
**Tender Refererence No.29/NIT/BCD-1/CPWD/2018-19**
The e-tender invited vide the above mentioned tender reference No. on dated - 4.11.2018, published in this newspaper. The estimated cost may be read as Rs.23,29,420.00 instead of Rs.3,29,420.00. It was a typo error. All other terms and conditions remain same.

**Government of Odisha**
**e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 09/2018-19**
Email Id-sedklpwd@gmail.com

No.806-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road and Building works as detailed in the table below:

| | | |
|---|---|---|
| 1. | Name of the work | : Road and Building works |
| 2. | No of works | : 2 (Two) Nos. |
| 3. | Estimated Cost | : Rs.1,92,74,763/- to Rs.3,99,72,769/- |
| 4. | Cost of tender paper | : Rs 10,000.00 |
| 5. | Class of contractor | : 'B','A' & Special Class |
| 6. | Period of Completion of work | : 5 (Five) to 11 (Eleven) Calendar months |
| 7. | Date and time of availability of bid Document in the website | : From Dt.12.11.2018 to 16.00 hours of Dt.26.11.2018 |
| 8. | Date of opening of bid | : Dt.27.11.2018 at 15.30 hours |

The bidders have to participate in ONLINE bidding only. Further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Sd./- Superintending Engineer**
**Dhenkanal(R&B) Circle,Dhenkanal**
34132/11/0017/1819

## ସଂକ୍ଷେପରେ

### ଦୁର୍ଘଟଣାରୁ ବର୍ତ୍ତିଗଲେ ଗାଭାସ୍କର, ମଞ୍ଜରେକର

**ଲକ୍ଷ୍ନୌ, ୬।୧୧ (ପି.ଟି.):** ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଓ ସଞ୍ଜୟ ମଞ୍ଜରେକର ମଙ୍ଗଳବାର ଅଳ୍ପକେ ଏକ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ନବନିର୍ମିତ ଏକାନା ଷ୍ଟାଡିୟମର ଏନକ୍ଲୋଜର ମଧ୍ୟକୁ ପ୍ରବେଶ କରୁଥିବାବେଳେ ଆକସ୍ମିକ କମେଣ୍ଟ୍ରି ବକ୍ସର କାଚ ନିର୍ମିତ ଏକ ଡୋର ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥିଲା। ସକାଳେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକାନା ଷ୍ଟାଡିୟମକୁ ଅଟଳ ବିହାରୀ ବାଜପେୟୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ନାମିତ କରିଥିଲେ। ମଙ୍ଗଳବାର ଏହି ଭେନ୍ୟୁରେ ପ୍ରଥମ ଥର ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳାଯାଇଛି। ଦୁଇ ପୂର୍ବତନ କ୍ରିକେଟର ସୌଭାଗ୍ୟବଶତଃ ଆହତ ହୋଇନାହାନ୍ତି। ପରେ ମଞ୍ଜରେକର ଏହାକୁ ପରିଚାଳନାଗତ ତ୍ରୁଟି ବୋଲି ଦର୍ଶାଇଥିଲେ। 'ସିଟି ଅଫ୍ ନବାବ୍ସ'କୁ ଦୀର୍ଘ ୨୪ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ ଫେରିଥିବା ବେଳେ ଏହି ଘଟଣା ବାସ୍ତବିକ ଦୁଃଖଦାୟକ।

### ଇଲାଭେନିଲ-ହ୍ରିଦୟ ଯୋଡ଼ିଙ୍କୁ ସ୍ୱର୍ଣ୍ଣ

**କୁଏତ୍ ସିଟି, ୬।୧୧ (ପି.ଟି.):** ଇଲାଭେନିଲ ଭାଲାରିଭାନ ଓ ହ୍ରିଦୟ ହଜାରିକାଙ୍କୁ ନେଇ ଭାରତର ୧୦ ମିଟର ରାଇଫଲ ମିକ୍ସଡ୍ ଟିମ୍ ଏଠାରେ ଚାଲିଥିବା ୧୧ତମ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥି ସହିତ ଫାଇନାଲରେ ଜୁନିୟର ବିଶ୍ୱରେକର୍ଡ ସ୍କୋର କରିବାରେ ସମର୍ଥ ହୋଇଛନ୍ତି। ମେହୁଲି ଘୋଷ ଓ ଅର୍ଜୁନ ବାବୁତା ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ୫ଟି ଯୋଡ଼ିକୁ ନେଇ ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ଏଲାଭେନିଲ ଓ ହ୍ରିଦୟ ମିଳିତ ଭାବେ ୮୩୫.୮ ସ୍କୋର କରି ତୃତୀୟ ସ୍ଥାନ ସହ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି ମେହୁଲି ଓ ଅର୍ଜୁନ ୮୩୩.୫ ଅଙ୍କ ସ୍କୋର ସହ ଚତୁର୍ଥ ସ୍ଥାନରେ ରହି ଯୋଗ୍ୟତା ହାସଲ କରିଥିଲେ। ୪୫ ଶଟ୍ ବିଶିଷ୍ଟ ଫାଇନାଲ ରାଉଣ୍ଡରେ ସ୍ୱର୍ଣ୍ଣ ବିଜୟୀ ଯୋଡ଼ି ଆରମ୍ଭରୁ ଭଲ ପ୍ରଦର୍ଶନ ସହ ଅଗ୍ରଣୀ ରହିଥିଲେ। ସେମାନେ ୫୦୨.୧ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚାଇନିଜ ଯୋଡ଼ି ଶି ମେଙ୍ଗ୍ୟାଓ ଏବଂ ୱାଙ୍ଗ୍ ୟୁଫେଙ୍ଗ୍ ୫୦୨.୧ ପଏଣ୍ଟ ସହ ରୌପ୍ୟ ଜିତିଥିଲେ। ଅନ୍ୟପକ୍ଷରେ ମେହୁଲି ଓ ଅର୍ଜୁନ ୪୩୬.୯ ପଏଣ୍ଟ ସହ ବ୍ରୋଞ୍ଜ ଜିତିଥିଲେ। ଭାରତର ଜୁନିୟର ଶୁଟରମାନେ ସୋମବାର ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ସେମାନଙ୍କ ଅଭିଯାନ ଆରମ୍ଭ କରିଥିଲେ। ଇଲାଭେନିଲ ବ୍ୟକ୍ତିଗତ ମହିଳା ଏୟାର ରାଇଫଲ ଜୁନିୟର ପ୍ରତିଯୋଗିତାରେ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ଏବଂ ଟିମ୍ ଫର୍ମାଟରେ ସେ ରୌପ୍ୟ ଜିତିଥିଲେ। ମେହୁଲି ଓ ଅର୍ଜୁନ ଟିମ୍ ଇଭେଣ୍ଟରେ ରୌପ୍ୟ ଜିତିଥିଲେ। ଭାରତ ଏପର୍ଯ୍ୟନ୍ତ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ୬ଟି ପଦକ ଲାଭ କରିଛି।

### ଆଇପିଏଲ୍-୧୨ ଅଧାରୁ ସ୍ୱଦେଶ ଫେରିପାରନ୍ତି ଇଂଲଣ୍ଡ, ଅଷ୍ଟ୍ରେଲିଆ ଖେଳାଳି

**ମୁମ୍ବାଇ, ୬।୧୧:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଖେଳାଳିମାନେ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ଏହି ଦୁଇଦେଶର ଖେଳାଳିମାନେ ମେ ୧ ପର୍ଯ୍ୟନ୍ତ ଆଇପିଏଲ୍‌ରେ ଉପଲବ୍ଧ ହେବେ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଓ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ କୁହାଯାଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଆଇସିସି ଦିନିକିଆ ବିଶ୍ୱକପ୍ ମେ ୩୧ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବାବେଳେ ଆଇପିଏଲ୍-୧୨ ମାର୍ଚ୍ଚ ୨୯ରେ ଉଦ୍‌ଘାଟିତ ହୋଇ ମେ ୩ୟ ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ତେଣୁ ବିଶ୍ୱକପ୍‌କୁ ନଜରରେ ରଖି ଏହି ଦୁଇଦେଶ ନିଜ ନିଜର ଖେଳାଳିଙ୍କୁ ମେ ୧ ପର୍ଯ୍ୟନ୍ତ ଖେଳିବାକୁ ଅନୁମତି ଦେଇଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ପୂର୍ବରୁ ଆଇସିସି ବିଶ୍ୱକପ୍‌କୁ ନଜରରେ ରଖି ଆଇପିଏଲ୍-୧୨କୁ ଏପ୍ରିଲ୍-ମେ ପରିବର୍ତ୍ତେ ମାର୍ଚ୍ଚ ୩୦ରୁ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅପରପକ୍ଷରେ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ମଧ ଅନ୍ତିମ ସପ୍ତାହ ପାଇଁ ଉପଲବ୍ଧ ହୋଇ ନ ପାରନ୍ତି ବୋଲି ଜଣାପଡ଼ିଛି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କିମ୍ବା ଅନ୍ୟକୌଣସି ବୋର୍ଡ ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇନାହିଁ।



"କ୍ରିକେଟ ବଲ୍ ମୋ ପାଇଁ ସମସ୍ୟା ନ ଥିଲା କିନ୍ତୁ ଗଲ୍‌ଫ ଖେଳ ଆରମ୍ଭରେ ବଲ୍ ମୋ ମୁଣ୍ଡ ବ୍ୟଥାର କାରଣ ହୋଇଥିଲା ।
–ବ୍ରାଏନ ଲାରା, ୱେଷ୍ଟଇଣ୍ଡିଜର ମହାନ କ୍ରିକେଟର

# ଶତକ ସହ ରୋହିତଙ୍କ ଦୀପାବଳି ଭେଟି

## ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ଟି୨୦ ସିରିଜ ବିଜୟୀ



**ବିଭିନ୍ନ ଫର୍ମାଟରେ ସର୍ବାଧିକ ଶତକ**
**ଟେଷ୍ଟ:** ସଚିନ ତେନ୍ଦୁଲକର–୫୧
**ଏକଦିବସୀୟ:** ସଚିନ ତେନ୍ଦୁଲକର–୪୯
**ଟି୨୦:** ରୋହିତ ଶର୍ମା–୪
ପ୍ରଥମ ଅଧିନାୟକଭାବେ ରୋହିତ ଟି୨୦ ଅନ୍ତର୍ଜାତୀୟରେ ୨ଟି ଶତକ ହାସଲ କରିଛନ୍ତି।

ରୋହିତ ଶର୍ମା
ରନ୍: ୧୧୧*
ବଲ୍: ୬୧
ଚୌକା: ୮
ଛକା: ୭

**ଲକ୍ଷ୍ନୌ, ୬।୧୧**

ଲକ୍ଷ୍ନୌର ଭାରତ ରତ୍ନ ଅଟଳ ବିହାରୀ ବାଜପାୟୀ ଷ୍ଟାଡିୟମରେ ବିସ୍ଫୋରକ ଶତକ ହାସଲ କରି ଭାରତୀୟ କ୍ରିକେଟ ପ୍ରେମୀଙ୍କୁ ଆଗୁଆ ଦୀପାବଳି ଭେଟି ଦେଇଛନ୍ତି ଅଧିନାୟକ ରୋହିତ ଶର୍ମା। ରୋହିତଙ୍କ ଶତକ ବଳରେ ଭାରତ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ବୃହତ୍ ୭୧ ରନରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨–୦ରେ ଆଗୁଆ ରହିବା ସହ ଟିମ୍ ଇଣ୍ଡିଆ ସିରିଜକୁ କବ୍‌ଜା କରି ନେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୯୬ ରନ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ୨୦ ଓଭରରେ ୯ ଉଇକେଟ ହରାଇ ୧୨୪ ରନ କରିବାକୁ ସକ୍ଷମ ହୋଇଥିଲା ।

ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏହାର ଭରପୂର ଫାଇଦା ଉଠାଇଥିଲେ ଟିମ୍ ଇଣ୍ଡିଆର ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ। ଦୁହେଁ ୱେଷ୍ଟଇଣ୍ଡିଜ ବୋଲରଙ୍କୁ ଧୂଳେଇ କରି ୮୩ ବଲ୍‌ରୁ ୧୨୩ ରନ ସଂଗ୍ରହ କରି ଭାରତର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ୧୪ତମ ଓଭରର ଅନ୍ତିମ ବଲ୍‌ରେ ଧାୱନଙ୍କୁ ଆଉଟ୍ କରି ୱେଷ୍ଟଇଣ୍ଡିଜକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଫାବିଆନ ଆଲେନ। ଭଲ ଆରମ୍ଭ କରିଥିବା ଧାୱନ ୪୧ ବଲ୍‌ରୁ ୩ ଚୌକା ସହାୟତାରେ ୪୩ ରନ ସଂଗ୍ରହ କରିଥିଲେ। ରିଷଭ ପନ୍ତ ମାତ୍ର ୫ ରନ କରି ଆଉଟ ହୋଇଥିଲେ ହେଁ ରୋହିତ ଓ ଲୋକେଶ ରାହୁଲ ୪ର୍ଥ ଉଇକେଟ ଭାଗୀଦାରିରେ ୬୨ ରନ ସଂଗ୍ରହ କରି ଭାରତ ସ୍କୋରକୁ ୨୦ ଓଭରରେ ୧୯୫/୨ରେ ପହଞ୍ଚାଇଥିଲେ। ଟି୨୦ରେ କ୍ୟାରିୟରର ୪ର୍ଥ ଶତକ ହାସଲ କରିଥିଲେ ରୋହିତ। ୫୮ ବଲ୍‌ରୁ ଶତକ ପୂରଣ କରିଥିବା ରୋହିତ ମୋଟ ୬୧ଟି ବଲ୍ ଖେଳି ୮ ଚୌକା ଓ ୭ ଛକା ସହାୟତାରେ ୧୧୧ ରନ କରି ଅପରାଜିତ ରହିଥିଲେ। ଏଥିସହ ଟି୨୦ ଅନ୍ତର୍ଜାତୀୟରେ ସର୍ବାଧିକ ୪ଟି ଶତକ ହାସଲ ରେକର୍ଡର ଅଧିକାରୀ ହୋଇଛନ୍ତି ରୋହିତ। ଅଧିନାୟକଭାବେ ଏହାଥିଲା ତାଙ୍କର ଦ୍ୱିତୀୟ ଟି୨୦ ଶତକ। ଲୋକେଶ ୧୪ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୬ ରନରେ ଅପରାଜିତ ଥିଲେ। ଭ୍ରମଣକାରୀ ଦଳର ବୋଲରଙ୍କ ମଧ୍ୟରେ ଖାରି ପିଏରେ ଓ ଆଲେନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ବଡ଼ ସ୍କୋରର ପିଛା କରିଥିବା ୱେଷ୍ଟଇଣ୍ଡିଜ ଆରମ୍ଭରୁ ହିଁ ଦିଗହରା ପ୍ରଦର୍ଶନ କରିଥିଲା। ସ୍କୋର ମାତ୍ର ୭ ଥିବାବେଳେ ଓପନର ସାଇ ହୋପ୍‌ଙ୍କୁ କ୍ଲିନ ବୋଲ୍ଡ କରି ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଖଲିଲ ଅହମ୍ମଦ। ୬ଷ୍ଠ ଓଭରର ଦ୍ୱିତୀୟ ବଲ୍‌ରେ ଶିମରନ ହେଟମେରଙ୍କୁ ପ୍ୟାଭିଲିୟନ ପଠାଇ ଦ୍ୱିତୀୟ ସଫଳତା ପାଇଥିଲେ ଏହି ଯୁବ ଭାରତୀୟ ବୋଲର। ହୋପ୍ ୬ ଓ ହେଟମେର ୧୫ ରନ କରିବାକୁ ସକ୍ଷମ ହୋଇଥିଲେ। ଟପ୍ ଅର୍ଡରରେ ଡାରେନ ବ୍ରାଭୋ ସର୍ବାଧିକ ୨୩ ଓ ଶେଷ ଭାଗରେ କେମୋ ପଲ୍ ୨୦ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ପକ୍ଷରୁ ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଯଶପ୍ରୀତ ବୁମ୍‌ରା ଓ କୁଳଦୀପ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୫/୨(ରୋହିତ-୧୧୧*, ଧାୱନ-୪୩, ଲୋକେଶ-୨୬*, ପିଏରେ-୧/୪୯, ଆଲେନ-୧/୩୩)।
ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୨୪/୯(ବ୍ରାଭୋ-୨୩, ଭୁବନେଶ୍ୱର-୨/୧୨, ଖଲିଲ-୨/୩୦, ବୁମ୍‌ରା-୨/, କୁଳଦୀପ-୨/୩୨)।

### କୋହଲିଙ୍କୁ ଟପିଲେ ରୋହିତ

ଶତକ ହାସଲ ଅବସରରେ ରୋହିତ ଶର୍ମା ଟି୨୦ରେ ଭାରତର ସର୍ବାଧିକ ରନ ସ୍କୋରର ହୋଇ ଯାଇଛନ୍ତି। ଏ କ୍ଷେତ୍ରରେ ସେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ମ୍ୟାଚ ପୂର୍ବରୁ କୋହଲିଙ୍କୁ ପଛରେ ପକାଇବାପାଇଁ ରୋହିତ ମାତ୍ର ୧୧ ରନ ଆବଶ୍ୟକ କରୁଥିଲେ। ରୋହିତ ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଓଶାନେ ଥୋମାସଙ୍କ ଘଣ୍ଟାପ୍ରତି ୧୪୯ କିଲୋମିଟର ବେଗର ବଲ୍‌କୁ ମିଡ୍‌ଅଫ୍ ଉପରେ ଛକାରେ ପରିଣତ କରି ରୋହିତ ସମ୍ପୂର୍ଣ୍ଣ ଷ୍ଟାଇଲ୍‌ରେ ଏହି ସଫଳତା ପାଇଛନ୍ତି। ପୂର୍ବରୁ କୋହଲି ୬୨ଟି ଟି୨୦ ମ୍ୟାଚରୁ ୪୮.୮୮ ଆଭରେଜରେ ୨୧୦୧ ରନ ସ୍କୋର କରି ରେକର୍ଡର ଅଧିକାରୀ ଥିଲେ। ଏହାକୁ ଅତିକ୍ରମ କରିବାକୁ ରୋହିତଙ୍କୁ ୮୬ଟି ମ୍ୟାଚ ଖେଳିବାକୁ ପଡ଼ିଛି। ରୋହିତ ମୋଟ ୨୨୦୨ ରନ ସ୍କୋର ସହ ଟି୨୦ରେ ସର୍ବକାଳୀନ ସର୍ବାଧିକ ସ୍କୋରର ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ନ୍ୟୁଜିଲାଣ୍ଡର ମାର୍ଟିନ ଗୁପଟିଲ ୨୨୭୧ ରନ ସ୍କୋର ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଟି୨୦ରେ କୋହଲି ସର୍ବାଧିକ ୪ଟି ଶତକ ଅର୍ଜନ କରିଛନ୍ତି।

### ଓଡ଼ିଶା ଖେଳାଳିଙ୍କୁ ୩ ସ୍ୱର୍ଣ୍ଣ ସହ ୬ ପଦକ

**ଭୁବନେଶ୍ୱର, ୬।୧୧ (କ୍ରୀଡ଼ା ପ୍ରତିନିଧି):** ନୂଆଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ୧୦ମ ବିଶ୍ୱ ଟଙ୍ଗ-ଇଲ-ମୁ-ଡୋ ମାର୍ଶାଲ ଆର୍ଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧ଟି ଦେଶ ଭାଗ ନେଇଥିଲେ। ଭାରତୀୟ ଟଙ୍ଗ-ଇଲ-ମୁ-ଡୋ ଫେଡେରେଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶା ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ ସହ ମୋଟ ୬ଟି ପଦକ ହାସଲ କରିଛନ୍ତି। ଶୈଳେନ୍ଦ୍ର କୁମାର ବିଶ୍ୱାଳ, ପ୍ରବୀର କୁମାର ନାୟକ ଓ ଆଶିଷ କୁମାର ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଶ୍ରଦ୍ଧାଞ୍ଜଳି ନାୟକ ଓ ମୁକ୍ତିକାନ୍ତ ବରାଳ ରୌପ୍ୟ ପଦକ ପାଇଛନ୍ତି। ଶୁଭମ୍ ମହାପାତ୍ରଙ୍କୁ ବ୍ରୋଞ୍ଜ ପଦକ ମିଳିଛି। କୋଚ୍‌ଭାବେ ଲଳିତ କୁମାର ପରିଡ଼ା ଓ ଏନ.ସାହୁ ଦଳ ସହ ନୂଆଦିଲ୍ଲୀ ଯାତ୍ରା କରିଥିଲେ। ଭାରତୀୟ ଫେଡେରେଶନର ସଭାପତି ରବି ନାରାୟଣ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଆନ୍ତଃସ୍କୁଲ ଭଲିବଲ ୮ରୁ

**ଭୁବନେଶ୍ୱର, ୬।୧୧(କ୍ରୀଡ଼ା ପ୍ରତିନିଧି)–**

ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) ଭେଟେରାନ ଭଲିବଲ ଖେଳାଳିଙ୍କ ଉଦ୍ୟମରେ ଚଳିତମାସ ୮ ଓ ୯ ତାରିଖ ଦୁଇଦିନଧରି ଏକ ଆନ୍ତଃସ୍କୁଲ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ନ୍ୟୁ ଏଜି କଲୋନୀ ଭଲିବଲ ପଡ଼ିଆରେ ହେବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆୟୋଜକ କମିଟି ସମ୍ପାଦକ ସୁଦର୍ଶନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ

**ଫୁଝୋ (ଚାଇନା), ୬।୧୧(ପି.ଟି.)**

ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଫୁଝୋ ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ସିନ୍ଧୁ ୨୧–୧୩, ୨୧–୧୯ ସିଧାସଳଖ ଗେମ୍‌ରେ ରୁଷିଆର ଏଭେଜେନିଆ କୋସେଟ୍ସ୍କାୟାଙ୍କୁ ହରାଇ ଦେଇଛନ୍ତି। ତୃତୀୟ ସିଡ୍ ସିନ୍ଧୁଙ୍କୁ ଏହି ମୁକାବିଲା ଜିତିବାକୁ ମାତ୍ର ୩୦ ମିନିଟ୍ ସମୟ ଲାଗିଥିଲା। ୨୩ ବର୍ଷୀୟା ସିନ୍ଧୁ ପରବର୍ତ୍ତୀ ମୁକାବିଲାରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମ୍ରୁନଗଫନଙ୍କୁ ଭେଟିବେ।

## ମ୍ୟାଚ ଡ୍ର' ରଖିଲା ରିୟଲ କଶ୍ମୀର

**ଶ୍ରୀନଗର, ୬।୧୧ (ପି.ଟି.)**

ଚଳିତ ଆଇ-ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବାଏକ ମ୍ୟାଚ୍‌ରେ ନବାଗତ ରିୟଲ କଶ୍ମୀର ଫୁଟ୍‌ବଲ ଦଳ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚ ଗୋଲ ଶୂନ୍ୟ ଡ୍ର' ରଖିବାରେ ସମର୍ଥ ହୋଇଛି। ନିଜ ହୋମ୍ ଗ୍ରାଉଣ୍ଡରେ ଦଳର ଏହାଥିଲା ପ୍ରଥମ ମ୍ୟାଚ। ଦ୍ୱିତୀୟତଃ କଶ୍ମୀର ଉପତ୍ୟକାରେ ଏହା ଥିଲା ପ୍ରଥମ ଆଇ-ଲିଗ୍ ମ୍ୟାଚ। ତେଣୁ ରାଜ୍ୟ ପାଇଁ ଏହା ଏକ ଐତିହାସିକ ଦିବସ ଥିଲା। ଆଇ-ଲିଗ୍‌ରେ ପ୍ରଥମ ପଦାର୍ପଣରେ ରିୟଲ କଶ୍ମୀର ପ୍ରଭାବୀ ପ୍ରଦର୍ଶନ କରିଆସୁଛି। ନିକଟରେ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବ ଏଫସିକୁ ସେମାନଙ୍କ ହୋମ୍ ଗ୍ରାଉଣ୍ଡ ପରାସ୍ତ କରି ସମସ୍ତଙ୍କୁ ଚକିତ କରିଦେଇଥିଲା।

■ ସର୍ବଭାରତୀୟ ଅଂଶୁମାନ କ୍ରିକେଟ୍ ଟୁର୍ନାମେଣ୍ଟ

## ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ



ପି.ରୋସନ ଅତିଥିଙ୍କଠାରୁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**ଧର୍ମଶାଳା, ୬।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ନବମ ସର୍ବଭାରତୀୟ ଅଂଶୁମାନ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ ଆଦ୍ରା ରେଲୱେ ଦଳକୁ ୬ ଉଇକେଟରେ ପରାସ୍ତ କରି ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆଦ୍ରା ରେଲୱେ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ୍ ହରାଇ ୨୦୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିତ ଯାଦବ ୫୮ ବଲ୍‌ରୁ ୭୭ ରନ୍ ଓ ରାଜୁ କୁମାର ୯ ବଲ୍‌ରୁ ୨୨ରନ୍ ସଂଗ୍ରହ କରିଥିଲେ। ବିପକ୍ଷ କଟକ ଦଳର ଅଭିଜିତ ଘଣା ୩ଟି ଓ ଜାମଲା ଭଞ୍ଜନ ମହାପାତ୍ର ୨ଟି ଉଇକେଟ୍ ନେଇଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ କଟକ ୨୭.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲାଭକରିଥିଲା। ଦଳପକ୍ଷରୁ ପି.ରୋସନ ରାୟ ୩୩ ବଲ୍‌ରୁ ୫୪ରନ୍ ଏବଂ ପ୍ରତୀକ ଦାସ ୩୭ ବଲ୍‌ରୁ ୪୬ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଆଦ୍ରା ଦଳର ଅମାନ ସିଂ ୨ଟି ଓ ରୋନିତ୍ ସିଂ ୧ଟି ଉଇକେଟ୍ ଅକ୍ତିଆର କରିଥିଲେ। ଆସୁତୋଶ ପାଣି ଓ ଦିଲ୍ଲୀପ କୁମାର ସାମଲ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ପି.ରୋସନ ରାୟଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି ଅତିଥିଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅବିନାଶ ସାମଲ, କାହ୍ନୁ ଚରଣ ସେଠୀ, ସୁବାଶିଷ ଦାସ, ଚିତ୍ତରଞ୍ଜନ ମହାନ୍ତି, ଶୁଭ୍ରଜିତ ଦାସ ସହାୟତା କରିଥିଲେ। ବୁଧବାର ମାରିନ୍ ମହିଳା ଦଳ ଯାଜପୁର ସହିତ କଟକ ବି ଓ କଟକ ଏକାଦଶ ମହିଳା ଦଳ ସହିତ କିଟ୍ ଏକାଦଶ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ସମ୍ପାଦକ ହିମାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି ।

## ଅଷ୍ଟ୍ରେଲିଆ ଦଳ ଘୋଷିତ




ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ହକି ବିଶ୍ୱକପ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷଣା ହୋଇଛି। ବିଶ୍ୱର ନମ୍ବର ୱାନ ଦଳ ଅଷ୍ଟ୍ରେଲିଆ ବିଶ୍ୱକପର ଗତ ୨ଟି ସଂସ୍କରଣରେ ଚାମ୍ପିୟନ ହୋଇଛି। ୨୦୧୦ ଓ ୨୦୧୪ ପରେ ଏବେ ଏହି ଦଳ ୨୦୧୮ ବିଶ୍ୱକପକୁ ମଧ ଜିତିବା ଆଶାରେ ରହିଛି। ଆଗାମୀ ମେଗା ପ୍ରତିଯୋଗିତା ପାଇଁ ଅଷ୍ଟ୍ରେଲିଆ ପୁଲ୍ 'ବି'ରେ ଇଂଲଣ୍ଡ, ଆୟର୍ଲାଣ୍ଡ ଓ ଚାଇନା ସହିତ ସ୍ଥାନ ପାଇଛି। ଇଂଲଣ୍ଡ ଏବେ ବିଶ୍ୱ ର୍ୟାଙ୍କିଂର ୭ମ ସ୍ଥାନରେ ଥିବାବେଳେ ଆୟର୍ଲାଣ୍ଡ ୧୦ମ ଓ ଚାଇନା ୧୭ତମ ସ୍ଥାନରେ ରହିଛି। ତେଣୁ ଅଷ୍ଟ୍ରେଲିଆ ପାଇଁ ନକ୍‌ଆଉଟ୍ ପ୍ରବେଶ ସହଜ ହେବ ବୋଲି ଆକଳନ କରାଯାଉଛି।

"ଦଳ ଚୟନକୁ ନେଇ ଆମେ ବହୁତ ଖୁସି ଅଛୁ। ଏହି ଦଳ ଆଗାମୀ ପ୍ରତିଯୋଗିତାରେ ଅନ୍ୟ ସବୁ ଦଳକୁ ଚ୍ୟାଲେଞ୍ଜ ଦେଇପାରିବ ବୋଲି ଆଶା। ନିକଟରେ ଅନୁଷ୍ଠିତ ଡାରୱିନ ଇଣ୍ଟରନ୍ୟାଶନାଲ ହକି ଓପନ ଟୁର୍ନାମେଣ୍ଟ ଏବଂ ଅଷ୍ଟ୍ରେଲିଆ ହକି ଲିଗ୍(ଏଏଚ୍‌ଏଲ୍)ରେ ପ୍ରଦର୍ଶନକୁ ଭିତ୍ତିକରି ୧୮ ଜଣିଆ ଦଳ ମନୋନୟନ କରିଛୁ। ଏହା ବ୍ୟତୀତ ପ୍ରତିଦିନର ଟ୍ରେନିଂ ଏବଂ ସ୍ଥିର ପ୍ରଦର୍ଶନକୁ ମଧ୍ୟ ବିଚାରକୁ ନେଇଛୁ ବୋଲି କୋକାବୁରା(ଅଷ୍ଟ୍ରେଲିଆ) ଦଳର ମୁଖ୍ୟ କୋଚ୍ କଲିନ ବ୍ୟାଚ୍ ପ୍ରକାଶ କରିଛନ୍ତି। ଡାରୱିନ ଇଣ୍ଟରନ୍ୟାଶନାଲରେ ଖେଳିଥିବା ଦଳରେ କେତେକ ପରିବର୍ତ୍ତନ କରାଯାଇଛି। ଏଏଚ୍‌ଏଲ୍‌ର ଟପ୍ ସ୍କୋରର ବ୍ଲାକ ଗୋଭର୍ସ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟ୍ରେଣ୍ଟ ମିଟନ ମଧ୍ୟ ସ୍ଥାନ ପାଇଛନ୍ତି। ଆହତ ସମସ୍ୟା ଯୋଗୁ ଏ ଦୁହେଁ ପୂର୍ବ ଟୁର୍ନାମେଣ୍ଟରେ ଖେଳିପାରି ନ ଥିଲେ। ଏଏଚ୍‌ଏଲ୍ ଟାଇଟଲ ଜିତିଥିବା କୁଇନ୍ସଲାଣ୍ଡ ବ୍ଲେଡ୍ସ ଦଳର ୬ ଖେଳାଳି ଜାତୀୟ ଦଳରେ ସୁଯୋଗ ପାଇଛନ୍ତି। ପ୍ଲେୟର ଅଫ୍ ଦି ଫାଇନାଲ ଗୋଲ୍ଡ କୋଷ୍ଟର କୋରେ ୱିୟେରଙ୍କୁ ମଧ୍ୟ ସାମିଲ କରାଯାଇଛି। ଚଳିତବର୍ଷ କୋରେଙ୍କ ପ୍ରଦର୍ଶନରେ ଆମେ ଅତ୍ୟନ୍ତ ଖୁସି ବୋଲି ବ୍ୟାଚ୍ କହିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ମହିଳା ହକି ବିଶ୍ୱକପରେ କେତେକ ମ୍ୟାଚରେ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା। ତେଣୁ ପୁରୁଷ ହକି ବିଶ୍ୱକପ ଓପନ ରହିଛି ବୋଲି କୁହାଯାଇପାରିବ। ଆୟର୍ଲାଣ୍ଡ, ଇଂଲଣ୍ଡ ଏବଂ ଚାଇନା ଲଢୁଆ ଦଳ। ତେଣୁ କାହାକୁ ହେୟ ମନେ କରାଯାଇ ପାରିବ ନାହିଁ। ଆଗାମୀ ବିଶ୍ୱକପ ସବୁ ଦଳ ପାଇଁ କଷ୍ଟସାଧ ହେବ। ମହିଳା ହକି ବିଶ୍ୱକପରେ କେତେକ ଭଲ ଦଳ କ୍ୱାର୍ଟର ଫାଇନାଲରେ ପହଞ୍ଚିପାରି ନ ଥିଲେ। ଆଉ କେତେକ କ୍ୱାର୍ଟର ଫାଇନାଲରୁ ହିଁ ବିଦାୟ ନେଇଥିଲେ। ପୁରୁଷ ହକି ବିଶ୍ୱକପ ମଧ୍ୟ ସେପରି ହେବ ବୋଲି ମୁଁ ଅନୁମାନ କରୁଛି। ପ୍ରତିଯୋଗିତା ନିଶ୍ଚିତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ବର୍ତ୍ତମାନ ୱାଲ୍ଡ ଲିଗ୍, ଚାମ୍ପିୟନ୍ସ ଟ୍ରଫି ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟାଇଟଲର ମଧ ଅଧିକାରୀ ଅଛି। ସମ୍ପ୍ରତି ଏହି ଦଳ ବିଶ୍ୱର ନମ୍ବରୱାନ ଥିଲେ ମଧ ସବୁ ଦଳ ପାଇଁ ସମାନ ଚାପ ରହିବ ବୋଲି ବ୍ୟାଚ୍ ପୂର୍ବାନୁମାନ କରିଛନ୍ତି।

ବିଶ୍ୱକପକୁ ସମସ୍ତ ଦଳ ଉଚ୍ଚ ଆଶା ନେଇ ଆସିଥାନ୍ତି। ତେଣୁ କୌଣସି ଦଳ ଉପରେ ଚାପ ନାହିଁ ବୋଲି କହି ହେବନି। ଯେଉଁ ଦଳ ଯେତେ ଚାପକୁ ହାତେଇ ପାରିବ ସେ ଫାଇଦାରେ ରହିବ। ପୂର୍ବ ସଂସ୍କରଣ ଅପେକ୍ଷା ଏଥର ଅଷ୍ଟ୍ରେଲିଆ କଷ୍ଟସାଧ ଗ୍ରୁପରେ ରହିଛି ବୋଲି ବ୍ୟାଚ୍ କହିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ ଆମେ ଅନୁରୂପ ପରିସ୍ଥିତିରେ ଥିଲୁ। ଅଭିଜ୍ଞତାକୁ ଉପଯୋଗକରି ଆମେ ଗେମ୍‌କୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିବୁ। ଆରନ ଜେଲସ୍କି ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେବେ। ଇଡି ଓକେନଡେନ ଉପଅଧିନାୟକ ଦାୟିତ୍ୱ ତୁଲାଇବେ । "ଆରନ ଓ ଇଡି ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରି ଆସୁଛନ୍ତି। ତେଣୁ ଆମେ ତାଙ୍କୁ ଅପରିବର୍ତ୍ତିତ ରଖି ବିଶ୍ୱକପ ଖେଳିବାକୁ ଯିବୁ। ଉଭୟ ପଡ଼ିଆ ବାହାରେ ଓ ଭିତରେ ସେମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଛି" ବୋଲି ବ୍ୟାଚ୍ କହିଛନ୍ତି। ଅଷ୍ଟ୍ରେଲିଆ ଦଳ ନଭେମ୍ବର ୨୩ରେ ଅଷ୍ଟ୍ରେଲିଆ ଛାଡ଼ିବା କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୩୦ରେ ଆୟର୍ଲାଣ୍ଡ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ।

**ଅଷ୍ଟ୍ରେଲିଆ ଦଳ:** ଡାନିଏଲ ବାଲେ, ଟିମୋଥି ବ୍ରାଣ୍ଡ, ଆଣ୍ଡ୍ରୁ କାର୍ଟେର, ଟମ୍ କ୍ରେଗ୍, ମାଥ୍ୟୁ ଡସନ, ବ୍ଲେକ୍ ଗୋଭର୍ସ, ଜ୍ୟାକ ହାର୍ଭି, ଜେରେମି ହେୱାର୍ଡ, ଟିମ୍ ହୋୱାର୍ଡ, ଟେଲର ଲୋଭେଲ, ଟ୍ରେଣ୍ଟ ମିଟନ, ଇଡି ଇକେନଡେନ, ଫ୍ଲାଇନ୍ ଓଗିଲ୍‌ଭେ, ମାଥ୍ୟୁ ସ୍ୱାନ, କୋରେ ୱିୟେର, ଜ୍ୟାକ୍ ହ୍ୱିଟନ, ଡେଲାନ ୱଦରସ୍ପୁନ, ଆରନ ଜେଲସ୍କି (ଅଧିନାୟକ)। **ମୁଖ୍ୟ କୋଚ୍:** କଲିନ ବ୍ୟାଚ୍।



ଅଧିନାୟକ ଆରନ ଜେଲସ୍କି।

Odisha's Most Trusted Electronics, Home Appliances & Digital Products Dealer Since 1972

GD Symbol of Trust

# GUPTA DISTRIBUTORS

No.1 Retail Chain Stores

ଦୀର୍ଘ ୪୬ବର୍ଷର ବିଶ୍ୱାସ ଓ ଭରସାର ପ୍ରତିଷ୍ଠାନ

hp WORLD now at our Patia Store



Gupta Distributors's Best Showroom in Eastern Zone of India.



Happy Diwali & Dhanteras SPECIAL OFFER

BUY 1 GET 3 GIFTS with More Offers

sona chandi offer

Every Day WIN* 20gm GOLD 500gm CHANDI

Take Winter Special Offer — ABSOLUTELY 32" LED FREE*

40" + ABSOLUTELY MI Note5 FREE*

CELEBRATE DIWALI WITH MI 18th Oct. to 7th Nov ₹13490/- Onwards

ABSOLUTELY 6.2 kg Washing Machine FREE*

ABSOLUTELY worth ₹7250/- FREE*

The NEW Star is Blinking that's GUPTA NXT — GUPTA FURNITURE PLAZA, Main Road, Ghandhi Chhak, Jagatsinghpur — COMING SOON

Now Buy Products at Online Price at all our Stores

( Offer valid till 7th Nov.'18 )

EASY EMI AVAILABLE 0% INTEREST FINANCE — BAJAJ FINSERV, CAPITAL FIRST, HDFC BANK, HDB

LED TV Buy 1 & Get 1 FREE

Get Upto ₹10,000/-* cash back on purchase of ₹7000/- or above

UPTO 40%* OFF SPECIAL OFFER



₹29990/- ONWARDS

₹6999/- ONWARDS

₹21990/- ONWARDS

₹50990/- ONWARDS

₹10990/- ONWARDS

₹6999/- ONWARDS

32" ₹10990/- ONWARDS

DIGITAL PRODUCTS NOW AVAILABLE AT 0% INTEREST

OFFERS AVAILABLE AT ALL OUR STORES





Buy a LAPTOP get all these GIFTS*

Buy a Nikon Camera and get LEVEL-U free worth ₹2999/-

Buy a DESKTOP and get UPS free

| | |
|---|---|
| BHUBANESWAR | Main Road, Baramunda, Front of Kali Mandir, Ph.: 70089 89309 |
| | KIIT Square, Patia, Near Reliance Trends, Ph.: 70089 89302 |
| | Laxmi Sagar, Cuttack Road, Ph.: 70089 89301 |
| CUTTACK | Dolmundai, Ph.: 2424932 / 70089 89303 |
| | Buxi Bazar, Ph.: 70089 89304 |
| | DIGITAL STORE, Tinikonia Bagicha, Ph.: 70089 89313 |
| | SGBL MALL, Durga Devi Complex, Town Hall Rd., Ph.: 70089 89312 |
| PURI | VIP Road, Jhadeswari Chhak, Ph.: 70089 89310 |
| JAGATSINGHPUR | Main Road, Front of Bus Stand, Ph.: 93380 01570 |
| JATNI | Near AXIS Bank, Ph.: 2492932 / 70089 89305 |
| NIMAPADA | Near Dolabedi Chhak, Ph.: 70089 89307 |
| BALUGAON | Main Road, Near Digantika Hotel, Ph.: 70089 89308 |
| KHORDA | Main Road, Palla Chhak, Ph.: 70089 89311 |
| NAYAGARH | Khandapada Road, Ph.: 70089 89306 |
| ODOGAON | Studio Chhak, Main Road, Ph.: 94380 76064 |
| BHADRAK | Main Road, Chappulia, Ph.: 70089 89314 |
| BADAMBA | Mahabeer Bazar, Ph.: 70089 89315 |

Our Channel Partner: SANJAY ELECTRONICS, SALEPUR, Ph.: 9777777329, PATTAMUNDAI, Ph.: 9861142260

*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only. No other offers applicable on online prices

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ନଭେମ୍ବର ୭/୨୦୧୮ Balasore, Wednesday, November 7 / 2018




# ଷ୍ଟାଡିୟମ ଗ୍ୟାଲେରିରୁ ପଡ଼ି ଛାତ୍ର ଗୁରୁତର

**ଭଦ୍ରକ ଅଫିସ,୬।୧୧**

ସୋମବାର ଭଦ୍ରକ ବ୍ଲକ ଓଲଙ୍ଗ ନୋଡାଲ ସ୍କୁଲର ୩ୟ ଶ୍ରେଣୀ ଛାତ୍ର ଆଦିତ୍ୟ ଶଙ୍କର ମହାରଣା ନିକଟସ୍ଥ ଷ୍ଟାଡିୟମ ଗ୍ୟାଲେରୀରୁ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ସୋମବାର ଓଲଙ୍ଗ ଷ୍ଟାଡିୟମର ଉଦ୍‌ଘାଟନୀ ଉତ୍ସବରେ ନୋଡାଲ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଆଦିତ୍ୟ ଅନ୍ୟ ସାଙ୍ଗଙ୍କ ସହ ବୁଲାବୁଲି କରୁଥିବା ସମୟରେ ଅସାବଧାନତା ବଶତଃ ଗ୍ୟାଲେରୀରୁ ଖସି ପଡିଥିଲେ। ତାଙ୍କର ୭ଟି ଦାନ୍ତ ଭାଙ୍ଗିଯାଇଛି। ତାଙ୍କୁ ହୋମିଓପାଥି ଚିକିତ୍ସା କରାଇ ଘରେ ଛାଡି ଦିଆଯାଇଥିବା ତାଙ୍କ ବାପା ଧନେଶ୍ୱର ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏହି ଛାତ୍ର ଜଣଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇ ପରିବାର ଲୋକେ ଘରକୁ ନେଇଛନ୍ତି। ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କ ଅବହେଳାକୁ କାରଣରୁ ଆଦିତ୍ୟ ଏଭଳି ଦୁର୍ଘଟଣାର ଶିକାର ହୋଇଥିବା ତାଙ୍କ ବାପା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ଦାଏର କରିଛନ୍ତି। ଖବର ପାଇ ଜିଲାପାଳ ଜ୍ଞାନରଞ୍ଜନ ଦାସ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି।



ଗିରଫ ଠକ ମାନେ ଓ ଜବତ ସାମଗ୍ରୀ।

# ନକଲି ଅଧିକାରୀ ଗିରଫ

**ବାରିପଦା ଅଫିସ,୬।୧୧**

ମୟୂରଭଞ୍ଜ ଜିଲା ଖାରପୋଖରିଆ ପୋଲିସ ୪ ଜଣ ଆନ୍ତରାଜ୍ୟ ଠକଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଜାମଶୋଳା ଅଞ୍ଚଳର ବିଟୁ ବେହେରା, ଦିଲିପ ନାୟକ, ଅନନ୍ତ ସୋରେନ ଓ ଅନନ୍ତ ମହାନ୍ତ। ଏ ନେଇ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ବିଭିନ୍ନ ରାଜ୍ୟର ଆରଟିଓ ଏମଭିଆଇଙ୍କ ଷ୍ଟାମ୍ପ, ସରକାରୀ ଜାଲ ମନି ରସିଦ, ବିଭିନ୍ନ ପ୍ରକାର ନକଲି ସରକାରୀ ଫର୍ମ, ୩ ଲକ୍ଷ ୧୨ ହଜାର ଟଙ୍କା ଓ ୭ ଟି ମୋବାଇଲ ଫୋନ ଜବତ ହୋଇଛି। ଜାମଶୋଳା ଦେଇ ଓଡିଶା, ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ଯୁବକମାନେ ନିଜକୁ ଆରଟିଓ ଅଧିକାରୀର ପରିଚୟ ଦେଇ ଗାଡିରୁ ଜରିମାନା ଆଦାୟ କରୁଥିଲେ। ଏନେଇ ପୋଲିସ ଖବର ପାଇବା ପରେ ଏକ ସ୍ୱତନ୍ତ୍ର ଟିମ ଜାମଶୋଳାର ଏକ ଆଡ୍ଡାରେ ଚଢ଼ଉ କରି ଏମାନଙ୍କୁ ଗିରଫ କରିଛି।

**STEWART SCHOOL, BHUBANESWAR**
UNIT- VIII, CRP Square, BHUBANESWAR-751012
(Affiliated to the Council for Indian School Certificate Examination, New Delhi)
Ph. No.- (0674) 2560990, 7809601467
Email: stewartbbsr@gmail.com, Website: www.stewartschoolbbsr.in

**ADMISSION OPEN**
For Pre-Nursery, Nursery, Preparatory and Std. I to IX for the Academic Session 2019 - 2020
Application Forms may be downloaded from the School website and to be submitted along with a Bank Challan of Rs.500/- at Office of the Principal.

Last Days for submission of Application forms:

| | |
|---|---|
| For Pre-Nursery, Nursery & Preparatory | : 25.11.2018 |
| For Class I to Class V | : 27.11.2018 |
| For Class VI to Class IX | : 30.11.2018 |

Sd./- Principal

# ‘ମୋ ଭଉଣୀକୁ ମାରି ଦିଆଯାଇଛି’

**ଧାମନଗର,୬।୧୧(ଡି.ଏନ.ଏ.)**

- କୋଚିଲା ନଦୀରୁ ମୃତଦେହ ଉଦ୍ଧାର
- ଥାନାରେ ହତ୍ୟା ମାମଲା ରୁଜୁ
- ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

‘ମୋ ଭଉଣୀ ବାସନ୍ତୀଙ୍କୁ ଶାଶୁଘର ଲୋକେ ମାରି ନଦୀରେ ଭସାଇ ଦେଇଛନ୍ତି’ ବୋଲ ତାଙ୍କ ଭାଇ ଦଇପୁର ଗ୍ରାମର ଦୁଃଶାସନ ଲେଙ୍କା ଭଦ୍ରକ ଜିଲା ଧୂଷୁରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଯୌତୁକ ଜନିତ ହତ୍ୟା ମାମଲା (ନଂ. ୧୮୩/୧୮)ରୁଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

ଗତ ୪ ତାରିଖ ରାତିରୁ ବାସନ୍ତୀ ଘର ଛାଡି କେଉଁଆଡେ ପଳାଇଥିବା ନେଇ ଶାଶୁଘର ଲୋକେ ବାପଘରକୁ ଫୋନ କରି ଜଣାଇଥିଲେ। ତଦନୁଯାୟୀ ବାପଘର ପକ୍ଷରୁ ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲା। ସୋମବାର ପୂର୍ବାହ୍ନରେ କୋଚିଲା ନଦୀର ଗାନ୍ଧିଘାଟ ନିକଟରେ ଜଣେ ମହିଳାଙ୍କ ଶବ ଭାସୁ ଥିବା ଦେଖି ସ୍ଥାନୀୟ ଲୋକେ ଧୂଷୁରୀ ଥାନାକୁ ଖବର ଦେଇଥିଲେ। ଥାନା ଆଇଆଇସି ରାମ କୁମାର ମୁର୍ମୁ ଏବଂ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ପରେ ମୃତଦେହକୁ ଚିହ୍ନଟ କରାଯାଇଥିଲା। ମୃତା ବାସନ୍ତୀଙ୍କ ଭାଇ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭଉଣୀଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଏଥିରୁ ଏହା ହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଛି। ୨୦୧୫ ମସିହାରେ ସେ ତାଙ୍କ ଭଉଣୀଙ୍କୁ ଧାମନଗର ବ୍ଲକ ଧୂଷୁରୀ ଥାନା ହସନାବାଦ ପଞ୍ଚାୟତ ପଙ୍ଗଟା ଗ୍ରାମର ଚୁନା ରାଉତଙ୍କୁ ବିବାହ ଦେଇଥିଲେ। ବିବାହ ପରେ ଅଧିକ ଯୌତୁକ ବାବଦକୁ ମୋଟର ସାଇକେଲ ଏବଂ ୨୦ ହଜାର ଟଙ୍କା ଦେବାକୁ ଶାଶୁଘର ତରଫରୁ ସବୁବେଳେ ଚାପ ପକାଯାଇ ନିର୍ଯାତନା ଦିଆଯାଉଥିଲା। ବାସନ୍ତୀଙ୍କର ଏକ ଶିଶୁ କନ୍ୟା ରହିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଥାନା ଆଇଆଇସି ମୁର୍ମୁ ପକ୍ଷରୁ କହିଛନ୍ତି।



For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. କଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 789402001. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଜା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକମ୍ଭରୀ ମୋଟର୍ସ - 7008906387. ସୋରୋ: ତୁଳସିକା ମୋଟର୍ସ - 221711, 9337375571. ହୀରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହୁଇଲର୍ - ବିଦ୍ୟାଧରପୁର, କଟକ - 8093080012.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ DHARITRI
ବାଲେଶ୍ୱର, ବୁଧବାର, ୭ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ଭିଡିଓ କନଫରେନ୍ସ ହଲ ଉଦ୍‌ଘାଟିତ

**ପାଟଣା, ୬।୧୧(ସ୍ୱ.ପ୍ର.):** ପାଟଣା ବ୍ଲକ ପରିସରରେ ସୋମବାର ରାତିରେ ନୂଆ ଭିଡିଓ କନଫରେନ୍ସ ହଲ ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରର ସଚିବାଳୟରୁ ସିଧାସଳଖ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ ନାୟକ, ବିଡ଼ିଓ ଅଧିକାରୀ ଧନେଶ୍ୱର ନାଏକ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ, ଜିପିଓ ରଶ୍ମିରେଖା ମହାନ୍ତି, ବଡପାଟଣା ସରପଞ୍ଚ ଚନ୍ଦ୍ର ମୋହନ ନାଏକ, ସ୍ଥାନୀୟ ମହାବିଦ୍ୟାଳୟର କର୍ମଚାରୀ ରଜତ କୁମାର ଦାଶ, ବ୍ରଜେନ୍ଦ୍ର କୁମାର ପତି ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଭିଡିଓ କନଫରେନ୍ସ ମାଧ୍ୟମରେ ସିଧାସଳଖ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ସହ ସମ୍ପର୍କ ସ୍ଥାପନ ହୋଇପାରିବ ବୋଲି ଉପସ୍ଥିତ ଥିବା ଅତିଥିମାନେ କହିଥିଲେ।

### ଟୋଲ ପ୍ଲାଜା ନିକଟରୁ ଚୋରି

**ଢେଙ୍କୀକୋଟ, ୬।୧୧(ଡି.ଏନ୍.ଏ.):** ଢେଙ୍କୀକୋଟସ୍ଥ ସାଇ ମା' ତାରିଣୀ ଟୋଲ୍ ପ୍ଲାଜାରେ ଥିବା ଲାଇଟ୍ ଗୁଡ଼ିକ ଅଚଳ ହୋଇଛି। ଟୋଲ୍ ପ୍ଲାଜା ନିକଟରେ ଛିଡ଼ା ହେଉଥିବା ଟ୍ରକ୍ ଗୁଡ଼ିକରୁ ଡିଜେଲ ଚୋରି ହେଉଛି। ସୋମବାର ରାତିରେ ଟୋଲ୍ ପ୍ଲାଜାଠାରୁ ମାତ୍ର ୧୦୦ ମିଟର ଦୂର ରାସ୍ତାକଡ଼କୁ ଲାଗିଥିବ ଏକ ଭେରାଇଟି ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନର ମାଲିକ ବିଜୁ ବିଶ୍ୱାଳ ଢେଙ୍କୀକୋଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଖବର ପାଇ ଫାଣ୍ଡି ଅଧିକାରୀ ଭରତ ଚନ୍ଦ୍ର ନାୟକ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ବିପିଏଲ କ୍ରିକେଟ ଟୁର୍ନାମେଣ୍ଟ ସୁମିତ୍ ଇଲେଭେନ, ବଡବିଲ ଟାଇଗର ବିଜୟୀ

**ବଡ଼ବିଲ, ୬।୧୧(ସ୍ୱ.ପ୍ର.):** ବଡବିଲରେ ବିପିଏଲ କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ମ୍ୟାଚ୍‌ରେ ସୁମିତ ଇଲେଭେନ ବିଜୟୀ ହୋଇଥିଲା ବେଳେ ଅପରାହ୍ନ ମ୍ୟାଚରେ ବଡବିଲ ଟାଇଗର ବିଜୟୀ ହୋଇଛି। ପୂର୍ବାହ୍ନରେ ମ୍ୟାଚ୍ ସୁମିତ ଇଲେଭେନ ଓ କଳିଙ୍ଗ ସିଜ୍‌ଲର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁମିତ ଇଲେଭେନ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ପ୍ରତାପ ଆପଟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଅପରାହ୍ନରେ ଭିଜିଏଚ୍ ଓ ବଡ଼ବିଲ ଟାଇଗର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡବିଲ ଟାଇଗର୍ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ବିନିମୟରେ ୧୨୧ ରନ ସଂଗ୍ରହ କରି ବିଜୟ ହୋଇଥିଲା। ମ୍ୟାଚରେ ବିଜୟୀ ବଡବିଲ ଟାଇଗର ଟିମ୍‌ର କୁମାର ସାନୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

### ଆଦର୍ଶ ଶିକ୍ଷକ ମାୟାଧର ସମ୍ମାନିତ

**ଆନନ୍ଦପୁର, ୬।୧୧(ସ୍ୱ.ପ୍ର.):** ଘସିପୁରା ବ୍ଲକ ଅଙ୍ଗାରୁଆ ଗଦାଧରପୁର ଶାସନର ଆଦର୍ଶ ଶିକ୍ଷକ ମାୟାଧର ରଥଙ୍କୁ ସମ୍ମାନିତ କରାଯାଇଛି। ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ କବି କଳାକାର ସମ୍ମାନିତ ଉତ୍ସବରେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନଠାରେ ତାଙ୍କୁ ଶିକ୍ଷକ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିଲେଖାଗାରର କ୍ୟୁରେଟର୍ ଡ. ଭାଗ୍ୟଲିପି ମଲ୍ଲ, ସାହିତ୍ୟ ଏକାଡେମିର ସଭାପତି ଡ. ହୁସେନ୍ ରବି ଗାନ୍ଧୀ, ଡ. ରାଜୀବ ରଞ୍ଜନ ସାହୁ, ପ୍ରଫେସର ଶରତ ଚନ୍ଦ୍ର ପ୍ରଧାନ, ବାବାଜୀ ଚରଣ ପଟ୍ଟନାୟକ, ନଟବର ଶତପଥୀ ପ୍ରମୁଖ ଯୋଗଦେଇ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରିଥିଲେ। ରଥ କେନ୍ଦୁଝର ଜିଲାରେ ଜଣେ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିବାବେଳେ ଅବସରଗ୍ରହଣ ପରେ ମଧ୍ୟ ବିନା ପାରିଶ୍ରମିକରେ ଅନେକ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଦାନ କରି ବିରଳ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କୁ ମିଳିଥିବା ଶିକ୍ଷକ ରତ୍ନ ସମ୍ମାନ ପାଇଁ ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଜନସାଧାରଣ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



---

■ ରଙ୍ଗାମାଟିଆ ହତ୍ୟାକାଣ୍ଡକୁ ବର୍ଷେ

# ଅସହାୟଙ୍କୁ ପ୍ରଶାସନିକ ଅଣଦେଖା

**ରାଇସୁଆଁ, ୬।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତର ରଙ୍ଗାମାଟିଆ ଗ୍ରାମରେ ଘଟିଥିବା ହତ୍ୟାକାଣ୍ଡକୁ ବର୍ଷେ ପୁରିଛି। ମାତ୍ର ପ୍ରଶାସନ ତରଫରୁ ଅସହାୟଙ୍କୁ ସହାୟତା ଯୋଗାଇ ଦିଆଯାଇନି। ପୀଡିତା ପରିବାରକୁ ମିଳିଲା ନାହିଁ ପ୍ରଶାସନିକ ସହଯୋଗ। ଏପରି ଅଣଦେଖାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଗତ ବର୍ଷ ନଭେମ୍ବରରେ ଡାହାଣୀ ସନ୍ଦେହରେ କେତେ ଜଣ ଯୁବକ ଏକ ପରିବାରର ଦମ୍ପତି ବାମିଆ ପ୍ରଧାନ, ଗାଙ୍ଗି ପ୍ରଧାନଙ୍କ ସହ ଝିଅ ସୁମିତ୍ରା ପ୍ରଧାନ, ପୁଅ ମଙ୍ଗଲସିଂ ପ୍ରଧାନ ଏକ ଘରେ ଶୋଇଥିଲେ। ସେହି ସମୟରେ ଘରେ ପଶି କେତେ ଜଣ ଦୁର୍ବୃତ୍ତ ଅତିନିର୍ମମ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ବାପା ବାମିଆ, ମାଆ ଗାଙ୍ଗୀଙ୍କ ମୃତ୍ୟୁ ଘଟିଥିଲା। ପୁଅ ମଙ୍ଗଲସିଂ ଏବଂ ଝିଅ ସୁମିତ୍ରା ଗୁରୁତର ହୋଇ ୧ ମାସ କଟକ ବଡମେଡିକାଲରେ ଚିକିତ୍ସିତ ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ସେମାନେ ନୂଆ ଜୀବନ ପାଇଥିଲେ। ମାତ୍ର ଅକର୍ମଣ୍ୟ ହୋଇ ଘରେ ବସି ରହିଛନ୍ତି।



ମୃତକଙ୍କ ପରିବାରର ସଦସ୍ୟ।

ମୃତ ବାମିଆଙ୍କ ନାମରେ ବାଂଶପାଳ ବ୍ୟାଙ୍କ ଅଫ ଇଣ୍ଡିଆରେ ୧ ଲକ୍ଷ ୩୫ ହଜାର ଟଙ୍କା ଅଛି। ଏଥି ପାଇଁ ସମସ୍ତ ନିୟମ କାନୁନ ଅନୁସାରେ ଲିଗାଲ ହେୟାର ବାହାର କରିଥଲେ ପରିବାର ଲୋକେ। ମାତ୍ର ବାଂଶପାଳ ତହସିଲଦାରଙ୍କ ବିଚିତ୍ର ନିୟମ କାନୁନ ଅନୁସାରେ ଲିଗାଲ ହେୟାରରେ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ପାରିବ ନାହିଁ ବୋଲି କୁହାଯାଉଛି। ୩୫ ହଜାର ଟଙ୍କା ସରକାରଙ୍କ ଖାତାକୁ ଚାଲିଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହୁଛନ୍ତି। ବାମିଆଙ୍କ କଷ୍ଟ ଅର୍ଜିତ ଟଙ୍କାକୁ ତାଙ୍କ ପିଲାମାନେ ଭୋଗ ନ କରିପାରି ଚିନ୍ତାରେ ରହିଛନ୍ତି। ସରକାରୀ କାର୍ଯ୍ୟାଳୟକୁ ଧାଇଁ ତାଙ୍କ ପରିବାର ସଦସ୍ୟ ନୟାନ୍ତ ହେଲେଣି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବାଂଶପାଳ ତହସିଲଦାରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ସୋସୋ-ମଉଦା ରାସ୍ତା ବିପର୍ଯ୍ୟସ୍ତ



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

**ହାଟଡ଼ିହୀ, ୬।୧୧(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକର ଆରଡ଼ି ବିଭାଗ ଅଧୀନ ଥିବା ରାସ୍ତା ଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉକ୍ତ ରାସ୍ତା ଗୁଡ଼ିକୁ ମରାମତି ନାମରେ ବହୁ ଟଙ୍କା ବ୍ୟୟ ହେଉଛି। ପ୍ରଶାସନର ଅପାରଗତା ଓ ଠିକାଦାରମାନଙ୍କର ଇଛା ମୁତାବକ କାର୍ଯ୍ୟରେ ରାସ୍ତା ଗୁଡ଼ିକ ଠିକ ଭାବରେ କାର୍ଯ୍ୟ ନ ହୋଇ ନିମ୍ନମାନର ହେଉଛି। ସୋସୋ-ମଉଦା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାତାୟାତ କରିବାରେ ଲୋକେ ଅସୁରକ୍ଷିତ ମଣୁଛନ୍ତି।

ରାସ୍ତାଟି ଭଦ୍ରକ ଜିଲା ବନ୍ତକୁ ସଂଯୋଗ ହୋଇଛି। ଉକ୍ତ ରାସ୍ତା ଉପରେ ଦୁଇ ଜିଲାର ଲୋକେ ନିର୍ଭର କରିଥାନ୍ତି। ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ପିଚୁ ଉଠି ଯାଇଥିବାରୁ ଦୁଇ ଚକିଆ ଗାଡ଼ି ଓ ସାଇକେଲ ଯିବା ଆସିବାରେ ଅସୁବିଧା ହେଉଛି। ବିଭାଗୀୟ ଅଧିକାରୀ ରାସ୍ତା ଗୁଡ଼ିକୁ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ପୂର୍ବତନ ସରପଞ୍ଚ ତ୍ରୈଲୋଚନ ନାୟକ, ଦେବେନ୍ଦ୍ର ପ୍ରଧାନ, ଗିରିଶ ନାୟକ, ଚନ୍ଦା ମହାନ୍ତି, ସମିତି ସଭ୍ୟ ବିବେକାନନ୍ଦ ରାଉତ, ସମିତି ସଭ୍ୟ ରାଜେନ୍ଦ୍ର ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଶ୍ରମିକମାନଙ୍କୁ ମିଳୁନି ମଜୁରି

**ଚମ୍ପୁଆ, ୬।୧୧(ଡି.ଏନ.ଏ.)**

ଚମ୍ପୁଆ ରେଞ୍ଜ ବଡନଇ ପଞ୍ଚାୟତର ଗମ୍ଭାରିଆଠାରେ ଚାରାରୋପଣର ରକ୍ଷଣାବେକ୍ଷଣ କରିଥିବା ଶ୍ରମିକଙ୍କୁ ବାବଦକୁ ମଜୁରି ମିଳୁନି। ଏ ନେଇ ସେମାନେ ଚମ୍ପୁଆ ରେଞ୍ଜ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବନ ବିଭାଗ ପକ୍ଷରୁ ବିଲ୍ ନ କରିବାରୁ ମଜୁରି ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ଶ୍ରମିକ କହିଛନ୍ତି। ଗତ ୩ ବର୍ଷ ତଳେ ଗମ୍ଭାରିଆଠାରେ ଚମ୍ପୁଆ ରେଞ୍ଜ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ସ୍ଥାନୀୟ ଶ୍ରମିକଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ଆଦି କରାଯାଉଥିଲା। ଚଳିତ ବର୍ଷ ଅକ୍ଟୋବରରେ ଉକ୍ତ ବୃକ୍ଷ ଗୁଡିକର କୋଡା, ଖୋସା, ସର ପ୍ରୟୋଗ, ଅନାବନା ଝଟା କଟା ଏବଂ ବାଡ ଘେରା ବାବଦକୁ ୨୩ ଶ୍ରମିକ ୧୫ ଦିନ ଧରି କାମ କରିଥିଲେ। ୧୫ ଦିନ ଧରି କାମ କରିଥିବା ଶ୍ରମିକ ଦୈନିକ ମଜୁରି ବାବଦକୁ ୨୨୪ ଟଙ୍କା ୩୦ ପଇସା ହିସାବରେ ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି।

କାର୍ଯ୍ୟାଳୟ ପକ୍ଷରୁ ବାବୁଲି ନାଏକ ନାମଙ୍କ ଜଣେ ବ୍ୟକ୍ତି ଉକ୍ତ କାର୍ଯ୍ୟ କରିବା ପାଇଁ କୁହା ଯାଇଥିଲା। ବାବୁଲି ୨୩ ଶ୍ରମିକଙ୍କୁ ନେଇ କାର୍ଯ୍ୟ କରିଥିଲେ। ସ୍ଥାନୀୟ ଅଞ୍ଚଳରେ କାଳୀପୂଜା ଏକ ପ୍ରମୁଖ ପର୍ବ ଭାବରେ ପାଳିତ ହେଉଥିବା ବେଳେ ରେଞ୍ଜ ଅଫିସ ଆଗରେ ମଜୁରି ପାଇଁ ଦାବି କରି ବସି ରହିଥିଲେ। ଶ୍ରମିକ ଲକ୍ଷ୍ମଣ ମହାରଣା, ରବୀନ୍ଦ୍ର ନାଏକ, ବେଣୁଧର ନାଏକ, ଖଗେଶ୍ୱର ମହାରଣା, ଶିବୁ ମହାନ୍ତ, ବିଜୁ ମହାନ୍ତ, କାଠିଆ ପାତ୍ର, ନିରଞ୍ଜନ ନାଏକ, ନବୀନା ନାଏକ ସମେତ ୨୩ ଶ୍ରମିକ ୩ ଘଣ୍ଟା ଧରି ଅଫିସ କାର୍ଯ୍ୟାଳୟ ଆଗରେ ବସି ରହିଥିଲେ। ଏ ନେଇ ଚମ୍ପୁଆ ରେଞ୍ଜର ଘନଶ୍ୟାମ ବାରିକଙ୍କୁ ଯୋଗାଯୋଗ କରିବାରୁ ମୋ ପାଖକୁ ଆସିଥିବା ବିଲ୍ ସମ୍ପୂର୍ଣ୍ଣ ହୋଇନାହିଁ। ଠିକ ସମୟରେ ପହଞ୍ଚି ପାରି ନ ଥିଲା। ଫଳରେ ବିଲ୍ ହୋଇପାରି ନାହିଁ। ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆଯାଇ ଶ୍ରମିକଙ୍କ ବିଲ୍ କରାଯିବା ସହ ମଜୁରି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।





ମଜୁରି ଦାବି କରୁଥିବା ଶ୍ରମିକ।

## କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଶ୍ରେଷ୍ଠ ମାନ୍ୟତା

**କେନ୍ଦୁଝର, ୬।୧୧(ସ୍ୱ.ପ୍ର.):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡକୁ ପୌରାଞ୍ଚଳ ବିଦ୍ୟାଳୟ ମଧ୍ୟରୁ ଶ୍ରେଷ୍ଠ ବିଦ୍ୟାଳୟ ମାନ୍ୟତା ମିଳିଛି। ସଦର ବ୍ଲକ ନବନିର୍ମିତ ଭିଡିଓ କନ୍‌ଫେରେନ୍ସିଂ ଗୃହରେ ମେଧାଛାତ୍ର, ଶ୍ରେଷ୍ଠ ବିଦ୍ୟାଳୟକୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନ ଉତ୍ସବରେ ଜିଲା ପରିଷଦର ସଭାପତି କମଳିନୀ ପାତ୍ର, ସଦର ବ୍ଲକ ଅଧ୍ୟକ୍ଷା ଲତିକା ଦେହୁରି, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଡିଓ ଆଦିକନ୍ଦ ବେହେରା ଏବଂ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମଞ୍ଚାସୀନ ଥିଲେ। ଚଳିତ ହାଇସ୍କୁଲ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଆଦିତ୍ୟ ନାରାୟଣ ସାହୁ ଏବଂ ଶ୍ରେଷ୍ଠ ବିଦ୍ୟାଳୟ ଭାବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନାମ ଘୋଷଣା କରିବା କରାଯାଇଥିଲା। ପରେ ପ୍ରଧାନାଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଶ୍ରେଷ୍ଠତା ଲାଭ କରିଥିବାରୁ ପରିଚାଳନା ସମିତି, ଗୁରୁଜୀଗୁରୁମା, ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

## ଚାଷୀଙ୍କ ଗିରଫଦାରିକୁ କୃଷକ ସଙ୍ଗଠନର ନିନ୍ଦା

**କେନ୍ଦୁଝର, ୬।୧୧(ସ୍ୱ.ପ୍ର.)**

ଦାବି ପୂରଣ ନେଇ ଆନ୍ଦୋଳନ କରୁଥିବା ଚାଷୀମାନଙ୍କୁ ସରକାରଙ୍କ ଗିରଫଦାରୀକୁ ଅଲ ଇଣ୍ଡିଆ କୃଷକ କ୍ଷେତ ମଜଦୂର ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ସବୁବେଳେ ଚାଷୀମାନଙ୍କ ଅଧିକାରକୁ ଦମନ କରିବାକୁ ଉଦ୍ୟମ କରୁଛନ୍ତି। ଏଭଳି ଚାଷୀ ବିରୋଧୀ ଆଭିମୁଖ୍ୟକୁ ସଙ୍ଗଠନର ଜିଲା ସମ୍ପାଦକ କମ୍ରେଡ ବେଣୁଧର ସର୍ଦ୍ଦାର ଓ ଏସୟୁସିଆଇ କେନ୍ଦୁଝରର ସମ୍ପାଦକ କମ୍ରେଡ ପ୍ରକାଶ ମଲ୍ଲିକ ଦୃଢ ନିନ୍ଦା କରିଛନ୍ତି। ମୋଦି ସରକାର ପୁଞ୍ଜିପତିଙ୍କ ବହୁ କୋଟି ଟଙ୍କା ବିଦ୍ୟୁତ୍ ଓ ଅନାଦେୟ ଦେୟ ଛାଡ କରୁଥିବା ବେଳେ ରାଜ୍ୟ ସରକାର ଦୀର୍ଘ ଦିନର ସଙ୍ଗଠନର ଦାବି କ୍ୱିଣ୍ଟାଲ ପ୍ରତି ୫ ଶହ ଟଙ୍କା ବୋନସ ଓ ଋଣଛାଡକୁ ପୂରଣ କରୁନାହାନ୍ତି। ଚାଷୀମାନଙ୍କୁ ୫ ହଜାର ଟଙ୍କା ପେନସନ ଦେବାରେ ଅବହେଳା କରୁଛନ୍ତି। ଉଭୟ ସରକାର ପରସ୍ପରକୁ ଦୋଷାରୋପ କରି ରାଜନୀତି କରୁଥିବାରୁ ଚାଷୀଙ୍କ ସମସ୍ୟା ବଢୁଛି। ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଥିବା କହିଛନ୍ତି। ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଲୋକେ।

**ଝୁମ୍ପୁରା, ୬।୧୧(ଡି.ଏନ.ଏ.)**

ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ମଙ୍ଗଳବାର ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାମରାୟ ମୁର୍ମୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପରିଷଦର ଉପାଧ୍ୟକ୍ଷା ମୀନା ମାଝି, କେନ୍ଦୁଝର ଏମପି ଶକୁନ୍ତଳା ଲାଗୁରୀ, ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୃଷିକେଶ ନାଏକ, ବିଜୁ ଜନତା ଦଳର ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକ, ମଙ୍ଗଳ ଅଧିକାରୀ ଆଶୁତୋଷ ଲୋକନାଥ ଘଡେଇ, ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ୧୬ନଂ ଜିଲା ପରିଷଦ ସଦସ୍ୟ ସୋମନାଥ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜନଜାତି ସାଂସ୍କୃତିକ ଉତ୍ସବ ଏକ ସରକାରୀ କାର୍ଯ୍ୟକ୍ରମର ରୂପରେଖ ହୋଇଥିଲେ ହେଁ ସଞ୍ଚାଳନ ଦଳୀୟ କାର୍ଯ୍ୟକ୍ରମ ଭଳି ସ୍ପଷ୍ଟ ବାରି ହୋଇ ପଡୁଥିଲା। ବହୁ ସରପଞ୍ଚ, ସମିତି ସଭ୍ୟ, ଆଦିବାସୀ, ଜନଜାତି ବର୍ଗର ହୋଇଥିଲେ ହେଁ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ସୂଚନା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ୧୭ନଂ, ୧୬ନଂ ଜିଲା ପରିଷଦ ସଦସ୍ୟଙ୍କ ସହ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଦିବାସୀ, ଜନଜାତିଙ୍କ ସଂସ୍କୃତି, ପରମ୍ପରାକୁ ମନେ ପକାଇବା, ସଜାଡିବାକୁ ନେଇ ଘୋଷା ପାଠ ମଞ୍ଚରେ ବେଶ ଆଦୃତ ହୋଇଥିଲା। ଆଦିବାସୀ, ଜନଜାତିଙ୍କ ଉପସ୍ଥିତ ସଂଖ୍ୟାଠାରୁ ବହୁତ ବେଶୀଥିଲା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସଂଖ୍ୟା। ମଞ୍ଚ କାର୍ଯ୍ୟକ୍ରମ ପରେ ଆଦିବାସୀ ପରମ୍ପରାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କ୍ରୀଡ଼ା ଉତ୍ସବରେ ୧୨୦ ପ୍ରତିଯୋଗୀ



ଖେଳରେ ଭାଗ ନେଇଥିବା ପ୍ରତିଯୋଗୀ।

**କେନ୍ଦୁଝର, ୬।୧୧(ସ୍ୱ.ପ୍ର.)**

କେନ୍ଦୁଝର ଷ୍ଟାଡିଅମଠାରେ ମଙ୍ଗଳବାର ଅନାଥଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କ୍ରୀଡା ପ୍ରତିଭା ଉଦଜାଗରଣ ପାଇଁ ହୋସଲା ୨୦୧୮ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ତାହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ, ଜିଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ଜନାର୍ଦ୍ଦନ ଦାଶ ଓ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ଲଙ୍ଗ ଜମ୍ପ, ହାଇ ଜମ୍ପ, ୧୦୦ ମିଟର ଦୌଡ, ୪୦୦ ମିଟର ରିଲେ ରେସ ଅନୁଷ୍ଠିତ ହୋଇଥିଲା। ସେହିପରି ଚିତ୍ରାଙ୍କନ, ଡିବେଟ, ଝୋଟି ଆଦି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଉକ୍ତ ପ୍ରତିଯୋଗିତାରେ ଡିଭାଇନ ଓଁକାର ବାଳାଶ୍ରମ, ଘଷିପୁରା, ସେଲଫ ରିଆଲାଇଜେସନ ମିସନ, ଘଷିପୁରା, ମନୋଜ ମରୀ ଶିଶୁ ଭବନ, ଆଦୃତ ଚିଲଡ୍ରେନ ହୋମ, ଆଶୀର୍ବାଦ ବଏଜ ହୋମ, କେନ୍ଦୁଝର ଓ ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡିହୀର ପାଖାପାଖି ୧୨୦ ବାଳିକାବାଳକ ଭାଗ ନେଇଥିଲେ। ପରିଚାଳନା ପାଇଁ ୨୦ କର୍ମଚାରୀ ନିୟୋଜିତ ହୋଇଥିଲେ। ଅପରାହ୍ନରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

■ ମଙ୍ଗଳା କୋଠିରେ ନିଆରା ପରମ୍ପରା

## ନିଆଁରେ ଚାଲିଲେ ଭକ୍ତ



ଜଣେ ଭକ୍ତ ନିଆଁରେ ଚାଲୁଛନ୍ତି।

**ତେଲକୋଇ, ୬।୧୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଥିବା ମା ମଙ୍ଗଳା କୋଠିରେ ବ୍ରତଧାରୀଙ୍କ ନିଆରା ପରମ୍ପରା ଦେଖିବାକୁ ମିଳିଛି। ବ୍ରତଧାରୀ ନିଆଁରେ ଚାଲିବା ପରମ୍ପରା ରହିଛି। ବିଶ୍ୱାସ ରହିଛି ନିଆଁରେ ଚାଲିଲେ ମା'ଙ୍କର ଆର୍ଶୀବାଦ ମିଳିଥାଏ। ଚଳିତ ମାସ ଶେଷ ମଙ୍ଗଳବାର ମା' ମଙ୍ଗଳାକୋଠି ପରିସରରେ ପୂଜାର୍ଚ୍ଚନା ଶେଷ କରାଯାଉଥିବା ବେଳେ ପୂର୍ବରୁ ବ୍ରତଧାରୀ ମା' ମଙ୍ଗଳାଙ୍କ ପାଇଁ ଓପାସ ରହି ବ୍ରତଧାରୀ ହୋଇଥାନ୍ତି। ପରିବାର, ବସ୍ତି, ଗ୍ରାମ ଓ ଗୃହ ପାଳିତ ପଶୁଙ୍କ ଶୁଭ କାମନା କରି ବ୍ରତ କରିଥାନ୍ତି।

ଗତ ମଙ୍ଗଳବାର ବ୍ରତରେ ତେଲକୋଇ ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ପଞ୍ଚାୟତ ଅଧୀନ କନ୍ତଲେଇ ମା' ମଙ୍ଗଳା ପୀଠରେ ବ୍ରତଧାରୀ ଭକ୍ତଙ୍କ ଗହଳି ଲାଗି ରହିଥିଲା। ମା' ମଙ୍ଗଳାଙ୍କର ପୂଜାର୍ଚ୍ଚନା ପରେ ଏକ ଖନ୍ଦା ନିର୍ମାଣ କରାଯାଇଥିଲା। ପରେ ଉକ୍ତ ଖନ୍ଦାରେ କାଠରେ ଅଗ୍ନି ସଂଯୋଗ କରାଯାଇଥିଲା। କାଠ ଗୁଡିକ ନିଆଁ ରଡ ହେବାପରେ ଭକ୍ତମାନେ ମାଙ୍କୁ ସ୍ମରଣ କରି ଉକ୍ତ ନିଆଁରେ ଖାଲି ପାଦରେ ଚାଲିବା ପ୍ରଥା ନିଆରା ପରମ୍ପରାର ପ୍ରତିକ ହୋଇଛି। କନ୍ତଲେଇ ସମେତ ତେଲକୋଇ, ସରୁଆଳି, ଦାମଦର ଗୌଣୀ, ଗୁଣ୍ଡୁରୀଜୋଡା, ଓରିଆ, ଆକୁଳ, ଦେଉଳଡିହା ଆଦି ଗ୍ରାମରେ ଭକ୍ତିର ସହ ପାଳନ କରାଯାଉଛି।

# ବୃତ୍ତିବାକୁ ବସିଛି କୁଟୀରଶିଳ୍ପ

**ରାଇସୁଆଁ, ୬।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ବେକାରି ସମସ୍ୟା ବୃଦ୍ଧି ପାଇଛି। ସରକାର କୁଟିର ଶିଳ୍ପକୁ ପ୍ରସାହନ ପାଇଁ ଯୋଜନା କରିଛନ୍ତି। ମାତ୍ର କେନ୍ଦୁଝର ଜିଲାର କୁମ୍ଭକାରଙ୍କ ବେଉସା ବୃଡିବାକୁ ଲାଗିଲାଣି। କେନ୍ଦୁଝର ଜିଲା ସଦର ବ୍ଲକ ଟିକରପଡ଼ା ଗ୍ରାମର କୁମ୍ଭକାରଙ୍କ ପରିବାର କୌଳିକ ବୃତ୍ତିକୁ ଛାଡି ପାରୁ ନାହାନ୍ତି। ଦୀପାବଳି ଆସିଲେ କୁମ୍ଭକାର ପରିବାର ମାଟି ଆଣି ତାକୁ ଚକଟି ବିଭିନ୍ନ ପ୍ରକାର ପାତ୍ର, ମାଟି ଦ୍ୱୀପ ତିଆରିରେ ସମସ୍ତ ରୁହନ୍ତି। ସ୍ଥାନୀୟ କୁମ୍ଭକାର ସୁରେଶ ବେହେରା କହିଛନ୍ତି, ନଦୀକୂଳରୁ ଚିକିଟା ମାଟି ଆଣି ତାକୁ ପାଣି ଦେଇ ବତୁରାଇ ରଖାଯାଏ। ପରେ ତାଙ୍କୁ ପାଦରେ ଚକୁଟି ପାଗ କରାଯାଏ। ପାଗ ହେଲା ପରେ ମାଟିପିଣ୍ଡୁଳା କରାଯାଇ ତାକୁ ଚକ ସାହାଯ୍ୟରେ ବିଭିନ୍ନ ପ୍ରକାର ମାଟିପାତ୍ର ଯଥା ମାଠିଆ, ଦ୍ୱୀପ ଆଦି ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗ ଆକାରରେ ତିଆରି କରାଯାଏ।



ଟିକରପଡ଼ାର କୁମ୍ଭକାରମାନେ।

ସ୍ଥାନୀୟ ରଘୁନାଥ ବେହେରା କୁହନ୍ତି, ଆଗରୁ ଆମ ପୂର୍ବପୁରୁଷମାନେ କୌଳିକ ବୃତ୍ତି କରି ଆରାମରେ ପରିବାର ପ୍ରତିପୋଷଣ କରୁଥିଲେ। ଏବେ ମହଙ୍ଗା ଯୁଗରେ ବେଉସା କରି ଚଳିବା ବହୁକଷ୍ଟ କର ହୋଇପଡୁଛି। ସରକାଙ୍କ ତରଫରୁ ସୁବିଧା ଯଥା ଆର୍ଥିକ ସହାୟତା ଯୋଗାଇ ଦେବା ସହ ବଜାର ସୁବିଧା କରାଇ ଦିଅନ୍ତେ ତେବେ ବହୁ କୁମ୍ଭକାର ପରିବାର ଦୁଇ ପଇସା ରୋଜଗାର କରି ପାରିବାର ପ୍ରତିପୋଷଣ କରିପାରନ୍ତେ। ସ୍ଥାନୀୟ ସାମାଜିକ କର୍ମୀ ରଜତ ବେହେରା କୁହନ୍ତି, ମାଟିର ପାତ୍ର ପରିବେଶ ପାଇଁ ଅନୁକୂଳ ହୋଇଥିବା ବେଳେ ପ୍ଲାଷ୍ଟିକ ଦ୍ୱୀପ ଏବଂ ପାତ୍ର ଯୋଗୁଁ ଆଜିକାଲି କୁମ୍ଭକାର ପରିବାର ବହୁ ଦୟନୀୟ ଅବସ୍ଥାରେ ରହୁଛନ୍ତି। ସରକାର ତୁରନ୍ତ କୁମ୍ଭକାରଙ୍କ ପ୍ରତି ଦୃଷ୍ଟି ନ ଦେଲେ ଦିନେ କୁଟିରଶୀଳ୍ପ ବୁଡିଯିବ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୭ ନଭେମ୍ବର, ୨୦୧୮



## ସଂକ୍ଷେପରେ



### ୨ ବଖରା ଜଳିଗଲା

**ଆନନ୍ଦପୁର, ୬।୧୧(ସ୍ୱ.ପ୍ର.):** ଆନନ୍ଦପୁର ପୌରପରିଷଦ ୭ ନଂ ୱାର୍ଡ଼ ଉତ୍ତରେଶ୍ୱର ଯିବା ରାସ୍ତାରେ ନୂତନ ଭାବେ ଘର କରିଥିବା ରବୀନ୍ଦ୍ର ଯେନାଙ୍କ ୨ ବଖରା ଅଗ୍ନିକାଣ୍ଡରେ ଜଳି ଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଚୁଲିରୁ ନିଆଁ ଉପରକୁ ଉଠି ଚାଳରେ ଲାଗି ଯାଇଥିଲା। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ରବୀନ୍ଦ୍ରଙ୍କ ପରିବାରର ଆସବାବ ପତ୍ର ସମେତ ଚାଳ ଛପର ପୋଡି ନଷ୍ଟ ହୋଇଛି।

### ମଦ ଜବତ, ଜଣେ ଗିରଫ

**ଯୋଡ଼ା, ୬।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଜଲହରି ଅଞ୍ଚଳରେ ଚୋରା ମଦ କାରବାର ଅଭିଯୋଗରେ ଜଣେ ଗିରଫ ହୋଇଛନ୍ତି। ମଙ୍ଗଳବାର ସକାଳେ ଉକ୍ତ ଗ୍ରାମର ଗୋପାଳ ପାତ୍ରଙ୍କ ଘରେ ଚଢାଉ ହୋଇଥିଲା। ୬୦ ଲିଟର ମହୁଲି ମଦ ଓ ୧୧ଟି ବିଦେଶୀ ମଦ ବୋତଲ ଜବତ ହୋଇଥିଲା। ଏକ ମାମଲା ରୁଜୁ କରି ଗୋପାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ଖବରଦାତାଙ୍କ ବାଇକ୍ ଚୋରି

**ଆନନ୍ଦପୁର, ୬।୧୧(ସ୍ୱ.ପ୍ର.):** ଆନନ୍ଦପୁର ପୌରପରିଷଦ ଶାଳପଡା କୈବଲ୍ୟ କଲୋନୀ ବାସୀନ୍ଦା ତଥା ଖବରଦାତା ଦିଲ୍ଲୀପ ମିଶ୍ରଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରିଥିବା ଘସିପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ମିଶ୍ର ସବୁ ଦିନ ଭଳି ନିଜ କାର୍ଯ୍ୟାଳୟ ସମ୍ମୁଖରେ ବାଇକ୍ ନଂ ଓଡି୦୯ଡି-୯୫୩୭କୁ ରଖିଥିଲେ। କେହି ଦୁର୍ବୃତ୍ତ ବାଇକ୍ ଲୁଟି ନେଇଛନ୍ତି। ଗାଡିକୁ ଖୋଜାଖୋଜି କରିଥିଲେ ହେଁ ନ ପାଇବାରୁ ଦିଲ୍ଲୀପ ଥାନାରେ ଅଭିଯୋଗ କରିଛନ୍ତି।

### ଚିକିତ୍ସାଧୀନ ସୈନିକଙ୍କ ପରଲୋକ

**ଆନନ୍ଦପୁର,୬। ୧୧(ସ୍ୱ.ପ୍ର.)-** ଆନନ୍ଦପୁର ପୌରପରିଷଦ ୩ ନଂ ୱାର୍ଡ଼ ବାସିନ୍ଦା ସ୍ୱର୍ଗତ ବୈଷ୍ଣବ ପାଢୀଙ୍କ ପୁଅ ଜିତେନ୍ଦ୍ର ପାଢୀଙ୍କର ୪୧ ବର୍ଷ ବୟସରେ ପରଲୋକ ହୋଇଛି। ସେ ଦୀର୍ଘ ଦିନ ଧରି କିଡ୍‌ନୀ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଜିତେନ୍ଦ୍ର ଆସାମ ରାଇଫଲ୍ କିଛି ବର୍ଷ କାର୍ଯ୍ୟ କରି ପାରିବାରିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତାଙ୍କ ବିୟୋଗରେ ଆନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଗୋଟିଏ ଝିଅ ଓ ପୁଅ ରହିଥିବା ବେଳେ ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାର ଏବେ ଅସହାୟ ହୋଇପଡିଛି।

### ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ

**ଢେଙ୍କିକୋଟ, ୬।୧୧(ଡି.ଏନ.ଏ.):** ଢେଙ୍କିକୋଟ ପଞ୍ଚାୟତର ବୟୋଜ୍ୟେଷ୍ଠ ଯୁଧିଷ୍ଠିର ନାୟକ, କେଶବ ମଣ୍ଡଳ, ଅଭିମନ୍ୟୁ ନାୟକ, ପାର୍ବତୀ ମଣ୍ଡଳ, ପୂର୍ଣ୍ଣିମା ନାୟକ, ମଗୁଆ ନାୟକ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ବୟସ ୭୦ରୁ ଊର୍ଦ୍ଧ୍ୱ ପରେ ଘରେ ମୂଲ ଲାଗି ଚଳୁଛନ୍ତି। ଯୁଧିଷ୍ଠିରର ଗତ ଦୁଇବର୍ଷ ତଳେ ମୁମୂର୍ଷୁ ଅବସ୍ଥାରେ ପଡ଼ି ବହୁ କଷ୍ଟରେ ଜୀବନ ବଞ୍ଚାଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ପଞ୍ଚାୟତସ୍ତରରୁ ବ୍ଲକ ପର୍ଯ୍ୟନ୍ତ ବାରମ୍ବାର ଆବେଦନ କରି ବିଫଳ ହୋଇଛନ୍ତି।

ଏ ସମ୍ପର୍କରେ ଢେଙ୍କିକୋଟ ପଞ୍ଚାୟତ ପିଇଓ ଚିତ୍ରସେନ ମହାନ୍ତଙ୍କୁ ପଚାରିବାରୁ ସମସ୍ତ ଆବେଦନକାରୀଙ୍କ ଫର୍ମ ବ୍ଲକ କାର୍ଯ୍ୟାଳୟରେ ଜମା ହୋଇଛି। ମାତ୍ର ତାହା ସିରିଏଲ୍ ଅନୁଯାୟୀ କରାଯାଉଛି। ଏ ସମ୍ପର୍କରେ ବ୍ଲକ ପଞ୍ଚାୟତ ଅଫିସର ଚିତ୍ତରଞ୍ଜନ ନାୟକଙ୍କୁ ପଚାରିବାରୁ ବ୍ଲକ କାର୍ଯ୍ୟାଳୟରେ ବାର୍ଦ୍ଧକ୍ୟ ହିତାଧିକାରୀ ଆବେଦନ ପତ୍ରକୁ ସବୁ କାର୍ଯ୍ୟକାରି କରିବା ପାଇଁ ଉପଜିଲାପାଳଙ୍କୁ କହିଛୁ। ସେ ସହମତି ଦେଇଛନ୍ତି। ଅଳ୍ପଦିନ ମଧ୍ୟରେ ବ୍ଲକରେ ଥିବା ବାକି ହିତାଧିକାରୀ ନିଶ୍ଚିତ ଭତ୍ତା ପାଇଯିବେ ବୋଲି ସେ ପ୍ରକାଶ କରିଛନ୍ତି।

# ସଜେଇ ହେଉଛି ସିଦ୍ଧକାଳୀ ପୀଠ

■ସିଦ୍ଧ ମଠ ଉତ୍ସବମୁଖର

■ଲାଗି ରହୁଛି ଭକ୍ତଙ୍କ ସମାଗମ

**କେନ୍ଦୁଝର, ୬।୧୧(ସ୍ୱ.ପ୍ର.)**

ସବୁଠି କାଳୀପୂଜା ପାଇଁ ଉତ୍ସବ ମୁଖର। କେନ୍ଦୁଝରର ବହୁ ପୁରାତନ ସିଦ୍ଧ ମଠଠାରେ ଥିବା ପ୍ରାୟ ୮୦୦ ବର୍ଷର ପୁରୁଣା ସିଦ୍ଧ କାଳୀ ମନ୍ଦିରରେ ମଧ୍ୟ କାଳୀପୂଜା ପ୍ରସ୍ତୁତି ଚାଲିଛି। ମା' କାଳୀ ପ୍ରତ୍ୟକ୍ଷ ଦେବୀ ଭାବରେ ପୂଜା ପାଇ ଆସୁଛନ୍ତି। ବର୍ଷ ତମାମ ଭକ୍ତଙ୍କ ଭିଡ ଜମୁଥିଲେ ହେଁ ବିଶେଷ କରି କାଳୀ ପୂଜା ସମୟରେ ଅଧିକ ଭକ୍ତଙ୍କ ସମାଗମ ହୋଇଥାଏ। ରୀତିନୀତିରେ ମା' କାଳୀଙ୍କ ଉପାସନା କରାଯାଇ ବିଦ୍ଧି ମୁତାବକ ପୂଜାର୍ଚ୍ଚନା କରାଯାଏ । ପୂଜା ପାଉଥିବା ମା' କାଳୀଙ୍କ ସ୍ୱତନ୍ତ୍ରତା ରହିଛି। କାରଣ ମା' କାଳୀ ଚେନରେ ବନ୍ଧା ହୋଇ ପୂଜା ପାଇ ଆସୁଛନ୍ତି। ଚୁଳିଆ ପାହାଡ ପାଦ ଦେଶରେ ଥିବା ସିଦ୍ଧ ସାଧନର ପୀଠରେ ରହିଛି କାଳୀ ମନ୍ଦିର। ତନ୍ତ୍ର ସାଧନର ପୀଠ ଥିଲା। ବହୁ ସିଦ୍ଧ ସାଧୁମାନେ ସାଧନା କରିବା ସହ ମନ୍ତ୍ରତନ୍ତ୍ର ବିଦ୍ଧିବ୍ୟବସ୍ଥାରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ।



ପୂଜା ପାଉଥିବା ମା' ସିଦ୍ଧକାଳୀଙ୍କ ପ୍ରତିମା।

ସେଠାରେ ମା' କାଳୀଙ୍କ ପ୍ରସ୍ତର ମୂର୍ତ୍ତି ରହିଥିବା ବେଳେ ପଥର ବହୁ ତଳକୁ ମାଟି ତଳେ ପୋତି ହୋଇରହିଥିବା କୁହାଯାଏ। ମାଙ୍କ ଶରୀର କଙ୍କାଳ ସଦୃଶ ମୁଗୁନି ପଥରରେ ତିଆରି ହୋଇଥିବା ମନେ ହୁଏ। ସେ ହେଉଛନ୍ତି ଦଶ ଭୁଜା ଓ ପ୍ରତ୍ୟେକ ହାତରେ ବିଭିନ୍ନ ପ୍ରକାର ସାମଗ୍ରୀ ଯଥା ଖଣ୍ଡା, କଟା ମୁଣ୍ଡ ଆଦି ଧରିଥିବା ବେଳେ ବାମ ହାତର ଆଙ୍ଗୁଠିକୁ ପାଟିରେ କାମୁଡି ଥିବା ଦେଖିବାକୁ ମିଳେ।

ଚେନରେ ବନ୍ଧା ହେବା ନେଇ ଯଦିଓ କୌଣସି ସ୍ୱତନ୍ତ୍ର କାରଣ ନ ଥିଲେ ହେଁ ମା'ଙ୍କ ପ୍ରକୋପ ଏତେ ଥିଲା ଯେ ଭକ୍ତଙ୍କ ସୁରକ୍ଷା ପାଇଁ ସେତେବେଳେ ତାଙ୍କୁ ତନ୍ତ୍ରମନ୍ତ୍ର ଦ୍ୱାରା ଚେନରେ ବନ୍ଧାଯାଇ ପୂଜାକରାଯାଉଥିଲା ବୋଲି କୁହାଯାଏ। ଏବେ ମଧ୍ୟ ବହୁ ଭକ୍ତ ଭୟରେ ମନ୍ଦିର ଭିତରକୁ ପ୍ରବେଶ କରି ପୂଜା କରନ୍ତି ନାହିଁ। ବରଂ ମନ୍ଦିର ପାର୍ଶ୍ୱରେ ଥିବା ଝରକାରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥାନ୍ତି। ଏଠାରେ କାଳିପୂଜାରେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଯଜ୍ଞ, ଚଣ୍ଡିପାଠ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୈଷ୍ଠିକତାର ସହ କରାଯାଇଥାଏ। ସେଠାରେ ଥିବା ଶିବ ମହାକାଳ ବା କାଳେଶ୍ୱର ଭାବରେ ପୂଜାପାଇ ଆସୁଛନ୍ତି ବୋଲି ପୂଜକ ସଞ୍ଜୟ ତ୍ରିପାଠୀ କୁହନ୍ତି। ସେଠାରେ ଭଗବାନ ଶିବ କ୍ଷମତାହୀନ ବୋଲି କୁହାଯାଏ। ମା' କାଳୀ କ୍ଷମତା ସମ୍ପନ୍ନ ବୋଲି ଲୋକଙ୍କ ବିଶ୍ୱାସ କରି ପୂଜା କରିଥାନ୍ତି।

■ ତୁରୁମୁଙ୍ଗାରେ ଯାନବାହନ ଯାଞ୍ଚ

# ଡାକ୍ତର-ପୋଲିସ ମୁହାଁମୁହିଁ

**ପାଟଣା, ୬।୧୧(ସ୍ୱ.ପ୍ର.)**

୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ସମ୍ମୁଖରେ ଯାନବାହନ ଯାଞ୍ଚ ବେଳେ ଡାକ୍ତର ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଜଣେ ମହିଳା ଡାକ୍ତରଙ୍କୁ ପୋଲିସ ମାଡ଼ ମାରିବା ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏଏସଆଇ ବିପିନ ବାରିକ ପାଲଟା ଅଭିଯୋଗ କରିଛନ୍ତି। ଏସଆଇ ସୁଶିଳା ବର୍ଲାଙ୍କୁ ଡାକ୍ତର ଜଣଙ୍କ ମାଡ ମାରିବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ଉଭୟ ମାମଲକୁ ନେଇ ଏଏସଆଇ ଗୁରୁପ୍ରସାଦ ଦେଓ ତଦନ୍ତ ଜାରି ରଖିଛନ୍ତି। ମହିଳା ଡାକ୍ତର ଜଣଙ୍କ ହେଲମେଟ ପିନ୍ଧି ଥିଲେ ମଧ୍ୟ ପୋଲିସ ତାଙ୍କୁ ଡିଏଲ ଓ ଗାଡିର ଅନ୍ୟ କାଗଜପତ୍ର ମାଗିଥିଲା। କାଗଜପତ୍ର ଦେଖେଇବାରେ ସାମାନ୍ୟ ବିଳମ୍ବ ହେବାରୁ ପୋଲିସ ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେବାରୁ ଗାଡିକୁ ଥାନା ଭିତରକୁ ନିଆଯାଇଥିଲା। ଜଣେ ମହିଳା ପୋଲିସ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାଡ ମାରିଥିବା ମହିଳା ଡାକ୍ତର ଜଣଙ୍କ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ବିଜୟ କୃଷ୍ଣ ମହାପାତ୍ରଙ୍କୁ ପଚାରିବାରୁ ଉଭୟ ମାମଲାର ନିରପେକ୍ଷ ତଦନ୍ତ ହେବ ବୋଲି ସେ କହିଛନ୍ତି।

# ଦୀପାବଳି ପାଇଁ ଜମୁଛି ବେପାର



ସଦର ଅଞ୍ଚଳରେ ବାଣ ବିକ୍ରି କରାଯାଉଛି।

**ରାଇସୁଆଁ, ୬।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଅଞ୍ଚଳରେ କାଳିପୂଜା ପାଇଁ ବାଣ ଦୋକାନରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ବିଭିନ୍ନ ପ୍ରକାର ବାଣ ବିକ୍ରି ହେଉଛି। ଚାଇନା ବାଣ କମ ଦାମ ରହିଛି। ସେହି ବାଣ କିଣିବାକୁ ଭିଡ଼ ଜମୁଛି। ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର କୁହନ୍ତି, ଆମ ରାଜ୍ୟରେ ବାଣ ତିଆରି କାରଖାନା ରହିଛି। ତଥାପି ବାଣ ମିଳୁନି। ବାଣ ବିକ୍ରି କରି ଚାଇନା ଆମ ଦେଶରୁ ବହୁ ଅର୍ଥ ନେଉଛି। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ବସନ୍ତ ମନ୍ତ୍ରୀ କୁହନ୍ତି, ଅବସୟ ଆଗଭଳି ବାଣ ବେପାର ହେଉନି। ଲୋକେ ସଚେତନ ହେବା ସହ ମାଟିର ଦ୍ୱୀପ ପ୍ରଜ୍ୱଳନ କରି ଦ୍ୱୀପାବଳି ମନେଇବା ଆରମ୍ଭ କରିଛନ୍ତି। ସ୍ଥାନୀୟ ଅଞ୍ଚଳର କେତେ ଜଣ ବାଣ ବ୍ୟବସାୟୀ କହିଛନ୍ତି ଯେ, ଚାଇନା ବାଣ ଉନ୍ନତ ମାନର ନୁହଁ। କିନ୍ତୁ କମ ଦାମରେ ମିଳୁଛି। ବହୁ ଲୋକ ଚାଇନା ବାଣ କିଣୁଛନ୍ତି। ପରିବେଶବିତ୍ ପ୍ରତାପ ଚନ୍ଦ୍ର ସାହୁ କୁହନ୍ତି, ବାଣ ଫୁଟାଇବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ସରକାର ବାଣ ଫୁଟାଇବାକୁ ବନ୍ଦ କରିବା ଉଚିତ।

# ଥାନା ହେପାଜତରୁ ଅଭିଯୁକ୍ତ ଚମ୍ପଟ

**ଯୋଡ଼ା, ୬।୧୧(ଡି.ଏନ.ଏ.)**

ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ରେଳ ସାଇଡିଂ ନିକଟସ୍ଥ ରାସ୍ତାରେ ଏକ ହାଇୱା ଟ୍ରକ୍ ଲୁଟ ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ମୁଟୁ ମାଝି ସୋମବାର ଯୋଡା ଥାନା ପରିସରରୁ ପୋଲିସକୁ ଚଖମା ଦେଖାଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଗତ ଗୁରୁବାର ହାଇୱା ଟ୍ରକ୍ ନଂ ଓଡି ୦୯ ସି ୬୫୪ ଏକ ଖଣିରୁ ଖଣିଜ ବୋଝେଇ କରି ଏକ ପ୍ଲାଣ୍ଟ ଅଭିମୁଖେ ଯାଉଥିଲା। ଫଳରେ ରାସ୍ତାରେ ଟ୍ରକ୍‌ର ଟାୟାର ଫାଟି ଯାଇଥିଲା। ହେଲପର ମରାମତି କରୁଥିବା ବେଳେ ବିଳମ୍ବିତ ରାତିର ୫ ଦୁର୍ବୃତ୍ତ ସେଠାକୁ ଆସି ଡ୍ରାଇଭର ବିଷ୍ଣୁ ମୁଣ୍ଡା ଓ ହେଲପର ସୁରେଶ ମୁଣ୍ଡାଙ୍କୁ ପିସ୍ତଲ ଓ ମାରଣାସ୍ତ୍ର ଦେଖାଇ ଟ୍ରକ୍ ଲୁଟ ନେଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଝାଡଖଣ୍ଡର



ଫେରାର ହୋଇଥିବା ମୁଟୁ ମାଝି।

ନୂଆମୁଣ୍ଡି ପୋଲିସର ସହାୟତାରେ ସୀମାନ୍ତ ଝାଡଖଣ୍ଡର ଡୁମକା ଜିଲାର ରାମମୁଡ ଅଞ୍ଚଳରୁ ଟ୍ରକ୍ ଉଦ୍ଧାର ହୋଇଥିଲା। ଏଥିରେ ସମ୍ପୃକ୍ତ ୫ ଜଣଙ୍କ ମଧ୍ୟରୁ ୩ ଜଣ ଗିରଫ ହୋଇଥିଲେ। ସେମାନେ ହେଲେ ଝାଡଖଣ୍ଡ ରାଜ୍ୟର ନୂଆମୁଣ୍ଡି ଅଞ୍ଚଳର ମୁଟୁ ମାଝି, ମୁବାରକ ଅହମ୍ମଦ ଓ ମହମ୍ମଦ ଛୋଟୁ ଅନସାରୀ। ସେମାନଙ୍କୁ ଯୋଡା ଥାନାରେ ଅଟକ ରଖାଯାଇଥିଲା। ମୁଟୁ ପୋଲିସକୁ ଚକମା ଦେଇ ଚମ୍ପଟ ମାରିଛି।

ପୋଲିସର ଅସାବଧାନତା ଓ ଦାୟିତ୍ୱହୀନତା ଯୋଗୁଁ ଏପରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯୋଡା ଥାନା ମହିଳା ସବଇନ୍ସପେକ୍ଟର ଅର୍ଚ୍ଚନା ଛୋଟରାୟଙ୍କୁ ପଚାରିବାରୁ ଥାନାରୁ ମୁଟୁ ନାମକ କୌଣସି ଯୁବକ ଚମ୍ପଟ ମାରିନାହିଁ। ଟ୍ରକ୍ ଲୁଟେରା ମାମଲାରେ ମୁଟୁ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ମୁଟୁ ବାହାରୁ କୁଆଡେ ଚାଲିଯାଇ ଥିବ। ଏ ନେଇ ପୋଲିସ ପାଖରେ କୌଣସି ଖବର ନାହିଁ ବୋଲି ସେ କହିଛନ୍ତି। ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତଙ୍କୁ ପଚାରିବାରୁ ସୋମବାର ମଦୁଆ ଚାଳକଙ୍କ କାଗଜପତ୍ର ଯାଞ୍ଚ କରାଯାଉଥିବା ବେଳେ ଏହାର ସୁଯୋଗ ନେଇ ମୁଟୁ ଚମ୍ପଟ ମାରିଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ.୧୮୧/୨୦୧୮) ରୁଜୁ ହୋଇଛି। ମୁବାରକ ଅହମ୍ମଦ ଓ ମହମ୍ମଦ ଛୋଟୁ ଅନସାରୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ସେ କହିଛନ୍ତି।

## କାଳୀପୂଜା ପାଇଁ ପ୍ରସ୍ତୁତି ଶେଷ

**କେନ୍ଦୁଝର, ୬।୧୧(ସ୍ୱ.ପ୍ର.)**

କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ପାଇଁ ପ୍ରସ୍ତୁତି ଶେଷ ହୋଇଛି। କାଳୀପୂଜା ପ୍ରାୟ ୧୨ ଦିନ ବ୍ୟାପି ଚାଲେ। କାଳୀତୀର୍ଥ, ନେତ୍ରାକାଳୀ ଓ କାଶୀପୁରର ଶ୍ମଶାନ କାଳୀ ପୂଜା ପାଇଁ ମଣ୍ଡପ, ସୁଉଚ୍ଚ ତୋରଣ ଓ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗ ଆଲୋକ ସାଜସଜା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କାଳୀପଡିଆରେ ମୀନାବଜାର ବସିବାକୁ ନେଇ ଦୀର୍ଘ ବର୍ଷ ହେଲା ବିବାଦ ଦେଖାଦେଉଥିବାରୁ ବେଳେ ଚଳିତ ବର୍ଷ ମୀନାବଜାର ପାଇଁ ଅନୁମତି ମିଳିଥିବା ଜଣାପଡିଛି। ଓପେରା ସୋ ଓ ମୀନାବଜାର ଦେଖିବାକୁ ସମସ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳୁଛି।

ଆୟୋଜକ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭକ୍ତଙ୍କ ସୁରକ୍ଷିତ ଦର୍ଶ ଆଦି ପାଇଁ ବିଶେଷ ବ୍ୟବସ୍ଥା କରିଥିବା ଜଣାପଡିଛି। ଦୈନିକ ପୂଜାପାଠ ଓ ପ୍ରସାଦ ସେବନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ବିଭିନ୍ନ ପ୍ରକାରର ସାମଗ୍ରୀ କିଣାବିକା ଓ ଲୋକଙ୍କ ଆମୋଦପ୍ରମୋଦ ପାଇଁ ଅପେରା ସୋ ସାଙ୍ଗକୁ ବିଭିନ୍ନ ପ୍ରକାରର ଦୋଳି ଖେଳ, ମ୍ୟାଜିକ ସୋ, ଖାଦ୍ୟ ଦୋକାନ ଆଦି ବସିବ ବୋଲି ଜଣାପଡିଛି।

# 'ସଚେତନ ହେଲେ ଗାଁର ବିକାଶ ସମ୍ଭବ'

**ଚମ୍ପୁଆ, ୬।୧୧(ଡି.ଏନ.ଏ.)**

ଭାଷା ଓ ଭୂମିର ସୁରକ୍ଷା ଅଭିଯାନ ଚଳାଇଥିବା ଓଡ଼ିଶା ଜନସେବା ସଙ୍ଗଠନ ଏବେ ଗାଁ ମୁହାଁ ହେଉଛି। ଗ୍ରାମ ଗୁଡିକରେ 'ମୋ ଗାଁ ମୋ ମା ମୋ ଦାୟିତ୍ୱ' କାର୍ଯ୍ୟକ୍ରମ ଆଧାରରେ ଚମ୍ପୁଆ ବ୍ଲକର କାଞ୍ଚିଆଶୂଳା ରାଧାକୃଷ୍ଣ ମନ୍ଦିର ପରିସରରେ ସଙ୍ଗଠନ ବୈଠକ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବହୁବିଧ ଜନ କଲ୍ୟାଣ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ସଚେତନତା କରିବା ଏହାର ମୂଳ ଲକ୍ଷ ବୋଲି ମତ ପ୍ରକାଶ ପାଇଥିଲା। ଯୋଜନାର ସଫଳ ମଲ୍ୟାୟନ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସଙ୍ଗଠନର ମୂଳ ଲକ୍ଷ୍ୟ ବୋଲି ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଗିରି ସୂଚନା ଦେଇଛନ୍ତି। ଲୋକେ ସଚେତନ ହେଲେ ଗାଁର ବିକାଶ ସମ୍ଭବ ବୋଲି ଆଲୋଚନା ହୋଇଥିଲା।



ବୈଠକରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଅନ୍ୟମାନେ।

ବିଦ୍ୟାଳୟକୁ ଯାଉ ନ ଥିବା ପିଲାମାନଙ୍କୁ ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କରିବା, ବିଦ୍ୟାଳୟକୁ ପଠାଇବା, ଗ୍ରାମାଞ୍ଚଳ ଗୁଡିକରେ ବେକାର ଯୁବତୀଯୁବକଙ୍କୁ ସ୍ୱାବଲମ୍ବନ କରିବା, ଗାଁ ଗୁଡିକର ସ୍ୱଚ୍ଛତା ରକ୍ଷା କରିବା, ମହିଳାମାନଙ୍କ ଆତ୍ମନିର୍ଭରଶୀଳତା କରାଇବା ଆଦି ଉପରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ସଦସ୍ୟ ସନ୍ଦୀପ ପ୍ରଧାନ, ସୁଶାନ୍ତ ଗିରି, ପ୍ରଶାନ୍ତ ପ୍ରଧାନ, ଦେବାଶିଷ ମହାନ୍ତ, ବାପୁନ ମହାନ୍ତ, ସଚିଦା ନନ୍ଦ ଓ ଉପଦେଷ୍ଟା ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ୮୨ ହିତାଧିକାରୀଙ୍କୁ ରାଶନ କାର୍ଡ

**ପାଟଣା, ୬।୧୧(ସ୍ୱ.ପ୍ର.)**

ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତର ୮୨ ହିତାଧିକାରୀଙ୍କୁ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ କାରାଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମମତାମୟୀ ନାଏକ ଯୋଗ ଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଦନ ସୁନ୍ଦର ପାତ୍ର ଓ ଗ୍ରାମ ରୋଜଗର ସେବକ ଜତୀନ କୁମାର ମହାନ୍ତ ସଂଯୋଜନା କରିଥିଲେ।

# ନିଆରା ଦୀପାବଳି ସଚେତନତା



ସଂଘ ସଦସ୍ୟମାନେ ମାଟି ଦୀପ ଦେଇ ସାଚେତନତା କରୁଛନ୍ତି।

**ଆନନ୍ଦପୁର, ୬।୧୧(ସ୍ୱ.ପ୍ର.)**

ପବିତ୍ର ଦୀପାବଳି ଅବସରରେ ଆନନ୍ଦପୁର ପୌରପରିଷଦ ଫକୀରପୁର ସେବା ସଂଘ ପକ୍ଷରୁ ଏକ ନିଆରା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଦୀପାବଳିରେ ଚାଇନା ତିଆରି ପଦାର୍ଥର ବ୍ୟବହାରକୁ ବର୍ଜନ କରି ଦେଶୀ ତିଆରି ପଦାର୍ଥକୁ ବ୍ୟବହାର କରିବା ପାଇଁ ସଚେତନତା କରାଯାଇଛି। ଭାରତୀୟ କୁମ୍ଭାର ଭାଇଙ୍କ ଦ୍ୱାରା ପ୍ରସ୍ତୁତ ଦୀପକୁ ଦୀପାବଳିରେ ବ୍ୟବହାର କରିବା ନେଇ ପ୍ରୟାସ କରିଛନ୍ତି। ଏଥିପାଇଁ ସେବା ସଂଘର ଆବାହକ ଦେବେନ୍ଦ୍ର ସାହାଣୀଙ୍କ ନେତୃତ୍ୱରେ ସଦସ୍ୟମାନେ ଗ୍ରାମର କୁମ୍ଭାର ଭାଇଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ମାଟି ଦୀପ ନେଇ ଘରେ ଘରେ ପ୍ରଦାନ କରିବା ସହ ଦେଶୀ ମାଟି ଦୀପର ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ତାପସ ସାହୁ, ଶିଶିର ବାରିକ, ଦେବେନ୍ଦ୍ର ବେହେରା, ସୁଶୀଲ ସାହାଣି, ପ୍ରକାଶ ନାହାକ, ରଜନୀ ଖଟୁଆ, ରୋନାଲିସା ଖଟୁଆ, ବେବି ଖଟୁଆ, ରବୀନ୍ଦ୍ର ବେହେରା, ସୁଦର ନାହାକ, ତରଣୀସେନ ସାହୁ, ସରୋଜ ବେହେରା ପ୍ରମୁଖଙ୍କ ସମେତ ବହୁ ସମାଜସେବୀ ସାମିଲ ହୋଇଥିଲେ।

# 'ହାଟଡ଼ିହୀରେ ଏକାଧିକ ବ୍ୟାଙ୍କ ଶାଖା ଖୋଲାଯାଉ'

**ହାଟଡ଼ିହୀ, ୬।୧୧(ଡି.ଏନ.ଏ.)**

ହାଟଡ଼ିହୀ ଅଞ୍ଚଳରେ ଏକ ବ୍ୟାଙ୍କ ଖୋଲିବାକୁ ଦାବି ହେଉଛି। ବ୍ଲକର ୩୧ଟି ପଞ୍ଚାୟତ ଥିବା ବେଳେ ଛେନାପଦୀ, ହାଟଡ଼ିହୀ, ମରେିଗାଁ, ବସନ୍ତିଆ, ଓରାଳି, ଶାଳନିଆଁ, ଢେଙ୍କା, ବିଦ୍ୟାଧରପୁର, ସୋସୋ ଆଦି ମାର୍କେଟରେ ଦୈନିକ ବହୁ ଟଙ୍କା କାରବାର ହୋଇଥାଏ। ଏ ଅଞ୍ଚଳରେ ବହୁ ଶିଳ୍ପପତି, ବ୍ୟବସାୟୀ ରହିଛନ୍ତି। ବ୍ଲକର ଥିବା ଅନ୍ୟ କେତେକ ବ୍ୟାଙ୍କରେ ଗ୍ରାହକ ଓ ସାଧାରଣ ଲୋକ ଧାଡ଼ିରେ ଠିଆ ହୋଇ ବହୁ ସମୟ ଅପଚୟ କରୁଛନ୍ତି। ହାଟଡ଼ିହୀରେ ତହସିଲ, ବ୍ଲକ, ଶିକ୍ଷା ବିଭାଗ କାର୍ଯ୍ୟାଳୟ, ଟ୍ରେଜେରୀ ଆଦି ବହୁ ସରକାରୀ କାର୍ଯ୍ୟାଳୟ ରହିଛି। ଫଳରେ ହାଟଡ଼ିହୀରେ ଥିବା ବ୍ୟାଙ୍କରେ ବିଭିନ୍ନ ସମୟରେ ଲୋକେ ଧାଡ଼ିରେ ଠିଆ ହୋଇ ଅଣ ନିଶ୍ୱାସୀ ହେଉଛନ୍ତି।

ଏଭଳି ପରିସ୍ଥିତିରେ ହାଟଡ଼ିହୀ ବ୍ଲକରେ ଅନ୍ୟ ଏକ ବ୍ୟାଙ୍କ ଶାଖା ଖୋଲିବାକୁ ଦାବି ହେଉଛି। ସାଧାରଣ ଲୋକ ଓ ବ୍ୟବସାୟମାନଙ୍କର ସୁବିଧା ଦେଖି ହାଟଡ଼ିହୀ, ମରୈଗାଁ, ଛେନାପଦୀ ଓ ବସନ୍ତିଆରେ ଏକ ଷ୍ଟେଟ୍ ବ୍ୟାଙ୍କ ଖୋଲିବାକୁ ସରପଞ୍ଚ ଅନସୂୟା ସେଠୀ, ସରପଞ୍ଚ ବିମ୍ବାଧର ବିଶ୍ୱାଳ, ଶଶଧର ପୁହାଣ, ଚିନ୍ମୟ ନାୟକ, ନିତ୍ୟାନନ୍ଦ ପହୀ, କଳ୍ପତରୁ ସେଠୀ, ବାବୁଲି ପଟ୍ଟନାୟକ, ଶରତ ସେଠୀ, କୃଷ୍ଣ ସୁଆର, ଦୁଶାସନ ସାହୁ, ଚିତ୍ତରଞ୍ଜନ ସୁଆର, ଚିତ୍ତ ପାତ୍ର, ଜଗବନ୍ଧୁ ସାହୁ, ନିର୍ମଳ ନାୟକ, ବୁଦ୍ଧ ଜେନା, ସରପଞ୍ଚ ନିମାଇଁ ସାମଲ, ଧନୁ ଆୟଚ, ଅଲେଖ ଚନ୍ଦ୍ର ମଲ୍ଲୀକ ପ୍ରମୁଖ ବୁଦ୍ଧିଜୀବୀ, ଅବସର ପ୍ରାପ୍ତ କର୍ମଚାରୀ ଦାବି କରିଛନ୍ତି।

# ୬ ହୋଟେଲରେ ଚଢ଼ାଉ

■ଚଢାଉରେ ଖାଦ୍ୟ ନିରୀକ୍ଷକ ଓ ପୌର ଅଧିକାରୀ ସାମିଲ

■ପାନୀୟ ଜଳରୁ ମିଳିଲା ଏକାଧିକ ମୃତ ଅସରପା

■ହୋଟେଲ ବନ୍ଦ ପାଇଁ ମୌଖିକ ନିର୍ଦ୍ଦେଶ

**ବଡ଼ବିଲ, ୬।୧୧(ସ୍ୱ.ପ୍ର.)**

ବଡ଼ବିଲ ପୌରାଞ୍ଚଳର ୬ ହୋଟେଲରେ ଖାଦ୍ୟ ନିରୀକ୍ଷକ ଓ ପୌର ନିର୍ବାହୀ ଅଧିକାରୀ ମଙ୍ଗଳବାର ଅଚାନକ ଚଢାଉ କରିଛନ୍ତି। ହୋଟେଲର ଫୁଡ୍ସ ଓ ବ୍ୟବସାୟ ଲାଇସେନ୍ସର ତନଖି କରିବା ସହ ସ୍ୱାସ୍ଥ୍ୟକର ପରିବେଶ ଉପରେ ଗୁରତ୍ୱ ଦେଇଥିଲେ। ପାନୀୟ ଜଳରୁ ଏକାଧିକ ମୃତ ଅସରପା ମିଳିଥିଲା। ପରେ ହୋଟେଲ ବନ୍ଦ କରିବାକୁ ଆଇଏଏସ ପ୍ରୋବେଶନ ପୌର ନିର୍ବାହୀ ଅଧିକାରୀ ସୋମେଶ ଉପାଧ୍ୟାୟ ମୌଖିକ ନିର୍ଦ୍ଦେଶ ଦେଇଛନ୍ତି। ବଡବିଲ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରୋବେଶନ ପୌର ନିର୍ବାହୀ ଅଧିକାରୀ ଭାବେ ଆଇଏଏସ ଅଫିସର ସୋମେଶ ଉପାଧ୍ୟାୟ ଦାୟିତ୍ୱ ନେଇଛନ୍ତି। ଉପାଧ୍ୟାୟ ପୌର ପ୍ରଶାସନର କ୍ଷମତା ଲୋକଙ୍କୁ ଦେଖାଇବା ଆରମ୍ଭ



ଚଢାଉରେ ସାମିଲ ଅଧିକାରୀମାନେ।

କରିଛନ୍ତି। ସୋମବାର ପୌରାଞ୍ଚଳର ପୂର୍ବରୁ ନୋଟିସ ଜାରି ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଥିଲେ। ମଙ୍ଗଳବାର ଅତିରିକ୍ତ ତହସିଲଦାର ମନୋରଞ୍ଜନ ଦେଓ, ଖାଦ୍ୟ ନିରୀକ୍ଷକ ରଶ୍ମିତା ବେହେରା ଓ ବଡବିଲ ଥାନା ଇନ୍ସପେକ୍ଟର ଅନିଲ କୁମାର ପ୍ରଧାନଙ୍କ ସହାୟତା ନେଇ ଉପାଧ୍ୟାୟ ୬ଟି ହୋଟେଲରେ ଚଢାଉ କରିଛନ୍ତି।

ହୋଟେଲର ବ୍ୟବସାୟ ଲାଇସେନ୍ସ, ଫୁଡ ଲାଇସେନ୍ସ ତନଖି କରିବା ସହ ରୋଷେଇ ଘର ଆଦି ବୁଲି ଏହି ଟିମ୍ ଦେଖିଥିଲେ। ଚଢାଉ ପରେ ୪ ହୋଟେଲକୁ ବନ୍ଦ କରିବାକୁ ମୌଖିକ ନିର୍ଦ୍ଦେଶ ଦେଇଛନ୍ତି। ଚଢାଉ ହୋଇଥିବା ହୋଟେଲ ଗୁଡିକ ହେଲା ଅନ୍ନପୂର୍ଣ୍ଣା ସୁଇଟ୍‌ସ ଏଣ୍ଡ ସ୍ନାକ୍ସ ତଥା ମାରୱାଡି ଭୋଜନାଳୟ, ହୋଟେଲ ନ୍ୟୁ କାବେରୀ, ହୋଟେଲ କାରୋ, ହୋଟେଲ ଆଧାର ରିଜେନ୍ସି, ହୋଟେଲ ମଦନ ଓ ହୋଟେଲ ଫୁଡପ୍ଲାଜା। ଚଢାଉ ବେଳେ ଅନ୍ୟମାନଙ୍କ ମଧ୍ୟରେ ପୌର ସ୍ୱାସ୍ଥ୍ୟ ନିରୀକ୍ଷକ ଅକ୍ଷୟ କୁମାର ବିଶ୍ୱାଳ ଓ ପୌର ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।